# ଧରିତ୍ରୀ DHARITRI

ସମ୍ବଲପୁର, ମଙ୍ଗଳବାର, ଜୁନ୍ ୧୬/୨୦୨୦ (୨୦ ପୃଷ୍ଠା) | Sambalpur, Tuesday, June 16/2020 ★★

୧୬ଶ ଭାଗ ୧୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**କାର୍ଲସେନଙ୍କୁ କ୍ଲବ୍ ଚେସ୍ ଟାଇଟଲ**

ଫାଇନାଲରେ ଆମେରିକାର ଫାବିଆନୋ କାରୁଆନାଙ୍କୁ ହରାଇ ବିଶ୍ୱ ଚାମ୍ପିୟନ ମ୍ୟାଗ୍ନସ କାର୍ଲସେନ ଅନ୍‌ଲାଇନ୍ କ୍ଲବ ଅନ୍ତର୍ଜାତୀୟ ଚେସ୍ ଟାଇଟଲ ହାସଲ କରିଛନ୍ତି।

୨୦

୧୦

**ବିବାଦରେ ଟଲିଉଡ୍ ଅଭିନେତ୍ରୀ ରମ୍ୟା**

ଦକ୍ଷିଣ ଭାରତୀୟ ଅଭିନେତ୍ରୀ ରମ୍ୟା କୃଷ୍ଣନ ବିବାଦ ଘେରକୁ ଆସିଛନ୍ତି। ଚେନ୍ନାଇ ପୋଲିସ ରମ୍ୟାଙ୍କ କାରରୁ ୯୬ଟି ବିଅର ବୋତଲ ଜବତ କରି ତାଙ୍କ ଡ୍ରାଇଭରଙ୍କୁ ଗିରଫ କରିଛି।



- ପ୍ରାକୃତିକ ବିପତ୍ତି
- ଅଭାବୀ ବିକ୍ରି
- ଉର୍ବରତା ହ୍ରାସ

# ଚାଷଠୁ ଦୂରରେ ଚାଷୀ

ଭୁବନେଶ୍ୱର,୧୫।୬(ବ୍ୟୁରୋ)

ଫସଲ ପାଇଁ ଖର୍ଚ୍ଚ ବଢ଼ିବା ସହ ଉତ୍ପାଦିତ ଶସ୍ୟର ଅଭାବୀ ବିକ୍ରି ସମସ୍ୟା ସୃଷ୍ଟି କରି ଚାଲିଛି। ଏଥିଯୋଗୁ ରାଜ୍ୟରେ ଜମି ପଡ଼ିଆ ପଡୁଛି ପଛକେ ଚାଷୀ ଚାଷ ପାଇଁ ଆଗ୍ରହ ଦେଖାଉ ନାହାନ୍ତି। ଜମି ମାଲିକ ନିଜେ ଚାଷ ଛାଡ଼ି ଭାଗଚାଷୀଙ୍କ ଉପରେ ନିର୍ଭର କରୁଥିବା ବେଳେ ଭାଗଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ, ଋଣ ତଳିତଳାନ୍ତ କରି ଦେଉଛି। ଫଳରେ ଭାଗଚାଷୀମାନେ ମଧ୍ୟ ଚାଷ ଉପରୁ ଆସ୍ଥା ହରାଇବାକୁ ବସିଲେଣି। ଏଥିସହିତ ମାଟିର ଉର୍ବରତା ହ୍ରାସ ମଧ୍ୟ ଚାଷ ଜମି ପଡିଆ ପକାଇବା ପାଇଁ ବାଧ୍ୟ କରାଉଛି।

କୃଷି ବିଭାଗ ପରିସଂଖ୍ୟାନ କହୁଛି, ରାଜ୍ୟର ୩୦ ଜିଲାରେ ୬୧ ଲକ୍ଷ ୮୦ ହଜାର ହେକ୍ଟର ଚାଷ ଜମି ରହିଛି। ସେଥିରୁ ୨୦୧୯-୨୦ରେ ୮୪୮ ହେକ୍ଟର ଜମି ପଡ଼ିଆ ପଡ଼ିଥିଲା। ବିଶେଷକରି ଅଧିକ ଚାଷ ହେଉଥିବା ପୁରୀ ଜିଲାରେ ସର୍ବାଧିକ ୭୫ ହେକ୍ଟର ଜମି ଚାଷ ନ ହୋଇ ପଡିଆ ପଡିଥିବା ବେଳେ ମୟୂରଭଞ୍ଜରେ ୭୧, ଗଞ୍ଜାମରେ ୫୯, ବାଲେଶ୍ୱରରେ ୫୬, ବରଗଡ଼ରେ ୪୪, କେନ୍ଦୁଝରରେ ୫୪, କୋରାପୁଟରେ ୫୧, ବଲାଙ୍ଗୀରରେ ୩୨, ସମ୍ବଲପୁର ୩୦ ଏବଂ ସୁନ୍ଦରଗଡ ଜିଲାରେ ୩୧ ହେକ୍ଟର ଜମି ପଡ଼ିଆ ପଡିଛି। ସେହିପରି ଅନ୍ୟ ଜିଲାଗୁଡିକରେ ମଧ୍ୟ ୨୦ରୁ ୪୦ ହେକ୍ଟର ଜମିରେ ଚାଷ ନ ହୋଇ ପଡ଼ିଆ ପଡୁଛି। ଏହା ସରକାରୀ ତଥ୍ୟ ହୋଇଥିବାବେଳେ ବାସ୍ତବରେ ପଡ଼ିଆ ପଡୁଥିବା ଜମିର ପରିମାଣ ବହୁ ଗୁଣ ଅଧିକ ବୋଲି କୃଷକ ନେତା ଅକ୍ଷୟ କୁମାର କହିଛନ୍ତି।




କୃଷି ବିଶେଷଜ୍ଞଙ୍କ କହିବା କଥା ହେଲା ବାରମ୍ବାର ୟୁରିଆ ସାର ପ୍ରୟୋଗ ଯୋଗୁ ଜମିର ଉର୍ବରତା ମଧ୍ୟ ନଷ୍ଟ ହୋଇଯାଉଛି। ସେହି ମାଟିକୁ ପରୀକ୍ଷା କରି ତାହାର ପ୍ରତିକାର ପାଇଁ ସେପରି କିଛି ବ୍ୟବସ୍ଥା ହେଉ ନାହିଁ। ଫଳରେ ଚାଷୀମାନେ ବିଲରେ ଗୋଟିଏ ପ୍ରକାର ଚାଷ ବାରମ୍ବାର କରିବାରୁ ଉର୍ବରତା ନଷ୍ଟ ହେଉଛି। ଏଥିସହିତ ଚାଷୀମାନେ ସେମାନଙ୍କର ଉତ୍ପାଦିତ ମୂଲ୍ୟ ପାଉ ନ ଥିବା ବେଳେ ବେଳକୁ ବେଳ ମଜୁରି ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଚାଲିଛି। ରାଜ୍ୟରେ ଧାନ ଏକ ପ୍ରମୁଖ ଶସ୍ୟ। ପ୍ରତ୍ୟେକ ଚାଷୀ ଧାନ କରିବାକୁ ପସନ୍ଦ କରିଥାଆନ୍ତି। ତେବେ ଏଥିରେ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଧାନ କୁଇଣ୍ଟାଲ ଉତ୍ପାଦନ ପାଇଁ

- ପଡ଼ିଆ ପଡୁଛି ଚାଷଜମି
- ଚଳିତବର୍ଷ ୬୫,୨୫୦ ହେକ୍ଟର ଜମିରେ ହେବ ଜୈବିକ ଚାଷ

ଚାଷୀଙ୍କୁ ୨୪୦୩ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେବେ ଏହି ଧାନକୁ ସରକାର ୧୮୧୫ ଟଙ୍କାରେ କିଣୁଛନ୍ତି। ଫଳରେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୫୮୫ ଟଙ୍କା କ୍ଷତି ସହିବାକୁ ପଡୁଛି। ସେହିପରି ରାଜ୍ୟରେ ୨୦.୮ ଲକ୍ଷ ହେକ୍ଟରରେ ଡାଲିଜାତୀୟ ଓ ତୈଳବୀଜ ଫସଲ ହେଉଛି। ପନିପରିବା, ତୈଳବୀଜ ଓ ଡାଲିଜାତୀୟ ଫସଲରେ ମଧ୍ୟ ଚାଷୀଙ୍କୁ ପରିଶ୍ରମର ମୂଲ୍ୟ ମିଳୁ ନ ଥିବା ଅଭିଯୋଗ ହେଉଛି। ପ୍ରାକୃତିକ ବିପତ୍ତି ମଧ୍ୟ ଚାଷ ପାଇଁ ଆଉ ଏକ ସମସ୍ୟା ଭାବେ ଛିଡ଼ା ହୋଇଛି। ପ୍ରତ୍ୟେକ ବର୍ଷ ବାତ୍ୟା, ବନ୍ୟା, ମରୁଡି କିମ୍ବା ରୋଗ ପୋକ ଭଳି ସମସ୍ୟା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଉଛନ୍ତି। ଗତ କିଛିବର୍ଷ ହେବ ଅନିୟମିତ ବର୍ଷା ଫସଲ ଉଜାଡି ଦେଉଛି। ଜୁନରୁ ସେପ୍ଟେମ୍ବର ମଧ୍ୟରେ ହାରାହାରି ସ୍ୱାଭାବିକଠାରୁ ୧୯ରୁ ୨୦ ପ୍ରତିଶତ କମ୍ ବର୍ଷା ହେଉଛି। ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ୫୯.୮ ମିଲିମିଟର ବର୍ଷା ଜାଗାରେ ୧୨.୧ ମିଲିମିଟର ହେଉଛି।

ଧାନ ଚାଷୀ ହଳଧର ପରିଡାଙ୍କ କହିବା କଥା ହେଲା, ସାର ଓ ☞ପୃଷ୍ଠା-୪

# ମୁକୁଳିଲେ ଭାରତୀୟ ଦୂତାବାସର ୨ ଅଧିକାରୀ

ନୂଆଦିଲ୍ଲୀ,୧୫।୬

- ୭ ଘଣ୍ଟା ଧରି ନିଖୋଜ ଥିଲେ
- ଦୁର୍ଘଟଣା ଘଟାଇ ଗିରଫ ହୋଇଥିଲେ




ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ କାର୍ଯ୍ୟାଳୟରୁ ୨ ଅଧିକାରୀ ସୋମବାର ସକାଳୁ ନିଖୋଜ ହୋଇଯାଇଥିଲେ। ଦୀର୍ଘ ୭ ଘଣ୍ଟା ପରେ ପାକ୍ କର୍ତ୍ତୃପକ୍ଷ ସେମାନଙ୍କୁ ମୁକ୍ତ କରିଦେଇଛନ୍ତି। ସେମାନେ ସକାଳ ସାଢ଼େ ୮ଟା ସମୟରେ କୌଣସି ଅଫିସ କାର୍ଯ୍ୟରେ ବାହାରକୁ ଯାଇ ଆଉ ଫେରି ନ ଥିଲେ। ଭାରତ ସରକାର ଏନେଇ ପାକିସ୍ତାନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୁଇ ଭାରତୀୟ ଅଧିକାରୀ ଗାଡ଼ି ଧକ୍କା ଦେଇ ଗିରଫ ହୋଇଥଲେ ବୋଲି କୁହାଯାଉଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପାକ୍ ରାଷ୍ଟ୍ରଦୂତଙ୍କୁ ସମନ କରି ଦୃଢ଼ ପ୍ରତିବାଦ ଜଣାଇବା ପରେ ଇସ୍‌ଲାମାବାଦ ସେମାନଙ୍କୁ ମୁକ୍ତ କରିଦେଇଛି। ସେମାନେ ଭାରତୀୟ ଉଚ୍ଚାୟୁକ୍ତ କାର୍ଯ୍ୟାଳୟକୁ ଫେରିଥିବା ଜଣାପଡିଛି। ସେମାନେ ଦୁର୍ଘଟଣା ଘଟାଇ ପଳାଇଯାଉଥିବା ଅଭିଯୋଗରେ ଗିରଫ ହୋଇଥିବା ପାକିସ୍ତାନୀ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।

ଗୁପ୍ତଚର ବୃତ୍ତି ଅଭିଯୋଗରେ ଭାରତ ସରକାର ଦୁଇଜଣ ପାକିସ୍ତାନୀ ଅଧିକାରୀଙ୍କୁ ବହିଷ୍କୃତ କରିବା ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ଆରମ୍ଭ ହୋଇଥିଲା। ଏହା ପରେ ପାକିସ୍ତାନ ଅନୁରୂପ ପଦକ୍ଷେପ ନେଇପାରେ ବୋଲି ଆଶଙ୍କା କରାଯାଉଥିଲା। ଭାରତୀୟ କୂଟନୀତିଜ୍ଞ ଏବଂ ବାଣିଜ୍ୟିକ ଦୂତାବାସର କର୍ମଚାରୀମାନଙ୍କ ଉପରେ ପାକ୍ କର୍ତ୍ତୃପକ୍ଷ ନିରନ୍ତର ନଜର ରଖୁଥିବାରୁ ସେମାନଙ୍କ ପାଇଁ କାମ କରିବା କଷ୍ଟକର ହୋଇପଡ଼ିଥିଲା। କିଛି ସପ୍ତାହ ପୂର୍ବରୁ ଭାରତ ବ୍ୟାପାର ଦାୟିତ୍ୱରେ ଥିବା ଗୌରଭ ଆଲୁୱାଲିଆଙ୍କ କାରକୁ ପାକ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ସଦସ୍ୟ ପିଛା କରିଥିଲେ। ପାକିସ୍ତାନୀ ସଂସ୍ଥାଗୁଡ଼ିକ ଭାରତୀୟ ଅଧିକାରୀଙ୍କୁ କ୍ରମାଗତ ଭାବେ ହଇରାଣ କରୁଥିବା ନେଇ ଗତ ମାର୍ଚ୍ଚରେ ସେଠାରେ ଥିବା ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ପାକ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ନିକଟରେ ପ୍ରତିବାଦ କରିଥିଲା। ମାର୍ଚ୍ଚରେ ଏଭଳି ୧୩ ଥର ହଇରାଣ କରାଯାଇଥିବା ନେଇ ଅଭିଯୋଗ ହେବା ସହ ଏହାର ତଦନ୍ତ କରିବାକୁ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ପାକ୍ କର୍ତ୍ତୃପକ୍ଷଙ୍କୁ କହିଥିଲା। ପାକ୍ ସଂସ୍ଥାଗୁଡ଼ିକର ବ୍ୟବହାର ଭିଏନା କୂଟନୈତିକ ସମ୍ପର୍କ ଚୁକ୍ତିନାମା, ୧୯୬୧ ଏବଂ କୂଟନୈତିକ ସହାୟତା ପାଇଁ ୧୯୯୨ରେ ଦୁଇଦେଶ ମଧ୍ୟରେ ସ୍ୱାକ୍ଷର ହୋଇଥିବା ଦ୍ୱିପାକ୍ଷିକ ଆଚାର ସଂହିତାର ଉଲ୍ଲଂଘନ ବୋଲି ଗତ ଶୁକ୍ରବାର ଭାରତ ଇସ୍‌ଲାମାବାଦକୁ ଜଣାଇ ଦେଇଥିଲା।

# ଚାରି ମହଲାରୁ ୨ପିଲାଙ୍କୁ ଫିଙ୍ଗିଦେଲେ: ଜଣେ ମୃତ

କୋଲକାତା,୧୫।୬(ଆଇଏଏନ୍‌ଏସ୍)

କୋଲକାତାର ବୁରାବଜାର ଅଞ୍ଚଳରେ ଏକ ବୀଭତ୍ସ ତଥା ହୃଦୟ ବିଦାରକ ଘଟଣା ଘଟିଛି। ପୂର୍ବ ଶତ୍ରୁତା କାରଣରୁ ଜଣେ ୫୫ ବର୍ଷୀୟ ବ୍ୟକ୍ତି ରବିବାର ରାତିରେ ପଡୋଶୀଙ୍କ ଦୁଇ ଶିଶୁଙ୍କୁ ୪ ମହଲା ବିଲ୍ଡିଂରୁ ତଳକୁ ଫିଙ୍ଗିଦେଇଥିଲେ। ସେମାନଙ୍କ ମଧ୍ୟରୁ ୨ ବର୍ଷର ଶିଶୁର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ୬ ବର୍ଷର ଶିଶୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଭିଯୁକ୍ତ ଶିବକୁମାର ଗୁପ୍ତାଙ୍କୁ ପୋଲିସ ଗିରଫ କରିବା ସହ ମାମଲାର ତଦନ୍ତ କରୁଛି। ସ୍ଥାନୀୟ ସୂତ୍ର ଅନୁଯାୟୀ ଦୁଇ ଶିଶୁଙ୍କ ବାପାଙ୍କ ସହିତ ଗୁପ୍ତାଙ୍କର ଶତ୍ରୁତା ରହିଥିଲା। ସେମାନେ ରହୁଥିବା ବିଲ୍ଡିଂର ଏକ ସ୍ଥାନକୁ ନେଇ କିଛିଦିନ ପୂର୍ବରୁ ଦୁଇଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ରବିବାର ସମସ୍ତଙ୍କ ବ୍ୟବହୃତ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ପିଲାଦ୍ୱୟ ଖେଳୁଥିବା ଦେଖି ଉତ୍‌କ୍ଷିପ୍ତ ଶିବକୁମାର ସେମାନଙ୍କୁ ଉଠାଇନେଇ ବିଲ୍ଡିଂରୁ ଫିଙ୍ଗିଦେଇଥିଲେ।

## ଜୁଲାଇରେ ଆଉ ୯ ଖଣି ନିଲାମ

ଭୁବନେଶ୍ୱର,୧୫।୬(ବ୍ୟୁରୋ): ରାଜ୍ୟ ସରକାର ଆହୁରି ୯ଟି କୋଇଲା ଖଣିକୁ ନିଲାମ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଆସନ୍ତା ଜୁଲାଇ ସୁଦ୍ଧା ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ଥିବା ଉକ୍ତ ଖଣିଗୁଡ଼ିକର ନିଲାମ କରାଯିବ। ସୁନ୍ଦରଗଡ଼ ଜିଲାର ଚାନ୍ଦିପୋଷି, ଝୁମକା ପଥିରିପୋଷି, ଠୋଲଟାପାହାଡ, ନେତ୍ରବନ୍ଧ ପାହାଡ ଲୁହାପଥର ଖଣି ଏବଂ ପୁରେଇବାହାଲ ଲୁହାପଥର ଖଣି ଏବଂ କେନ୍ଦୁଝର ଜିଲାର ଉଞ୍ଚାବଳି ଲୁହପଥର ଓ ମାଙ୍ଗାନିଜ, ଗନ୍ଧାଳପଡ଼ା ଲୁହାପଥର, ରେଙ୍ଗଲବେଡ ଉତ୍ତର-ପୂର୍ବ ଲୁହାପଥର ଖଣି ଓ କାଳିମାଟି ମାଙ୍ଗାନିଜ ଖଣିର ନିଲାମ ହେବ। ଖଣିଗୁଡିକର ନିଲାମ ଓ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ସକାଶେ ନିଜ ରାଜ୍ୟର ଅତି କମ୍‌ରେ ୫ଟି ନୂତନ ଖଣି ଚିହ୍ନଟ କରିବାକୁ କେନ୍ଦ୍ର ସରକାର ଖଣିଜ ସମ୍ପଦ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନୂତନ ଗାଇଡ୍‌ଲାଇନ ଅନୁଯାୟୀ ରାଜ୍ୟ ସରକାର ଖଣି ନିଲାମ ସମ୍ବନ୍ଧୀୟ ସମସ୍ତ ପ୍ରକାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଭବିଷ୍ୟତ କହିବ**

# ଘରକୁ ଘର ଯିବେ ଆଶା, ଏଏନ୍‌ଏମ୍ ଦିଦି

ଭୁବନେଶ୍ୱର, ୧୫।୬(ବ୍ୟୁରୋ)

- ଆଜିଠାରୁ କରୋନା ଲକ୍ଷଣ ଖୋଜା ଅଭିଯାନ
- ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବ

କରୋନା ମୁକାବିଲା ପାଇଁ ରାଜ୍ୟରେ ମଙ୍ଗଳବାରଠାରୁ ଆରମ୍ଭ ହେବ ସ୍ୱତନ୍ତ୍ର ଅଭିଯାନ। ଜୁନ୍ ୧୬ରୁ ଆଶା ଦିଦି ଓ ଏଏନ୍‌ଏମ୍ ଦିଦି ଗ୍ରାମାଞ୍ଚଳରେ ସବୁ ଘର ଓ ସହରାଞ୍ଚଳରେ ସବୁ ବସ୍ତି ଘରକୁ ଯାଇ କରୋନାର ଲକ୍ଷଣ ଖୋଜିବେ, ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବେ। ଯଦି କାହାର ଲକ୍ଷଣ ଥିବ ତୁରନ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପଠାଯିବ। ଏହି ଅଭିଯାନ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବ ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି।

ସେ କହିଛନ୍ତି, ଆଗରୁ ବିନା ଲକ୍ଷଣ ଥିବା ଲୋକଙ୍କର ନମୁନା ପରୀକ୍ଷଣ କରୁଥିଲୁ। ୨୦୦ ନମୁନା ପରୀକ୍ଷା କଲେ ଜଣଙ୍କର ପଜିଟିଭ୍ ବାହାରୁଥିଲା। କିନ୍ତୁ ବର୍ତ୍ତମାନ ୨୦ଟି ନମୁନା ପରୀକ୍ଷା କଲେ ଜଣଙ୍କର ପଜିଟିଭ୍ ବାହାରୁଛି। କାରଣ ଓଡ଼ିଶାରେ ଷ୍ଟ୍ରାଟେଜି ବଦଳିଛି। ଏହାଦ୍ୱାରା ଅଧିକ ପଜିଟିଭ୍ କେସ୍ ପାଇପାରୁଛୁ ଏବଂ ତୁରନ୍ତ ତାଙ୍କୁ ସାମାଜିକ ସଂସ୍ପର୍ଶରୁ ଅଲଗା କରି ଉଚିତ ଚିକିତ୍ସା ଦେଇପାରୁଛୁ। ଯେଉଁଥିପାଇଁ ଆମ ରାଜ୍ୟରେ ମୃତ୍ୟୁ ହାର କମ୍ ଓ ସୁସ୍ଥ ରୋଗୀଙ୍କ ହାର ଅଧିକ ରହିଛି ବୋଲି ଶାଳିନୀ କହିଛନ୍ତି। ଯେବେଠାରୁ ଲକ୍‌ଡାଉନ୍ ବ୍ୟବସ୍ଥାରେ କୋହଳ କରାଯାଇଛି, ସେବେଠାରୁ ପୂରା ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଲା। ଓଡ଼ିଶାରେ ମଧ୍ୟ ବଢ଼ିଛି। ଏହା ସ୍ୱାଭାବିକ ଅଟେ। ଡାକ୍ତରଙ୍କ କହିବାନୁସାରେ, ସଂକ୍ରମଣ ଆଉ ୪ରୁ ୬ସପ୍ତାହ ପର୍ଯ୍ୟନ୍ତ ଆହୁରି ବଢ଼ିପାରେ। ଜୀବନ ଜୀବିକାକୁ ସୁଯୋଗ ଦେବା ପାଇଁ ଲକ୍‌ଡାଉନ କୋହଳ କରାଯାଇଛି। କିନ୍ତୁ ଏହି ସମୟରେ ସବୁ ଲୋକଙ୍କର ବ୍ୟକ୍ତିଗତ ଦାୟିତ୍ୱ ବଢ଼ିଛି। ଗତ ତିନି ମାସରେ ଜନସାଧାରଣ ଯେଉଁ ସତର୍କତା ଦେଖାଇଛନ୍ତି ତାହା ବଜାୟ ରଖିଲେ କରୋନାକୁ ଆମେ ଜିତିପାରିବା। ଆସନ୍ତା ୪ରୁ ୬ସପ୍ତାହ ବହୁତ କ୍ରିଟିକାଲ ଥିବାରୁ ଆହୁରି ଯତ୍ନବାନ ହେବାକୁ ଶାଳିନୀ ପରାମର୍ଶ ଦେଇଛନ୍ତି।

# ୪ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

- ୧୪୬ ନୂଆ ପଜିଟିଭ୍ ଚିହ୍ନଟ, ୧୪୬ ସୁସ୍ଥ
- ଆଉ ୯ ଅଗ୍ନିଶମ କର୍ମଚାରୀ ସଂକ୍ରମିତ

ଭୁବନେଶ୍ୱର, ୧୫।୬(ବ୍ୟୁରୋ)

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ହଜାର ଟପିଛି। ଶେଷ ୨୪ ଘଣ୍ଟା ମଧ୍ୟରେ ଆଉ ୧୪୬ ନୂଆ ପଜିଟିଭ୍ ଚିହ୍ନଟ ହେବା ପରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୦୫୫ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କନ୍ଧମାଳରେ ସର୍ବାଧିକ ୪୮ଜଣ ରହିଥିବାବେଳେ କଟକ ଓ ଭଦ୍ରକରେ ୧୯ଜଣ ଲେଖାଏ, ବାଲେଶ୍ୱର ଓ ଗଞ୍ଜାମରେ ୮ଜଣ ଲେଖାଏ, ଖୋର୍ଦ୍ଧାରେ ୭, ଅନୁଗୋଳରେ ୬, ରାୟଗଡ଼ାରେ ୫, ଜଗତ୍‌ସିଂହପୁର, ସୁନ୍ଦରଗଡ଼ ଓ ନୟାଗଡ଼ରେ ୪ଜଣ ଲେଖାଏ ରହିଛନ୍ତି। ସେହିପରି ସୋନପୁରରେ ୨ଜଣ ଥିବାବେଳେ ସମ୍ବଲପୁର, ଢେଙ୍କାନାଳ ଓ ଝାରସୁଗୁଡ଼ାରେ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିସହିତ କୋଲକାତାରୁ ଫେରିଥିବା ଆଉ ୯ଜଣ ଅଗ୍ନିଶମ କର୍ମଚାରୀଙ୍କ ରିପୋର୍ଟ କରୋନା ପଜିଟିଭ୍ ଆସିଛି। ତେବେ ଏହି ୧୪୬ ଜଣଙ୍କ ମଧ୍ୟରୁ ୧୨୮ଜଣଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ଠାବ କରାଯାଇଥିବାବେଳେ ୧୮ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି।

ସେପଟେ ଯେତିକି ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ସେତିକି ସୁସ୍ଥ ମଧ୍ୟ ହୋଇଛନ୍ତି। ସୋମବାର କରୋନାରୁ ସୁସ୍ଥ ହୋଇଛନ୍ତି ଆଉ ୧୪୬ଜଣ ☞ପୃଷ୍ଠା-୪






# କଟାମୁଣ୍ଡ ଧରି ଥାନାରେ ହତ୍ୟାକାରୀ

ବାରିପଦା ଅଫିସ/ଖୁଣ୍ଟା, ୧୫।୬(ଡି.ଏନ.ଏ.)

ରଜ ମଉଜରେ ସମସ୍ତେ ମସଗୁଲ୍ ଥିବା ବେଳେ ମୟୂରଭଞ୍ଜ ଜିଲାରେ ସୋମବାର ଏକ ନୃଶଂସ ହତ୍ୟାକାଣ୍ଡ ଘଟିଛି। ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କ ମୁଣ୍ଡକାଟି ହତ୍ୟାକାରୀ ଥାନାରେ ଆତ୍ମସମର୍ପଣ କରିବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଭଳି ଲୋମଟାଙ୍କୁରା ଘଟଣା ଘଟିଛି ଖୁଣ୍ଟା ଥାନା ଅନ୍ତର୍ଗତ କରକଟିଆ ଗ୍ରାମରେ। ମୃତ ମହିଳା ଜଣଙ୍କ ହେଲେ ଚମ୍ପା ସିଂ (୬୦)। ହତ୍ୟାକାରୀ ସେହି ଗ୍ରାମର ବୁଧିରାମ ସିଂ(୨୨)ଙ୍କୁ ପୋଲିସ ଗିରଫ କରି ତଦନ୍ତ ଜାରି ରଖିଛି।



ଆତ୍ମସମର୍ପଣ କରିଥିବା ଅଭିଯୁକ୍ତ।

## ଡାହାଣୀ ସନ୍ଦେହରେ ମହିଳାଙ୍କୁ ହତ୍ୟା

ପୋଲିସ ସୂଚନା ଅନୁଯାୟୀ, ଏକ ସପ୍ତାହ ତଳେ ଅଭିଯୁକ୍ତ ବୁଧିରାମଙ୍କ ଏକମାତ୍ର ୩ବର୍ଷର ଝିଅଙ୍କୁ ଜ୍ୱର ହୋଇଥିଲା। ଚମ୍ପା ସିଂ ଗାଁରେ ଝଡ଼ାଫୁଙ୍କା କରୁଥିବାରୁ ବୁଧିରାମ ଝିଅଙ୍କୁ ତାଙ୍କ ପାଖକୁ ନେଇଥିଲେ। ଚମ୍ପା ଛୁଇଁଲା ପରେ ଝିଅଟି କାନ୍ଦେ ନାହିଁ। କିଛି ସମୟ ପରେ ଘରକୁ ଫେରିଲେ କାନ୍ଦିବା ସହିତ ଜ୍ୱର ଆସିଥାଏ। ଏଭଳି ସ୍ଥଳେ ଗତ ବୁଧବାର ଝିଅଟିର ମୃତ୍ୟୁ ହୋଇଥିଲା। ଚମ୍ପା ଗୁଣି କରି ତାଙ୍କ ଝିଅକୁ ମାରି ଦେଇଥିବା ନେଇ ବୁଧିରାମ ସନ୍ଦେହ କରିଥିଲେ। ତେଣୁ ସେ ଚମ୍ପାଙ୍କୁ ମାରିବା ପାଇଁ ଯୋଜନା କରିଥିଲେ। ସୋମବାର ପୂର୍ବାହ୍ନ ୧୦ଟା ୩୦ମିନିଟ୍‌ରେ ଚମ୍ପା କରକଟିଆ ଗ୍ରାମର ନୂଆସାହି ଛକକୁ କୌଣସି କାମରେ ଯାଇଥିଲେ। ପୂର୍ବରୁ ଛକରେ ଏକ ଟାଙ୍ଗିଆ ଧରି ଛପି ରହିଥିବା ବୁଧିରାମ ଏହାକୁ ସୁଯୋଗ ଭାବି ଟାଙ୍ଗିଆରେ ଚମ୍ପାଙ୍କ ବେକକୁ ହାଣି ହତ୍ୟା କରିଥିଲେ। ବର୍ଷା ହେଉଥିବା ଏବଂ ରାସ୍ତା ଶୂନଶାନ୍ ଥିବାରୁ ଏ ନେଇ କେହି ଜାଣି ପାରି ନ ଥିଲେ। ପରେ ବୁଧିରାମ ଚମ୍ପାଙ୍କ କଟାମୁଣ୍ଡକୁ ହାତରେ ଧରି ୧୩ କି.ମି. ଚାଲି ଚାଲି ଆସି ଥାନାରେ ଆତ୍ମସର୍ମପଣ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏ ନେଇ ଥାନାରେ ଏକ ମାମଲା(ନଂ.୯୬/୨୦୨୦) ରୁଜୁ କରିଛି। ଅଭିଯୁକ୍ତ ବୁଧିରାମଙ୍କୁ ଗିରଫ କରାଯାଇଥିବା ଖୁଣ୍ଟା ଥାନାଧିକାରୀ ସୂର୍ଣ୍ଣଲତା ମିଞ୍ଜ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚମ୍ପା ଓ ବୁଧିରାମ ସମ୍ପର୍କୀୟ ମାଇଁ ଏବଂ ଭଣଜା ହେବେ।

**କନ୍‌ଷ୍ଟେବଲଙ୍କୁ ଟ୍ରାକ୍ଟର ମଡ଼ାଇ ହତ୍ୟା**

ମଧ୍ୟପ୍ରଦେଶର ସାତ୍‌ନା ଜିଲାର ପାଟଲା ଗ୍ରାମରେ ଡିଜେଲ କଳାବଜାରି ଚାଲିଥିବା ସୂଚନା ପାଇ କନ୍‌ଷ୍ଟେବଲ ପ୍ରବଳ ପ୍ରତାପ ସିଂ ସେଠାକୁ ତଦନ୍ତ କରିବାକୁ ଯାଇଥିବା ବେଳେ ତାଙ୍କୁ ଟ୍ରାକ୍ଟର ମଡ଼ାଇ ହତ୍ୟା କରାଯାଇଛି। କନ୍‌ଷ୍ଟେବଲଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ନେଇ ରିପୋର୍ଟ ଦେଇଥିବା ନୟାଗାଁ ଥାନା ଅଧିକାରୀ ଆଶିଷ ଧ୍ରୁବଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି।

# ନେପାଳ ସୀମା ବିବାଦ ପଛରେ ଚାଇନା

ନୂଆଦିଲ୍ଲୀ,୧୫।୬

ଭାରତ ସହ ଦୀର୍ଘ ଦଶନ୍ଧି ଧରି ଉତ୍ତମ ସମ୍ପର୍କ ରଖିଆସିଥିବା ପଡ଼ୋଶୀ ଦେଶ ନେପାଳ ହଠାତ୍ ସୀମା ବିବାଦ ସୃଷ୍ଟି କରିବା ପଛରେ ସେଠାର ଘରୋଇ ରାଜନୈତିକ ହଟଚମଟ, ବର୍ଦ୍ଧିତ ଉଚ୍ଚାକାଂକ୍ଷା ରହିଛି। ଚାଇନାର ଆର୍ଥିକ ସହାୟତା ଏହାକୁ ଇନ୍ଧନ ଯୋଗାଇଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ନେପାଳ ସରକାର ଏହାର ନୂଆ ମାନଚିତ୍ରରେ ଭାରତର ତିନୋଟି ଅଞ୍ଚଳ ଲିପୁଲେଖ, କାଲାପାନି ଏବଂ ଲିମ୍ପିୟାଧୁରାକୁ ସାମିଲ କରିଛନ୍ତି। ଗତ ଶନିବାର ସେଠାର କମ୍ୟୁନିଷ୍ଟ ସରକାର ପାର୍ଲାମେଣ୍ଟର ନିମ୍ନ ସଦନରେ ଏହି ମାନଚିତ୍ରକୁ ଅନୁମୋଦନ କରିନେଇଛି। ଭାରତ ସରକାର ଏହାର ପ୍ରତିବାଦ କରିଛନ୍ତି। ନେପାଳ ସରକାରଙ୍କ ଏଭଳି ଏକପାଖିଆ ନିଷ୍ପତ୍ତି ଗ୍ରହଣୀୟ ନୁହେଁ ବୋଲି ଭାରତ କହିଛି।

ଭାରତ ଓ ନେପାଳ ମଧ୍ୟରେ ଦୀର୍ଘ ୭ ଦଶନ୍ଧି ଧରି ସାଂସ୍କୃତିକ, ରାଜନୈତିକ, ବାଣିଜ୍ୟିକ ସମ୍ପର୍କ ରହି ଆସିଥିବାବେଳେ ଏହାକୁ ଭ୍ରୂକ୍ଷେପ ନ କରି ସେଠାର ରାଜନୈତିକ ଦଳଗୁଡ଼ିକ ନୂଆ ମାନଚିତ୍ରକୁ ମଞ୍ଜୁରୀ ଦେଇଛନ୍ତି। ଏଥିରୁ ସ୍ପଷ୍ଟ ହୋଇଛି ସହ ଦୀର୍ଘଦିନର ସମ୍ପର୍କ ତୁଟାଇ ନେପାଳ ଭାରତ ସହ ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଛି। ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ନେପାଳରେ ଭାରତର ରାଷ୍ଟ୍ରଦୂତ ଥିବା ରାକେଶ ସୁଦ୍ କହିଛନ୍ତି, ଦୁଇଦେଶ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ବିପଜ୍ଜନକ ସ୍ଥିତିକୁ ଚାଲିଆସିଛି। ଏ ସମ୍ପର୍କରେ କାଠମାଣ୍ଡୁ ସହ ଆଲୋଚନା ପାଇଁ ସେ ନଭେମ୍ବରରୁ ଚାପ ପକାଇ ଆସୁଥିବା କହିଛନ୍ତି। ଆମେ ସମ୍ବେଦନଶୀଳତା ଦେଖାଇ ନ ପାରିବାରୁ ନେପାଳ ଖୋଳିଥିବା ଗର୍ତ୍ତର ବହୁ ଗଭୀରକୁ ଚାଲିଯାଇଛି, ଯେଉଁଠୁ ବାହାରି ଆସିବା କଷ୍ଟକର ହୋଇପାରେ ବୋଲି ସେ ଭାବୁଥିବା ସୁଦ୍ କହିଛନ୍ତି।

ଭାରତର ୫ଟି ରାଜ୍ୟ ସିକିମ, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡ ସହ ନେପାଳର ୧,୮୫୦ କିଲୋମିଟର ସୀମା ରହିଛି। ଦୁଇଦେଶ ମଧ୍ୟରେ ଉତ୍ତମ ସମ୍ପର୍କ ଥିବାରୁ ଏହି ସୀମା ଦେଇ ଉଭୟ ପାର୍ଶ୍ୱରୁ ଜନସାଧାରଣ ଅବାଧ ଗମନାଗମନ କରିବା ସହ ବାଣିଜ୍ୟ ବ୍ୟବସାୟ ଚାଲିଥିଲା। ସରକାରୀ ତଥ୍ୟ ଅନୁଯାୟୀ ଭାରତରେ ୮୦ ଲକ୍ଷ ନେପାଳୀ ନାଗରିକ ବସବାସ କରିବା ସହ ବିଭିନ୍ନ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଛନ୍ତି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଓ ବାଣିଜ୍ୟିକ ସମ୍ପର୍କ ମଧ୍ୟ ମଜଭୁତ ରହିଛି। ୨୦୧୮-୧୯ରେ ଭାରତ ଓ ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ପରିମାଣ ଥିଲା ୫୭,୮୫୮ କୋଟି ଟଙ୍କା। ନେପାଳରୁ ୩୨,୦୦୦ ଗୋର୍ଖା ଯବାନ ଭାରତୀୟ ସେନାରେ ନିଯୁକ୍ତ ହୋଇଛନ୍ତି। ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ନିଜର ସ୍ଥିତିକୁ ସୁଦୃଢ଼ କରିବା ସହ ଘରୋଇ ରାଜନୈତିକ ବିରୋଧରୁ ମୁକୁଳିବା ପାଇଁ ନୂଆ ମାନଚିତ୍ରକୁ ମଞ୍ଜୁରୀ ଦେଇଥିବା ନେପାଳରେ ପୂର୍ବରୁ ଭାରତର ରାଷ୍ଟ୍ରଦୂତ ଥିବା ରଞ୍ଜିତ ରାୟ କହିଛନ୍ତି। ଭାରତ ବିରୋଧୀ ମନୋଭାବ ଓଲିଙ୍କୁ ନିର୍ବାଚନ ଜିତିବାରେ ସହାୟକ ହୋଇଥିଲା। ଏଥର ସେ ରାଜନୈତିକ ଚାପରେ ଥିବାରୁ ଏଥିରୁ ମୁକୁଳିବାରେ ଭାରତ ବିରୋଧୀ ମନୋଭାବ ସହାୟକ ହେବ ବୋଲି ଭାବୁଛନ୍ତି। ଆର୍ଥିକ କ୍ଷେତ୍ରରେ ପରିଚାଳନାଗତ ତ୍ରୁଟି ଏବଂ କୋଭିଡ୍-୧୯ ପରିଚାଳନାରେ ବିଫଳତା ଯୋଗୁ ନେପାଳରେ ଆନ୍ଦୋଳନ ଜାରି ରହିଛି। ନେପାଳୀ କମ୍ୟୁନିଷ୍ଟ ପାର୍ଟିରେ ନେତୃତ୍ୱ ପରିବର୍ତ୍ତନ ହୋଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ୨୦୧୫ରେ ଅର୍ଥନୈତିକ ଅବରୋଧ ପରଠାରୁ ଭାରତ-ନେପାଳ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ସେବେଠାରୁ ଚାଇନା ନେପାଳରେ ବିପୁଳ ପୁଞ୍ଜିନିବେଶ କରିଆସୁଛି। ତୈଳ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଲାଗି ଚାଇନାର ବିଭିନ୍ନ ସହରକୁ ସଡ଼କ ପଥରେ ସଂଯୋଗ କରିବାରେ ବେଜିଂ ସହାୟତା କରିଛି। ନୂଆଦିଲ୍ଲୀ ଉପରେ ନେପାଳର ନିର୍ଭରଶୀଳତା କମାଇବା ପାଇଁ ଚାଇନା କାଠମାଣ୍ଡୁକୁ ସହାୟତା ଯୋଗାଇଦେଇ ଆସୁଛି। କାଠମାଣ୍ଡୁ ସହ ତିବ୍ବତର ଶିଗସେକୁ ରେଳପଥରେ ସଂଯୋଗ କରିବା ଲାଗି ବେଜିଂ ଯୋଜନା କରିଛି। ଏଥିସହିତ ନେପାଳକୁ ବ୍ୟବହାର ଲାଗି ଚାଇନା ୪ଟି ବନ୍ଦର ଯୋଗାଇଦେଇଛି। ତେଣୁ ନେପାଳକୁ ଭାରତ ବିରୋଧୀ କରାଇବାରେ ଚାଇନାର ପ୍ରମୁଖ ଭୂମିକା ରହିଥିବା ରଣନୀତି ବ୍ୟାପାର ବିଶେଷଜ୍ଞ ପ୍ରଫେସର ଏସ୍.ଡି. ମୁନି କହିଛନ୍ତି।



## 'ଚାଇନା ଭାରତର ବିକଳ୍ପ ନୁହେଁ'



ଡ. ପୋଶ୍ ରାଜ ପାଣ୍ଡେ

**କାଠମାଣ୍ଡୁ,୧୫।୬(ପି.ଟି.):** ସାମ୍ପ୍ରତିକ ସୀମା ବିବାଦକୁ ନେଇ ଭାରତ ଓ ନେପାଳ ମଧ୍ୟରେ ଥିବା ସମ୍ପର୍କରେ ଅବନତି ଘଟିବା ଉଚିତ ନୁହେଁ। କାରଣ ଅତ୍ୟାବଶ୍ୟକ ସାମଗ୍ରୀ ଲାଗି ନେପାଳ ଭାରତ ଉପରେ ନିର୍ଭରଶୀଳ। ଚାଇନାକୁ ଭାରତର ବିକଳ୍ପ ଭାବିବା ବୁଦ୍ଧିମାନ ହେବନାହିଁ ବୋଲି ସୋମବାର ନେପାଳର ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ କହିଛନ୍ତି। ଭାରତର ତିନୋଟି ଅଞ୍ଚଳକୁ ନେପାଳ ନିଜର ନୂଆ ମାନଚିତ୍ରରେ ସ୍ଥାନ ଦେବା ସହ ଏଥିପାଇଁ ସମ୍ବିଧାନ ସଂଶୋଧନ କରୁଥିବାରୁ ଦକ୍ଷିଣ ଏସିଆ ବାଣିଜ୍ୟ ଅର୍ଥନୀତି ଓ ପରିବେଶ ପର୍ଯ୍ୟବେକ୍ଷଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ପୋଶ୍ ରାଜ ପାଣ୍ଡେ ଏହା କହିଛନ୍ତି। ଏହାର ଅର୍ଥନୈତିକ ପ୍ରଭାବ ଭାରତର ପ୍ରତିକ୍ରିୟା ଉପରେ ନିର୍ଭର କରିବ ବୋଲି ସେ ମତ ଦେଇଛନ୍ତି। ନେପାଳକୁ ତିନିପାର୍ଶ୍ୱରୁ ଭାରତ ଘେରି ରହିଥିବାରୁ ପରିଣାମ ଭୟାବହ ହେବ ବୋଲି ସେ ସତର୍କ କରାଇଦେଇଛନ୍ତି।



କେ.ପି. ଶର୍ମା ଓଲି

**ନିଜ ସ୍ଥିତି ସୁଧାରିବାକୁ ଭାରତ ବିରୋଧୀ ହେଉଛନ୍ତି ଓଲି**

# ସୁଶାନ୍ତ ସିଂଙ୍କ ଶେଷକୃତ୍ୟ ସମ୍ପନ୍ନ



ଶେଷକୃତ୍ୟବେଳେ ସୁଶାନ୍ତଙ୍କ ଶୋକାକୁଳ ପରିବାର ସଦସ୍ୟ ଓ ସମ୍ପର୍କୀୟ।

**ଶ୍ରଦ୍ଧାଞ୍ଜଳି ଜଣାଇଲା ବଲିଉଡ୍**

ମୁମ୍ବାଇ,୧୫।୬

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ଶେଷକୃତ୍ୟ ସୋମବାର ମୁମ୍ବାଇର ଭିଲେ ପାର୍ଲି ଶ୍ମଶାନରେ ସମ୍ପନ୍ନ ହୋଇଛି। ରବିବାର ସକାଳେ ତାଙ୍କ ମୃତଦେହ ବାନ୍ଦ୍ରାସ୍ଥିତ ବାସଭବନରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଥିଲା। ଖବର ପାଇ ବିହାର ପାଟନାରୁ ତାଙ୍କ ବାପା ଓ ପରିବାରର ଅନ୍ୟ ସଦସ୍ୟ ମୁମ୍ବାଇରେ ପହଞ୍ଚିଥିଲେ। ପ୍ରବଳ ବର୍ଷା ମଧ୍ୟରେ ଶେଷକୃତ୍ୟ ଅନୁଷ୍ଠିତ ହୋଇଥିବାବେଳେ ବଲିଉଡ୍‌ର ବହୁ ଅଭିନେତା ଅଭିନେତ୍ରୀ ଯୋଗଦେଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଶ୍ରଦ୍ଧା କପୁର, ବରୁଣ ଶର୍ମା, କ୍ରିତି ସନୋନ, ମୁକେଶ ଛାବ୍ରା। ସୁଶାନ୍ତଙ୍କ ଅଭିନୀତ ଚଳଚ୍ଚିତ୍ର କେଦାରନାଥର ନିର୍ଦ୍ଦେଶକ ଅଭିଷେକ କପୁର ମଧ୍ୟ ଅନ୍ତ୍ୟେଷ୍ଟିକ୍ରିୟା ବେଳେ ଉପସ୍ଥିତ ଥିଲେ। ପୂର୍ବରୁ ମେଗାଷ୍ଟାର ଅମିତାଭ ବଚ୍ଚନ ଏବଂ ନିର୍ଦ୍ଦେଶକ ଶେଖର କପୁର ଦିବଂଗତ ସୁଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଏଭଳି ଅସାଧାରଣ ପ୍ରତିଭାଙ୍କ ଦେହାନ୍ତ ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଥିଲେ।

ଛୋଟ ପରଦାରୁ ଅଭିନୟ କ୍ୟାରିୟର ଆରମ୍ଭ କରି ବଲିଉଡ୍‌ରେ ସଫଳ ଅଭିନେତାର ପରିଚୟ ହାସଲ କରିଥିବା ସୁଶାନ୍ତ କିଛି ଦିନ ହେଲା ମାନସିକ ଦୁଶ୍ଚିନ୍ତା ମଧ୍ୟରେ ରହିଥିଲେ। ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ ସହ କଥାହେବେ ମୋଦି

**ନୂଆଦିଲ୍ଲୀ,୧୫।୬(ପି.ଟି.):** ଦେଶରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢ଼ିଚାଲିଥିବାବେଳେ ଏହାକୁ କିପରି ରୋକାଯାଇ ପାରିବ ସେ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଓ ବୁଧବାର ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ପରାମର୍ଶ କରିବେ। ମଙ୍ଗଳବାର ଅପରାହ୍ନରେ ୨୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ଉପରାଜ୍ୟପାଳ ଓ ପ୍ରଶାସକଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ମୋଦି କଥାହେବେ। ବୁଧବାର ୧୫ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଜମ୍ମୁ-କଶ୍ମୀର ଉପରାଜ୍ୟପାଳଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଭାରତରେ କ୍ରମାଗତ ୩ ଦିନ ହେଲା ଦୈନିକ ୧୧ ହଜାରରୁ ଅଧିକ କରୋନା ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩.୩୨ ଲକ୍ଷ ଟପିଥିବାବେଳେ ମୃତ୍ୟୁସଂଖ୍ୟା ୯,୫୨୦ରେ ପହଞ୍ଚିଲାଣି। ଅର୍ଥନୀତିକୁ କ୍ରିୟାଶୀଳ କରିବା ପାଇଁ ଅନ୍‌ଲକ୍ ୧ରେ କଟକଣାକୁ କୋହଳ କରାଯାଇଥିଲା।

## ୨୨ରେ ଭାରତ-ଚାଇନା-ରୁଷିଆ ବୈଦେଶିକ ମନ୍ତ୍ରୀସ୍ତରୀୟ ଆଲୋଚନା

**ନୂଆଦିଲ୍ଲୀ, ୧୫।୬:** ଜୁନ୍ ୨୨ରେ ଭାରତ, ଚାଇନା ଓ ରୁଷିଆର ବୈଦେଶିକ ମନ୍ତ୍ରୀ ଏକାଠି ହୋଇ କରୋନା ମହାମାରୀ, ସାଧାରଣ ସୁରକ୍ଷା ଆଦି ବିଷୟରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଯୋଗଦେବେ। ରୁଷିଆ ସହଯୋଗରେ ହେଉଥିବା ଏହି ବୈଠକରେ ଭାରତ- ଚାଇନା ସୀମା ବିବାଦ ସମ୍ପର୍କରେ ଆଲୋଚନା ହେବନାହିଁ ବୋଲି ଜଣାପଡ଼ିଛି। ଏହା ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଆପୋସ ଆଲୋଚନା ହିଁ ସମାଧାନର ମାଧ୍ୟମ। ଏଲ୍ଏସି ନିକଟରେ ସୃଷ୍ଟି ହୋଇଥିବା ବିବାଦର କୂଟନୈତିକ ଓ ସାମରିକସ୍ତରରେ ସମାଧାନ ପ୍ରୟାସ ଜାରି ରହିଛି। ରୁଷିଆ ମଧ ପୂର୍ବରୁ ଆଲୋଚନା ମାଧ୍ୟମରେ ଦୁଇଦେଶ ସୀମା ବିବାଦର ସମାଧାନ କରିବାକୁ ପରାମର୍ଶ ଦେଇଛି। ତେବେ ୩ ପ୍ରମୁଖ ଶକ୍ତି ଏକାଠି ଗୋଟିଏ ଟେବୁଲରେ ବସି ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ଶାନ୍ତି, ସ୍ଥିରତା ବଜାୟ ରଖି ମହାମାରୀ କରୋନାକୁ ତଡ଼ିବା ଉପରେ ଗୁରୁତ୍ୱ ଦେବେ ବୋଲି ଜଣାପଡ଼ିଛି। ସାଂଘାଇ ସହଯୋଗ ସଙ୍ଗଠନ ଓ ବ୍ରିକ୍ସ ବୈଠକ ପୂର୍ବରୁ ଭାରତ- ଚାଇନା-ରୁଷିଆ ସାମ୍ପ୍ରତିକ ସ୍ଥିତି ଉପରେ ଆଲୋଚନା କରିବେ ବୋଲି ରୁଷିଆର ଡେପୁଟି ଚିଫ୍ ଅଫ୍ ମିଶନ ରୋମାନ ବାବୁସ୍କିନ୍ ପ୍ରକାଶ କରିଛନ୍ତି।

# ୯,୫୭୬ ଜୀବନ ଗଲାଣି

ନୂଆଦିଲ୍ଲୀ,୧୫।୬



**ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩.୩୫ ଲକ୍ଷ ଟପିଲା**

ଦେଶରେ ସଂକ୍ରମିତଙ୍କ ସଂଖ୍ୟା କମିବାର ନାଁ ନେଉନାହିଁ। ଏବେ ୩ ଲକ୍ଷ ୩୫ ହଜାର ୬୧୯ ବ୍ୟକ୍ତି କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ବେଳେ ୯,୫୭୬ ଜଣଙ୍କ ଜୀବନ ଗଲାଣି। ସୋମବାର ଗୋଟିଏ ଦିନରେ ୫୭ ମୁଣ୍ଡ ଗଡ଼ିଥିବା ବେଳେ ୪ ହଜାରରୁ ଊର୍ଦ୍ଧ୍ୱ ନୂଆ ମାମଲା ସାମ୍ନାକୁ ଆସିଛି। ଇତିମଧ୍ୟରେ ସରକାର ଲାବ୍‌ସଂଖ୍ୟା ୯୦୧ କୁ ବୃଦ୍ଧି କରିଥିବା ବେଳେ ସୁସ୍ଥ ହୋଇଥିବା ଲୋକଙ୍କ ହାର ୫୧.୮କୁ ବୃଦ୍ଧିପାଇଛି। ଏବେସୁଦ୍ଧା ୧ ଲକ୍ଷ ୭୨ ହଜାରରୁ ଅଧିକ ଲୋକ ସୁସ୍ଥ ହୋଇଥିଲେ ବି ୧ ଲକ୍ଷ ୫୪ ହଜାର ଆକ୍ରାନ୍ତ ରହିଛନ୍ତି। ସର୍ବାଧିକ ରୋଗୀ ମହାରାଷ୍ଟ୍ରରେ ରହିଥିବା ବେଳେ ମୃତ୍ୟୁସଂଖ୍ୟା ବଢ଼ି ୩,୯୫୦ରେ ପହଞ୍ଚିଛି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୮ ହଜାରରେ ପହଞ୍ଚିଛି।

ତାମିଲନାଡୁ ଓ ରାଜଧାନୀ ଦିଲ୍ଲୀ ଅବସ୍ଥା ଖରାପ ହେବାରେ ଲାଗିଛି। ଏଠାରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ଯଥାକ୍ରମେ ୪୬ ହଜାର ଓ ୪୧ ହଜାର ପାର୍ କରିଛି। ତାମିଲନାଡୁରେ ୪୭୯ ଓ ଦିଲ୍ଲୀରେ ୧,୩୨୭ ଜୀବନ ଗଲାଣି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ଗୁଜରାଟ, ରାଜସ୍ଥାନ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶରେ ଉଗ୍ର ସଂକ୍ରମଣ ସ୍ଥିତି ଦେଖିବାକୁ ମିଳିଛି। ଗୁଜରାଟରେ ସଂକ୍ରମିତଙ୍କ ସଂଖ୍ୟା ୨୩ ହଜାର, ରାଜସ୍ଥାନ ୧୨ ହଜାର, ଉତ୍ତରପ୍ରଦେଶ ୧୩ ହଜାର, ପଶ୍ଚିମବଙ୍ଗ ୧୧ ହଜାର, ମଧ୍ୟପ୍ରଦେଶ ୧୧ ହଜାର ଟପିଥିବା ବେଳେ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ଯଥାକ୍ରମେ ୧,୪୭୮,୨୯୪, ୩୯୯, ୨୯୪, ୪୮୫ ଓ ୪୬୫କୁ ବୃଦ୍ଧିପାଇଛି। ଅନ୍ୟ ରାଜ୍ୟ ମଧ୍ୟରେ ଜମ୍ମୁ-କଶ୍ମୀରରେ ୬୨, ହରିୟାଣାରେ ୮୮, କର୍ନାଟକରେ ୮୮, ତେଲଙ୍ଗାନାରେ ୧୮୫, ପଞ୍ଜାବରେ ୭୧ ଲୋକଙ୍କ ଜୀବନ ଯାଇଛି। ବିଶେଷକରି ପ୍ରବାସୀଙ୍କ ଆଗମନ, ଲକ୍‌ଡାଉନ୍ ଉଠିବା ଓ ଲୋକମାନେ ସଚେତନ ହୋଇ ମଧ୍ୟ ନ ମାନିବା ଯୋଗୁ ଏଭଳି ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ମହାମାରୀ କରୋନାର ସଫଳ ଚିକିତ୍ସା ଲାଗି ଏପର୍ଯ୍ୟନ୍ତ କୌଣସି ଔଷଧ ବାହାରି ନ ଥିବାବେଳେ ସଂକ୍ରମଣର ଉଗ୍ର ସ୍ଥିତି ସମସ୍ତଙ୍କୁ ଆତଙ୍କିତ କରିପକାଇଛି।



ଆସାମର ଚିରାଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ ହୋଇଥିବା ବିପୁଳ ଅସ୍ତ୍ର ଓ ଗୁଳିଗୋଳା।

## ସମସ୍ତ ଦିଲ୍ଲୀବାସୀଙ୍କ ହେବ କରୋନା ପରୀକ୍ଷା

ନୂଆଦିଲ୍ଲୀ, ୧୫।୬

ମହାମାରୀ କରୋନାର ପ୍ରକୋପ ରାଜଧାନୀ ଦିଲ୍ଲୀକୁ ଆତଙ୍କିତ କରିଥିବା ବେଳେ ସମସ୍ତ ଦିଲ୍ଲୀବାସୀଙ୍କର କରୋନା ପରୀକ୍ଷା କରାଯିବ ବୋଲି ସୋମବାର ସର୍ବଦଳୀୟ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିବା ସହ ଆଶ୍ୱାସନା ଦେଇଛନ୍ତି। ସବୁ ମତାନ୍ତରକୁ ଭୁଲି ମହାମାରୀ ବିରୋଧରେ ଆମକୁ ଏକ ହୋଇ ଠିଆହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଦିଲ୍ଲୀରେ କରୋନା ସ୍ଥିତିକୁ ନେଇ ସର୍ବଦଳୀୟ ବୈଠକ ବସିଥିବା ବେଳେ ଉପରାଜ୍ୟପାଳ ଅନିଲ ବୈଜାଲ ମଧ୍ୟ ଉପସ୍ଥିତ ଥିଲେ। ହେଲେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ, ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ପ୍ରମୁଖ ଉପସ୍ଥିତ ନ ଥିଲେ। ଏଏପି ପକ୍ଷରୁ ପ୍ରତିନିଧି ଭାବେ ଦଳର ଏମ୍‌ପି ସଞ୍ଜୟ ସିଂ ସର୍ବଦଳୀୟ ବୈଠକରେ ଯୋଗ ଦେଇଥିଲେ। କଂଗ୍ରେସ, ଭାଜପା, ଏସ୍‌ପି ଓ ବିଏସ୍‌ପିର ନେତାମାନେ ଯୋଗ ଦେଇଥିଲେ। ସମସ୍ତଙ୍କ କୋଭିଡ୍ ପରୀକ୍ଷା କରାଯିବା ଲାଗି ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। କଂଗ୍ରେସ ପକ୍ଷରୁ ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ହସ୍ପିଟାଲରେ ବେଡ୍ ଅଭାବ କଥା ଉଠାଯିବା ସହ ସଂକ୍ରମିତଙ୍କ ପରିବାର ଓ କ୍ୱାରାଣ୍ଟାଇନ୍‌ରେ ରହିଥିବା ଲୋକଙ୍କ ପରିବାରକୁ ୧୦ ହଜାର ଟଙ୍କା ପୈଠ କରାଯିବା ଲାଗି ଦାବି କରାଯାଇଥିଲା।

# ୬୫% ବୟସ୍କଙ୍କ ଜୀବିକା ପ୍ରଭାବିତ

ନୂଆଦିଲ୍ଲୀ,୧୫।୬(ପି.ଟି.)



**ଲକ୍‌ଡାଉନ ଦୁଃଖ**

**ହେଲ୍ପଏଜ୍ ଇଣ୍ଡିଆ ସର୍ଭେ ରିପୋର୍ଟ**

କରୋନାଜନିତ ଲକ୍‌ଡାଉନ ଯୋଗୁ ୬୫ ପ୍ରତିଶତ ବୟସ୍କ ବ୍ୟକ୍ତିଙ୍କ ଜୀବିକା ପ୍ରଭାବିତ ହୋଇଛି। ଏହି ସମୟରେ ସେମାନେ କାମଧନ୍ଦା ହରାଇଛନ୍ତି କିମ୍ବା ସେମାନଙ୍କୁ ମିଳୁଥିବା ବେତନ ଯଥେଷ୍ଟ ହ୍ରାସ ଘଟିଛି। ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି। ଏହି ସଂସ୍ଥା ୧୭ ରାଜ୍ୟ ଓ ୪ କେନ୍ଦ୍ରଶାସିତ ଅଞ୍ଚଳର ୫,୦୯୯ ଜଣ ବୟସ୍କ ବ୍ୟକ୍ତିଙ୍କ ମତାମତ ନେଇ ରିପୋର୍ଟ ପ୍ରକାଶ କରିଛି। 'ଦି ଏଲ୍ଡର ଷ୍ଟୋରି: ଗ୍ରାଉଣ୍ଡ ରିଏଲିଟି ଡ୍ୟୁରିଙ୍ଗ କୋଭିଡ୍-୧୯' ଶୀର୍ଷକ ଏହି ରିପୋର୍ଟ ଅନୁଯାୟୀ ୬୫ ପ୍ରତିଶତ ବୟସ୍କଙ୍କ ଜୀବିକା ପ୍ରଭାବିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୭ ପ୍ରତିଶତଙ୍କ ବୟସ ୬୦ରୁ ୬୯ ବର୍ଷ ମଧ୍ୟରେ। ଅନ୍ୟ ୨୮ ପ୍ରତିଶତଙ୍କ ବୟସ ୭୦ରୁ ୭୯ ହୋଇଥିବାବେଳେ ୫ ପ୍ରତିଶତ ସବୁଠୁ ବୟସ୍କ (୮୦ ବର୍ଷରୁ ଅଧିକ)। ଲକ୍‌ଡାଉନବେଳେ ଘରର ରୋଜଗାରିଆ ସଦସ୍ୟ ଜୀବିକା ହରାଇଥିବା ୭୧ ପ୍ରତିଶତ କହିଥିଲେ। ସେମାନଙ୍କ ମଧ୍ୟରୁ ଗ୍ରାମାଞ୍ଚଳର ୬୧ ପ୍ରତିଶତ ହୋଇଥିବାବେଳେ ସହରାଞ୍ଚଳର ୩୯ ପ୍ରତିଶତ ବୋଲି ଏନ୍‌ଜିଓ ପକ୍ଷରୁ କୁହାଯାଇଛି।

ସର୍ଭେରୁ ଆହୁରି ଜଣାପଡ଼ିଛି ଯେ ଲକ୍‌ଡାଉନବେଳେ ୪୨ ପ୍ରତିଶତ ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଥିଲା। ଗ୍ରାମାଞ୍ଚଳରୁ ୬୪ ପ୍ରତିଶତ ଏବଂ ସହରାଞ୍ଚଳରୁ ୩୬ ପ୍ରତିଶତ ଲୋକଙ୍କ ମତାମତ ସଂଗ୍ରହ କରାଯାଇ ଏହି ରିପୋର୍ଟ ପ୍ରକାଶ ପାଇଛି। ସର୍ଭେ ଅନୁଯାୟୀ ଲକ୍‌ଡାଉନବେଳେ ୭୮ ପ୍ରତିଶତ ବୟସ୍କ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ପାଇବାରେ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ଗ୍ରାମାଞ୍ଚଳର ୮୪ ପ୍ରତିଶତ ବୟସ୍କ ଅତ୍ୟାବଶ୍ୟକ ସେବା ଓ ସାମଗ୍ରୀ ପାଇବାରେ ଅସୁବିଧାର ସାମ୍ନା କରିଥିବାବେଳେ ସହରାଞ୍ଚଳରେ ୭୧ ପ୍ରତିଶତ ସମସ୍ୟାରେ ପଡ଼ିଥିଲେ। ଲକ୍‌ଡାଉନବେଳେ ଘରେ ଏକାକୀ ଅନୁଭବ କରିଥିଲେ ବୋଲି ୬୧ ପ୍ରତିଶତ କହିଛନ୍ତି।

# ପ୍ରତିରୋଧ କ୍ଷମତାକୁ ନେଇ ଭାରତ ଦୃଢ଼

ନୂଆଦିଲ୍ଲୀ, ୧୫।୬

**ଭାରତରେ ୧୫୦, ପାକିସ୍ତାନରେ ୧୬୦, ଚାଇନାରେ ରହିଛି ୩୨୦ ଅଣୁଅସ୍ତ୍ର**



ଭାରତ ଅପେକ୍ଷା ପାକିସ୍ତାନରେ ରହିଛି ଅଧିକ ଅଣୁଅସ୍ତ୍ର। ଚାଇନା ପାଖରେ ପାକିସ୍ତାନ ଅପେକ୍ଷା ଦୁଇଗୁଣା ଅଧିକ ଅଣୁଅସ୍ତ୍ର ରହିଛି। ହେଲେ ଭାରତର ପ୍ରତିରୋଧ କ୍ଷମତା ବେଶ୍ ସଦୃଢ଼। ଷ୍ଟକ୍‌ହୋମ ଅନ୍ତର୍ଜାତୀୟ ଶାନ୍ତି ଗବେଷଣା ପ୍ରତିଷ୍ଠାନ ରିପୋର୍ଟରେ ଦର୍ଶାଯାଇଛି ଯେ, ପାକିସ୍ତାନ ପାଖରେ ୧୬୦ ଅଣୁଅସ୍ତ୍ର ରହିଥିବା ବେଳେ ଚାଇନା ପାଖରେ ୩୨୦ ଅଣୁଅସ୍ତ୍ର ମହଜୁଦ ହୋଇ ରହିଛି। ତେବେ ଭାରତରେ ମାତ୍ର ୧୫୦ ଏଭଳି ଅସ୍ତ୍ର ରହିଥିବା କୁହାଯାଇଛି। ସୀମା ବିବାଦକୁ ନେଇ ଭାରତ ଓ ଚାଇନା ପୂର୍ବ ଲଦାଖରେ ଟଣାଓଟରା ହେଉଥିବା ବେଳେ ଏହି ରିପୋର୍ଟ ପ୍ରକାଶ ପାଇଛି। ଦୁଇଦେଶ ୩,୪୮୮ କି. ମି. ପ୍ରକୃତ ନିୟନ୍ତ୍ରଣ ରେଖା(ଏଲ୍ଏସି)ରେ ସେନା ମୁତୟନ କରି ରଖିଥିବାବେଳେ ସମସ୍ୟାର ସମାଧାନ ଲାଗି ସେନାଧିକାରୀସ୍ତରୀୟ ଆଲୋଚନା ଜାରି ରହିଛି।

ସେହିଭଳି ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ୭୭୮ କି. ମି. ନିୟନ୍ତ୍ରଣ ରେଖା ନିକଟରେ ସବୁବେଳେ ଗୁଳି, ମୋର୍ଟାର ମାଡ଼ ଜାରି ରହିଛି। କେତେବେଳେ କିଭଳି ପରିସ୍ଥିତି ସୃଷ୍ଟିହେବ କହିବା ମୁସ୍କିଲ। ସୀମା ବିବାଦକୁ ନେଇ ଦୀର୍ଘଦିନ ହେବ ଏଭଳି ଶତ୍ରୁତା ଲାଗି ରହିଥିବା ବେଳେ ଏହାର ସମାଧାନ ପନ୍ଥା ବାହାରି ପାରୁନାହିଁ। ପାକିସ୍ତାନ ବାରମ୍ବାର ଅଣୁଅସ୍ତ୍ରର ଧମକ ଦେଇଆସୁଛି। ଚାଇନା ବି ବଡ଼ଭାଇପଣିଆ ଛାଡୁନି କି ସମାଧାନ ଦିଗ ପ୍ରତି ଦୃଷ୍ଟିଦେଉନି।

ବିଶ୍ୱରେ ୨୦୨୦ ସୁଦ୍ଧା ମୋଟ ୧୩,୪୦୦ ଅଣୁଅସ୍ତ୍ର ରହିଥିବା ବେଳେ ଆମେରିକା ପାଖରେ ୫,୮୦୦ ଓ ରୁଷିଆ ପାଖରେ ୬,୩୭୫ ଅଣୁଅସ୍ତ୍ର ରହିଥିବା ଷ୍ଟକ୍‌ହୋମ ଅନ୍ତର୍ଜାତୀୟ ଶାନ୍ତି ଗବେଷଣା ପ୍ରତିଷ୍ଠାନ ରିପୋର୍ଟରେ ଦର୍ଶାଯାଇଛି। ୨୦୧୯ରେ ମୋଟ ଅଣୁଅସ୍ତ୍ର ୧୩,୮୬୫ ଥିବା ଦର୍ଶାଯାଇଥିଲା। ଫ୍ରାନ୍ସ ପାଖରେ ୨୯୦, ବ୍ରିଟେନର ୨୧୫, ଇସ୍ରାଏଲର ୯୦ ଓ ଉତ୍ତର କୋରିଆର ୩୦-୪୦ ଅଣୁଅସ୍ତ୍ର ରହିଛି। ଭାରତ ଓ ପାକିସ୍ତାନ ଧୀରେ ଧୀରେ ସେମାନଙ୍କର ଅଣୁଅସ୍ତ୍ର ଆକାର ଓ ଭିନ୍ନତା ଆଣିବାରେ ଲାଗିଛନ୍ତି। ଏହି ଦୁଇଦେଶ ସେମାନଙ୍କ କ୍ଷେପଣାସ୍ତ୍ର ପରୀକ୍ଷା ସମ୍ପର୍କରେ ସୂଚନା ଦେଉଥିଲେ ହେଁ ଅସ୍ତ୍ରାଗାରର ଆକାର ସମ୍ପର୍କରେ ତଥ୍ୟ ପ୍ରଦାନ କରୁନାହାନ୍ତି ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଆମେରିକା, ରୁଷିଆ ଭଳି ଚାଇନା ଅତ୍ୟାଧୁନିକ ଅଣୁଅସ୍ତ୍ରରେ ଆଗୁଆ ହେବାରେ ଲାଗିଛି ବୋଲି ଏଥିରେ ଦର୍ଶାଯାଇଛି।

# ଶତାବ୍ଦୀ ଶେଷ ସୁଦ୍ଧା ଭାରତ ହେବ ୪.୪ ଡିଗ୍ରୀ ଅଧିକ ଉତ୍ତପ୍ତ

■ ଉତ୍ତର ଭାରତ ମହାସାଗରର ସମୁଦ୍ର ପତ୍ତନ ୩୦୦ ମି.ମି. ବୃଦ୍ଧିପାଇବ

■ ଦେଶରେ ବର୍ଷା ପରିମାଣ ୬% ହ୍ରାସପାଇଛି

ନୂଆଦିଲ୍ଲୀ,୧୫ା୬(ପି.ଟି.)

ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ଭାରତର ତାପମାତ୍ରା ୪.୪ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ହୋଇପାରେ। ସେହିପରି ଉଷ୍ମ ପ୍ରବାହର ତୀବ୍ରତା ୩-୪ ଗୁଣ ବଢ଼ିପାରେ ବୋଲି ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ଏକ ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ଭୂବିଜ୍ଞାନ ମନ୍ତ୍ରଣାଳୟର ପୁଣେସ୍ଥିତ ଭାରତୀୟ ପାଣିପାଗ ପ୍ରତିଷ୍ଠାନର ଜଳବାୟୁ ପରିବର୍ତ୍ତନ ଗବେଷଣା କେନ୍ଦ୍ର ପକ୍ଷରୁ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସବୁଜ ଗୃହ ବାଷ୍ପ ଜନିତ ଉଷ୍ମତା କାରଣରୁ ୧୯୦୧-୨୦୧୮ ମଧ୍ୟରେ ଭାରତର ହାରାହାରି ତାପମାତ୍ରା ପ୍ରାୟ ୦.୭ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧିପାଇଥିବା ରିପୋର୍ଟରେ ଦର୍ଶାଯାଇଛି।

୧୯୮୬ରୁ ୨୦୧୫ ଅର୍ଥାତ୍ ୩୦ ବର୍ଷର ଅବଧି ମଧ୍ୟରେ ବର୍ଷର ସବୁଠୁ ଗରମ ଦିନର ତାପମାତ୍ରା ୦.୬୩ ଡିଗ୍ରୀ ବୃଦ୍ଧି ପାଇଥିବାବେଳେ ସବୁଠୁ ଥଣ୍ଡା ରାତିର ତାପମାତ୍ରା ୦.୪ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିଥିବା ରିପୋର୍ଟରେ କୁହାଯାଇଛି। ଶତାବ୍ଦୀର ଶେଷ ସୁଦ୍ଧା ସବୁଠୁ ଗରମ ଦିନ ଏବଂ ଥଣ୍ଡା ରାତିର ତାପମାତ୍ରା ଯଥାକ୍ରମେ ୪.୭ ଡିଗ୍ରୀ ସେଲ୍‌ସିୟସ୍ ଏବଂ ୫.୫ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଗରମ ଦିନ ଏବଂ ଗରମ ରାତି ସଂଖ୍ୟା ମଧ୍ୟ ବଢ଼ିବ, ଯାହାକି ଯଥାକ୍ରମେ ୫୫% ଏବଂ ୭୦% ବୃଦ୍ଧି ହେବା ପୂର୍ବାନୁମାନ କରାଯାଇଛି। ଏକବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତରେ ଗ୍ରୀଷ୍ମ (ଏପ୍ରିଲ-ଜୁନ) ଉଷ୍ମ ପ୍ରବାହ ୩ରୁ ୪ ଗୁଣ ଅଧିକ ହେବ। ଉଷ୍ମ ପ୍ରବାହର ହାରାହାରି ସମୟସୀମା ମଧ୍ୟ ପ୍ରାୟ ଦୁଇ ଗୁଣ ହେବ ବୋଲି ଆକଳନ କରାଯାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ସମଗ୍ର ଭାରତରେ ଭୂପୃଷ୍ଠ



ତାପମାତ୍ରା ଏବଂ ଆର୍ଦ୍ରତାର ମିଳିତ ବୃଦ୍ଧି ସାଙ୍ଗକୁ ଜୋର୍‌ଦାର ଗରମ ହେବା ଆଶଙ୍କା ଥିବାବେଳେ ଗାଙ୍ଗେୟ ସମତଳ ଅଞ୍ଚଳ ଏବଂ ସିନ୍ଧୁ ନଦୀ ଅବବାହିକାରେ ବିଶେଷ ଭାବେ ଅନୁଭୂତ ହେବ। ୧୯୫୧-୨୦୧୫ ମଧ୍ୟରେ ଭାରତ ମହାସାଗର ଅଞ୍ଚଳର ସମୁଦ୍ର ପୃଷ୍ଠ ତାପମାତ୍ରା (ଏସ୍‌ଏସ୍‌ଟି) ହାରାହାରି ୧ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧିପାଇଛି, ଯାହାକି ବିଶ୍ୱର ହାରାହାରି ଏସ୍‌ଏସ୍‌ଟି (୦.୭ ଡିଗ୍ରୀ ସେଲ୍‌ସିୟସ୍)ଠାରୁ ଅଧିକ। ଭାରତ ମହାସାଗରରେ ତାପମାତ୍ରା କମ୍ ବେଶି ହେବା ଯୋଗୁ ଉତ୍ତମ ମୌସୁମୀ ଆଣିବାରେ ସହାୟକ ହୋଇଥାଏ। ୧୮୭୪ରୁ ୨୦୦୪ ମଧ୍ୟରେ ଉତ୍ତର ଭାରତ ମହାସାଗରର ଜଳପତ୍ତନ ୧.୦୬ରୁ ୧.୭୫ ମିଲିମିଟର ବୃଦ୍ଧି ପାଇଥିଲା। ତେବେ ଗତ ୨୫ ବର୍ଷ ମଧ୍ୟରେ (୧୯୯୩-୨୦୧୭) ଏହା ୩.୩ ମିଲିମିଟର ହିସାବରେ ବୃଦ୍ଧି ପାଇଛି। ଚଳିତ ଶତାବ୍ଦୀ ଶେଷ ବେଳକୁ ଉତ୍ତର ଭାରତ ମହାସାଗରରେ ସମୁଦ୍ର ପତ୍ତନ ହାରାହାରି ୩୦୦ ମିଲିମିଟର ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ସେହିପରି ୧୯୫୧ରୁ ୨୦୧୫ ମଧ୍ୟରେ ଭାରତରେ ମୌସୁମୀ ବର୍ଷା ପରିମାଣ(ଜୁନ୍‌ରୁ ସେପ୍ଟେମ୍ବର) ପ୍ରାୟ ୬ ପ୍ରତିଶତ ହ୍ରାସପାଇଛି। ବିଶେଷ କରି ଗାଙ୍ଗେୟ ସମତଳ ଅଞ୍ଚଳ ଏବଂ ପଶ୍ଚିମଘାଟ ଅଞ୍ଚଳରେ ବର୍ଷା ଯଥେଷ୍ଟ କମିଥିବା ରିପୋର୍ଟରେ କୁହାଯାଇଛି।

# ଇଏ କି ଶାଳଗ୍ରାମ

ପୁରୀ ଅଫିସ,୧୫ା୬

ସନାତନ ପରମ୍ପରାରେ ଶାଳଗ୍ରାମଙ୍କୁ ସ୍ୱୟଂ ବିଷ୍ଣୁଙ୍କ ସ୍ୱରୂପ ଭାବେ ଉପାସନା କରାଯାଇଥାଏ। ବର୍ତ୍ତମାନ ପ୍ରକୃତ ଶାଳଗ୍ରାମ ପ୍ରାୟତଃ ଆଉ ମିଳୁନାହିଁ। ଶ୍ରୀମନ୍ଦିରରେ ଚିତ୍ରିତ ଶାଳଗ୍ରାମ ଉପାସନାର ପରମ୍ପରା ନ ଥିବାବେଳେ ହ୍ୱାଟ୍ସଆପ୍ ଓ ଫେସ୍‌ବୁକ୍ ଭଳି ସୋସିଆଲ୍ ମିଡିଆରେ ଏହାକୁ ନେଇ ଭୁଲ୍ ସୂଚନା ଦିଆଯାଉଥିବା ଦେଖିବାକୁ ମିଳୁଛି। ଶାଳଗ୍ରାମ ପ୍ରତି ଓଡ଼ିଆଙ୍କ ରହିଥିବା ବିଶ୍ୱାସକୁ ଆଧାର କରି କେହି ଅଭିସନ୍ଧିମୂଳକ ଭାବେ ଏଭଳି ଭ୍ରମ ସୃଷ୍ଟି କରୁଛନ୍ତି ବୋଲି କୁହାଯାଉଛି।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ମତରେ ଓଡ଼ିଶାରେ ତିନିପ୍ରକାର (କଳା, ଧଳା ଓ ଈଷତ୍ ଲାଲ) ଶାଳଗ୍ରାମ ପୂଜା କରାଯାଉଛି। ଏହି ଶାଳଗ୍ରାମ ଶିଳା ଗଣ୍ଡୁକି ନଦୀ କୂଳରୁ ମିଳିଥାଏ। ଗୋଲାକାର ଶାଳଗ୍ରାମଙ୍କୁ ପୂଜା କଲେ ଲକ୍ଷ୍ମୀପ୍ରାପ୍ତି ହୁଅନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଏହାଙ୍କୁ ସାଧାରଣତଃ ଘର ଏବଂ ମନ୍ଦିରରେ ପୂଜା କରାଯାଏ। କଥିତ ଅଛି ମହାରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀମନ୍ଦିର ରତ୍ନବେଦୀ ଚତୁଃପାର୍ଶ୍ୱରେ ୧ଲକ୍ଷ ୮ମୂର୍ତ୍ତି ଶାଳଗ୍ରାମ ପୋତିଥିଲେ। ସେଥିପାଇଁ କେତେକ ନୀତି ସମୟରେ ରତ୍ନସିଂହାସନ ଚାରିପଟେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାମାନଙ୍କୁ ପରିକ୍ରମା କରାଯାଏ।ଶ୍ରୀମନ୍ଦିରରେ ବହୁ ପ୍ରାଚୀନ କାଳରୁ ବାହାର ବେଢ଼ା ଏବଂ ଭିତର ବେଢ଼ାରେ ଶାଳଗ୍ରାମ ପୂଜାବିଧି ପ୍ରାୟତଃ ନାହିଁ। ଶାଳଗ୍ରାମ ଉପରେ ଚିତ୍ର ହେବାର ବିଧି ମଧ୍ୟ ଓଡ଼ିଶାରେ ଦେଖାଯାଏ ନାହିଁ। ବର୍ତ୍ତମାନ ସୋସିଆଲ ମିଡିଆରେ ଦୃଶ୍ୟ ହେଉଥିବା ଶାଳଗ୍ରାମ ଓଡ଼ିଶାର ପରମ୍ପରା ନୁହେଁ। ଶ୍ରୀମନ୍ଦିରରେ ଏଭଳି ଶାଳଗ୍ରାମ ଉପାସିତ ହେଉ ନାହାନ୍ତି। ତେଣୁ ଶ୍ରୀମନ୍ଦିରରେ ଚିତ୍ରିତ ଶାଳଗ୍ରାମକୁ ନେଇ ଯେଉଁ ଫଟୋ ଏବେ ସୋସିଆଲ ମିଡିଆରେ ବୁଲୁଛି ସେନେଇ କୌଣସି ସତ୍ୟତା ନାହିଁ ବୋଲି ମିଶ୍ର କହିଛନ୍ତି।



ସୋସିଆଲ୍ ମିଡିଆରେ ଘୂରିବୁଲୁଥିବା ଚିତ୍ରିତ ଶାଳଗ୍ରାମ।

# ନୀଳଚକ୍ରରୁ ଉଡ଼ିଗଲା ପତିତପାବନ ବାନା

ପୁରୀ ଅଫିସ,୧୫ା୬

ଶ୍ରୀମନ୍ଦିର ନୀଳଚକ୍ରରୁ ଉଡ଼ିଗଲା ପତିତପାବନ ବାନା। ସୋମବାର ସକାଳ ପ୍ରାୟ ୯ଟାରେ ପୁରୀରେ ଘଡ଼ଘଡ଼ି ସହ ମୁଷଳ ଧାରାରେ ବର୍ଷା ଓ ପବନ ଆରମ୍ଭ ହୋଇଥିଲା। ପ୍ରାୟ ୧ଘଣ୍ଟା ଧରି ଘଡ଼ଘଡ଼ି ଓ ବର୍ଷା ଲାଗି ରହିଥିବାବେଳେ

## ଭକ୍ତଙ୍କ ମଧ୍ୟରେ ନାନା ଚର୍ଚ୍ଚା

ନୀଳଚକ୍ରରେ ବନ୍ଧାଯାଇଥିବା ବାଉଁଶ ଭାଙ୍ଗିବା ସହ ବାନା ଉଡ଼ିଯାଇଥିଲା। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ନାନା ଚର୍ଚ୍ଚା ହେଉଛି। କେହି କେହି ଏହା ଅଶୁଭ ସଙ୍କେତ ବୋଲି କହୁଥିବାବେଳେ ଆଉ କେହି ତିନିମାସ ହେବ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି କହୁଛନ୍ତି। ତେବେ ବାନା ଉଡ଼ିଯିବାର ୪ ଘଣ୍ଟା ପରେ ଚୁନରା ସେବକ ପୁଣି ନୂଆ ବାନା ବାନ୍ଧିଥିଲେ।

ଚୁନରା ସେବକ ଡ. ଶରତ ଚନ୍ଦ୍ର ମହାନ୍ତି କହିଛନ୍ତି, ପ୍ରବଳ ବର୍ଷା ପବନ ଯୋଗୁ ନୀଳଚକ୍ରରେ ବନ୍ଧାଯାଇଥିବା ବାଉଁଶ ଭାଙ୍ଗିଯିବା ସହ ବାନା ମଧ୍ୟ ଉଡ଼ିଯାଇଥିଲା। ମାତ୍ର ନୀଳଚକ୍ର ସଂଲଗ୍ନ ଅନ୍ୟ ଏକ ବାନା ଗୁଡ଼ାଇ ହୋଇଯାଇଥିବାରୁ ତାହା ଦେଖାଯାଉ ନ ଥିଲା। ତେଣୁ ପୂର୍ବାହ୍ନ ସାଢେ ୧୦ଟା ସୁଦ୍ଧା ଉପରକୁ ଯାଇ ତାହାକୁ ଖୋଲି ଦିଆଯିବା ପରେ ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ ଭାବେ ଚାଲିଥିଲା। ଅପରାହ୍ନ ୫ଟାରେ ବନ୍ଧାଯିବାକୁ ଥିବା ନୂଆ ମୁଖ୍ୟ ବାନାକୁ ଅପରାହ୍ନ ୨ଟାରେ ବନ୍ଧାଯାଇଥିଲା। ତେଣୁ ଠାକୁରଙ୍କ ନୀତିକାନ୍ତି ପ୍ରଭାବିତ ହୋଇନାହିଁ ବୋଲି ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ପ୍ରତିଦିନ ଅପରାହ୍ନରେ ନୀଳଚକ୍ରର ଧ୍ୱଜା ପରିବର୍ତ୍ତନ ହୋଇଥାଏ। ପୂର୍ବରୁ ନୀଳଚକ୍ରରେ ଲାଗିଥିବା ବାଉଁଶରେ ଏକାଧିକ ବାନା ବନ୍ଧା ଯାଉଥିଲା। ଏଥିଯୋଗୁ ନୀଳଚକ୍ର ଉପରେ ପ୍ରଭାବ ପଡୁଥିବା ବିଶେଷଜ୍ଞ ରିପୋର୍ଟ ଦେବା ପରେ ସେହି ବାଉଁଶରେ ଏବେ ଗୋଟିଏ ବାନା ବନ୍ଧାଯାଉଛି। ଅନ୍ୟ ବାନାଗୁଡ଼ିକୁ ନୀଳଚକ୍ର ସହ ସଂଲଗ୍ନ କରି ବନ୍ଧାଯାଉଛି। ତେଣୁ ବାଉଁଶରେ ବନ୍ଧାଯାଇଥିବା ବାନା ଉଡ଼ିଗଲେ ମଧ୍ୟ ଅନ୍ୟ ବାନା ନୀଳଚକ୍ର ସଂଲଗ୍ନରେ ରହୁଥିବାରୁ ନୀତିକୁ ଏହା ପ୍ରଭାବିତ କରେ ନାହିଁ। ତେବେ ନୀଳଚକ୍ରରୁ ବାନା ଉଡ଼ିଯିବା କିମ୍ବା ଚିରିଯିବା ନୂଆ ନୁହେଁ। ପୂର୍ବରୁ ଅନେକ ଥର ଏପରି ହେବାର ନଜିର ରହିଛି ବୋଲି ପୂଜାପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ବିଜୁଳି ଯୋଗୁ ଆର୍ଥିଂ ସମ୍ଭାଳି ନ ପାରି ବାଉଁଶକୁ ଫଟେଇ ଦେଇଥିବା କୁହାଯାଉଛି।



ଶ୍ରୀମନ୍ଦିର ନୀଳଚକ୍ରରୁ ସୋମବାର ପତିତପାବନ ବାନା ଉଡ଼ିଯାଇଛି।

# ୧୯ରେ ଆଉ ଏକ ଲଘୁଚାପ

## ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୫ା୬(ବ୍ୟୁରୋ)

ଆସନ୍ତା ୧୯ ତାରିଖରେ ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ଢେଙ୍କାନାଳ ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସମଗ୍ର ରାଜ୍ୟକୁ ଛୁଇଁ ସାରିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆପାଗ ସାଙ୍ଗକୁ ଦୁହାକୁ ଦୁହା ବର୍ଷା ଲାଗି ରହିଛି। ମୌସୁମୀ ସକ୍ରିୟ ରହିଛି। ଆସନ୍ତା ୧୯ ତାରିଖରୁ ବର୍ଷା ପରିମାଣ ଆହୁରି ବୃଦ୍ଧି ପାଇବ। ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାରୁ ଆସନ୍ତା ୫ ଦିନ ଯାଏ ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏଥିସହିତ କୋରାପୁଟ ଓ ରାୟଗଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍‌ୱାର୍ନିଂ ଜାରି କରାଯାଇଛି। ସେହିପରି ୧୯ ତାରିଖ ଯାଏ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି।

ରାଜ୍ୟରେ ମୌସୁମୀ ସକ୍ରିୟ ଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ପାରାଦୀପରେ ୨୨.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକ ୧୯.୨, ଅନୁଗୋଳ ୧୨.୬, ବାରିପଦା ୩୨.୬, ଝାରସୁଗୁଡ଼ା ୫୫.୧, ସମ୍ବଲପୁର ୩୯, ସୁନ୍ଦରଗଡ଼ ୧୫, ହୀରାକୁଦ ୫୪.୮, ତାଳଚେର ୬୩, ଟିଟିଲାଗଡ଼ ୨୨.୪, ବୌଦ୍ଧ ୨୫.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଘୂର୍ଣ୍ଣିଝଡ଼ରେ ୧୬ ପରିବାର କ୍ଷତିଗ୍ରସ୍ତ

କେନ୍ଦ୍ରାପଡ଼ା ଅଫିସ/
ରାଜନଗର(ଡି.ଏନ୍.ଏ.)୧୫ା୬

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଞ୍ଚଳରେ ସୋମବାର ଘୂର୍ଣ୍ଣିଝଡ ହୋଇଛି। ଏଥିରେ ବ୍ଲକ ଅନ୍ତର୍ଗତ ରଙ୍ଗଣୀ ପଞ୍ଚାୟତର ସୌରେନ୍ଦ୍ରପୁର ଓ ବାଘମାରୀ ପଞ୍ଚାୟତର ବାଘମାରୀ ଗ୍ରାମର ୧୬ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଅପରାହ୍ନ ପ୍ରାୟ ୨ଟା ସମୟରେ ଘୂର୍ଣ୍ଣିଝଡ ହୋଇଥିଲା। ପ୍ରାୟ ୫ ମିନିଟର ଏହି ଝଡ଼ରେ ସୌରେନ୍ଦ୍ରପୁର ଗ୍ରାମର କାଳିପଦ ମୁର୍ମୁ, ଗଣେଶ ମୁର୍ମୁ, ମହେନ୍ଦ୍ର ମୁର୍ମୁ, କାର୍ତ୍ତିକ ମୁର୍ମୁ, ବାସୁଦେବ ଜାନା, ରଜନୀ ଗିରି, ରାମପଦ ସେଠୀ, ଗଣପତି ଜାନା ଓ ବାଘମାରୀ ଗ୍ରାମର ରବୀନ୍ଦ୍ର ପାଟା, ଭାନୁ ପରିଡ଼ା, ବୀରେନ ଖଣ୍ଡା, ଭାସ୍କର ମାଇତି, ପ୍ରଭାତ ମଣ୍ଡଳ ପ୍ରମୁଖଙ୍କ ଘର ଭାଙ୍ଗିଯାଇଛି। ଏଥିସହିତ ଦୁଇ ପଞ୍ଚାୟତରେ ବଡ ବଡ ଗଛ ଉପୁଡିବା ସହିତ କ୍ଷେତ ନଷ୍ଟ କରିଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, କ୍ଷତିଗ୍ରସ୍ତ ପରିବାରଙ୍କ ପ୍ରାଥମିକ ଥଇଥାନ ବ୍ୟବସ୍ଥା କରାଯାଉଛି। ରାଜନଗର ତହସିଲଦାର ସେଠାରେ ପହଞ୍ଚି ପାଲ ଓ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରିଥିବା ଜିଲାପାଳ ସୂଚନା ଦେଇଥିଲେ।



ଘୂର୍ଣ୍ଣିଝଡରେ ଏକ ଗଛ ଉପୁଡି ଜଣଙ୍କ ଘର ଉପରେ ପଡିଛି।

# ଗୁଣିଗାରେଡ଼ି ସନ୍ଦେହ: ୨ ବୃଦ୍ଧଙ୍କୁ ହତ୍ୟା

**ରାୟଗଡ଼ାଅଫିସ,୧୫ା୬:** ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏବେବି ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂରହୋଇପାରିନାହିଁ। ଗୁଣିଗାରେଡ଼ି ସନ୍ଦେହରେ ସୋମବାର ଅପରାହ୍ନରେ ୨ଜଣ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ରାୟଗଡ଼ା ଜିଲା ଶେଷଖାଲ ଥାନା ଅଧୀନ ବଡ଼କସାପାଡୁ ଗ୍ରାମରେ ଘଟିଛି ଏଭଳି ଜଘନ୍ୟ ହତ୍ୟାକାଣ୍ଡ। ଗାଁର ପ୍ରେମାନନ୍ଦ ମାଣ୍ଡାଙ୍ଗି ସେହି ଗ୍ରାମର ଯଦୁମଣି ମାଣ୍ଡାଙ୍ଗି ଓ ପୋଲି ଡାଡିଙ୍ଗିଙ୍କୁ ଟାଙ୍ଗିଆରେ ହାଣିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଯଦୁମଣି ଏବଂ ପୋଲିଙ୍କ ମୃତଦେହ ଗ୍ରାମ ନିକଟରେ ପଡ଼ିଥିବା ନେଇ କାରୁବାଇ ସରପଞ୍ଚ ମମତା ଜିଲାକାରା ଏବଂ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ କରୁଛି। ଗୁଣିଗାରେଡ଼ି ସନ୍ଦେହରେ ହତ୍ୟାକାଣ୍ଡ ଘଟାଇଥିବା ଅଭିଯୁକ୍ତ ପ୍ରେମାନନ୍ଦ ଗ୍ରାମବାସୀଙ୍କ ନିକଟରେ ପ୍ରକାଶ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରୁ ଫେରି ନ ଥିବାରୁ କୌଣସି ସୂଚନା ମିଳିପାରିନାହିଁ।

ଶ୍ରଦ୍ଧାଞ୍ଜଳି

ତା ୧୬.୬.୨୦୨୦ ରିଖ (ମଙ୍ଗଳବାର) : ଦଶାହ କାର୍ଯ୍ୟ



ତା ୧୭.୬.୨୦୨୦ ରିଖ (ବୁଧବାର) : ଏକାଦଶାହ କାର୍ଯ୍ୟ

✓ ସାରଙ୍ଗଧର ମହାପାତ୍ର

ଆବିର୍ଭାବ : ତା ୧୧.୧୨.୧୯୩୦ ରିଖ - ତିରୋଧାନ : ତା ୭.୬.୨୦୨୦ ରିଖ

ନବେ ବରଷର ସାଉଁଣ୍ଟା ସ୍ମୃତିରେ
ପ୍ରଣତିର ଅର୍ଘ୍ୟ ଢ଼ାଳି
ରତ୍ନ ପରିବାର ଭିକ୍ଷା ମାଗୁଛି
ତୁମ ଆଶୀର୍ବାଦ ଧୂଳି ।

ଶୋକସନ୍ତପ୍ତ ରତ୍ନ ମହାପାତ୍ର ପରିବାର ବର୍ଗ

# ୪୦ ଫୁଟ ତଳକୁ ଖସିଲା ଟ୍ରକ୍, ୨ ମୃତ

**ନବରଙ୍ଗପୁର,୧୫ା୬(ବି.ପ୍ର.):** ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିର ୪୦ ଫୁଟ ତଳକୁ ସୋମବାର ଅପରାହ୍ନ ୩ଟାରେ ଏକ ଟ୍ରକ ଖସି ପଡିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ପରିଚୟ ଜଣାପଡି ନାହିଁ। ଏକ କାଷ୍ଟ ଆଇରନ ପାଣି ପାଇପ ବୋଝେଇ ଟ୍ରକ୍ (ଡିଜେ ୧୨ଏୱାଇ ୩୪୯୯) ଘାଟି ତଳକୁ ଖସିପଡିଥିଲା। ଟ୍ରକ୍‌ର ଇଞ୍ଜିନ ଓ ଡାଲା ଅଲଗା ହୋଇଯାଇଥିବା ବେଳେ ପାଇପଗୁଡିକ ବିଛେଇ ହୋଇ ପଡିଥିଲା। ରୋଷେଇ ପାଇଁ ରଖାଯାଇଥିବା ୫ କିଲୋ ଓଜନର ଗ୍ୟାସ ସିଲିଣ୍ଡର ଫାଟି ସେଥିରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଚନ୍ଦାହାଣ୍ଡି ଓ ଝରିଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପରେ ଖୋଜାଖୋଜି କରିଥିଲେ। ୩ ଘଣ୍ଟା ପରେ ଟ୍ରକ୍ ତଳେ ଚାପି ହୋଇ ରହିଥିବା ଗୋଟିଏ ମୃତଦେହ ଉଦ୍ଧାର କରିଥିଲେ। ନିଆଁ ଲାଗି ମୃତକଙ୍କ ମୁହଁ ଓ ହାତ ପୋଡିଯାଇଛି। ମୃତକଙ୍କ ପାଇପ ତଳେ ଚାପି ହୋଇ ରହିଥିବା ଆଉ ଏକ ମୃତଦେହ ଉଦ୍ଧାର କରିଥିଲେ।

# ଖୋଳତାଡ଼ କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

■ ପିଏନ୍‌ବିରୁ ୩୨ କୋଟି ଠକେଇ ମାମଲା

■ ଗ୍ଲୋବାଲ ଟ୍ରେଡିଂ ସଲ୍ୟୁସନ ମୁଖ୍ୟଙ୍କୁ ଧରିବା ପାଇଁ ସିବିଆଇ ଚଢ଼ାଉ

ଭୁବନେଶ୍ୱର,୧୫ା୬(ବ୍ୟୁରୋ)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ଷ୍ଟେଶନ ସ୍କୋୟାର ଶାଖାରୁ ୩୨ କୋଟି ଟଙ୍କା ଠକେଇ ମାମଲାରେ ଖୋଳତାଡ଼ ଚଳାଇଛି ସିବିଆଇ। ଠକେଇର ମୁଖ୍ୟ କୁହାଯାଉଥିବା ଗ୍ଲୋବାଲ ଟ୍ରେଡିଂ ସଲ୍ୟୁସନ ଲିମିଟେଡ୍‌ର ଏମ୍‌ଡି ଅବିନାଶ ମହାନ୍ତିଙ୍କୁ ଗିରଫ କରିବା ପାଇଁ ସିବିଆଇ ଭୁବନେଶ୍ୱର, ଦିଲ୍ଲୀ, କଲିକତାରେ ଚଢ଼ାଉ କରିଛି। ଏପରିକି ତାଙ୍କ ବାସଭବନ ଓ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରିଥିଲେ ମଧ୍ୟ ଅବିନାଶଙ୍କ ସମ୍ପର୍କରେ କିଛି ପତ୍ତା ମିଳିନାହିଁ। ଅନ୍ୟପକ୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ଠକେଇର ଯାଞ୍ଚ କରିବ। ଇଡିର ଜଣେ ଅଧିକାରୀ ସିବିଆଇ ମୁଖ୍ୟାଳୟକୁ ଯାଇ ମାମଲା ସମ୍ପର୍କିତ କିଛି ଦସ୍ତାବିଜ ଆଣିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଜଣେ ଅଧିକାରୀଙ୍କୁ ଏନେଇ ପଚାରିବାରୁ ସେ ଏହା ସ୍ୱୀକାର କରିଥିଲେ। ମାମଲା ତଦନ୍ତର ଅଧୀନ ଥିବାରୁ କିଛି କହିବା ଠିକ୍ ନୁହେଁ ବୋଲି ସେ କହିଥିଲେ। ଏହି ଠକେଇରେ କେଉଁମାନେ ସଂପୃକ୍ତ ଅଛନ୍ତି, କେଉଁମାନଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି ଓ ଠକେଇ ହୋଇଥିବା ଅର୍ଥ ବ୍ୟବସାୟରେ ବିନିଯୋଗ ହୋଇଛି କି ନା, ଇଡି ତାହାର ଯାଞ୍ଚ କରିବ। ଠକେଇ ସମୟରେ ପିଏନ୍‌ବିରେ ଥିବା କେତେକ କର୍ମଚାରୀଙ୍କୁ ମଧ୍ୟ ଇଡି ପଚରାଉଚରା କରିବ। ଏପରିକି ଆର୍ଥିକ ତଦନ୍ତ କ୍ଷେତ୍ରରେ ସିବିଆଇକୁ ଇଡି ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ଅଧିକାରୀ ଜଣକ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଅବିନାଶ ୨୦୧୦ରେ ଗ୍ଲୋବାଲ ଟ୍ରେଡିଂ ସଲ୍ୟୁସନ ଲିମିଟେଡ୍ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ବିଦେଶକୁ ଲୁହାପଥର ରପ୍ତାନି କରୁଥିଲା। ପିଏନ୍‌ବି ଷ୍ଟେଶନ ସ୍କୋୟାର ଶାଖାରୁ ଋଣ ବାବଦରେ ୩୨କୋଟି ଟଙ୍କା ଉଠାଇବା ପରେ କମ୍ପାନୀ ହଠାତ୍ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ପିଏନ୍‌ବି ସର୍କଲ ମୁଖ୍ୟ ଗଣପତି ଲାଲ ଗତ ୯ ତାରିଖରେ ସିବିଆଇ ଭୁବନେଶ୍ୱର ଶାଖାରେ ଅଭିଯୋଗ କରିଥିଲେ। ଉପରୋକ୍ତ କମ୍ପାନୀର ୫ ଅଧିକାରୀ ଓ ପିଏନ୍‌ବି ଷ୍ଟେଶନ ସ୍କୋୟାର ଶାଖାର ୪ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା।






**ଆଜିର ମନ୍ତବ୍ୟ**

"ସବୁ ରାଜନୈତିକ ଦଳ ନିଜ ନିଜର ମତଭେଦ ଭୁଲି କରୋନା ବିରୋଧରେ ଲଢ଼େଇ ଲାଗି ଏକାଠି ହେବା ଦରକାର।"
– ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାକେଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି | ଅଣଲାଭଦାୟକ ଶିକ୍ଷାନୁଷ୍ଠାନରେ ମାଗଣା ବହି ଦିଆଯାଉ

ଭୁବନେଶ୍ୱର,୧୫।୬(ବ୍ୟୁରୋ): କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଏଥିରେ ସେ ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଯେଉଁଭଳି ମାଗଣାରେ ବହି ଯୋଗାଇ ଦିଆଯାଉଛି, ସେହିପରି ସରସ୍ୱତୀ ବିଦ୍ୟାମନ୍ଦିର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଅରବିନ୍ଦ ସ୍କୁଲ ଅଫ୍ ଇଣ୍ଟରନାଲ ଏଜୁକେଶନ ଭଳି ବିନା ଲାଭଦାୟକ ସଂସ୍ଥାଗୁଡିକରେ ପଢୁଥିବା ପିଲାଙ୍କୁ ମାଗଣାରେ ବହି ଯୋଗାଇ ଦିଆଯାଉ। ଏହାଦ୍ୱାରା ରାଜ୍ୟର ଶିକ୍ଷା କ୍ଷେତ୍ରରେ ଅଧିକ ଭଲ ହୋଇପାରିବ ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ଆଉ ଏକ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି ଯେ, ବାଲେଶ୍ୱର ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସହଯୋଗ କରାଯାଉ। ମୁଖ୍ୟତଃ ତାଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭୋଗରାଇ ବ୍ଲକରେ ବନ୍ୟା ଯୋଗୁ ବିଶେଷ କ୍ଷତି ହେଉଥିବାରୁ ସେହି ଅଞ୍ଚଳ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ସେ ଅନୁରୋଧ କରିଛନ୍ତି।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବହଳଦା/ରାଇରଙ୍ଗପୁର,୧୫।୬(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ସୀମାନ୍ତ ତିରିଙ୍ଗ ଥାନା ଅନ୍ତର୍ଗତ ଗୀତିଲତା ଗ୍ରାମ ନିକଟସ୍ଥ ଏକ ଅର୍ଜୁନ ଗଛରୁ ସୋମବାର ସକାଳେ ପୋଲିସ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ଦ୍ୱୟ ହେଲେ ସେହି ଗ୍ରାମର ରାମେଶ୍ୱର ପାତ୍ର (୨୪) ଓ ସାବିତ୍ରୀ ଦେଓଗାମ (୨୦)। ସେମାନେ ପରସ୍ପର ଏକ ଶାଢ଼ୀକୁ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଏହା ପ୍ରେମଜନିତ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ ସୂଚନା ଦେଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୦୨୦) ରୁଜୁ ହୋଇଛି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ରାଇରଙ୍ଗପୁର ଡାକ୍ତରଖାନା ପଠାଯାଇଛି। ରିପୋର୍ଟ ଆସିବା ପରେ ସବୁକଥା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଉଲ୍ଲେଖଯୋଗ୍ୟ ଯେ, ରାମେଶ୍ୱର ବିବାହିତ ଓ ସେ ଚେନ୍ନାଇରେ ଶ୍ରମିକଭାବେ କାମ କରୁଥିଲେ। କରୋନା ପାଇଁ କିଛିଦିନ ତଳେ ସେଠାରୁ ଫେରି କ୍ୱାରାଣ୍ଟାଇନ୍‌ରେ ରହି ଘରକୁ ଯାଇଥିଲେ। ସାବିତ୍ରୀ ମଧ୍ୟ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତେବେ ଉଭୟଙ୍କ ମଧ୍ୟରେ ସମ୍ପର୍କକୁ ନେଇ ପରିବାର ତଥା ଗ୍ରାମବାସୀ ପୂର୍ବରୁ ବିରୋଧ କରିଆସୁଥିବା ଗ୍ରାମର କେତେଜଣ ବ୍ୟକ୍ତି କହିଛନ୍ତି।

### ଜୁଲାଇରେ ଆଉ ୯... 
ପ୍ରଥମ ପୃଷ୍ଠାରୁ...

ଅନୁମତି, ଅନୁମୋଦନ ଏବଂ ପ୍ରସ୍ତୁତି ପାଇଁ ପ୍ରୋଜେକ୍ଟ ମନିଟରିଂ ୟୁନିଟ (ପିଏମ୍‌ୟୁ) ସ୍ଥାପନ କରିବାକୁ କୁହାଯାଇଛି। ପିଏମ୍‌ୟୁ ଖଣି ନିଲାମ ପ୍ରକ୍ରିୟାଠାରୁ ଆରମ୍ଭକରି ଷ୍ଟେଜ-୧ ପରିବେଶ ଅନୁମୋଦନ ଏବଂ ଶେଷ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ସମ୍ପାଦନ କରିବ। ଖଣି ଯୋଜନା ୧୫ ଦିନ ମଧ୍ୟରେ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍)ଠାରୁ ଅନୁମୋଦନ ଆଣିବାକୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖୁଁ ଖୁଁ କାଶ, ଖର ନିଃଶ୍ୱାସ**
**ଖର ଜନ୍ତୁ ଘରେ ବାସ**
**ଖଣ୍ଟ ଗାଁରେ ବାସ**
**ସଖୀ ଗୋ ! ମନ୍ଦ ଏ।**

ଖୁଁ ଖୁଁ କାଶ ଓ ଜୋରରେ ନିଆଯାଉଥିବା ନିଃଶ୍ୱାସ ସ୍ୱାସ୍ଥ୍ୟ ପକ୍ଷେ ଅହିତକର। ଖର ଜନ୍ତୁ ଘରେ ଥିଲେ ଜୀବନ ପ୍ରତି ଭୟ ରହିଥାଏ। ସେହିପରି ଖଣ୍ଟ ଗାଁରେ ବାସ କଲେ ଧନ ଜୀବନ ପ୍ରତି ବିପଦ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଲ କ'ଣ ଢିପ କ'ଣ**
**ଦୁର୍ ଦୁର୍ ଯାଇ**
**ସୁଆଦ କ'ଣ ଶବଦ କ'ଣ**
**ବାଲୁ ବାଲୁ ଖାଇ।**

ବହୁ ଦୂର ବାଟ ଯିବାର ଥିଲେ ତର ତର ହେବାକୁ ପଡିଥାଏ, ଫଳରେ ଖାଲ ଢିପ ରାସ୍ତା ଜଣାପଡି ନ ଥାଏ। ସେହିପରି ଶୀଘ୍ର ଶୀଘ୍ର ଖାଇବସିଲେ ଖାଦ୍ୟର ପ୍ରକୃତ ସ୍ୱାଦ ଜାଣି ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# କରୋନା ମୁକାବିଲାରେ ଓଡ଼ିଶା ଏକ ମଡେଲ

- ଏକ ଲକ୍ଷ ଜନସଂଖ୍ୟାରେ ୯.୩ ଜଣ ଆକ୍ରାନ୍ତ
- ଜାତୀୟ ହାରଠାରୁ ମୃତ୍ୟୁହାର ମଧ୍ୟ କମ୍
- ୬୭ ପ୍ରତିଶତ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି

ଭୁବନେଶ୍ୱର, ୧୫।୬(ବ୍ୟୁରୋ)

କରୋନା ମୁକାବିଲାରେ ଓଡ଼ିଶା ଠିକ୍ ପଦକ୍ଷେପ ଗ୍ରହଣ କରୁଛି। ସବୁକ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଛି। ଯେଉଁଥିପାଇଁ ଭାରତବର୍ଷରେ ଓଡ଼ିଶା ଏକ ମଡେଲ ହୋଇପାରିଛି ବୋଲି ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି। ସୋମବାର ଗୀତଗୋବିନ୍ଦ ସଦନରେ ରାଜ୍ୟରେ କରୋନାର ସ୍ଥିତି ସମ୍ପର୍କରେ ସୂଚନା ଦେଇ କହିଲେ, ଓଡ଼ିଶା ଏହି କରୋନା ମହାମାରୀକୁ କିପରି ମୁକାବିଲା କରୁଛି ଭାରତ ସରକାରଙ୍କ ସମେତ ଅନ୍ୟ ରାଜ୍ୟ ସରକାର ମଧ୍ୟ ପଚାରି ବୁଝୁଛନ୍ତି। ଓଡ଼ିଶାରେ ସରପଞ୍ଚ, ଆଶା ଦିଦି, ଅଙ୍ଗନୱାଡ଼ି ଦିଦି, ଶିକ୍ଷକଙ୍କଠାରୁ ଆରମ୍ଭ କରି ଓଡ଼ିଶାର ସାଢ଼େ ୪କୋଟି ଲୋକ ହେଉଛନ୍ତି କରୋନା ଯୋଦ୍ଧା। ଏମାନେ ଗତ ସାଢ଼େ ତିନି ମାସରେ ଯେଉଁଭଳି ଭାବେ ଯୁଦ୍ଧ ଲଢ଼ିଛନ୍ତି, ତାହା ପୂରା ଦେଶକୁ ଶିଖେଇ ଦେଇଛି ବୋଲି ସେ କହିଛନ୍ତି।

ଏହି ଅବସରରେ ସେ ଦେଶ ତଥା ଅନ୍ୟ ରାଜ୍ୟ ସହ ଓଡ଼ିଶାର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ। ସେ କହିଲେ, ସାରା ଦେଶରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ି ଚାଲିଥିବାବେଳେ ଓଡ଼ିଶାରେ ମଧ୍ୟ ସମାନ ପରିସ୍ଥିତି ରହିଛି। ଓଡ଼ିଶାରେ ଆଗରୁ ଦିନକୁ ପ୍ରାୟତଃ ୨୦ଟି ପଜିଟିଭ୍ କେସ୍ ବାହାରୁଥିଲା। ଏବେ ୨୦୦ ଟପିଯାଉଛି। ଏହା ଚିନ୍ତାର ବିଷୟ ନିଶ୍ଚୟ। କିନ୍ତୁ ଦେଶ ତଥା ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ପଜିଟିଭ୍ ହାର କମ୍ ରହିଛି। ଅନ୍ୟ ରାଜ୍ୟ ସହିତ ତୁଳନା କରିବା ସହ ପ୍ରତି ଏକଲକ୍ଷ ଜନସଂଖ୍ୟାରେ କେତେ ଲୋକ ପଜିଟିଭ୍ ଆସୁଛନ୍ତି ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ ଶାଳିନୀ। ଭାରତ ବର୍ଷରେ ପ୍ରତି ଏକଲକ୍ଷ ଜନସଂଖ୍ୟାରେ ୨୫ଜଣଙ୍କ କରୋନା ପଜିଟିଭ୍ ବାହାରୁଛି। ଦିଲ୍ଲୀରେ ପ୍ରତି ଲକ୍ଷେ ଜନସଂଖ୍ୟାରେ ୨୦୫ଜଣଙ୍କର ପଜିଟିଭ୍ ବାହାରୁଥିବା ବେଳେ ମହାରାଷ୍ଟ୍ରରେ ୮୮ଜଣ କରୋନାରେ ଆକ୍ରାନ୍ତ ହେଉଛନ୍ତି। କିନ୍ତୁ ଓଡ଼ିଶାରେ ମାତ୍ର ୯.୩ଜଣ ଲୋକଙ୍କଠାରେ ପଜିଟିଭ୍ ବାହାରୁଛନ୍ତି। ସେହିଭଳି ଭାରତରେ ଏକ ଲକ୍ଷ ଜନସଂଖ୍ୟାରେ ୦.୭ ଜଣଙ୍କର ମୃତ୍ୟୁ ହେଉଥିବାବେଳେ ଦିଲ୍ଲୀରେ ୬.୬ ଲୋକଙ୍କର କରୋନାରେ ଜୀବନ ଯାଉଛି। କିନ୍ତୁ ଓଡ଼ିଶାରେ କରୋନା ଜନିତ ମୃତ୍ୟୁହାର ୦.୦୩ ରହିଛି। ଅନ୍ୟ ରାଜ୍ୟ ତଥା ଜାତୀୟ ହାରଠାରୁ ଏହା ଯଥେଷ୍ଟ କମ୍ ବୋଲି ସେ ସୂଚନା ଦେଇଛନ୍ତି।

ସେହିପରି କରୋନାରେ ସଂକ୍ରମିତ ହେବା ପରେ ସୁସ୍ଥ ରୋଗୀଙ୍କ ହାର ମଧ୍ୟ ଓଡ଼ିଶାରେ ଭଲ ରହିଛି। ଓଡ଼ିଶାରେ ପାଖାପାଖି ଦୁଇ ତୃତୀୟାଂଶ ଲୋକ ସୁସ୍ଥ ହୋଇଛନ୍ତି। ଭାରତରେ ୫୧ପ୍ରତିଶତ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଓଡ଼ିଶାରେ ୬୭ ପ୍ରତିଶତ ଭଲ ହୋଇଥିବା ଶାଳିନୀ କହିଛନ୍ତି।

## ୨ଲକ୍ଷ ଟପିଲା କରୋନା ପରୀକ୍ଷଣ

ଭୁବନେଶ୍ୱର, ୧୫।୬(ବ୍ୟୁରୋ)

- ଦୁଇ ସପ୍ତାହରେ ୫ହଜାର ନମୁନା ପରୀକ୍ଷଣ ହେଉଛି
- ଭାରତ ତୁଳନାରେ ଓଡ଼ିଶାର ହାର ଭଲ ରହିଛି

ଓଡ଼ିଶାରେ ଅଧିକରୁ ଅଧିକ କରୋନା ଟେଷ୍ଟିଂ କରାଯାଉଛି। ଇତିମଧ୍ୟରେ ରାଜ୍ୟରେ ନମୁନା ପରୀକ୍ଷଣ ୨ଲକ୍ଷ ଟପିଯାଇଛି। ପ୍ରଥମ ୫୦ହଜାର ନମୁନା ପରୀକ୍ଷଣ ପାଇଁ ୨ମାସ ଲାଗିଥିଲା। ପରବର୍ତ୍ତୀ ସମୟରେ ଏହି ପରିମାଣର ପରୀକ୍ଷଣ ପାଇଁ ଦୁଇ ସପ୍ତାହ ଲେଖାଏ ଲାଗିଲା। ଫଳରେ ରବିବାର ସୁଦ୍ଧା ମୋଟ ୨ଲକ୍ଷ ୨ହଜାର ୫୧୩ ଜଣଙ୍କର କରୋନା ପରୀକ୍ଷଣ ହୋଇସାରିଲାଣି ବୋଲି ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଫେବୃୟାରୀ ମାସରେ ପ୍ରଥମେ କରୋନା ପରୀକ୍ଷଣ ଆରମ୍ଭ ହୋଇଥିଲା। ମେ' ୬ରେ ଏହା ୫୦,୪୯୪ରେ ପହଞ୍ଚିଥିଲା। ମେ' ୧୮ରେ ୧ଲକ୍ଷ ୨୮୨କୁ ଛୁଇଁଥିଲା। ଏହାପରେ ସେହି ମାସ ୩୦ ତାରିଖରେ ୧ଲକ୍ଷ ୫୨ହଜାର ୧୧୧ ନମୁନା ପରୀକ୍ଷଣ ହୋଇଥିଲାବେଳେ ଜୁନ୍ ୧୪ରେ ଏହା ବୃଦ୍ଧି ପାଇ ୨ଲକ୍ଷ ୨ହଜାର ୫୧୩ରେ ପହଞ୍ଚିଛି। ତେବେ ରାଜ୍ୟରେ ଯେତେବେଳେ ପ୍ରଥମେ କରୋନା ନମୁନା ପରୀକ୍ଷଣ ଆରମ୍ଭ ହୋଇଥିଲା, ସେତେବେଳେ ମାତ୍ର ଗୋଟିଏ ଲାବରେଟୋରିରେ ଦିନକୁ ଦୁଇ ତିନୋଟି କରୋନା ଟେଷ୍ଟିଂ ହେଉଥିଲା। କିନ୍ତୁ ବର୍ତ୍ତମାନ ଆମର ୧୦ ଜିଲାର ୧୭ ସ୍ଥାନରେ ଲାବରେଟୋରି କାର୍ଯ୍ୟ କରୁଛି। ମାଲକାନଗିରି ଜିଲାର ମାଥିଲି ବ୍ଲକ୍‌ରେ ମଧ୍ୟ ଟେଷ୍ଟିଂର ସୁବିଧା କରାଯାଇଛି। ଆଗାମୀ ଦିନରେ ଆହୁରି କିଛି ଜିଲାରେ ମଧ୍ୟ ଟେଷ୍ଟିଂ ଆରମ୍ଭ କରାଯିବ। ଏଥିସହ ଭାରତ ତୁଳନାରେ ଓଡ଼ିଶାରେ କେତେ ମାତ୍ରାରେ ଟେଷ୍ଟିଂ ହେଉଛି ସେ ସମ୍ପର୍କରେ ଶାଳିନୀ ସୂଚନା ଦେଇଥିଲେ। ଦେଶରେ ପ୍ରତି ୧୦ଲକ୍ଷ ଜନସଂଖ୍ୟାରେ ୪,୩୦୫ଜଣ ଲୋକଙ୍କ କରୋନା ପରୀକ୍ଷା ହେଉଥିବା ବେଳେ ଓଡ଼ିଶାରେ ତାହା ୪,୬୩୪ ରହିଛି। ତେଣୁ ଜାତୀୟ ପରୀକ୍ଷଣ ହାର ତୁଳନାରେ ଓଡ଼ିଶାର ସ୍ଥିତି ଭଲ ରହିଛି ବୋଲି ଶାଳିନୀ କହିଛନ୍ତି। ସେହିଭଳି କେଉଁ ଲୋକଙ୍କ କରୋନା ପରୀକ୍ଷଣ ହେଉଛି ବା କାହାର କରାଯିବ ସେ ସମ୍ପର୍କରେ ସୂଚନା ଦେଇ ଶାଳିନୀ କହିଥିଲେ ଯେ, ଓଡ଼ିଶାରେ ଲକ୍ଷଣ ଥିବା ଏବଂ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କର ଟେଷ୍ଟିଂ ହେବ।

## ଗୁଣିଗାରେଡ଼ି ସନ୍ଦେହରେ ବାପଝିଅଙ୍କୁ ଆକ୍ରମଣ
# ଗଛରେ ବାନ୍ଧି ଗୋବରପାଣି ପିଆଇଲେ

ସଜନାଗଡ଼, ୧୫।୬(ଡି.ଏନ.ଏ.)

ଆଧୁନିକ ସମାଜରେ ବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ୍ୟ ଏବେବି ଲୋକଙ୍କ ମନରେ ଅନ୍ଧବିଶ୍ୱାସ ବସା ବାନ୍ଧି ରହିଛି। ଯାହାଫଳରେ ସମାଜରେ ବିଭିନ୍ନ ଅଭାବନୀୟ ଘଟଣା ଘଟୁଥିବା ନଜରକୁ ଆସୁଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ଏନଏସି ଅଧୀନ କାହାଲିଆର ପୋଖରୀସାହି ଗ୍ରାମରେ। ଗୁଣିଗାରେଡ଼ି ସନ୍ଦେହରେ ବାପଝିଅଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ସହ ଗଛରେ ବାନ୍ଧି ଗୋବରପାଣି ପିଆଇବା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ପୋଖରୀସାହି ଗ୍ରାମରେ ପର୍ଶୁରାମ ବାରିକ (୮୦) ଏବଂ ତାଙ୍କ ଝିଅ ପୁଷ୍ପାଞ୍ଜଳି ରୁହନ୍ତି। ସୋମବାର ମଧ୍ୟାହ୍ନରେ ସେମାନେ ଘରେ ଥିବା ବେଳେ ସେହି ଗ୍ରାମର ୮ଜଣ ମହିଳା ପୁରୁଷ ତାଙ୍କ ଘରେ ପଶିଥିଲେ। ଗୁଣିଗାରେଡି କରୁଥିବା କହି ସେମାନେ ପର୍ଶୁରାମଙ୍କୁ ପ୍ରଥମେ ଆକ୍ରମଣ କରିଥିଲେ। ପୁଷ୍ପାଞ୍ଜଳି ଏହାକୁ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଲୋକେ ବାପଝିଅଙ୍କୁ ମାରପିଟ୍ କରିବା ପରେ ଉଭୟଙ୍କୁ ଏକ ଗଛରେ ବାନ୍ଧି ପକାଇଥିଲେ। ସେମାନଙ୍କୁ ଗୋବରପାଣି ପିଆଇବାକୁ ଉଦ୍ୟମ କରି ଗ୍ରାମରେ ରଖାଇ ଦେବେ ନାହିଁ ବୋଲି ଧମକ୍ ଦେଇଥିଲେ। ଲୋକମାନେ ଚାଲିଯିବା ପରେ ପର୍ଶୁରାମ ଝିଅ ସହ ଆସି ନୀଳଗିରି ଥାନାକୁ ଆସି ୮ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୯୧/୨୦) ରୁଜୁ କରି ଜଣେ ମହିଳାଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

### ଚାଷଠୁ ଦୂରରେ...
ପ୍ରଥମ ପୃଷ୍ଠାରୁ...

କୀଟନାଶକ ଦରବୃଦ୍ଧି ଏବଂ ମଜୁରି ବୃଦ୍ଧି ଯୋଗୁ ଧାନ କୁଇଣ୍ଟାଲ ପିଛା ୩ ହଜାର ୫୦୦ ଟଙ୍କା ଖର୍ଚ୍ଚ ହେଉଛି। ସରକାର ୧୮୧୫ଟଙ୍କାରେ କିଣୁଛନ୍ତି। ଚଳିତବର୍ଷ ଆଉ ୫୩ ଟଙ୍କା ଅଧିକା ଦରରେ କିଣିବାକୁ ଘୋଷଣା କରିଛନ୍ତି। ଏହା ସତ୍ତ୍ୱେ କୁଇଣ୍ଟାଲ ପିଛା ଦେଢ ହଜାର ଟଙ୍କା କ୍ଷତି ହେଉଛି। ବାତ୍ୟା କିମ୍ବା ବନ୍ୟା ହେଲେ କ୍ଷତି ଆହୁରି ବଢ଼ିଯାଉଛି। ତେଣୁ ଘର ଖର୍ଚ୍ଚ ପାଇଁ ଧାନ ଚାଷ କରି ଅନ୍ୟ ଜମି ପଡ଼ିଆ ପକାଇବାକୁ ବାଧ ହେଉଛୁ ବୋଲି କହିଛନ୍ତି।
ରାଜ୍ୟ ସରକାର ଚାଷୀଙ୍କୁ ସହାୟତା କରିବା ପାଇଁ ଫସଲବୀମା ସହିତ ଆଧୁନିକ ପ୍ରଣାଳୀରେ ଚାଷ କରିବାକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିସହିତ ସାର, ବିହନ, କୃଷି ଯନ୍ତ୍ରପାତି ରିହାତି ମୂଲ୍ୟରେ ଯୋଗାଇବା ସହ ଜଳସେଚନ ପାଇଁ ବ୍ୟବସ୍ଥା କରୁଛନ୍ତି। ଜମିର ଉର୍ବରତା ବଢାଇବା ପାଇଁ ରାଜ୍ୟ ସରକାର ଚଳିତବର୍ଷ କୃଷି ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟରେ ୬୫,୨୫୦ ଏକର ଜମିରେ ଜୈବିକ ପଦ୍ଧତିରେ ଚାଷ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ୧୮ଟି ଜିଲାରେ ଏହି ଚାଷ ହେବ। ଏଥିରେ ୨୦,୪୭୬ ଜଣ କୃଷକଙ୍କୁ ସାମିଲ କରାଯିବ ବୋଲି କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଜୈବିକ ଚାଷକୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ରାଜ୍ୟ ସରକାର ଓଡିଶା ଜୈବ କୃଷିନୀତି-୨୦୧୮ ପ୍ରଣୟନ କରିଛନ୍ତି। ଏଥିସହିତ କେନ୍ଦ୍ର ସହଭାଗିତାରେ ପରମ୍ପରାଗତ କୃଷି ବିକାଶ ଯୋଜନା ୨୦୧୭-୧୮ରୁ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। କୃଷି ବିଶେଷଜ୍ଞ ତଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ, ପଞ୍ଜାବ ଓ ହରିୟାଣାରେ ଅତ୍ୟଧିକ ସାର ପ୍ରୟୋଗ ଯୋଗୁ ମାଟିର ଉର୍ବରତା ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି। ଓଡ଼ିଶାରେ ମଧ୍ୟ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। ତୁରନ୍ତ ଏ ଦିଗରେ ସରକାର ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବା ସହ ଚାଷୀମାନେ ସଚେତନ ହେବା ଦରକାର।

### ୪ହଜାର ଟପିଲା...

ରୋଗୀ। କଟକରୁ ସର୍ବାଧିକ ୨୬ଜଣ ସୁସ୍ଥ ହୋଇଥିବାବେଳେ ଖୋର୍ଦ୍ଧାରୁ ୨୩, ଗଞ୍ଜାମରୁ ୧୮, ମୟୂରଭଞ୍ଜରୁ ୧୩, ଗଜପତିରୁ ୧୨, ଭଦ୍ରକ ଓ ବଲାଙ୍ଗୀରରୁ ୧୧ଜଣ ଲେଖାଏ ରହିଛନ୍ତି। ସେହିପରି କନ୍ଧମାଳ, କୋରାପୁଟ ଓ ରାୟଗଡ଼ାରୁ ୫ଜଣ ଲେଖାଏ ଥିବାବେଳେ କଳାହାଣ୍ଡିରୁ ୪, ଯାଜପୁର ଓ ନୟାଗଡ଼ରୁ ୩ଜଣ ଲେଖାଏ, ଢେଙ୍କାନାଳ, ନୂଆପଡ଼ା ଓ ପୁରୀରୁ ୨ଜଣ ଲେଖାଏ ଜଗତ୍‌ସିଂହପୁରରୁ ଜଣେ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ୨୮୫୪ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ୧୧୮୭ଜଣ ସକ୍ରିୟ ରହି ବିଭିନ୍ନ କୋଭିଡ୍-୧୯ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ସାହସିକ ପଦକ୍ଷେପ ନେଇ କାର୍ଯ୍ୟସାଧନ କରିବେ। ଆଶାତୀତ ଭାବରେ ସ୍ୱାସ୍ଥ୍ୟରେ ଉନ୍ନତି ସଙ୍ଗକୁ ବନ୍ଧୁମିଳନରୁ ଖୁସୀ ରହିବେ। କିନ୍ତୁ ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତିରେ, ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବୃଷ** – ପ୍ରତ୍ୟେକ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିକରିବେ। ଦ୍ୱନ୍ଦ୍ୱରେ ପଡି ପ୍ରତ୍ୟେକ ବ୍ୟକ୍ତି ମନ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ପୂର୍ବ ସ୍ଥିରୀକୃତ ଯୋଜନା ଅନୁଯାୟୀ ବନ୍ଧୁଦ୍ୱାରକୁ ଗମନ କରିବେ। ଶତ୍ରୁତା କରୁଥିବା ଲୋକମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହି ବିଭ୍ରାନ୍ତ କରିପାରନ୍ତି।

**ମିଥୁନ** – ବାଣୀକାରକ ବୁଧଙ୍କ ପ୍ରଭାବରୁ ଶାରୀରିକ ସୁସ୍ଥତା ସହ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବୃହସ୍ପତିଙ୍କ ଦୋଷରୁ ସାମାଜିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପ୍ରଶାସନିକ, ପରିବହନ, ବ୍ୟବସାୟ, ନିର୍ମାଣ, ଆଲୋଚନା କ୍ଷେତ୍ରରେ ସଫଳତା ମିଳିବ।

**କର୍କଟ** – କର୍ମସ୍ଥ ଚନ୍ଦ୍ର ଯୋଗୁ ଉନ୍ନତ ଚିନ୍ତାଧାରା ସହିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଯୋଗସୂତ୍ର ସ୍ଥାପନ କରିବେ। କିନ୍ତୁ ଈର୍ଷାପରାୟଣ ଶତ୍ରୁମାନଙ୍କର ସମସ୍ୟା ସୃଷ୍ଟି ସାମୟିକ ମନକୁ ଭାରାକ୍ରାନ୍ତ କରିବ। ଅଫିସରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବାରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ପରିବାରରେ ସମସ୍ୟା ସମାଧାନ ଦିଗରେ ଚେଷ୍ଟା କଲେ ସଫଳତା ମିଳିବ।

**ସିଂହ** – ରାହୁ ଯୁକ୍ତ ରବିଙ୍କ ଯୋଗୁ ପାରିପାର୍ଶ୍ୱିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ସୃଷ୍ଟିହେବ। ବହୁପୂର୍ବରୁ କେତେକ ସମସ୍ୟା ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ବିଭିନ୍ନ ଯୋଜନା କରିବାର ଚେଷ୍ଟା କରି କେତେକାଂଶରେ ସଫଳ ହେବେ।

**କନ୍ୟା** – ଆର୍ଥିକ ଦିଗ ପାଇଁ ପଥ ପରିଷ୍କାର କରିବେ। ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ସମସ୍ୟା ରହିଥିଲେ ମଧ୍ୟ ବୁଝିବିଚାରି କାମ କରିବା ସଙ୍ଗକୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ। ସାଧାରଣ କଥାକୁ ଗୁରୁତର ସହ ବିଚାର କରି କିମ୍ବା ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ କେହି ଈର୍ଷା କରିପାରନ୍ତି।

**ତୁଳା** – ବୃହସ୍ପତି ସହ ଶନିଙ୍କ ସ୍ଥିତି କାରଣରୁ ନିଜର ଲୋକମାନଙ୍କ ବିରୁଦ୍ଧାଚରଣ ପରିବେଶକୁ ସରଗରମ କରିବ। ବ୍ୟବସାୟିକ, ସାମାଜିକ, ଅଭିବୃଦ୍ଧି କ୍ରମଶଃ ବୃଦ୍ଧି ପାଇବାରୁ ସାମୟିକ ଖୁସୀ ରହିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ।

**ବିଛା** – ଶନି କ୍ଷେତ୍ରସ୍ଥ ମଙ୍ଗଳ ଯୋଗୁ ବିଶେଷ ଅସୁବିଧା ନ ଥିଲେ ମଧ୍ୟ ମନରେ ଉତ୍ସାହ ରହିବ ନାହିଁ। କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ସହକର୍ମୀମାନେ କୌଣସି ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି ଅସୁବିଧା ହେବନି। ଚେଷ୍ଟା କରୁଥିବା କାର୍ଯ୍ୟ,ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** – ରାଶ୍ୟାଧିପ ଶନି କ୍ଷେତ୍ରସ୍ଥ ଯୋଗୁ ଆଜି ଅଯଥା ଅତୀତ କଥା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ସ୍ୱାସ୍ଥ୍ୟ ସମସ୍ୟା, ଅସଜଡା ପାରିବାରିକ ପରିସ୍ଥିତି ସହ କର୍ମକ୍ଷେତ୍ରରେ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ଜମିଜମା କାରବାର, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ।

**ମକର** – ପ୍ରତୀକ୍ଷିତ ଖବର ପାଇବା ସଙ୍ଗକୁ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ପାରିବାରିକ ଦୃଷ୍ଟିକୋଣରୁ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କୁମ୍ଭ** – ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଲକ୍ଷ୍ୟ ହାସଲ କରିବେ। ଗତକାଲିର ଯୋଜନା ମୁତାବକ ଆବଶ୍ୟକୀୟ ସୁବିଧା ସୁଯୋଗ ଆପଣାଛାଏଁ ଜୁଟିଯିବ। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପାରନ୍ତି। ବ୍ୟବସାୟରେ ସଫଳତା ହାସଲ କରିବେ ଓ ସୁବିଧାରେ କାମ ହାସଲ କରିବେ।

**ମୀନ** – କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସାହାଯ୍ୟ, ସହଯୋଗ ଆଶାକରି ନିରାଶ ହେବେ। ଗବେଷଣା, ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ କ୍ଷେତ୍ରରେ ଧୀରେ ଧୀରେ ସମସ୍ୟା ସମାଧାନ ଦିଗକୁ ମୁହାଁଇବ। ଏକ ଛୋଟ ଘଟଣା ଧୀରେ ଧୀରେ ଭିନ୍ନ ଆକାର ଧାରଣ କରିବାର ଆଶଙ୍କା ରହିଛି।

ଆଜି ଶେଷ ରଜ ଓ ଭୂଦାହ, ଆଷାଢ଼ କୃଷ୍ଣ ଏକାଦଶୀ ମଙ୍ଗଳବାର, ଜୁନ୍ ୧୬ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫.୧୧ମି. ଗତେ ଘ.୦୭.୪୯ମି. ମଧ୍ୟେ, ଘ.୦୯.୩୫ମି. ଗତେ ଘ.୧୨.୧୪ମି. ମଧ୍ୟେ, ଘ.୦୩.୪୫ମି. ଗତେ ଘ.୦୪.୩୮ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୩ମି. ଗତେ ଘ.୦୭.୦୬ମି. ମଧ୍ୟେ, ଘ.୧୨.୦୯ମି. ଗତେ ଘ.୦୨.୧୮ମି. ମଧ୍ୟେ ଅମୃତ ବେଳା। ଅପରାହ୍ଣ ଘ.୦୨.୫୨ମି. ଗତେ ଘ.୦୩.୪୪ମି. ମଧ୍ୟେ, ଘ.୦୪.୩୭ମି. ଗତେ ଘ.୦୫.୩୦ମି. ମଧ୍ୟେ, ଘ.୦୮.୩୨ମି. ଗତେ ଘ.୦୯.୫୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୩.୦୫ମି. ଗତେ ଘ.୦୪.୪୪ମି. ମଧ୍ୟେ ରାହୁକାଳ।

**classifieds Everyday**
0674-2580101, 2549302




**SALE**

URGENT SALE: DLF Cybercity, Patia. Commercial Property 1.3CR. Call/Whatsapp: 7008560412. D-17485

Cuttack near OMP Square 4800 Sq.ft. Mini Apartment with 6 Nos. of Flat inbuilt (4 Nos. of 3 BHK Flat & 2 Nos. of 2 BHK Flat). Entire property for sale. Asking Price 1.5 Crore. Whatsapp - 9938219434. D-17471

Bhubaneswar ଏୟାରପୋର୍ଟରୁ 7km ଦୂରରେ ଘରକରିବା ପ୍ଲଟ୍ 14,00,000/, investment plot 2,88,000/-, Prianka. 8249680401. D-69119

ଭୁବନେଶ୍ୱର, ରଙ୍ଗବଜାର, BJEM School ନିକଟରେ ଅଗ୍ରିମ boundary wall ଘରବାରି ପଟ୍ଟା plot ଦିଆଯାଉଛି। 7008045582, 9692003948. D-17455

Gharabari Sthitiban Plot available at Hanspal (Balianta). Call- 9937816565, 9937568585. D-17456




1200sqft. Office space available for rent at Goutam Nagar, Bhubaneswar- 9337117523. D-67554

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Leo Packers & Movers India's No.1 Packers, since -1975 Households, Car, Office, Shifting, Local /Countrywide, 9438133699, 9439339938. D-17473




Full body herbal massage with refreshment expert therapist. 7381239385, 06742540855. D-69285

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

Experience full body massage with us (expert). Call: 7377048581, 06742597822. D-69284

Newly open full body massage SPA in Bhubaneswar. Contact: 7205058838. D-69283

Ayurvedic full body massage Ladies and Gents. Contact- 9861064981. D-69513

Rejuvenate and Ayurvedic full body massage by smart therapist. 9114402304. D-69282

Experience winter therapeutic Abhyanga Massage feeling refreshing energetic : Appointment- 9668374480. D-69256

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69280

Herbal full body massage by smart / expert therapist. Contact: 8338067247. D-69281

# 'ଓଡ଼ିଶୀ ସଙ୍ଗୀତ'କୁ କେବେ ମିଳିବ ଶାସ୍ତ୍ରୀୟ ମାନ୍ୟତା

ଭୁବନେଶ୍ୱର,୧୫।୬(ବ୍ୟୁରୋ)

- ବ୍ରିଟିଶ ଶାସନ ସମୟରୁ ଅବହେଳିତ
- ମାନ୍ୟତା ପାଇଁ ୬ବର୍ଷ ତଳୁ ହୋଇଛି ପ୍ରକ୍ରିୟା
- କେନ୍ଦ୍ରକୁ ଦିଆଯାଇପାରୁନି ପ୍ରାଚୀନତାର ଦୃଢ଼ ପ୍ରମାଣ

ଜୁନ୍ ୭ ଓଡିଶା ଓ ଓଡ଼ିଆଙ୍କ ପାଇଁ ଥିଲା ଏକ ଐତିହାସିକ ଦିବସ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅମର ରଚନା 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତର ମାନ୍ୟତା ମିଳିବାପରେ ପ୍ରତି ଓଡ଼ିଆଙ୍କ ମନରେ ଖୁସି ଓ ଆନନ୍ଦର ଲହରୀ ଖେଳିଯାଇଥିଲା। ଦୀର୍ଘ ଦଶନ୍ଧିର ଦାବି ଓ ସଂଘର୍ଷ ପରେ ଓଡ଼ିଶା ଏକ ପ୍ରାଦେଶିକ ସଙ୍ଗୀତ ପାଇଥିବାବେଳେ ରାଜ୍ୟ ଇତିହାସରେ ନୂଆ ଫର୍ଦ୍ଦ ଯୋଡି ହୋଇଯାଇଥିଲା। ହେଲେ ଓଡ଼ିଶାର ବହୁ ପ୍ରାଚୀନ ଓଡ଼ିଶୀ ସଙ୍ଗୀତ କିନ୍ତୁ ଆଜିପର୍ଯ୍ୟନ୍ତ ନିଜର ହକ୍ ପାଇପାରି ନାହିଁ। ହିନ୍ଦୁସ୍ତାନୀ ଓ କର୍ନାଟକୀ ସଙ୍ଗୀତଠାରୁ ଅଧିକ ରୁଦ୍ଧିମନ୍ତ ହୋଇଥିଲେ ମଧ୍ୟ ଓଡିଶୀ ସଙ୍ଗୀତ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ପାଇବାରୁ ବଞ୍ଚିତ ରହିଛି। ଏହା କେବଳ ରାଜ୍ୟବାସୀଙ୍କୁ ବ୍ୟଥିତ କରିନି, କଳା, ସଂସ୍କୃତି ସହ ଜଡ଼ିତ ବିଶେଷଜ୍ଞ ଓ ବରିଷ୍ଠ ସଙ୍ଗୀତକାରଙ୍କୁ ନିରାଶ କରିଛି।

ଦେଶର ପ୍ରମୁଖ ସଙ୍ଗୀତଗୁଡିକ ମଧ୍ୟରୁ ଓଡ଼ିଶୀ ଅନ୍ୟତମ ହୋଇଥିବାବେଳେ ସ୍ୱତନ୍ତ୍ର ରାଗ, ତାଳ ସାଙ୍ଗକୁ ଗାୟନ ଶୈଳୀ ଏହାକୁ ଅନ୍ୟ ସଙ୍ଗୀତଠାରୁ ଭିନ୍ନ କରିଥାଏ। ପାରମ୍ପରିକ ଓଡ଼ିଶୀ ସଙ୍ଗୀତର ଇତିହାସ ୨୫୦୦ବର୍ଷ ତଳର। ଏହା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ମଧ୍ୟ ବ୍ରିଟିଶ ଶାସନ କାଳରେ ହୋଇଥିବା ଭୁଲ୍ ଓ ଅବହେଳା ଯୋଗୁ ଓଡ଼ିଶୀକୁ ଏପର୍ଯ୍ୟନ୍ତ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ମିଳିପାରିନାହିଁ। ଆବଶ୍ୟକ ଗବେଷଣା ହୋଇନାହିଁ କି ପୁନରୁଦ୍ଧାର ଓ ପ୍ରଚାର ପ୍ରସାର ଦିଗରେ ମଧ୍ୟ ସେପରି ପଦକ୍ଷେପ ନିଆଯାଇନାହିଁ। ତେବେ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଦେଶ ସ୍ୱାଧୀନ ହେବାର ଏତେବର୍ଷ ବିତିଯାଇଥିବା ବେଳେ ଏବେ ବି ଓଡ଼ିଶୀ ସଙ୍ଗୀତ ସେହି ଅବହେଳାର ଶିକାର ହେଉଛି।

ଓଡ଼ିଶୀ ସଙ୍ଗୀତର ପ୍ରାଚୀନତାର ପ୍ରମାଣ ନେଇ ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଅସୁବିଧା ନାହିଁ ବୋଲି ଗବେଷକମାନେ ବିଭିନ୍ନ ସମୟରେ ମତଦେଇଥିଲେ ମଧ୍ୟ ଏହି ପ୍ରମାଣପତ୍ରକୁ ଏକାଠି କରିବାରେ ବାରମ୍ବାର ବିଫଳ ହେଉଛନ୍ତି ରାଜ୍ୟ ସରକାର। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାକୁ ୨୦୧୪ରୁ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ କେତେବେଳେ କେନ୍ଦ୍ର ତ ପୁଣି କେତେବେଳେ ରାଜ୍ୟ ସରକାରଙ୍କ ନାଲିଫିତା ତଳେ ଏହାର ଫାଇଲ ଚାପିହୋଇ ରହିଯାଇଛି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଗତ ୬ ବର୍ଷ ମଧ୍ୟରେ ୩ଟି ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରାଯାଇ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ପଠାଯାଇଛି। ହେଲେ ମନ୍ତ୍ରଣାଳୟ ପକ୍ଷରୁ କୌଣସି ଉତ୍ତର ମିଳୁନାହିଁ। ୪ର୍ଥ ଥର ପାଇଁ ଆଉଏକ ରିପୋର୍ଟ ପ୍ରସ୍ତୁତ କରି ପଠାଇବାକୁ ଯୋଜନା ହୋଇଥିଲା। ଲକ୍‌ଡାଉନ୍ ଯୋଗୁ ତାହା ଏବେ ଅଟକି ରହିଥିବା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ କହିଛନ୍ତି।

### ଅଧିକ ପରିବେଷଣ ହେଲେ ମାନ୍ୟତା ମିଳିବା ସହଜ ହେବ



ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଲକ୍ଷ୍ୟରେ ଗତ କିଛିଦିନ ହେଲା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ଆସର କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ହେଲେ ଯେପର୍ଯ୍ୟନ୍ତ ରାଜ୍ୟବାସୀ ଓଡ଼ିଶୀ ସଙ୍ଗୀତକୁ ନେଇ ସଚେତନ ନୁହନ୍ତି ଏବଂ ନିଜ ପିଲାଙ୍କୁ ଓଡ଼ିଶୀ ସଙ୍ଗୀତ ଶିଖାଇନାହାନ୍ତି ସେପର୍ଯ୍ୟନ୍ତ ଓଡ଼ିଶୀକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା କଷ୍ଟକର। ଆମ ସଙ୍ଗୀତ ଯେତେ ଅଧିକ ପରିବେଷଣ ହେବ ଶାସ୍ତ୍ରୀୟ ମାନ୍ୟତା ମିଳିବା ସହଜ ହେବ ବୋଲି ଡ. ଗୋସାଇଁ କହିଛନ୍ତି।

**– ଡ. ସଙ୍ଗୀତା ଗୋସାଇଁ, ମୁଖ୍ୟ କାର୍ଯ୍ୟନିର୍ବାହୀ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର**

ଠିକ୍ ରିପୋର୍ଟ ପଠାଯାଇପାରୁ ନ ଥିବାରୁ କେନ୍ଦ୍ର ତାହାକୁ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଓଡିଶୀ ସଙ୍ଗୀତର ପୁରାତନ ଦସ୍ତାବିଜ୍ ସହ ଓଡିଶୀ ସଙ୍ଗୀତର କ୍ରମବିକାଶ, ଇତିହାସ ଓ ପରମ୍ପରା, ରାଗ, ରାଗିଣୀ, ଜାଗା ଆଖଡା ସଙ୍ଗୀତ, ପଶ୍ଚିମ ଓ ଦକ୍ଷିଣ ଓଡିଶା ସଙ୍ଗୀତର କ୍ରମ ବିକାଶ, ଆନୁଷଙ୍ଗିକ କଳାରେ ଓଡିଶୀ ସଙ୍ଗୀତ, ଶ୍ରୀକ୍ଷେତ୍ର ସଙ୍ଗୀତ, ଓଡିଶୀ ସଙ୍ଗୀତରେ ତାଳବାଦ୍ୟର ବ୍ୟବହାର, ଗାୟନ ଶୈଳୀର ବୈଶିଷ୍ଟ୍ୟ ଆଦି ଉପରେ ଯଦି ଠିକ୍ ତଥ୍ୟ ଓ ଦସ୍ତାବିଜ୍ ଦାଖଲ କରାଯାଏ ତା'ହେଲେ ଓଡ଼ିଶୀକୁ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ମିଳିବାରେ ବିଳମ୍ବ ହେବନାହିଁ ବୋଲି ବରିଷ୍ଠ ସଙ୍ଗୀତଜ୍ଞମାନେ କହିଛନ୍ତି।

## ସଂକ୍ଷେପରେ

### ନନ୍ଦନକାନନରେ କଳାବାଘ ବୁଲିବା ପ୍ରଚାର ଗୁଜବ

ବାରଙ୍ଗ,୧୫।୬(ଡି.ଏନ୍.ଏ.)- କରୋନା ଲାଗି ପ୍ରାଣୀ ଉଦ୍ୟାନ ନନ୍ଦନକାନନ ବନ୍ଦ ରହିଛି। ଶୁନଶାନ ହୋଇଯାଇଛି ନନ୍ଦନକାନନ ରାସ୍ତା। ନା ଆସୁଛନ୍ତି ପର୍ଯ୍ୟଟକ ନା ଶୁଭୁଛି ସେମାନଙ୍କ ଗହଳି। ଏହି ନିସ୍ତବ୍ଧ ମଧ୍ୟରେ ସୋମବାର ନନ୍ଦନକାନନ ପୁଣି ଚର୍ଚ୍ଚାକୁ ଆସିଛି। ସକାଳେ ୯ନଂ ଫାଟକ ପାଖରେ ଏକ କଳାବାଘ ବୁଲୁଥିବାର ପ୍ରଚାର ହୋଇଥିଲା। ଯାହାକୁ ନେଇ ବ୍ୟଥିତ ହୋଇପଡ଼ିଥିଲେ ନନ୍ଦନକାନନ କର୍ତ୍ତୃପକ୍ଷ। ପରେ ପରିସର ବାଘ ଏନକ୍ଲୋଜରଗୁଡିକ ସହ ୯ନଂ. ଫାଟକ ପାଖକୁ ଯାଇ ତର୍ଜମା କରିବାପରେ ଏହା ଗୁଜବ ବୋଲି ଜଣାପଡ଼ିଥିଲା। ସୂଚନାଯୋଗ୍ୟ, ସୋମବାର ସକାଳେ ପରିମଳ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀ ୯ନଂ. ଫାଟକ ପାଖରେ ରାସ୍ତା ସଫା କରୁଥିବାବେଳେ ଏକ କଳାରଙ୍ଗର ବାଘ ଭଳି ଏକ ପଶୁ ବୁଲୁଥିବାର ଦେଖିବାକୁ ପାଇଥିଲେ। ଏ ବିଷୟରେ ସେ କାର୍ଯ୍ୟାଳୟକୁ ଆସି ଜଣାଇବାପରେ ସମସ୍ତଙ୍କ ଚିନ୍ତା ବଢ଼ିଥିଲା। ଖବରପାଇ ଜନ୍ତୁ ବିଭାଗର ପଦାଧିକାରୀମାନେ କେତେଜଣ କର୍ମଚାରୀଙ୍କୁ ସାଙ୍ଗରେ ଧରି ପ୍ରଥମେ ବାଘ ଏନକ୍ଲୋଜରଗୁଡିକୁ ତନ୍ନତନ୍ନ କରି ଅନୁଧ୍ୟାନ କରିବାପରେ ସମସ୍ତ ବାଘ ଆବଦ୍ଧ ଥିବାର ଜାଣିବାକୁ ପାଇଥିଲେ। ତେବେ ଗତ ୨୦୧୩ ମସିହାରେ ସୁଦୂର ସାତକୋଶିଆରୁ ଏକ ଜଙ୍ଗଲୀ ବାଘ ନନ୍ଦନକାନନକୁ ଚାଲିଆସିଥିବାର ନଜିର ରହିଥିବାବେଳେ ଏହି ଗୁଜବ କେତେଦୂର ଠିକ ତାହା ସମୟ ହିଁ କହିବ ବୋଲି ଅନୁମାନ କରାଯାଉଛି। ଏହା ଏକ ଗୁଜବ ,ଏଥିରେ ସତ୍ୟତା ନାହିଁ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

### କଟକଣା ଉଲ୍ଲଂଘନ, ୬ ଦୋକାନ ସିଲ୍

**କଟକ ଅଫିସ,୧୫।୬:** କରୋନାଜନିତ ଲାଗୁ ହୋଇଥିବା କଟକଣା ଉଲ୍ଲଂଘନ ଅଭିଯୋଗରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସୋମବାର ୬ଟି ଦୋକାନକୁ ସିଲ୍ କରାଯାଇଛି। ଏଥିରେ ସିଡିଏ ଅଞ୍ଚଳରେ ଥିବା ବୈଦ୍ୟୁତିକ ଉପକରଣ ସହ ବାଦାମବାଡ଼ି ଭରତିଆ ଟାୱାରରେ ଗୋଟିଏ ମୋବାଇଲ୍ ଦୋକାନ, ରାଣୀହାଟର ଲୁଗା ଦୋକାନ, ଦେଉଳସାହିର ଲୁଗା ଦୋକାନ ଏବଂ ମିଠା ଦୋକାନ ସିଲ୍ ହୋଇଛି। ଶନିବାର ଏବଂ ରବିବାର ଦୁଇ ଦିନ ଶଟ୍‌ଡାଉନ୍ ଯୋଗୁ ଦୋକାନ ବନ୍ଦ ରହିଥିଲା। ସୋମବାର ଦୋକାନ ଖୋଲିବା ପରେ ପ୍ରବଳ ଭିଡ଼ ଜମିଥିଲା। ସାମାଜିକ ଦୂରତା ଉଲ୍ଲଂଘନ ସହ କେହି ମାସ୍କ ପିନ୍ଧି ନ ଥିଲେ। ସେଥିପାଇଁ ଦୋକାନଗୁଡ଼ିକୁ ୧୫ ଦିନ ପାଇଁ ସିଲ୍ କରିଦିଆଯାଇଥିବା ଡେପୁଟି କମିଶନର ଅବିନାଶ ରାଉତ ପ୍ରକାଶ କରିଛନ୍ତି।

### ଅମାନିଆ ବ୍ୟବସାୟୀ, ମାର୍କେଟ ବିଲ୍ଡିଂର ୪୦ ଦୋକାନ ବନ୍ଦ

ଭୁବନେଶ୍ୱର,୧୫।୬(ବ୍ୟୁରୋ)

ପୁଣିଥରେ ସାମାଜିକ ଦୂରତା ନିୟମ ଭାଙ୍ଗିଛନ୍ତି ୟୁନିଟ-୨ ମାର୍କେଟ୍ ବିଲ୍ଡିଂ ବ୍ୟବସାୟୀ। କରୋନା ସଂକ୍ରମଣ ରୋକିବାକୁ ସରକାର କାର୍ଯ୍ୟାନୁଷ୍ଠାନ ନେଉଥିଲେ ମଧ୍ୟ ରାଜଧାନୀର ଅଧିକାଂଶ ଦୋକାନୀ ଶୁଣୁନାହାନ୍ତି। ରଜ କିଣାବିକା ପାଇଁ ଭିଡ଼ ଯୋଗୁ ଶୁକ୍ରବାରଦିନ ମାର୍କେଟ୍ ବିଲ୍ଡିଂକୁ ବନ୍ଦ କରାଯାଇଥିଲା। ହେଲେ ସୋମବାର ପୁଣିଥରେ ସମାନ ପରିସ୍ଥିତି ଉପୁଜିଥିଲା। ସକାଳୁ ୟୁନିଟ୍-୨ର ଦୋକାନଗୁଡ଼ିକ ଖୋଲିବାପରେ ଲୋକଗହଳି ଦେଖିବାକୁ ମିଳିଥିଲା। କେତେଜଣ ବ୍ୟବସାୟୀ ଗ୍ରାହକଙ୍କୁ ସାମାଜିକ ଦୂରତା ରକ୍ଷାକରି କିଣାକିଣି କରିବାକୁ କହିଥିବାବେଳେ ମାସ୍କ ପିନ୍ଧିଥିବା ଗ୍ରାହକ ଦୋକାନ ମଧ୍ୟକୁ ଯାଇପାରିବେ ବୋଲି ନିୟମ କରିଥିଲେ। ହେଲେ ଅଧିକାଂଶ ବ୍ୟବସାୟୀ ସାମାଜିକ ଦୂରତା ନିୟମକୁ ଫୁ କରି ବେପାର କରିଥିଲେ। ଖବର ପାଇ ବିଏମ୍‌ସି ଓ ବିଡିଏର ମିଳିତ ଉଚ୍ଛେଦକାରୀ ଟିମ୍ ସେଠାରେ ପହଞ୍ଚି ନିୟମ ମାନୁ ନ ଥିବା ଛୋଟବଡ଼ ପ୍ରାୟ ୪୦ ଦୋକାନ ବନ୍ଦ କରିଥିଲେ। କମିଶନରେଟ୍ ପୋଲିସ ସହଯୋଗରେ ଏହି ବନ୍ଦ କାର୍ଯ୍ୟ କରାଯାଇଥିଲା।

# ଇଣ୍ଡିଆନ ଗ୍ୟାସ୍ ଏକ୍ସଚେଞ୍ଜର ଶୁଭାରମ୍ଭ

ନୂଆଦିଲ୍ଲୀ,୧୫।୬

ନୂଆଦିଲ୍ଲୀଠାରେ ସୋମବାର ଭିଡିଓ କନ୍‌ଫରେନ୍ସ ଜରିଆରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇଣ୍ଡିଆନ ଗ୍ୟାସ୍ ଏକ୍ସଚେଞ୍ଜ (ଆଇଜିଏକ୍ସ)ର ଶୁଭାରମ୍ଭ କରିଛନ୍ତି। ଏହା ଦେଶର ପ୍ରଥମ ଅନ୍‌ଲାଇନ ଡେଲିଭରି ଭିତ୍ତିକ ଗ୍ୟାସ୍ ଟ୍ରେଡିଂ ପ୍ଲାଟ୍‌ଫର୍ମ। ଏହି ଅବସରରେ ଟ୍ରେଡିଂକୁ ଶୁଭାରମ୍ଭ କରାଯାଇଛି। ପ୍ରାକୃତିକ ବାଷ୍ପ ଡେଲିଭରି କ୍ଷେତ୍ରରେ ଏହା କାର୍ଯ୍ୟ କରିବ। ଏହି ପ୍ଲାଟ୍‌ଫର୍ମଟି ସମ୍ପୂର୍ଣ୍ଣ ଅଟୋମେଟିକ ଏବଂ ୱେବ୍‌ଭିତ୍ତିକ ଇଣ୍ଟରଫେସ୍ ସହ ଆସିଛି। ଗ୍ରାହକଙ୍କୁ ନିରନ୍ତର ଟ୍ରେଡିଂ ଅଭିଜ୍ଞତା ପ୍ରଦାନ ଦିଗରେ ଏହା ସହାୟକ ହେବ ବୋଲି କୁହାଯାଇଛି। ଏଭଳି ପଦକ୍ଷେପ ଦେଶର ଶକ୍ତି ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡିଛି ବୋଲି ପ୍ରଧାନ କହିଛନ୍ତି। ଏହା ସାରା ଦେଶରେ ଫ୍ରି




ମାର୍କେଟ ପ୍ରାଇସିଂ ଦିଗରେ ଏକ ପ୍ରମୁଖ ଯୋଗଦାନ ରଖିପାରିବ। ଏହାଦ୍ୱାରା ଭାରତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡିକ ଗ୍ରହଣ କରିଥିବା ପଦକ୍ଷେପ ସହ ନିଜକୁ ଯୋଡିପାରିଛି। ଗ୍ୟାସ୍ ଆଧାରିତ ଅର୍ଥନୀତି ଦିଗରେ ଏହି ପ୍ଲାଟ୍‌ଫର୍ମ କାର୍ଯ୍ୟ କରିବ। ଏଥିସହ ଭାରତକୁ ଆତ୍ମନିର୍ଭର କରିବା ଦିଗରେ ଏହା ବଡ ପଦକ୍ଷେପ। ସେହିଭଳି ଗ୍ୟାସ୍ ପରିବହନ ଲାଗି ଶୀଘ୍ର ଏକ ନୂତନ ପ୍ରୋ ବିଜ୍‌ନେସ ନୀତି ଘୋଷଣା କରାଯିବ ବୋଲି ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଗ୍ୟାସ୍ ଭିତ୍ତିଭୂମି ଦିଗରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ ଉପରେ ସେ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି।

### ମାସ୍କ, ପିପିଇ କିଣା ନେଇ ଶ୍ୱେତପତ୍ର ଦିଅନ୍ତୁ ରାଜ୍ୟ ସରକାର

ଭୁବନେଶ୍ୱର,୧୫।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୋମବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଚିଠି ଲେଖି ଅନୁରୋଧ କରିଛନ୍ତି ଯେ, ରାଜ୍ୟ ସରକାର ମାସ୍କ, ପିପିଇ, ଅନ୍ୟାନ୍ୟ କୋଭିଡ-୧୯ ସଂକ୍ରାନ୍ତୀୟ ଜିନିଷ କେଉଁଠାରୁ କିଣାଯାଇଛି ଏବଂ ଏହାର ଦାମ୍ କେତେ ତାହା ପ୍ରକାଶ କରନ୍ତୁ। ସେହିପରି ଏହାର ବ୍ୟବହାର କିପରି ହୋଇଛି ସେନେଇ ମଧ୍ୟ ଏକ ସବିଶେଷ ବୀବରଣୀ ସରକାରଙ୍କୁ ଜଣାଇବା ଲାଗି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମାସ୍କ କିଣାରେ ବ୍ୟାପକ ଦୁର୍ନିତୀ ହୋଇଛି ବୋଲି ବିଭିନ୍ନ ରାଜନୈତିକ ଦଳ ଓ ସମାଜସେବୀ ଅନୁଷ୍ଠାନ ବାରମ୍ବାର ପ୍ରଶ୍ନ ଉଠାଉଛି। ଏ ସମ୍ପର୍କରେ ସରକାର ନିରବ ରହିବା ସାଙ୍ଗକୁ ଲୋକଙ୍କୁ ଉତ୍ତର ନ ଦେବା ଦୁର୍ଭାଗ୍ୟଜନକ। କେଉଁ କାରଣରୁ ୯ଜଣ ଆଇଏଏସ୍ ଅଫିସରଙ୍କୁ କୋଭିଡ ଦାୟିତ୍ୱରୁ ଅପସାରଣ କରାଗଲା ତାହା ହିଁ ଏହି ଦୁର୍ନୀତିର ପର୍ଦ୍ଦା ଫାର୍ଶ କରୁଛି। ଲୋକଙ୍କ ପ୍ରଶ୍ନର ଉତ୍ତର ଦେବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ଜେନା କହିଛନ୍ତି।

# ବରାହ ମହାନ୍ତିଙ୍କ ପରଲୋକ

କଟକ ଅଫିସ,୧୫।୬



ଦୂରଦର୍ଶନ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ବରାହ ମହାନ୍ତିଙ୍କ ସୋମବାର ପରଲୋକ ହୋଇଛି। କଟକର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। କଟକ ତୁଳସୀପୁରସ୍ଥିତ ବାସଭବନରେ ପହଞ୍ଚି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି।

୧୯୪୭ ଏପ୍ରିଲ ୯ରେ କେନ୍ଦ୍ରାପଡ଼ାର ଆଳିଠାରେ ହରେକୃଷ୍ଣ ମହାନ୍ତି ଓ ସୁନ୍ଦରମଣୀ ମହାନ୍ତିଙ୍କଠାରୁ ବରାହ ଜନ୍ମ ନେଇଥିଲେ। ଅନୁଗୋଳ ସହରରେ ଶୈଶବ ଓ କିଶୋର ଜୀବନ କଟିଥିଲା। ରେଭେନ୍ସା କଲେଜରୁ ଅର୍ଥନୀତିରେ ଉଚ୍ଚଶିକ୍ଷା ପରେ ଅଧ୍ୟାପନା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଗଞ୍ଜାମ ଜିଲ୍ଲା ଆସିକା କଲେଜରେ ୧୯୬୯ରୁ ୧୯୭୫ ପର୍ଯ୍ୟନ୍ତ ଶିକ୍ଷକତା କରିଥିଲେ। ୧୯୭୫ରେ ଶିକ୍ଷକତା ଛାଡ଼ି ଆକାଶବାଣୀରେ ଯୋଗ ଦେଇଥିଲେ। ୧୯୮୮ ପର୍ଯ୍ୟନ୍ତ କାର୍ଯ୍ୟ କରିବା ଭିତରେ ସେ କଟକ, ଜୟପୁର, ସମ୍ବଲପୁର, କୋହିମା, ତୁରା, ଗ୍ୟାଙ୍ଗଟକ ଓ ରାୟପୁର ଆକାଶବାଣୀ କେନ୍ଦ୍ରର ବିଭିନ୍ନ ପଦବୀରେ ରହିଥିଲେ। ପରେ ସେ ଦୂରଦର୍ଶନରେ ଯୋଗଦେଇ ୨୦୦୭ ଏପ୍ରିଲ ୩୦ରେ ଅବସର ନେଇଥିଲେ। ଏହି ସମୟରେ ସେ ଡିଡି ନ୍ୟୁଜ, ଡିଡି ସ୍ପୋର୍ଟସ, ଡିଡି ନ୍ୟାଶନାଲ, ଡିଡି ନର୍ଥଇଷ୍ଟ ଚ୍ୟାନେଲର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଥିଲେ। ସେ ଏକମାତ୍ର ବ୍ୟକ୍ତି ଭାବେ ଏକକାଳୀନ କଟକ ଆକାଶବାଣୀ, ଭୁବନେଶ୍ୱରସ୍ଥିତ ଦୂରଦର୍ଶନ ଓ କର୍ମଚାରୀ ତାଲିମ୍ କେନ୍ଦ୍ରର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ପରିବାରରେ ସ୍ତ୍ରୀ ପ୍ରତିଭା, ଝିଅ ପଲ୍ଲବୀ, ପୂରବୀ ଓ କରବୀ, ପୁଅ ବିଶ୍ୱନାଥ ରହିଛନ୍ତି। ସତୀଚଉରାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ଶ୍ରୀମନ୍ଦିରରେ ପହଞ୍ଚିଲା ଦଶମୂଳ

ପୁରୀ ଅଫିସ,୧୫।୬

ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନବେଦିରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡିଛନ୍ତି ମହାପ୍ରଭୁ। ଅଣସର ପିଣ୍ଡିରେ ଚାଲିଛି ଦାରୁଦିଅଁଙ୍କ ଗୁପ୍ତ ସେବା। ଶ୍ରୀଅଙ୍ଗ ସେବକ ଦଇତାପତି ସେବାରେ ଲାଗିଛନ୍ତି। ଫୁଲୁରି ତେଲ ଏବଂ ଓଷୁଅ ଲାଗି ପରେ ଦାରୁବିଗ୍ରହଙ୍କୁ ଏକାଦଶୀରେ ଦଶମୂଳ ଲାଗି କରାଯିବ। ଏଥର ଦୁଇଦିନ ଦଶମୀ ରହିଥିବା ବେଳେ ସୋମବାର ଶ୍ରୀମନ୍ଦିରର ବୈଦ୍ୟ ସେବକ ମହାପ୍ରଭୁଙ୍କ ପାଇଁ ଦଶମୂଳ ପ୍ରସ୍ତୁତି କରି ଗାରଦରେ ଦାଖଲ କରିଛନ୍ତି। ବୈଦ୍ୟ ସେବକଙ୍କ ମତରେ ଦଶମୂଳ ହେଉଛି ମହାପ୍ରଭୁଙ୍କ ଔଷଧ। ଏକମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡ଼ିଥାଏ। ସ୍ନାନ ପୂର୍ଣ୍ଣିମା ପରେ ଦଶମୂଳକୁ ଶୁଖାଯାଇଥାଏ। ଏହାକୁ ହେମଦସ୍ତାରେ କୁଟା ହୋଇ ଗୁଣ୍ଡ କରାଯାଏ। ନୂତନ କାଠ ଚୁଲିରେ ଏହାକୁ ପ୍ରସ୍ତୁତ କରାଯାଇ ମୋଦକ ତିଆରି କରାଯାଏ। ପରେ ଏହାକୁ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଇ ବୈଦ୍ୟ ସେବକ ଶ୍ରୀମନ୍ଦିରରେ ପହଞ୍ଚାଇଥାନ୍ତି।

# ଚାପ ବଢ଼ିବାରୁ ରୁଜୁ ହେଲା ହତ୍ୟା ମାମଲା

ଭୁବନେଶ୍ୱର,୧୫।୬(ବ୍ୟୁରୋ)

ତମାଣ୍ଡୋ ଥାନା ଜଗନ୍ନାଥ ମନ୍ଦିର ନିକଟରେ ରହୁଥିବା ତରାବୋଇ ଅଞ୍ଚଳର ସନାତନ ମିଶ୍ର(୨୫)ଙ୍କ ସନ୍ଦେହଜନକ ଅବସ୍ଥାରେ ଶନିବାର ସକାଳେ ଝୁଲନ୍ତା ମୃତଦେହ ମିଳିଥିଲା। ପରିବାର ଲୋକେ ହତ୍ୟା ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏହାକୁ ଆତ୍ମହତ୍ୟା ଦର୍ଶାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶେଷରେ ରବିବାର ପରିବାର ଲୋକେ ସନାତନଙ୍କ ମୃତଦେହ ତମାଣ୍ଡୋ ଥାନା ଆଗରେ ରଖି ଧାରଣାରେ ବସିଥିଲେ। ହତ୍ୟା ମାମଲା ରୁଜୁ ସହ ହତ୍ୟାକାରୀଙ୍କୁ ଗିରଫ ପାଇଁ ଜିଦ୍ ଧରିଥିଲେ। ଚାପ ବଢ଼ିବା ପରେ ବୋଝ ହଟାଇବାକୁ ଶେଷରେ ପୋଲିସ ସୋମବାର କେସ୍ ନଂ-୭୨/୨୦ରେ ଏକ ହତ୍ୟା ମାମଲା ରୁଜୁ କରିଛି।

# ଚିକେନ୍, ଅଣ୍ଡା ଘରେ ପହଞ୍ଚାଇବ ଓପୋଲଫେଡ୍

**ଭୁବନେଶ୍ୱର,୧୫।୬(ବ୍ୟୁରୋ):** ଓପୋଲ୍‌ଫେଡ୍ ତରଫରୁ ରଜ ସଂକ୍ରାନ୍ତି ଉପଲକ୍ଷେ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। କରୋନା ରୋକିବା ଲାଗି ଓପୋଲ୍‌ଫେଡ୍ ପକ୍ଷରୁ ଗ୍ରାହକଙ୍କ ଘରେ ସେବା ଯୋଗାଇଦେବା ବ୍ୟବସ୍ଥା କରିଛି। ଭୁବନେଶ୍ୱରର ଗ୍ରାହକଙ୍କ ପାଇଁ ସୋମବାରରୁ ଏହି ଅନ୍‌ଲାଇନ୍ ସେବାର ଶୁଭାରମ୍ଭ କରାଯାଇଛି। ଏଣିକି ଭୁବନେଶ୍ୱର ବାସିନ୍ଦା ଓପୋଲ୍‌ଫେଡ୍‌ରୁ ଚିକେନ୍, ଅଣ୍ଡା ସହ ବିଭିନ୍ନ ଆମିଷ ସାମଗ୍ରୀ ଅନ୍‌ଲାଇନ୍‌ରେ ଅର୍ଡର କରି ହୋମ୍ ଡେଲିଭରି ପାଇପାରିବେ। ପ୍ରଥମଦିନ ଭୁବନେଶ୍ୱରରେ ୧ ହଜାରରୁ ଉର୍ଦ୍ଧ୍ୱ ଗ୍ରାହକ ଏହାର ଲାଭ ଉଠାଇଛନ୍ତି। ପ୍ରତି ଅର୍ଡର ପାଇଁ ଡେଲିଭରି ଚାର୍ଜ ୫୦ ଟଙ୍କା ଥିବା ଏହାର ଜିଏମ୍ ଡ. ବିମଳ କୁମାର ମହାପାତ୍ର କହିଛନ୍ତି। ଭୁବନେଶ୍ୱରରେ ଥିବା ଓପୋଲ୍‌ଫେଡ୍ ଚିକେନ୍‌ଫ୍ରେସ୍‌ର ୪ଟି ସେଣ୍ଟର ଓୟୁଏଟି କ୍ୟାମ୍ପସ, ଚନ୍ଦ୍ରଶେଖରପୁର, ଶହୀଦନଗର, ନୟାପଲ୍ଲୀ ଆଇଆର୍‌ସି ଭିଲେଜଠାରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ରଥଯାତ୍ରା ନେଇ ସୁପ୍ରିମକୋର୍ଟରେ ପୁଣି ପିଟିଶନ

ଭୁବନେଶ୍ୱର, ୧୫।୬(ବ୍ୟୁରୋ)/ ନୂଆଦିଲ୍ଲୀ(ସ୍ୱ.ପ୍ର.)

- ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କଲା ଭାରତୀୟ ବିକାଶ ପରିଷଦ
- କ୍ଷୁଦ୍ର ପ୍ରତିକୃତିରେ ଶ୍ରୀମନ୍ଦିର ମଧ୍ୟରେ ରଥ ଟାଣିବାକୁ ନିବେଦନ

ପୁରୀ ରଥଯାତ୍ରା ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ସ୍ପେଶାଲ ଲିଭ୍ ପିଟିଶନ ଦାଖଲ କରାଯାଇଛି। ହାଇକୋର୍ଟ ରାଜ୍ୟ ସରକାରଙ୍କ ଉପରେ ରଥଯାତ୍ରା ନିଷ୍ପତ୍ତି ନ୍ୟସ୍ତ କରିଥିବାବେଳେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହାକୁ ବିରୋଧ କରାଯାଇ ଏହି ପିଟିଶନ କରାଯାଇଛି। ସାମାଜିକ ଦୂରତା ରକ୍ଷା କରି ରଥଯାତ୍ରା କରିବା ସମ୍ଭବ ନୁହେଁ। ହାତୀ, ସେବାୟତ କିମ୍ବା ମେଶିନ ଦ୍ୱାରା ରଥ ଟଣାଗଲେ ବି ସାମାଜିକ ଦୂରତା ରକ୍ଷା କରିବା ଅସମ୍ଭବ ହୋଇପଡିବ। ତେଣୁ ହାଇକୋର୍ଟଙ୍କ ରାୟ ଆଇନସମ୍ମତ ନୁହେଁ ବୋଲି ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କହିଛନ୍ତି। ସେହିଭଳି ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪ ଓ ୨୧ ଅନୁଯାୟୀ ହାତୀଙ୍କ ଦ୍ୱାରା ରଥ ଟାଣିବା ବନ୍ୟଜନ୍ତୁ ସୁରକ୍ଷା ଆଇନ ଓ ଜଗନ୍ନାଥ ସଂସ୍କୃତି ବିରୋଧୀ। ମାଦଳାପାଞ୍ଜି ଅନୁଯାୟୀ ପୂର୍ବରୁ ମଧ୍ୟ ରଥଯାତ୍ରା ବନ୍ଦ ରହିଥିଲା ଓ ସେତେବେଳେ ରଥର ଛୋଟ ଛୋଟ ପ୍ରତିକୃତି ନିର୍ମାଣ କରାଯାଇ ଶ୍ରୀମନ୍ଦିର ପରିସର ମଧ୍ୟରେ ରଥଯାତ୍ରା କରାଯାଇଥିଲା। ତେଣୁ ଚଳିତବର୍ଷ ମଧ୍ୟ ସେହିଭଳିଭାବେ ରଥଯାତ୍ରା କରିବାକୁ ସେ ପ୍ରାର୍ଥନା କରିଛନ୍ତି।

ପୂର୍ବରୁ ବିକାଶ ପରିଷଦ ପକ୍ଷରୁ ମଧ୍ୟ ସୁପ୍ରିମକୋର୍ଟରେ ଏକ ମାମଲା କରାଯାଇଥିଲା। ସାମାଜିକ ଦୂରତା ରକ୍ଷା କରି ରଥଯାତ୍ରା କରିବା ସମ୍ଭବ ନୁହେଁ ଦର୍ଶାଇ ସୁପ୍ରିମକୋର୍ଟ ଏ ଦିଗରେ ନିଷ୍ପତ୍ତି ନିଅନ୍ତୁ ବୋଲି ଅପିଲ କରାଯାଇଥିଲା। ସୋମବାର ପୁଣିଥରେ ପରିଷଦ ପକ୍ଷରୁ ପିଟିଶନ ଦାଖଲ କରାଯାଇଛି। ସେହିଭଳି ହାଇକୋର୍ଟରେ ମଧ୍ୟ ମାମଲା କରାଯାଇଥିଲା। ମାମଲାର ଶୁଣାଣି କରି ହାଇକୋର୍ଟ ଓଡ଼ିଶା ସରକାର ରଥଯାତ୍ରା ନିଷ୍ପତ୍ତି ନେବେ ବୋଲି କହିଥିଲେ। ମେଶିନ କିମ୍ବା ହାତୀ ଦ୍ୱାରା ରଥ ଟାଣିବା କଥା ସରକାର ବିଚାର କରିବେ ବୋଲି ରାୟରେ କୁହାଯାଇଥିଲା। ହାଇକୋର୍ଟଙ୍କ ଏହି ରାୟ ପରେ ଏବେ ସୁପ୍ରିମକୋର୍ଟଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପକ୍ଷରେ ଜୁନ୍ ୨୩ରେ ରଥଯାତ୍ରା ଥିବାବେଳେ ଏପର୍ଯ୍ୟନ୍ତ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

NEEM SEEDS
required on urgent basis for Manufacturing.
ନିମ ମଞ୍ଜି
ଅତିଶୀଘ୍ର ଦରକାର।
At: DHENKANAL
Contact No.:
9178545391,
9439468968,
9668855308.

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD.
REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecome.in
7599145935
8280122168


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ତହସିଲଦାରଙ୍କ କାର୍ଯ୍ୟାଳୟ, ନର୍ଲା, କଳାହାଣ୍ଡି

### ଲଘୁ ଖଣିଜ ଉତ୍ସ (ବାଲି ଖାଦାନ)ର ୫ ବର୍ଷିଆ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ

ଇସ୍ତାହାର ସଂଖ୍ୟା: ୧୦୮୯/ତୌଜି — ତା୨୯।୦୫।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଲଘୁ ଖଣିଜ ଉତ୍ସଗୁଡ଼ିକ ଟେଣ୍ଡର ମାଧ୍ୟମରେ ଦୀର୍ଘମିଆଦୀ ସୂତ୍ରେ ୫ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଲିଜ୍ ଅବଧି ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ ୨୦୧୬ ଅନୁସାରେ ଶେଷ ପ୍ରକ୍ରିୟାକରଣ (ପରବେଶ ମଞ୍ଜୁରୀ)ଠାରୁ ଆରମ୍ଭ ହେବ। ଏଥିପାଇଁ ନିର୍ଦ୍ଦିଷ୍ଟ ଫାରମରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ। ପୃଥକ୍ ସଇରାତ ଉତ୍ସ ପାଇଁ ପୃଥକ୍ ପୃଥକ୍ ଫାରମରେ ଟେଣ୍ଡର କାଗଜାତ ଦାଖଲ କରିବାକୁ ପଡ଼ିବ। ଟେଣ୍ଡର ଫାରମ ସହିତ ସବିଶେଷ ବିବରଣୀ ଟ.୧୦୦୦/- ମୂଲ୍ୟରେ ତହସିଲ କାର୍ଯ୍ୟାଳୟରୁ ତା୦୨।୦୬।୨୦୨୦ରୁ ୧୭।୦୬।୨୦୨୦ରିଖ ଅପରାହ୍ନ ଘ୧.୦୦ ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ତହସିଲ କାର୍ଯ୍ୟାଳୟର ନିର୍ଦ୍ଧାରିତ ଶାଖାରେ ମିଳିପାରିବ। ସବିଶେଷ ବିବରଣୀ (ସର୍ତ୍ତାବଳୀ, ଚୟନ ପ୍ରଣାଳୀ ଇତ୍ୟାଦି) ଜାଣିବା ପାଇଁ ତହସିଲଦାର, ନର୍ଲାଙ୍କ କାର୍ଯ୍ୟାଳୟର ତଉଜି ଶାଖା, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା **www.kalahandi.nic.in** ୱେବ୍‌ସାଇଟ୍ ଲଗ୍‌ଅନ୍ କରନ୍ତୁ। ଏହି ଉତ୍ସଗୁଡ଼ିକ ମଧ୍ୟରୁ ଏକ ବା ଏକାଧିକ ଖଣିଜ ଉତ୍ସର ଟେଣ୍ଡର ପ୍ରକ୍ରିୟା ନିମ୍ନସ୍ୱାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦରଖାସ୍ତକାରୀଙ୍କୁ କାରଣ ନ ଦର୍ଶାଇ ରଦ୍ଦ କରିପାରିବେ।

**ଖଣିଜ ଉତ୍ସର ତଫସିଲଭୁକ୍ତ ଜମିର ବିବରଣୀ**

| କ୍ର.ନଂ. | ବାଲି ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲ.ନଂ. | କିସମ | ଲିଜ୍ ରକବା (ଏକରରେ) | ସର୍ବନିମ୍ନ ନିର୍ଦ୍ଧାରିତ ପରିମାଣ (MGQ) in cm | ଅତିରିକ୍ତ ଦେୟ (Additional Charge in Rs.) ପ୍ରତି ଘନ ମିଟର | ବ୍ୟାଙ୍କ ଗ୍ୟାରେଣ୍ଟି (In Rs.) | ଅର୍ଜିତ ରାଶି (EMD) in Rs. |
|---|---|---|---|---|---|---|---|---|---|---|
| ୧ | ଦହଲ ବାଲି ଘାଟ | ଦହଲ | 76 | 01 | ନଦୀ | 1.00 | 2000 | 50.00 | 1,70,000 | 8500/- |
| ୨ | ବ୍ରାହ୍ମଣୀ ବାଲି ଘାଟ | ବ୍ରାହ୍ମଣୀ | 107 | 01 | ନଦୀ | 1.00 | 2000 | 50.00 | 1,70,000 | 8500/- |
| ୩ | ରାତୁଲ ବାଲି ଘାଟ | ରାତୁଲ | 117 | 89 | ନଦୀ | 5.77 | 2000 | 50.00 | 1,70,000 | 8500/- |
| ୪ | ଉଳିକୁପା ବାଲି ଘାଟ | ଉଳିକୁପା | 270 | 301 | ନଦୀ | 3.00 | 2000 | 50.00 | 1,70,000 | 8500/- |

ସ୍ୱା./- ତହସିଲଦାର, ନର୍ଲା

ମହାନ୍ ସାଧୁସନ୍ଥମାନେ ଅଲୌକିକ କ୍ରିୟା ଦେଖାଇଛନ୍ତି। ମହତର ସାଧୁସନ୍ଥମାନେ ତାକୁ ଉପହାସ କରିଛନ୍ତି। କିନ୍ତୁ କାର୍ଯ୍ୟତଃ ତାହା ଘଟାଇଛନ୍ତି। —ଶ୍ରୀଅରବିନ୍ଦ

# ଭବିଷ୍ୟତ କହିବ

ଚାଇନାର ଉହାନ୍‌ରୁ କରୋନା ଭାଇରସ୍ ବାହାରିଥିଲା। ହେଲେ ଏହି ଭୂତାଣୁ ଏବେ ବିଶ୍ୱର ପ୍ରାୟ ସବୁ ଦେଶକୁ ଗ୍ରାସ କରିସାରିଛି। ଏପରିକି ଚାଇନା ରାଜଧାନୀ ବେଜିଂରେ ପୁନର୍ବାର ମୁଣ୍ଡ ଟେକିବାର ଖବର ମିଳିଛି। ଅବଶ୍ୟ ଚାଇନାରୁ ବାହାରୁଥିବା କୌଣସି ଖବର ବିଶ୍ୱାସଯୋଗ୍ୟ ହୋଇପାରୁ ନାହିଁ। କିଛି ମାସ ପାଇଁ ଉହାନ୍‌ରେ କଠୋର ନିୟମ ଲାଗୁ କରାଯିବା ପରେ ଚାଇନା ବାହୁବଳ ବ୍ୟବହାର କରି ଏହାକୁ ନିୟନ୍ତ୍ରଣ ମଧ୍ୟରେ ରଖିଥିବା ଦାବି କଲା। ସେଠାକାର ସ୍ଥିତି କିଭଳି ଅଛି ଏଠାରେ ବସି କହିବା ସମୀଚୀନ ହେଉନାହିଁ। ଅନ୍ୟପକ୍ଷରେ ଏହି ବିଷମ ଅବସ୍ଥାକୁ ସୃଷ୍ଟି କରିଥିବା ଚାଇନା ଏବେ ନିଜର ଔଦ୍ୟୋଗିକ ଉନ୍ନତି କରୁଛି ବୋଲି ପଦାକୁ ଖବର ପଠାଉଛି। ପୂର୍ବରୁ ଚିନ୍ତା କରାଯାଉଥିଲା ଯେ, କରୋନା ଭାଇରସ୍ ସୃଷ୍ଟି କରିବା ପରେ ତାହାକୁ ବିଶ୍ୱବ୍ୟାପୀ ବାଣ୍ଟିଥିବା ଚାଇନା ନିଜେ ସୁରକ୍ଷିତ ରହିଯାଇପାରେ। ସେଥିପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଭାଷଣରେ ବାରମ୍ବାର ଚାଇନା ପ୍ରତି ଆକ୍ରମଣାତ୍ମକ ମନ୍ତବ୍ୟ ଦେଇ କହୁଥିଲେ ଯେ, ସେହି ଦେଶର କୁକର୍ମ ଯେହେତୁ ସମଗ୍ର ପୃଥିବୀକୁ କ୍ଷତି ପହଞ୍ଚାଇଛି, ସେହେତୁ ତାହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବା ଦରକାର। ଟ୍ରମ୍ପଙ୍କ ପରେ ଅଷ୍ଟ୍ରେଲିଆ ଭଳି ଆହୁରି ଅନେକ ଦେଶ ଏହି ଅନୁସନ୍ଧାନ ସପକ୍ଷରେ ମତ ବାଢ଼ିଥିଲେ। କିନ୍ତୁ ଆଜିର ବିଶ୍ୱ ପରିସ୍ଥିତିରେ ଚାଇନା ଭଳି ବୃହତ୍ ଉତ୍ପାଦକ ରାଷ୍ଟ୍ର, ଯାହାର ସାମରିକ ଶକ୍ତି ମଧ୍ୟ ବୃହତ୍, ତାହାକୁ ଛେକିବା କାହାରି ପାଇଁ ସମ୍ଭବପର ହେଉନାହିଁ। ପୂର୍ବରୁ କମ୍ୟୁନିଷ୍ଟ ସୋଭିଏଟ୍ ରୁଷ୍‌କୁ 'ଲୁହାର ପର୍ଦ୍ଦା' ପଛର ଦେଶ ବୋଲି କୁହାଯାଉଥିଲା ବେଳେ ଅନୁନ୍ନତ କମ୍ୟୁନିଷ୍ଟ ଚାଇନାକୁ 'ବାଉଁଶ ପର୍ଦ୍ଦା' ପଛର ଦେଶ କୁହାଯାଉଥିଲା। ତାହା ଇତିହାସ ପାଲଟିଗଲାଣି। ଏବେ ଚାଇନା ହେଉଛି ଲୁହା ପର୍ଦ୍ଦା ପଛରେ ଥିବା ଦେଶ। ସେହି ଢାଲର ସୁଯୋଗ ନେଇ ଏବେ ଚାଇନା ସରକାର ତାଙ୍କ ଦେଶର ଔଦ୍ୟୋଗିକ ବିକାଶ ପ୍ରତି ପୁନର୍ବାର ଦୃଷ୍ଟି ପକାଉଛନ୍ତି ବୋଲି ଖବର ମିଳୁଛି। ଏହାର ସଦ୍ୟ ଉଦାହରଣ ଭାବେ ଚାଇନାର ଦ୍ୱିତୀୟ ବୃହତ୍ ବିମାନ ଚଳାଚଳ କମ୍ପାନୀ ସାନ୍ୟା ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ ଏବେ ତାହାର ଦ୍ୱୀପ ରାଜ୍ୟ ହାଇନାନ୍‌କୁ ନୂଆ ବିମାନ ଉଡ଼ାଣ କରିବା ପାଇଁ ଯୋଜନା କରିଛି।

କରୋନା ମହାମାରୀ ବେଳେ ଏହି ଯୋଜନା କେତେଦୂର ଫଳପ୍ରଦ ହେବ ଏବଂ ଏହାର ଆର୍ଥିକ ପରିସୀମା କେଉଁଭଳି ରୂପ ଧାରଣ କରିବ, ତାହା ଚାଇନା ବାହାରେ ଥିବା ଲୋକଙ୍କ ପାଇଁ କହିବା କଷ୍ଟକର। ତେବେ ଗୋଟିଏ କଥା ସ୍ପଷ୍ଟ ବୁଝାପଡୁଛି। ବିଶ୍ୱବ୍ୟାପୀ ଚଳିତ ଅର୍ଥନୈତିକ ମାନ୍ଦାବସ୍ଥାରୁ ଚାଇନା ବାଦ୍ ପଡ଼ିନାହିଁ। ପୃଥିବୀର ସର୍ବବୃହତ୍ ଉତ୍ପାଦକ ରାଷ୍ଟ୍ର ଭାବେ ସମ୍ଭବତଃ, ଚାଇନାର ସର୍ବାଧିକ କ୍ଷତି ମଧ୍ୟ ଘଟି ଥାଇପାରେ। ଗଳିକନ୍ଦି ଗାଁ ମୁଣ୍ଡରେ ଛୋଟବଡ଼ ଶିଳ୍ପ ପ୍ରତିଷ୍ଠା କରି ସମଗ୍ର ପୃଥିବୀରେ 'ମେଡ୍ ଇନ୍ ଚାଇନା' ସାମଗ୍ରୀ ଭର୍ତ୍ତି କରିଦେଇପାରୁଥିବା ଦେଶ ହଠାତ୍ ଏବେ କୌଣସି ଜିନିଷ ବିକ୍ରି କରିପାରୁ ନାହିଁ। ଏହା ଆମେ ଭାରତୀୟ ଅତି ସହଜରେ ବୁଝି ପାରୁଛୁ, କାରଣ ଚାଇନାର ନିମ୍ନମାନର ଦ୍ରବ୍ୟ ଭାରତରେ ଭର୍ତ୍ତି ହୋଇ ରହୁଥିଲା। ବର୍ତ୍ତମାନ ସେହି ପରିସ୍ଥିତିରେ ପରିବର୍ତ୍ତନ ଦେଖାଦେଇଛି। ବିଶେଷକରି ସାମଗ୍ରୀ ପରିବହନରେ ବାଧା ଘଟିଥିବାରୁ ଭାରତୀୟ ବନ୍ଦରଗୁଡ଼ିକରେ ଚାଇନା ସାମଗ୍ରୀ ଆସି ପହଞ୍ଚି ପାରୁନାହିଁ। ଏହାର ଅର୍ଥ କେତେକ ଭାରତୀୟ କରୁଥିବା ବର୍ଜନ ଗର୍ଜନର ପ୍ରଭାବ ପଡ଼ିଛି। କେବଳ ସାମଗ୍ରୀ ମିଳୁନାହିଁ, ଦୋକାନ ଥାକରେ ପହଞ୍ଚିଗଲେ ଗ୍ରାହକ ମାଳମାଳ।

କିନ୍ତୁ ଚାଇନା ପାଇଁ ଭାରତର ଗୁରୁତ୍ୱ ଅତ୍ୟନ୍ତ ନଗଣ୍ୟ। ଏବେ ସେହି କମ୍ୟୁନିଷ୍ଟ ଦେଶର ସବୁଠୁ ବଡ଼ ଚିନ୍ତା ହେଉଛି ଆଭ୍ୟନ୍ତରୀଣ ଜନ ଅସନ୍ତୋଷ। ଅର୍ଥନୀତିର ପତନରୁ ଜନ୍ମିଥିବା ବେକାରି ସମସ୍ୟା ସେହି ରାଷ୍ଟ୍ରର ଜନସାଧାରଣଙ୍କୁ ସରକାର ବିରୋଧୀ କରୁଛି ବୋଲି ପାଶ୍ଚାତ୍ୟ ଗଣମାଧ୍ୟମରୁ ଶୁଣିବାକୁ ମିଳୁଛି। ସେଥିପାଇଁ ଚାଇନା ଏବେ ତା' ଦେଶର ଘରୋଇ ସମସ୍ୟାରୁ ଦୃଷ୍ଟି ହଟାଇବା ପାଇଁ ହଂକଂ ଉପରେ କର୍ତ୍ତୃତ୍ୱ ଜାହିର କରିବା, ପୂର୍ବ ଲଦାଖରେ ସେନା ମୁତୟନ କରି ଭାରତ ଭୂଖଣ୍ଡର କିଛି ଅଂଶକୁ ଅକ୍ତିଆର କରିବାର ପ୍ରଚେଷ୍ଟା ଏବଂ ଦକ୍ଷିଣ ଚାଇନା ସମୁଦ୍ର ଉପରେ ନିଜର ପତିଆରା ବୃଦ୍ଧି କରିଚାଲିଛି। ଗୋଟିଏପଟେ ଅର୍ଥନୈତିକ ମାନ୍ଦାବସ୍ଥା ତା'ର ବିଶାଳ ବଜାରକୁ ସଙ୍କୁଚିତ କରିଦେଇ ଥିବାରୁ ଦେଶ ଭିତରର ଜନଅସନ୍ତୋଷକୁ ଚପାଇବା ପାଇଁ ବେଜିଂ ବିଭିନ୍ନ ପ୍ରକାର ଅର୍ଥନୈତିକ କାର୍ଯ୍ୟକଳାପ ଜାରିରଖିଛି ବୋଲି ଲୋକଦେଖାଣିଆ ପ୍ରଚାର କରୁଛି। ମାତ୍ର ଚାଇନାର ସାମଗ୍ରିକ ବିକାଶ କିଭଳି ରୂପ ଧାରଣ କରିବ ତାହା ଭବିଷ୍ୟତ କହିବ।

## ଚିରନ୍ତନୀ

ପ୍ରଭାତୀ ସ୍ୱରେ ଆଜି କୁକ୍କୁଟ ଡାକେ
ଡାହୁକ ଡାକିଲାଣି ନିକୁଞ୍ଜ ଶାଖେ।
ଅଧରେ କିମ୍ପା ତବ ବ୍ୟଥାର କମ୍ପନ ଗୋ
ବଦନେ କିମ୍ପାଁ ତବ ହାସ ନ ଲାଖେ
ଡାହୁକ ଡାକିଲାଣି ନିକୁଞ୍ଜ ଶାଖେ।

(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | 9 | | E | | | 4 | 3 | 0 | | D |
| 1 | | | | | 4 | 6 | | | | E | | | | 8 |
| | 6 | | | 1 | | | | 5 | 2 | | A | | 4 | |
| | A | | | | | 2 | | 9 | | | | 7 | 5 | |
| | | C | 8 | | 2 | | | | | 9 | | | | B |
| | | | | | | 5 | | 6 | | | | E | | |
| | | | | | | | | | | D | | 4 | B | |
| | | | 1 | | E | B | 8 | | 5 | | 4 | | 7 | 3 |
| | | | C | 2 | | | 3 | E | B | 1 | | 6 | 8 | |
| | | A | B | 7 | D | | | | | | 2 | | C | |
| | | | | | 3 | | 4 | | | | B | | | |
| | 3 | | | | 6 | | | 8 | 0 | | E | 9 | D | |
| 7 | 2 | | 5 | 0 | | | | | D | A | | | | |
| | | B | | | | | A | | | 7 | | | | |
| 9 | | 0 | | | | D | | | | C | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 5 | 7 | 6 | B | 9 | 8 | E | A | C | 4 | 3 | 0 | 1 | D |
| 1 | D | 9 | A | 5 | 4 | 6 | C | B | 7 | E | 0 | 3 | 2 | 8 |
| B | 6 | E | D | 1 | 7 | 3 | 0 | 5 | 2 | 8 | A | C | 4 | 9 |
| 4 | A | 8 | 0 | 3 | C | 2 | 1 | 9 | 6 | B | D | 7 | 5 | E |
| 3 | 0 | C | 8 | E | 2 | 4 | 7 | D | 1 | 9 | 5 | A | 6 | B |
| C | B | 1 | 3 | 4 | 8 | 5 | D | 6 | A | 0 | 7 | E | 9 | 2 |
| E | 7 | 3 | 9 | 6 | 5 | A | 2 | 1 | 8 | D | C | 4 | B | 0 |
| 0 | 9 | 2 | 1 | A | E | B | 8 | C | 5 | 6 | 4 | D | 7 | 3 |
| 5 | 4 | D | C | 2 | 0 | 7 | 3 | E | B | 1 | 9 | 6 | 8 | A |
| 6 | 8 | A | B | 7 | D | 0 | 9 | 4 | E | 3 | 2 | 5 | C | 1 |
| 8 | 1 | 6 | E | D | 3 | C | 4 | 0 | 9 | 5 | B | 2 | A | 7 |
| A | 3 | 5 | 7 | C | 6 | 1 | B | 8 | 0 | 2 | E | 9 | D | 4 |
| 7 | 2 | 4 | 5 | 0 | B | 9 | 6 | 3 | D | A | 8 | 1 | E | C |
| D | C | B | 4 | 9 | 1 | E | A | 2 | 3 | 7 | 6 | 8 | 0 | 5 |
| 9 | E | 0 | 2 | 8 | A | D | 5 | 7 | 4 | C | 1 | B | 3 | 6 |

ଗତକାଲିର ଉତ୍ତର

# କରୋନା ଏବଂ କୃଷି ବିବିଧତା



ଚିନ୍ମୟ ରଞ୍ଜନ କୁମାର

କରୋନାର ବିଭୀଷିକାକୁ ପ୍ରାୟ ସମସ୍ତେ ହୃଦୟଙ୍ଗମ କରିସାରିଲେଣି। ଏହାର ମୁକାବିଲା ବିଶ୍ୱର ସବୁ ଦେଶ ପାଇଁ ଯେତିକି ଆହ୍ୱାନ ସୃଷ୍ଟି କରିଛି, ତା'ସହ ବିଭିନ୍ନ କ୍ଷେତ୍ରରେ ଆବଶ୍ୟକ ପରିବର୍ତ୍ତନର ଆଭାସ ମଧ୍ୟ ଦେଇଛି। କରୋନାର ପ୍ରଭାବ ସବୁ ବର୍ଗର ଲୋକଙ୍କ ଉପରେ ପଡିଥିବା ବେଳେ ମୁଖ୍ୟତଃ ଦିନମଜୁରିଆ, ଶ୍ରମିକ ଏବଂ ଚାଷୀଙ୍କ ଆର୍ଥିକ ସ୍ଥିତିରେ ଗଭୀର ସଙ୍କଟ ଆଣିଦେଇଛି। ଯେ କୌଣସି ବିପର୍ଯ୍ୟୟରେ କୃଷିକ୍ଷେତ୍ର ହିଁ ଅଧିକ କ୍ଷତିଗ୍ରସ୍ତ ହୋଇଥାଏ। ଓଡ଼ିଶାରେ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟରେ ଉଭୟ ଚାଷ ଏବଂ ଚାଷୀ ବିଶେଷ ପ୍ରଭାବିତ ହୋଇଥାନ୍ତି ଏବଂ ଜୀବନ ଜୀବିକାରେ ବହୁ ଅସୁବିଧା ଦେଖା ଦେଇଥାଏ। କହିବାକୁ ଗଲେ କୃଷିକ୍ଷେତ୍ର ବିଭିନ୍ନ ସମସ୍ୟା ପାଇଁ ଏବେ ବିପଦସଙ୍କୁଳ ସ୍ଥିତିରେ ରହିଛି।

ଏହା ସତ୍ତ୍ୱେ କୃଷି ଉପରେ ରାଜ୍ୟର ଦୁଇତୃତୀୟାଂଶ ଲୋକ ନିର୍ଭରଶୀଳ। କରୋନା ଯୋଗୁ ରାଜ୍ୟ ଓ ଦେଶ ବାହାରୁ ଶ୍ରମିକ ତଥା ଦିନମଜୁରିଆ ରୋଜଗାର ହରାଇ ଏବେ ନିଜ ଘରକୁ ଫେରି ଆସିଛନ୍ତି। ସେମାନଙ୍କ ମଧ୍ୟରେ କୁଶଳୀ ଓ ଅଣକୁଶଳୀ ଶ୍ରମିକ ଅଛନ୍ତି। ଓଡ଼ିଶା ଏକ ଉତ୍ପାଦନକାରୀ ରାଜ୍ୟ ହୋଇ ନ ଥିବାରୁ ସେମାନଙ୍କୁ ରୋଜଗାର ଯୋଗାଇଦେବାର ବିକଳ୍ପ ଥିଲାଭଳି ମନେ ହେଉନାହିଁ। ଏତେମାତ୍ରାରେ ଲୋକ ବେକାର ବା ବେରୋଜଗାର ହୋଇ ରହିଲେ, ଏହା ରାଜ୍ୟ ପାଇଁ ଉତ୍କଟ ସମସ୍ୟା ସୃଷ୍ଟି କରିବ। ତେଣୁ ଆମକୁ ପୁଣି ସେହି କୃଷି ଉପରେ ଭରସା ରଖି ଏହିସବୁ ପ୍ରବାସୀଙ୍କୁ ନିୟୋଜିତ କରିବାର ଏକ ସ୍ଥାୟୀ ସମାଧାନ ଖୋଜିବାକୁ ପଡ଼ିବ। ଅର୍ଥଶାସ୍ତ୍ରୀମାନଙ୍କର ଯୁକ୍ତି ହୋଇପାରେ ଯେ, କେବଳ କୃଷି ଓଡ଼ିଶାର ଅର୍ଥବ୍ୟବସ୍ଥାକୁ ସୁଧାରି ପାରିବା ସମ୍ଭବ ମନେ ହୁଏ ନାହିଁ। ଏହା ମଧ୍ୟ ତର୍କଯୋଗ୍ୟ। କିନ୍ତୁ କୃଷିବିବିଧତା ଏକ ନୂଆ ସୁଯୋଗ ଆଣି ଦେବା ସହ କରୋନା ପରବର୍ତ୍ତୀ ନିମ୍ନଗାମୀ ଅର୍ଥବ୍ୟବସ୍ଥାକୁ ସୁଧାରିବା ଓ ଆର୍ଥିକ ସମସ୍ୟାର ସମାଧାନ କରିବାରେ ସକ୍ଷମ। କୃଷିବିବିଧତା ସେମାନଙ୍କ ପାଇଁ ରୋଜଗାର ଯୋଗାଇବାର ସୁଯୋଗ ସୃଷ୍ଟି କରିବା ସହ ଆୟବୃଦ୍ଧିର ଏକ ନୂଆ ପଦ୍ଧତି। କୃଷି ସହ ପଶୁପାଳନ, ମତ୍ସ୍ୟଚାଷ, କୁକୁଡାଚାଷ, ମହୁଚାଷ, ଫୁଲଚାଷ, ଉଦ୍ୟାନକୃଷି ଏବଂ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟର ଉତ୍ପାଦନ ରୋଜଗାର ବଢ଼ାଇବାରେ ଅଧିକ ସହାୟକ ହେବ। ଏହାଦ୍ୱାରା ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଗଢିଉଠିବ ଏବଂ ଏହା କୃଷି ବ୍ୟବସାୟକୁ ଅଧିକ ପ୍ରୋତ୍ସାହିତ କରିବ। କୃଷି ମୂଲ୍ୟ ଶୃଙ୍ଖଳ, ଶୀତଳ ଭଣ୍ଡାର ଏବଂ ବଜାରକୁ ସୁଦୃଢ଼ କଲେ ଏହା ଅଧିକ ସହଜ ହୋଇପାରିବ।

ଆମ ରାଜ୍ୟର ଅଧିକାଂଶ ଚାଷୀ ଧାନଚାଷ କରୁଥିବା ଯୋଗୁ ଆମେ କୃଷି ବିବିଧତାର ସବୁଠୁ ତଳେ ଥିବାବେଳେ କର୍ଣ୍ଣାଟକ ଶୀର୍ଷରେ ଅଛି। ତା' ପଛକୁ ମହାରାଷ୍ଟ୍ର ଏବଂ ଗୁଜରାଟ ଭଳି ରାଜ୍ୟ ରହିଛନ୍ତି। ସେମାନେ କୃଷି ଓ ଶିଳ୍ପ ମଧ୍ୟରେ ସମନ୍ୱୟ ରଖି ଉତ୍ପାଦନ କରିଚାଲିଛନ୍ତି। ସେମାନେ ଅଧିକ ଅର୍ଥକରୀ ଫସଲ ଉତ୍ପାଦନ କରି କୃଷିକୁ ଏକ ଲାଭଜନକ ଜୀବିକା ହିସାବରେ ଗ୍ରହଣ କରିଛନ୍ତି। ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟ କୃଷି ବିବିଧତାରେ ବହୁ ଆଗରେ ଏବଂ ସେମାନେ ଆମକୁ ନିତ୍ୟ ଆବଶ୍ୟକ ବହୁ ଖାଦ୍ୟପଦାର୍ଥ ଯଥା- ମାଛ, ମାଂସ, ଅଣ୍ଡା, ଫଳ, ପନିପରିବା ଇତ୍ୟାଦି ବର୍ଷସାରା ଯୋଗାଇ ଆସୁଛନ୍ତି। ଆମ ରାଜ୍ୟ ଭିତରେ ଦକ୍ଷିଣ ଓଡ଼ିଶାର ଜିଲାଗୁଡିକ କୃଷି ବିବିଧତାରେ ଆଗରେ ଥିବାବେଳେ ଉପକୂଳବର୍ତ୍ତୀ ଜିଲାଗୁଡିକ ଅଧିକାଂଶ ଧାନଚାଷ ପାଇଁ ପଛରେ ଅଛନ୍ତି। ତେଣୁ ସମୟ ଆସିଛି, ଆତ୍ମନିର୍ଭରଶୀଳ ହେବା ଏବଂ କୃଷି ବିବିଧତାକୁ ଆମ ରାଜ୍ୟରେ ଅଧିକରୁ ଅଧିକ ବ୍ୟାପକ କରିବା।

ଏଥିପାଇଁ ବିଭିନ୍ନ ପଦକ୍ଷେପର ଆବଶ୍ୟକତା ଥିବାବେଳେ ସରକାରଙ୍କ ନୀତି ପ୍ରଣୟନରେ ସୁଧାର ଆଣି ଜିଲା ଏବଂ ବ୍ଲକ୍‌ଗୁଡ଼ିକ ନିଜର ସୁବିଧା ଅନୁଯାୟୀ ନିର୍ଦ୍ଦିଷ୍ଟ ଚାଷ ଉପରେ ଦୃଷ୍ଟି କେନ୍ଦ୍ରିତ କରିବା ଉଚିତ। କାରଣ କୃଷି ଜଳବାୟୁ କ୍ଷେତ୍ର ଏବଂ ମୃତ୍ତିକା ଅନୁସାରେ ଚାଷୀଙ୍କୁ ବିଭିନ୍ନ ପ୍ରକାର କୃଷି ପାଇଁ ପ୍ରୋତ୍ସାହିତ କରିବାକୁ ହେବ। ଆମ ରାଜ୍ୟରେ ୧୦ ପ୍ରକାର କୃଷି ଜଳବାୟୁ କ୍ଷେତ୍ର ଥିବା ବେଳେ ବିଭିନ୍ନ ପ୍ରକାର ମୃତ୍ତିକା ମଧ୍ୟ ଅଛି। ତେଣୁ ଉପଯୁକ୍ତ ଜଳବାୟୁ ଓ ମୃତ୍ତିକା ଅନୁସାରେ କୃଷି କାର୍ଯ୍ୟ କଲେ ଏହା ଅଧିକ ଫଳପ୍ରଦ ହେବ। ଉଦାହରଣ ସ୍ୱରୂପ, ଉପକୂଳ ଜିଲାଗୁଡିକରେ ମତ୍ସ୍ୟଚାଷକୁ ପ୍ରାଧାନ୍ୟ ଦେଲେ ଆମକୁ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରିବାକୁ ପଡ଼ନ୍ତା ନାହିଁ। ସେହିପରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଜିଲାଗୁଡ଼ିକ ପାର୍ବତ୍ୟାଞ୍ଚଳ ଓ ଜଙ୍ଗଲ ଘେରରେ ରହୁଥିବାରୁ ବିଭିନ୍ନ ପ୍ରକାର ପଶୁପକ୍ଷୀ ପାଳନ ଏବଂ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଉତ୍ପାଦନ କରିବା ସହଜ ହୋଇପାରିବ। ଗୋପାଳନକୁ ଅଧିକରୁ ଅଧିକ ବ୍ୟାପକ କରାଗଲେ ଗ୍ରାମାଞ୍ଚଳ ଲୋକମାନେ ସହଜରେ ବିଭିନ୍ନ ଦୁଗ୍ଧଜାତୀୟ ଦ୍ରବ୍ୟ ପାଇପାରିବେ ଏବଂ ଏହାଦ୍ୱାରା ଗ୍ରାମାଞ୍ଚଳ ଶିଶୁମାନଙ୍କଠାରେ ଦେଖାଦେଉଥିବା ଅପପୁଷ୍ଟି ହାରକୁ ମଧ୍ୟ କମାଯାଇପାରନ୍ତା।

ବର୍ତ୍ତମାନ ସମୟରେ ଲୋକମାନଙ୍କର ଖାଦ୍ୟ ପ୍ରଣାଳୀରେ ବହୁତ ପରିବର୍ତ୍ତନ ଦେଖାଦେଇଛି। ଖାଦ୍ୟଶସ୍ୟଜନିତ ଖାଦ୍ୟପଦାର୍ଥକୁ କମାଇ ଲୋକମାନେ ଅଧିକ ପନିପରିବା, ଫଳ, ଦୁଗ୍ଧଜାତୀୟ ଦ୍ରବ୍ୟ, ମାଛ, ମାଂସ ଓ ଅଣ୍ଡା ଇତ୍ୟାଦି ଖାଦ୍ୟପଦାର୍ଥକୁ ଅପଣାଇଛନ୍ତି। ଆହୁରି ମଧ୍ୟ ଆଜିକାଲି ପ୍ରକ୍ରିୟାକୃତ ଖାଦ୍ୟପଦାର୍ଥର ଚାହିଦା ବଢ଼ିବାରେ ଲାଗିଛି। କୃଷି ବିବିଧତା ଖାଦ୍ୟ ସୁରକ୍ଷା ଯୋଗାଇ ଦେବାରେ ସହାୟକ ହେବା ସହ ପୋଷଣ ସୁରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରୁଛି। ଏହା ବଜାର ମୂଲ୍ୟ ଅସ୍ଥିରତାକୁ କମାଇବାରେ ସହାୟତା କରୁଛି, କାରଣ ଏହା ଅଧିକ ଅମଳ ସମୟରେ ଅଭାବୀ ବିକ୍ରି ଏବଂ କମ୍ ଅମଳ ସମୟରେ ଅଧିକ ଦର ବୃଦ୍ଧି ଭଳି ସମସ୍ୟାର ଏକ ସମାଧାନ। ଏହା ମାଟିର ଉର୍ବରତା ବଢ଼ାଇବା ସହ ମିଶ୍ରିତ କୃଷିର ପ୍ରଭାବରେ ଉତ୍ପାଦକତାକୁ ବଢାଇବାରେ ସହାୟକ ହେଉଥିବା ବେଳେ ଜୈବବିବିଧତାର ମଧ୍ୟ ସୁରକ୍ଷା କରିଥାଏ।

ପରିଶେଷରେ ଏହା କୁହାଯାଇପାରେ ଯେ, କରୋନା ଦ୍ୱାରା ପ୍ରଭାବିତ ଅର୍ଥନୀତିକୁ ଏକ ନୂଆ ଦିଗକୁ ନେଇଯିବାକୁ ହେଲେ, ଦୀର୍ଘସ୍ଥାୟୀ କୃଷି ପଦ୍ଧତି ଓ କୃଷି ବିବିଧତାକୁ ଆପଣାଇବାର ସମୟ ଆସିଛି। ଏହା ମଧ୍ୟ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରୁ କୃଷିକ୍ଷେତ୍ରକୁ ସୁରକ୍ଷିତ ରଖିବାର ଏକ ବିକଳ୍ପ ପରି ମନେହୁଏ। ଏହି ବିପତ୍ତିଗୁଡିକର ପ୍ରଭାବ ସହର ଅପେକ୍ଷା ଗ୍ରାମାଞ୍ଚଳର ଆର୍ଥିକ ସ୍ଥିତିକୁ ଅଧିକ ବିଗାଡି ଦେଇଥାଏ। ତେଣୁ ସମୟାନୁଯାୟୀ ଆମକୁ ଗ୍ରାମାଭିମୁଖୀ ହୋଇ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସୁଦୃଢ କରିବାର ଅଛି। ରୋଜଗାର ହରେଇ ଫେରି ଆସିଥିବା ଓଡ଼ିଆ ଏବଂ ଗ୍ରାମାଞ୍ଚଳର ଅର୍ଦ୍ଧଶିକ୍ଷିତ ବେକାର ଯୁବକମାନଙ୍କୁ ଉନ୍ନତ କୃଷିପ୍ରଣାଳୀକୁ ଆପଣାଇବା ଲାଗି ତାଲିମ ଦେବା ପାଇଁ କୃଷି-ବ୍ୟବସାୟିକ ଅନୁଷ୍ଠାନ ଖୋଲାଗଲେ, ସେମାନଙ୍କୁ କୃଷି ବିବିଧତା ଆଡ଼କୁ ଆକୃଷ୍ଟ କରାଯାଇପାରିବ। କୃଷି ବିବିଧତା ବଢ଼ିଲେ, ଆପେ ଆପେ ବିଭିନ୍ନ କୁଟୀରଶିଳ୍ପ ଗଢ଼ି ଉଠିବ ଏବଂ ବହୁ ଚାଷୀ, ଶ୍ରମିକ ଓ ମହିଳା ମଧ୍ୟ ରୋଜଗାରକ୍ଷମ ହେବେ। ଏହା ଓଡ଼ିଶା ଭଳି କୃଷିପ୍ରଧାନ ରାଜ୍ୟର କରୋନା ପରବର୍ତ୍ତୀ ସ୍ଥିତିକୁ ସମ୍ଭାଳିବା ସହ ରାଜ୍ୟକୁ ଆତ୍ମନିର୍ଭରଶୀଳ ହେବାରେ ସହାୟକ ହେବ। ଏତଦ୍‌ବ୍ୟତୀତ ଏହାଦ୍ୱାରା ଚାଷୀ, ଶ୍ରମିକ ଓ ବେକାରଙ୍କୁ ରୋଜଗାର ଯୋଗାଇ ଦାରିଦ୍ର୍ୟ ଦୂରୀକରଣ ମଧ୍ୟ କରାଯାଇପାରିବ ବୋଲି ଅନେକ ଗବେଷକଙ୍କ ମତ ଓ ବିଶ୍ୱାସ।

ସିନିୟର ରିସର୍ଚ୍ଚ ଫେଲୋ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ମୋ- ୭୫୦୪୫୧୬୦୯୦

# ବଦଳି ଯାଉଥିବା ଜୀବନଶୈଳୀ



ଡ. ବିରଞ୍ଚିନାରାୟଣ ମଲ୍ଲିକ

ଆଜିକା ସମୟରେ ଘର, ପରିବାର, ରାସ୍ତାଘାଟ, ଖଟି ଜାଗା ବା କର୍ମସଂସ୍ଥାନ ସବୁଠି କେବଳ ଗୋଟିଏ ହିଁ ଚର୍ଚ୍ଚା, ତାହା ଆମ୍ଭମାନଙ୍କ ଭିତରେ କୋକୁଆ ଭୟ ସୃଷ୍ଟି କରିଥିବା 'କରୋନା'। କରୋନା ବାସ୍ତବରେ ଯେତିକି କ୍ଷତି କରିଛି ଅନେକ ଲାଭ ବି ଦେଇଛି। ଜଳ ଓ ବାୟୁ ପ୍ରଦୂଷଣ ଆଶ୍ଚର୍ଯ୍ୟଜନକ ଭାବେ କମିଯାଇଛି। ପୂର୍ବପରି ଲୋକମାନେ ଆଉ ଖାଇବା ପରେ ଖାଦ୍ୟପଦାର୍ଥ ଫୋପାଡୁ ନାହାନ୍ତି। ବେପରୁଆ ଓ ଖୋଲାହାତ ଖର୍ଚ୍ଚ ନ କରି ସର୍ବନିମ୍ନ ଖର୍ଚ୍ଚରେ ଜୀବନନିର୍ବାହ କରୁଛନ୍ତି। ଅସଲ କଥାଟି ହେଉଛି ସରକାର ଲକ୍‌ଡାଉନ୍ ଦ୍ୱାରା ସାଧାରଣ ଲୋକଙ୍କ ଜୀବନଯାତ୍ରାକୁ ଏକ ପ୍ରକାର ବନ୍ଦ କରିଦେଇଥିବା ବେଳେ ଲକ୍‌ଡାଉନ୍ ପ୍ରତ୍ୟାହୃତ ହେଲେ ବି ପୂର୍ବର ସେହି ଜୀବନଶୈଳୀ ଆଉ କିନ୍ତୁ ଫେରି ନ ପାରେ। ଖୁଚୁରା ବ୍ୟବସାୟୀ ହୁଅନ୍ତୁ ବା ହୋଟେଲ କିମ୍ବା ରେଷ୍ଟୁରାଣ୍ଟ, ବିମାନଯାତ୍ରା ହେଉ ଅବା ଖାଦ୍ୟପାନୀୟ ବ୍ୟବସାୟୀ- ସେମାନେ ପୂର୍ବରୁ ଯେପରି ସବୁ ସ୍ୱତନ୍ତ୍ର ରିହାତି ଓ ଗିଫ୍ଟ ଅଫର ଦେଉଥିଲେ ଆଉ ସେମାନେ ଏବେ ଦେଇପାରିବେନି। ସରକାରୀ ଭାବେ କଟକଣା କୋହଳ ହେଲେ ବି ବିଭିନ୍ନ ଉଦ୍ୟୋଗ ଓ ଶିଳ୍ପସଂସ୍ଥାର ତାଲା ଯେ ଠିକ୍‌ଭାବେ ଖୋଲିଯିବ ତାହା କିନ୍ତୁ କହିହେବ ନାହିଁ। କରୋନା ପରବର୍ତ୍ତୀ ଜୀବନରେ ଉପଭୋକ୍ତାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ସତର୍କତା ଅବଲମ୍ବନ କରିବେ। ସେବା ଯୋଗାଉଥିବା ସଂସ୍ଥାଠାରୁ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟରକ୍ଷା ଆଶା କରିବା ସ୍ୱାଭାବିକ। ସେହିପରି ଶପିଂ ମଲ୍‌ଗୁଡ଼ିକ ନୂଆ ନିୟମ ଲାଗୁ କରିବେ। ସାମାଜିକ ଦୂରତା ରକ୍ଷା ପାଇଁ ନିଜର ଆଭ୍ୟନ୍ତରୀଣ ସାଜସଜ୍ଜାରେ ପରିବର୍ତ୍ତନ କରିବେ। ପ୍ରବେଶ ଦ୍ୱାରରେ ଥର୍ମାଲ ସ୍କ୍ରିନିଂ କରିବା ସହ ମେଟାଲ ଡିଟେକ୍ଟର ଭଳି ସାନିଟାଇଜ କିଓସ୍କ ଲଗାଇବେ। ଫିଟ୍‌ନେସ ନ ଥିଲେ ଯେମିତି ଆଜିକାଲି କ୍ରିକେଟ, ହକି ବା ଫୁଟବଲ ଦଳର ଏଗାର ଜଣିଆ ଦଳ ଭିତରେ ରହି ହେଉନାହିଁ, ସେମିତି ଫିଟ୍‌ନେସ ନ ଥିଲେ ବା ରୁଗ୍ଣ ଥିଲେ ଉପଭୋକ୍ତାମାନେ ବଜାର, ମଲ୍ ବା ଶପିଂ କମ୍ପ୍ଲେକ୍ସ ଭିତରକୁ ବି ପଶିବାକୁ ଯୋଗ୍ୟ ହେବେନାହିଁ। ଯେଉଁମାନେ ମାସ୍କ ପିନ୍ଧି ନ ଥିବେ ସେମାନେ ଭିତରେ ପ୍ରବେଶ କରିବାର ଅନୁମତି ନ ପାଇପାରନ୍ତି। ଯେଉଁମାନଙ୍କ ଶରୀରର ତାପମାତ୍ରା ୯୯ରୁ ୧୦୦ ଡିଗ୍ରୀ ଫାରେନ୍‌ହିଟ ବା ତା'ଠୁ ଉପରେ ଥିବ, ସେମାନେ ଫାଟକରୁ ଫେରିଯିବାକୁ ବାଧ୍ୟ ହେବେ। ପ୍ରତି ଘଣ୍ଟାରେ ସୀମିତ ସଂଖ୍ୟାରେ ଗ୍ରାହକଙ୍କୁ ପ୍ରବେଶାନୁମତି ମିଳିବ। କୌଣସି ପ୍ରକାର ସାମାଜିକ ପ୍ରତିବନ୍ଧକଙ୍କୁ ସାମ୍ନା କରିବାକୁ ପଡ଼ିବ। କେବଳ ରହଣି ଓ ଭୋଜନ ସେବାରେ ହୋଟେଲ ଶିଳ୍ପ ସୀମିତ ରହିବ। ସଭ୍ୟ ମଣିଷର ଜୀବନ ଆଉ ମୁକ୍ତ ଓ ଅବାଧ ହୋଇ ରହିପାରିବ ନାହିଁ। ବଦଳିଯିବ ନିତିଦିନିଆ ଜୀବନଶୈଳୀ। କଟକଣା ଓ ଅନୁଶାସନ ଭିତରେ ବଞ୍ଚିବାକୁ ହେବ।

ଆମେ ମଣିଷର ଜୀବନକାଳ ଓ ରୋଗ ବିଷୟରେ ଟିକିଏ ଉଲ୍ଲେଖ କରୁଛୁ। ଆପଣ ଜାଣି ନ ଥିବେ ଜଣେ ସାଧାରଣ ମଣିଷ ଜୀବନକାଳରେ ଅନ୍ୟୂନ ୬୨୮୪ ଥର ଛୋଟବଡ଼ ବେମାରିର ଶିକାର ହୋଇଥାଏ। ସାଧାରଣ ଥଣ୍ଡା, ବାୟୁଦୋଷ, ମୁଣ୍ଡବିନ୍ଧା, ଅଣ୍ଟାଦରଜ, କଫ-କାଶ, କୃମିଦୋଷ ଭଳି ରୋଗ ଦ୍ୱାରା ସମସ୍ତେ ନିୟମିତ ପୀଡ଼ିତ ହୋଇଥାନ୍ତି। ବ୍ରିଟେନ୍‌ର କେତେକ ଘରୋଇ ସ୍ୱାସ୍ଥ୍ୟ ବୀମା ସଂସ୍ଥା ସହାୟତାରେ ସେଠାକାର ଲୋକଙ୍କ ଉପରେ ସର୍ବେକ୍ଷଣ କରାଯାଇଥିଲା। ତାହାର ଫଳାଫଳ ଅନୁଯାୟୀ ୭୮.୫ବର୍ଷ ବଞ୍ଚୁଥିବା ଜଣେ ବ୍ରିଟନ୍ ବାର୍ଷିକ ୮୦ଟି ପର୍ଯ୍ୟନ୍ତ ସାଧାରଣ ରୋଗ ଭୋଗିଥାନ୍ତି। ବର୍ଷରେ ୨୧ ଥର ବେଦନା ଉପଶମକାରୀ ଔଷଧ ଗ୍ରହଣ କରନ୍ତି ଅର୍ଥାତ୍ ଜୀବନକାଳରେ ୧୬୪୯ ଥର ଏଭଳି ଔଷଧ ଖାଇଥାନ୍ତି। ପୁଣି ପ୍ରାୟ ସମସ୍ତେ ବାର୍ଷିକ ଅତି କମ୍‌ରେ ୧୯ଥର ରକା, ୧୬ଥର ମୁଣ୍ଡବିନ୍ଧା ଓ ୧୪ଥର ପିଠିବିନ୍ଧା ଭଳି ଅତି ସାଧାରଣ ବେମାରି ଭୋଗିଥାନ୍ତି। ତା'ଛଡ଼ା ପେଟ ଗୋଳମାଳ, ହଜମଜନିତ ଅସୁବିଧା, ନାକରୁ ରକ୍ତ ପଡ଼ିବା ମଧ୍ୟ ମଣିଷ କ୍ଷେତ୍ରରେ ସାଧାରଣ। ଏଭଳି ବେମାରି ଦ୍ୱାରା ପୀଡ଼ିତ ରହୁଥିଲେ ହେଁ ସମସ୍ତେ ମନେକରନ୍ତି ଯେ ସେମାନଙ୍କଠାରେ କୌଣସି ଅସୁସ୍ଥତା ନାହିଁ। ପରିଣାମସ୍ୱରୂପ ବଡ଼ ବଡ଼ ବେମାରିର ଶିକାର ହୋଇଥାନ୍ତି।

ବାସ୍ତବ କଥା ହେଉଛି କରୋନା ଆମ୍ଭମାନଙ୍କୁ ଅନେକ ମୂଲ୍ୟବାନ୍ ଶିକ୍ଷା ଦେଇଛି। ଅନେକଙ୍କର ଦାନାପାଣି ଓଲଟପାଲଟ ହୋଇଯାଇଛି। କିଛି ଲୋକଙ୍କ ସ୍ୱପ୍ନର ସଂସାର ବି ଚୂରମାର ହୋଇଯାଇଛି। କିନ୍ତୁ ଆମ୍ଭେମାନେ ସବୁଜ ଓ ନିର୍ମଳ ପରିବେଶ ଭିତରେ ଜୀବନ ଜିଉଛୁ। ମଦ ଓ ନିଶାଦ୍ରବ୍ୟ ସାମୟିକ ବନ୍ଦ କାରଣରୁ ସମାଜରେ ଅଭାବନୀୟ ଘଟଣା ଓ ପାଶବିକତା ତୁଳନାତ୍ମକ ଭାବେ କମି ଯାଇଛି। ଘର-ପରିବାରଠାରୁ ଦୂରରେ ରହୁଥିବା କିଛି ବ୍ୟକ୍ତି ଯୌଥ ପରିବାରରେ ମିଶିବାର ଅବକାଶ ପାଇଲେ। ଜୀବନ ନିର୍ବାହ କ୍ଷେତ୍ରରେ ସଞ୍ଚୟ ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ମଧ୍ୟ ଶିକ୍ଷା ପାଇଲୁ। ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ସଚେତନତା କେତେ ପରିମାଣରେ ଗୁରୁତ୍ୱପୂର୍ଣ୍ଣ ସେହି ଶିକ୍ଷା ତ କରୋନା ଆମମାନଙ୍କୁ ଦେଲା। ଆସନ୍ତୁ ମନ ଭିତରେ ନିରାଶା, ହତାଶା ଓ ଦୁଃଖକୋହକୁ ପଛକୁ ଠେଲି ଦିବ୍ୟ ଜୀବନ ବିତାଇବା ପାଇଁ ଯେଉଁ ସୁଯୋଗ ପାଇଲେ ତାହାକୁ ଜୀବନ କ୍ଷେତ୍ରରେ ଲଗାଇବା।

ସର୍ଜରି ବିଶେଷଜ୍ଞ, କଟକ
ମୋ : ୯୪୩୭୨୭୭୭୪୮

## ଏଇ ଭାରତରେ

ସ୍ୱର୍ଣ୍ଣଚମ୍ପା ଫୁଲଚାଷରୁ ବର୍ଷକୁ ୯ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ମହାରାଷ୍ଟ୍ରର କୃଷକ ରବର୍ଟ ଡିବ୍ରିଟୋ। ଏହା ସହ ସେ ୨୫ଟି ଗାଁରେ ଏହି ଫୁଲଚାଷ କରିବା ପାଇଁ ଲୋକମାନଙ୍କୁ ପ୍ରେରଣା ଦେଇଛନ୍ତି। ଡିବ୍ରିଟୋଙ୍କୁ ବର୍ତ୍ତମାନ ବୟସ ୬୪। ପାଲଘର ଜିଲା ବାସାଇ- ବିରାର ତହସିଲ ଅନ୍ତର୍ଗତ ସତପଲେ ଗାଁରେ ତାଙ୍କ ଘର। ସେଠାରେ ସେ ୩୦ ଗୁଣ୍ଠ ଜମିରେ ସ୍ୱର୍ଣ୍ଣଚମ୍ପା ଚାଷ କରୁଛନ୍ତି। ୮ରୁ ୧୦ ଫୁଟ ଯାଏ ବଢି ପାରୁଥିବା ଏହି ଚମ୍ପାଗଛରୁ ଦିନକୁ ପାଖାପାଖି ୧୦ ହଜାର ଫୁଲ ବାହାରୁଛି ଓ ତାହାକୁ ଘର ପାଖରୁ ୫୭ କି.ମି. ଦୂର ମୁମ୍ବାଇର ଦାଦର ଫୁଲ ବଜାରରେ ବିକ୍ରି କରୁଛନ୍ତି। ଏହି କାର୍ଯ୍ୟରେ ସେ କେତେଜଣ ଲୋକଙ୍କୁ ବି ନିଯୁକ୍ତି ଦେଇଛନ୍ତି। ସବୁ ଖର୍ଚ୍ଚ ଯାଇ ସେ ମାସକୁ ୭୫ ହଜାର ଟଙ୍କା ଲାଭ କରୁଛନ୍ତି। ଏହି ଫୁଲ ଏବେ ମୁମ୍ବାଇବାସୀଙ୍କ ଅତି ପ୍ରିୟ ହୋଇଯାଇଛି। ସେ ଶହେଟି ଫୁଲକୁ ୧୦୦ ଟଙ୍କାରେ ବିକନ୍ତି। କିନ୍ତୁ ଗଣେଶ ଚତୁର୍ଥୀ, ନବରାତ୍ରି ଓ ବାହାଘର ସମୟରେ ଏହାର ଦାମ ପ୍ରାୟ ୭୦୦ ଟଙ୍କା ରହେ। ଡିବ୍ରିଟୋ ପଲିଟେକ୍‌ନିକ୍ ପଢୁଥିଲେ। ପିତାଙ୍କ ମୃତ୍ୟୁ ପରେ ପାଠ ଛାଡି ଦେଇ ମଲ୍ଲିଫୁଲ ଚାଷ ଆରମ୍ଭ କରିଥିଲେ। ପରେ ଏହି ଚାଷରୁ ଓହରି ଆସି ସେ ସ୍ୱର୍ଣ୍ଣଚମ୍ପା ଚାଷ ପ୍ରତି ମନ ବଳାଇଥିଲେ। ସେ ତାଙ୍କ ବଗିଚାରେ ଶୁଖିଲା ଗୋବର ଖତ ପ୍ରୟୋଗ କରନ୍ତି ଓ ପ୍ରତି ୪ ଦିନରେ ପାଣି ମଡାନ୍ତି। ଏବେ ତାଙ୍କ ତତ୍ତ୍ୱାବଧାନରେ ବାସାଇ- ବିରାର ତହସିଲର ୨୫ଟି ଗାଁର ପାଖାପାଖି ୫୦୦ ପରିବାର ସ୍ୱର୍ଣ୍ଣଚମ୍ପା ଚାଷ କରି ଜୀବିକା ନିର୍ବାହ କରୁଛନ୍ତି। କରୋନା ମହାମାରୀ ସମୟରେ ଚାଷରେ କ୍ଷତି ହେଉଥିଲେ ବି ଏହାକୁ ଜାରି ରଖିବା ଲାଗି ସେ ଲୋକମାନଙ୍କୁ ଉତ୍ସାହିତ କରୁଛନ୍ତି। ଏହି ଚାଷକୁ ଲୋକପ୍ରିୟ କରିପାରିଥିବାରୁ ଡିବ୍ରିଟୋଙ୍କୁ ବସନ୍ତରାଓ ନାଏକ କୃଷି ପୁରସ୍କାର ପ୍ରଦାନ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### କରୋନା ପାଇଁ ସାମାଜିକ ବାସନ୍ଦ ନିନ୍ଦନୀୟ

ମହାଶୟ,

କରୋନାର ଭୟାବହ ଚକ୍ରବ୍ୟୂହ ଭିତରେ ଜୀବନ ଜୀବିକା ପାଇଁ ସାରା ବିଶ୍ୱ ଆଜି ସ୍ତବ୍ଧ, ଚକିତ ଓ ଆତଙ୍କିତ ଥିବାବେଳେ ଗ୍ରାମାଞ୍ଚଳରେ ଏବେ ବି ଲୋକଙ୍କ ମଧ୍ୟରେ ମଧ୍ୟଯୁଗୀୟ ଅନ୍ଧବିଶ୍ୱାସ ଓ ଜାତିଆଣ ଭେଦଭାବ ମୁଣ୍ଡ ଟେକିଥିବା ପରିତାପର ବିଷୟ। ସଂପ୍ରତି ଟିଟିଲାଗଡ଼ କ୍ୱାରାଣ୍ଟାଇନ କେନ୍ଦ୍ରରୁ ବିମୁକ୍ତ ହୋଇ ଗାଁ ମାଟିକୁ ସୁରଟରୁ ଫେରିଥିବା ପ୍ରବାସୀ ଯୁବକଟିକୁ ନିଜ ଘରେ ପଶିବାକୁ ଗାଁ ଲୋକ ବିରୋଧ କରିଥିଲେ। ସେହି ଯୁବକ ସଂଗରୋଧ କେନ୍ଦ୍ରରେ ରହି ଅନ୍ୟ ଜାତିର ଲୋକଙ୍କ ସହିତ ମିଳାମିଶା କରିଥିବାରୁ ଗାଁରୁ ଜାତିରୁ ସେ ଆଜି ବାସନ୍ଦ। ପୁଣି ଦେବଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରି ଛେଳି କୁକୁଡ଼ା ବଳି ଦେଇ ସ୍ୱଜାତିରେ ଗ୍ରହଣ କରିବାକୁ ପରାମର୍ଶ ଦେବା ଏକ ଘୃଣିତ ଓ କୁତ୍ସିତ ସାମାଜିକ ପରମ୍ପରା ନୁହେଁ କି? ଗାଁ ଦାଣ୍ଡରେ ପାଦ ଦେବାକୁ ଚାହୁଁଥିବା ଯୁବକର ସ୍ୱାଧିକାର ଆଜି ବିପନ୍ନ, ଯାହା ଅତ୍ୟନ୍ତ କ୍ଷୋଭର ବିଷୟ। ଅନେକ ପ୍ରବାସୀ ଅନନ୍ୟୋପାୟ ହୋଇ ଗଛତଳେ କାଳଯାପନ କରିବା ଏବଂ ନିକଟସ୍ଥ ଜଙ୍ଗଲକୁ ଚାଲିଯାଉ ଥିବାର ଦୃଶ୍ୟ ନଜରକୁ ଆସୁଛି। ଏହା ଆମ ସାମାଜିକ ସଚେତନତା, ସମ୍ବେଦନଶୀଳତା ଓ ମାନବିକତାର ଅଭାବ ବୋଲି ମାନିବାକୁ ହେବ ଏବଂ ଏତାଦୃଶ ଜାତିଆଣ ମନୋଭାବ, ଭେଦଭାବ ତଥା ଅନ୍ଧବିଶ୍ୱାସ ମନରୁ ଦୂର କରିବାକୁ ହେବ। ପ୍ରଶାସନର ଏହା ଉପରେ ଦୃଷ୍ଟି ପଡ଼ିବା ବାଞ୍ଛନୀୟ।

ଡ. ମୋହନ ସୁନ୍ଦର ମେହେର, ଜିନ୍ଦଲନଗର, ଅନୁଗୋଳ

### ବେଆଇନ ପଥର ବ୍ଲାଷ୍ଟିଂ

ଯାଜପୁର ଜିଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀରେ ଶହ ଶହ କୋଟି ଟଙ୍କାର କଳାପଥର ଲୁଟ, ପାହାଡ଼ ପର୍ବତ ଓ ପରିବେଶ ଧ୍ୱଂସାଭିମୁଖୀ, ସରକାର ବହୁକୋଟି ଟଙ୍କାର ରାଜସ୍ୱ ହରାଇବା, ବେଆଇନ ବ୍ଲାଷ୍ଟିଂର ପ୍ରଭାବରେ ଲୋକଙ୍କ ଘରକାନ୍ଥ ଫାଟି ଭାଙ୍ଗିଯିବା ସହ ଭୂତଳ ଜଳ ପ୍ରଦୂଷିତ ହୋଇ ରୋଗ ସୃଷ୍ଟି ହେଉଛି। ଭୂତଳ ତୈଳ ପ୍ରକଳ୍ପ ଘୋଷଣା ପରେ ନିଷେଧାଦେଶ ସତ୍ତ୍ୱେ ପଥର ବ୍ଲାଷ୍ଟିଂ ଚାଲିଲା। ବହୁ ବିରୋଧ ପରେ ଏହା କିଛିଦିନ ହେବ ବନ୍ଦ ଥିଲା, କିନ୍ତୁ ପୁନଶ୍ଚ କରୋନା ବିପତ୍ତି ସମୟରେ ବେଧଡକ ପାହାଡ ଫଟା, ବ୍ଲାଷ୍ଟିଂ ଓ ପଥର ଚାଲାଣ ଚାଲିଛି। ଏଠାରେ ପ୍ରଶାସନ ତରଫରୁ ହୋଇଥିବା ୧୪୪ ଧାରା ଜାରି, ନାଲି ପତାକା ମରା, ରାସ୍ତା ଖୋଳି ପାହାଡକୁ ଗାଡି ନ ଛାଡିବା, ପାହାଡକୁ ଯାଇଥିବା ରାସ୍ତାରେ ବିଭିନ୍ନ ସ୍ଥାନରେ ଗେଟ କରାଯିବା ଆଦି ସବୁ ଯେମିତି ପ୍ରହସନରେ ପରିଣତ ହୋଇଛି। ଏଥିପ୍ରତି '୫ଟି' ସଚିବଙ୍କ ଦୃଷ୍ଟିପଡିଲେ ସହଜରେ ସମାଧାନ ହୋଇପାରିବ ବୋଲି ଆଶା କରାଯାଏ।

ସତୀଶ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଧର୍ମଶାଳା, ଯାଜପୁର

### ଜନସାଧାରଣ, ଖାଉଟି ହନ୍ତସନ୍ତ

ପୂର୍ବ ସତ୍ୟବାଦୀର ସୁଆଣ୍ଡୋ, ବଳପୁର, ରାୟଖଣ୍ଡି, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ପାରକେଣା, ମହୁରା, କେତକୀପାଟଣା, ଦୁବାଇପୁର, ଗବକୁଣ୍ଡ, ସୁଆଁଲୋ, ଚିଲପାଟଣା, ନୂଆ ଶାସନ, ହରିପୁର, ପଦ୍ମପୁର, ବୁଢ଼ାକେରା, ଖଡ଼ିକୁଦା, ଗେଣ୍ଡାମାଳି, ବରିହା ପ୍ରଭୃତି ଗ୍ରାମମାନଙ୍କର ବିଦ୍ୟୁତ୍ ଗ୍ରାହକମାନେ ଘନ ଘନ ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଭୀଷଣ ଗୁଳୁଗୁଳିରେ ଅତିଷ୍ଠ ହେଲେଣି। କ୍ୱାରାଣ୍ଟାଇନ କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ୍ କାଟ୍ ଯୋଗୁ ଓଡ଼ିଶା ବାହାରୁ ଆସୁଥିବା ଅନ୍ତେବାସୀମାନେ ହଇରାଣ ହେଉଛନ୍ତି। କାହାକୁ ଅଭିଯୋଗ କରିବାକୁ ହେବ ଜାଣିହେଉ ନାହିଁ। ଏହି ଗ୍ରାମଗୁଡ଼ିକ ସାକ୍ଷୀଗୋପାଳ ନଂ.୧, ସବ୍ ଡିଭିଜନ କାର୍ଯ୍ୟାଳୟ ମଧ୍ୟରେ ଆସୁଛି। ଫେଡ୍‌କୋ ଓ ସେସୁ ବିଭାଗ ରହିଥିଲେ ମଧ୍ୟ ଶୁଣାଯାଉଛି ବର୍ତ୍ତମାନ ସେସୁର ସ୍ୱତ୍ୱାଧିକାର ଟାଟା ବିଦ୍ୟୁତ୍ କମ୍ପାନୀ ନେଇଥିବାରୁ ଉପଯୁକ୍ତ କର୍ତ୍ତୃପକ୍ଷ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଶ୍ରୀରାମଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦୁଇ ନେତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ

**୬ଜଣଙ୍କ ନାଁରେ ମାମଲା**

**ବାଲେଶ୍ୱର ଅଫିସ, ୧୫।୬:** ବାଲେଶ୍ୱର ଜିଲା ଜଳେଶ୍ୱର ସହର ପଞ୍ଚୁଘଣ୍ଟା ଗ୍ରାମ ଶିବ ମନ୍ଦିର ନିକଟରେ ରବିବାର ରାତିରେ ଭାଜପା ରାଷ୍ଟ୍ରୀୟ ପରିଷଦ ସଭ୍ୟ ସମୀର ପାତ୍ର ଓ ଜଳେଶ୍ୱର କୃଷକ ସଙ୍ଗଠନ ସମ୍ପାଦକ ସୁବ୍ରତ ବେରାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ ହୋଇଥିଲା। ପୋଲିସ ଦେଢ଼ଘଣ୍ଟା ପରେ ଦୁଇ ନେତାଙ୍କୁ ଉଦ୍ଧାର କରିଥିଲା। ଏନେଇ ପାତ୍ର ଜଳେଶ୍ୱର ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୨୦୬/୨୦) ରୁଜୁ କରାଯାଇଛି। ବାଲିମାଫିଆଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଏହି ଘଟଣାରେ ୬ଜଣଙ୍କ ମାମଲା ରୁଜୁ ହୋଇଥିବା ତଦନ୍ତ ଅଧିକାରୀ ସବ୍‌ଇନ୍‌ସ୍ପେକ୍ଟର ନରେନ୍ଦ୍ର ନାଥ ସେଠୀ ସୂଚନା ଦେଇଛନ୍ତି। ଜଳେଶ୍ୱର ବ୍ଲକ ସୁବର୍ଣ୍ଣରେଖା ନଦୀପଠାରୁ ବେଆଇନ ବାଲି ଉତ୍ତୋଳନ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଦିନକୁ ଦିନ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିଚାଲିଥିବାରୁ ଏହାର ପ୍ରତିବାଦ କରି ରାଷ୍ଟ୍ରୀୟ ପରିଷଦ ସଭ୍ୟ ପାତ୍ର ଓ ଜଳେଶ୍ୱର କୃଷକ ସଙ୍ଗଠନ ସମ୍ପାଦକ ବେରା ହାଇକୋର୍ଟରେ ମାମଲା ରୁଜୁ କରିବା ସହ ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଗତ ୯ତାରିଖ ଏନ୍‌ଜିଟି ରିପୋର୍ଟ ଅନୁଯାୟୀ ଜଳେଶ୍ୱର ପଞ୍ଚୁଘଣ୍ଟା (କ) ଓ (ଖ) ବାଲିଖାଦାନରୁ ବେଆଇନ ବାଲି ଉତ୍ତୋଳନର ତଦନ୍ତ ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରବିବାର ରାତିରେ ପାତ୍ର ଚପଲା ଗ୍ରାମରୁ ଘରକୁ ଫେରୁଥିବା ବେଳେ ଶିବ ମନ୍ଦିର ପାଖରେ ବେରାଙ୍କ ସହ କଥା ହେଉଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ପହଞ୍ଚି ଦୁଇନେତାଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ।

### ବଢ଼ିଲା ସ୍ୱତନ୍ତ୍ର ଓଜେଇଇ ଆବେଦନ ଅବଧି

**ଭୁବନେଶ୍ୱର, ୧୫।୬(ବ୍ୟୁରୋ):** ସ୍ୱତନ୍ତ୍ର ଓଜେଇଇ ପାଇଁ ଅନ୍‌ଲାଇନ୍ ଆବେଦନ ଓ ଫି' ଦାଖଲ ଅବଧି ବୃଦ୍ଧି କରାଯାଇଛି। କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ବି. ଟେକ୍ ସ୍ୱତନ୍ତ୍ର ଓଜେଇଇ ପାଇଁ ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ଜୁନ୍ ୩୦କୁ ବୃଦ୍ଧି ହୋଇଛି। ସେହିଭଳି ଅନ୍‌ଲାଇନ୍‌ରେ ଫି' ଦାଖଲର ଶେଷ ତାରିଖ ଜୁଲାଇ ୫ ରହିଛି। ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଶେଷ ହେବା ପରେ ପରୀକ୍ଷା ତାରିଖ ଓ ଆଡ୍‌ମିଟ୍ କାର୍ଡ ସମ୍ପର୍କରେ ନିର୍ଦ୍ଦିଷ୍ଟ ସମୟରେ ଜଣାଇ ଦିଆଯିବ ବୋଲି ଓଜେଇଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ୨ ହଜାର ଟଙ୍କା ଦେବା ପରେ ସଙ୍ଗରୋଧ କେନ୍ଦ୍ରରୁ ମୁକୁଳିଲେ ଦମ୍ପତି

**ନିରାକାରପୁର, ୧୫।୬(ଡି.ଏନ୍.ଏ.):** ପ୍ରବାସୀ ଓଡ଼ିଆମାନେ ଘରକୁ ଫେରିଲେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯିବା ବ୍ୟବସ୍ଥା ହୋଇଛି। ବିନା ମୂଲ୍ୟରେ ସେମାନଙ୍କ ରହିବା, ଖାଇବା ବ୍ୟବସ୍ଥା ମଧ୍ୟ କରାଯାଇଛି। ସେମାନଙ୍କ ସୁବ୍ୟବସ୍ଥା ପାଇଁ ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ଦିଆଯାଇଛି। ହେଲେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ସଙ୍ଗରୋଧ କେନ୍ଦ୍ରରୁ ଘରକୁ ଛାଡ଼ିବା ପାଇଁ ଗୋଳବାଇ ସରପଞ୍ଚ ଟଙ୍କା ଦାବି କରିଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଗୋଳବାଇ ଶାସନ ଗ୍ରାମର ମକଦମ ବେହେରା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କର ଏକମାତ୍ର ପୁଅ, ବୋହୂ ପଲ୍ଲାସାଠାରେ ରହୁଥିଲେ। କରୋନା ଯୋଗୁ ଅସୁବିଧା ହେବାରୁ ସେମାନେ ଗତମାସ ୧୭ତାରିଖ ରାତି ୧୧ଟାରେ ଘରେ ପହଞ୍ଚିଥିଲେ। ସକାଳୁ ସରପଞ୍ଚ ଖବର ପାଇ ସେମାନଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିଥିଲେ। ଘରେ ରହଣି ସମୟରେ ସେମାନେ ମକଦମା ଓ ତାଙ୍କ ସ୍ତ୍ରୀଙ୍କ ସଂସ୍ପର୍ଶରେ ଆସିଥିବାରୁ ଗାଁ ଲୋକଙ୍କ ଦାବି ପରେ ସରପଞ୍ଚ ଏହି ଦମ୍ପତିଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖିଥିଲେ। ଅବଧି ଶେଷ ପରେ ପୁଅବୋହୂଙ୍କୁ ଛାଡ଼ିଥିବା ବେଳେ ମକଦମ ଓ ତାଙ୍କ ସ୍ତ୍ରୀଙ୍କୁ ଛାଡ଼ିବା ପାଇଁ ସରପଞ୍ଚ କୁଆଡେ ଦିନକୁ ଜଣ ପିଛା ୧୨୦ଟଙ୍କା ହିସାବରେ ୧୦ଦିନରେ ୨୪୦୦ଟଙ୍କା ଦାବି କରିଥିଲେ। ୨ହଜାର ଟଙ୍କା ଦେବା ପରେ ସେଠାରୁ ସେମାନେ ମୁକୁଳିଥିଲେ ବୋଲି ମକଦମ ଅଭିଯୋଗ କରିଛନ୍ତି।

# ଶିଳ୍ପକୁ ଜମି ଦେବାକୁ ତତ୍ପର, ଗରିବଙ୍କୁ ଅବହେଳା

- ୩ ବର୍ଷ ହେଲା ଅଟକିଛି ଆର୍‌ଏଚ୍‌ସି
- ପଡ଼ିରହିଛି ମଞ୍ଜୁର ଅର୍ଥ ୧.୬୬ କୋଟି
- ଘର ନ ପାଇ ପ୍ରବାସୀ ନିର୍ମାଣ ଶ୍ରମିକ ହନ୍ତସନ୍ତ
- ଉପଯୁକ୍ତ ଜମି ଠାବ କରିବାକୁ ଓଡ୍ୟୁଏଚ୍‌ଏମ୍‌ର ଅନୁରୋଧ

**ଯାଜପୁର ଅଫିସ, ୧୫।୬**

ଯାଜପୁର ଜିଲାରେ ପ୍ରବାସୀ ନିର୍ମାଣ ଶ୍ରମିକଙ୍କ ପାଇଁ ଚାନ୍ଦମାଠାରେ ୫୦ ଶଯ୍ୟା ବିଶିଷ୍ଟ ଭଡ଼ାଘର କମ୍ପ୍ଲେକ୍ସ(ଆର୍‌ଏଚ୍‌ସି) ନିର୍ମାଣ ପ୍ରସ୍ତାବ ୩ ବର୍ଷ ହେଲା ଜମି ଅଭାବରୁ ଅଟକିଛି। ଫଳରେ ପ୍ରବାସୀ ନିର୍ମାଣ ଶ୍ରମିକ ଘର ନ ପାଇ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ନିର୍ମାଣ ଶ୍ରମିକମାନଙ୍କୁ ଅନ୍ଧାରରେ ରଖି ସାର୍ବଜନୀନ କାର୍ଯ୍ୟ ଦର୍ଶାଇ ଶିଳ୍ପସଂସ୍ଥାଗୁଡ଼ିକୁ ଜମି ହାତେଇବାରେ ତୁରନ୍ତ ସହଯୋଗ କରୁଛନ୍ତି। କିନ୍ତୁ ଗରିବ ନିର୍ମାଣ ଶ୍ରମିକଙ୍କୁ ଭଡ଼ାରେ ଘର ଖଣ୍ଡିଏ ଯୋଗାଇଦେବାକୁ ବର୍ଷ ବର୍ଷ ସମୟ ଲାଗୁଛି। ଏଥିରୁ ସରକାର ଓ ପ୍ରଶାସନର ଶିଳ୍ପପ୍ରୀତି କେତେ ତାହା ଜଳଜଳ ହୋଇ ଦିଶୁଛି ବୋଲି ନିର୍ମାଣ ଶ୍ରମିକମାନେ ମତପ୍ରକାଶ କରୁଛନ୍ତି।

ଯାଜପୁର ଜିଲାର ବଳକା ଜମିକୁ ନେଇ ଲ୍ୟାଣ୍ଡ ବ୍ୟାଙ୍କ ପ୍ରସ୍ତୁତ ନ କରି ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା ହେଉଛି। ଏଣୁ ସମଗ୍ର ଜିଲା ସରକାରୀ ଜମି ଶୂନ୍ୟ ହେବାକୁ ବସିଛି। ଶିଳ୍ପସଂସ୍ଥା ପାଇଁ ସରକାର ଯେଉଁଭଳି ଯୁଦ୍ଧକାଳୀନ ଭିତ୍ତିରେ ଜମି ଯୋଗାଇଦେବା ଲାଗି ପଦକ୍ଷେପ ନେଉଛନ୍ତି ସେତିକି ତତ୍ପରତା ନିର୍ମାଣ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରକଳ୍ପ ନିର୍ମାଣରେ ଦେଖାଉ ନ ଥିବା ଅଭିଯୋଗ ହେଉଛି। ଲୋକଙ୍କ ବିରୋଧ ଓ ପ୍ରତିବାଦ ସତ୍ତ୍ୱେ ଗୋଚର ଜମି, ଜଙ୍ଗଲ ଜମି, ଚାଷ ଜମି ଆଦିକୁ କିସମ ପରିବର୍ତ୍ତନ କରି ଶାଗମାଛ ଦରରେ ଶିଳ୍ପସଂସ୍ଥାକୁ ଟେକି ଦିଆଯାଉଛି। ଏପରିକି ଶିଳ୍ପସଂସ୍ଥାମାନେ କାରଖାନା ପ୍ରତିଷ୍ଠା ନାମରେ ହଜାର ହଜାର ହେକ୍ଟର ଜମି ମାଡି ବସି ସ୍ଥାନୀୟ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ମେସ୍କୋ କଳିଙ୍ଗ କମ୍ପାନୀର ବାର୍ଷିକ ୭ ମେଟ୍ରିକ ଟନ ହଟରୋଲ୍ଡ କୋଏଲ, ୱାଏର ରଡ୍, ବାର୍ ଓ ଲାଇଟ୍ ସେକ୍ସନ ଉତ୍ପାଦନ ପାଇଁ ଦାନଗଦି ତହସିଲ ଅନ୍ତର୍ଗତ ରାବଣା ଓ ଯଖପୁର ମୌଜାର ୧୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ୫୦୦ହେକ୍ଟର ରୟତ ଜମି ସହ ମୋଟ ୧୫୦୦ ହେକ୍ଟର ଜମି ଅଧିଗ୍ରହୀତ ହୋଇଥିଲା। ଜମି ଅଧିଗ୍ରହଣ ହେବାର ୨୫ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଏହି କାରଖାନା ପ୍ରତିଷ୍ଠା ହୋଇପାରି ନ ଥିବାରୁ ଅଧିଗ୍ରହୀତ ଜମି ପଡିଆ ପଡିଛି। କିନ୍ତୁ ଜମି ଚିହ୍ନଟ ପ୍ରକ୍ରିୟା ଚୂଡାନ୍ତ ହୋଇ ପାରୁ ନ ଥିବାରୁ କଳିଙ୍ଗନଗର ଶିଳ୍ପାଞ୍ଚଳ ଡୁବୁରୀଠାରେ ୧୦୦ ବେଡ୍ ବିଶିଷ୍ଟ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ହସ୍ପିଟାଲ ୭ ବର୍ଷ ହେଲା ପ୍ରସ୍ତାବରେ ସୀମିତ ରହିଛି। ସେହିପରି ୨୦୧୭ ଏପ୍ରିଲରୁ ପ୍ରବାସୀ ନିର୍ମାଣ ଶ୍ରମିକଙ୍କ ପାଇଁ ୫୦ ବେଡ୍ ବିଶିଷ୍ଟ ଭଡାଘର କମ୍ପ୍ଲେକ୍ସ ନିର୍ମାଣ ପାଇଁ ୧ କୋଟି ୬୬ ଲକ୍ଷ ୭୯ ହଜାର ୪୦୦ ଟଙ୍କା ପ୍ରଶାସନିକ ମଞ୍ଜୁରୀ ମିଳି ସାରିଛି। ଆର ଆଣ୍ଡ ବି( ପୂର୍ତ୍ତ ବିଭାଗ)କୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଜମି ଅଭାବରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ ବୋଲି ଓଡ଼ିଶା ଅର୍ବାନ ହାଉସିଂ ମିଶନ(ଓଡ୍ୟୁଏଚ୍‌ଏମ୍)କୁ ପୂର୍ତ୍ତ ବିଭାଗ(ଗୃହ) ଚିଫ୍ ଇଞ୍ଜିନିୟର ସୂଚନା ଦେଇଛନ୍ତି। ଏହି ଭଡ଼ାଘର କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଶ୍ରମ ବିଭାଗ ଓ ଇଏସ୍‌ଆଇସି ପକ୍ଷରୁ ଚାପ ପ୍ରୟୋଗ କରାଯାଉଥିଲେ ବି କୌଣସି ସୁଫଳ ମିଳି ପାରୁନାହିଁ। ଏଥିଯୋଗୁ ଯାଜପୁର ଭଳି ଏକ ଶିଳ୍ପ ସମୃଦ୍ଧ ଜିଲାରେ ଉଭୟ ଶ୍ରମିକ ଓ ନିର୍ମାଣ ଶ୍ରମିକ ଶ୍ରେଣୀର ସାମାଜିକ ସୁରକ୍ଷାକୁ ଗୋଟିଏ ପଟେ ବିପନ୍ନ କରାଯାଉଥିବା ମତପ୍ରକାଶ ପାଇଛି। ଏହିକ୍ରମରେ ଓଡ୍ୟୁଏଚ୍‌ଏମ୍‌ର ମିଶନ ଡାଇରେକ୍ଟର ସୁରେଶଚନ୍ଦ୍ର ଦଳେଇ ଖୁବ୍‌ଶୀଘ୍ର ଉପଯୁକ୍ତ ଜମି ଠାବ କରି ସଂପୃକ୍ତ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ସୂଚନା ଦେବା ସହ ପ୍ରବାସୀ ନିର୍ମାଣ ଶ୍ରମିକଙ୍କ ପାଇଁ ଭଡାଘର ନିର୍ମାଣ ଆରମ୍ଭ କରିବାକୁ ଯାଜପୁର ଜିଲାପାଳଙ୍କୁ ପତ୍ର ଜରିଆରେ ନିବେଦନ କରିଛନ୍ତି।

# ମାର୍କେଟ କମ୍ପ୍ଲେକ୍ସ ସିଲ୍ କଲା ପ୍ରଶାସନ



ଗଣେଶ ମାର୍କେଟ କମ୍ପ୍ଲେକ୍ସକୁ ସିଲ କରାଯାଉଛି।

**ଲକ୍‌ଡାଉନ ନିୟମ ଉଲ୍ଲଂଘନ**

**ବ୍ରହ୍ମପୁର ଅଫିସ, ୧୫।୬**

କରୋନା ସଂକ୍ରମଣକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାରେ ପ୍ରଶାସନ ପକ୍ଷରୁ ଆସନ୍ତା ୩୦ ତାରିଖ ଯାଏ ମଧ୍ୟାହ୍ନ ୧୨ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ସକାଳ ୭ଟାରୁ ୫ ଘଣ୍ଟା ପାଇଁ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିପାରିବ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଘୋଷଣାର ଦିନେ ନ ପୂରୁଣୁ ସୋମବାର ନିୟମ ଉଲ୍ଲଂଘନ କରି ବ୍ରହ୍ମପୁରରେ କେତେକ ମାର୍କେଟ କମ୍ପ୍ଲେକ୍ସ ଖୋଲିଥିଲା। ବଡବଜାରସ୍ଥିତ ଗଣେଶ ମାର୍କେଟ କମ୍ପ୍ଲେକ୍ସ ନିୟମ ଉଲ୍ଲଂଘନ କରି ଖୋଲିଥିବା ଓ ସେଠାରେ ସାମାଜିକ ଦୂରତା ରକ୍ଷା କରାଯାଇ ନ ଥିବାରୁ ତାହାକୁ ପ୍ରଶାସନ ପକ୍ଷରୁ ସିଲ କରାଯାଇଛି। ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଟୁଇଟ କରି ଏହି ସୂଚନା ଦେଇଛନ୍ତି। ସେହିପରି ସହରର ଗେଟ୍‌ବଜାର ଓ ଅନ୍ୟ କେତେକ ସ୍ଥାନରେ ଖୋଲାଥିବା ଦୋକାନକୁ ମଧ୍ୟ ଉପଜିଲାପାଳ ତାଗିଦ୍ କରି ବନ୍ଦ କରିଥିବା ସୂଚନା ମିଳିଛି।

# ସହାୟତା ଦେଲା ଭାରତ ସ୍ୱାଭିମାନ ଟ୍ରଷ୍ଟ

**ବୃଦ୍ଧାଙ୍କୁ ଖଟିଆରେ ବ୍ୟାଙ୍କକୁ ନେବା ଘଟଣାକୁ ରାମଦେବଙ୍କ ନିନ୍ଦା**

**ନୂଆପଡା ଅଫିସ, ୧୫।୬**

ଗୋଟିଏ ପଟେ ଗରିବୀ, ଅନ୍ୟପଟେ ପ୍ରଶାସନିକ ବ୍ୟବସ୍ଥାରେ ହଜିଯାଉଥିବା ମାନବିକତାକୁ ନିନ୍ଦା କରିଛନ୍ତି ଯୋଗଗୁରୁ ବାବା ରାମଦେବ। ଟଙ୍କା ପାଇଁ ନୂଆପଡା ଜିଲା ବରଗାଁର ଜଣେ ଶତାୟୁ ବୃଦ୍ଧାଙ୍କୁ ଖଟିଆରେ ଟାଣି ତାଙ୍କ ଝିଅ ବ୍ୟାଙ୍କକୁ ନେବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବାବା ରାମଦେବ ଟୁଇଟରରେ କ୍ଷୋଭ ପ୍ରକାଶ କରିଛନ୍ତି। ତାଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଭାରତ ସ୍ୱାଭିମାନ ଟ୍ରଷ୍ଟର ରାଜ୍ୟ ସମ୍ପାଦକ ତଥା ସ୍ଥାନୀୟ ହରିପୁର ଗୁରୁକୁଳ ମୁଖ୍ୟ ଡ. ସୁଦର୍ଶନ ଦେବ ଆର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ବରଗାଁରେ ପହଞ୍ଚି ଥିଲେ। ଟିମ୍ ସଦସ୍ୟମାନେ ବୃଦ୍ଧା ଲଭେଙ୍କ ଘରକୁ ଯାଇ ତାଙ୍କ ଝିଅ କୁଇନମତିଙ୍କୁ ଭେଟି ସେଦିନର ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଲଭେଙ୍କୁ ତିନିମାସର ଭତ୍ତା ବାବଦକୁ ୧୫ଶହ ଟଙ୍କା, ୨୫କେଜି ଚାଉଳ, ଡାଲି, ତେଲ ସହ ଶାଢ଼ି ପ୍ରଦାନ କରି ସହାନୁଭୂତି ଜଣାଇଥିଲେ। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଜନଧନ ଆକାଉଣ୍ଟରୁ ଟଙ୍କା ଉଠାଇବାକୁ ଜଣେ ଶତାୟୁ ମହିଳାଙ୍କୁ ଖଟିଆରେ ଶୁଆଇ ଟାଣି ଟାଣି ବରଗାଁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖାକୁ ତାଙ୍କ ଝିଅ ନେବା ଘଟଣା ଜଣା ପଡିବା ପରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା।



ବୃଦ୍ଧା ଲଭେଙ୍କୁ ସହାୟତା ପ୍ରଦାନ କରୁଛନ୍ତି ରାମଦେବଙ୍କ ପ୍ରତିନିଧି ମଣ୍ଡଳ।

## ବ୍ୟାଙ୍କ ଶାଖା ପରିଚାଳକ ନିଲମ୍ବିତ

**ନୂଆପଡା ଅଫିସ/ଖଡିଆଳ, ୧୫।୬:** ନୂଆପଡା ଜିଲା ବରଗାଁର ଲଭେ ହରିଜନ ନାମକ ଜଣେ ଶତାୟୁ ମହିଳାଙ୍କୁ ଖଟିଆରେ ବ୍ୟାଙ୍କକୁ ଟାଣି ନେବା ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ ବରଗାଁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଅଜିତ କୁମାର ପ୍ରଧାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଶାଖା ପରିଚାଳକ ପ୍ରଧାନ ସମ୍ପୃକ୍ତ ବୃଦ୍ଧାଙ୍କୁ ବ୍ୟକ୍ତିଗତ ଭାବେ ବ୍ୟାଙ୍କରେ ହାଜର ହୋଇ ଜନଧନ ଆକାଉଣ୍ଟରୁ ଟଙ୍କା ନେବାକୁ କହିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ତଦନ୍ତ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ କରିବା ପରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ନିଶା କାରବାରକୁ କେନ୍ଦ୍ରକରି ଦୁଇ ସାହିରେ ଉତ୍ତେଜନା

**୧୪୪ ଧାରା ଜାରି**

**ଭଦ୍ରକ ଅଫିସ, ୧୫।୬:** ନିଶା କାରବାରକୁ କେନ୍ଦ୍ର କରି ଭଦ୍ରକ ସହରାଞ୍ଚଳ ଥାନା ୧୩ ନମ୍ବର ୱାର୍ଡ ଅପର୍ତ୍ତିବିନ୍ଧା ମୀରସାହି ଓ ଏଲେଖା ସାହି ମଧ୍ୟରେ ରବିବାର ରାତିରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ସମ୍ପ୍ରଦାୟର ସାମୂହିକ ଆକ୍ରମଣରେ ଅନ୍ୟ ଏକ ସମ୍ପ୍ରଦାୟର କେତେଜଣ ଯୁବକ ଆହତ ହୋଇଛନ୍ତି। ପ୍ରତିଶୋଧ ପରାୟଣ ହୋଇ ଆକ୍ରମଣର ଶିକାର ହୋଇଥିବା ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ସେଠାରେ ଥିବା ହନୁମାନ ମୂର୍ତ୍ତି ହାତ ଭାଙ୍ଗି ଦେଇଥିବା ଜଣାପଡିଛି। ଦୁଇସାହି ମଧ୍ୟରେ ଉତ୍ତେଜନା ଲାଗିରହିଛି। ଏହାକୁ ଦୃଷ୍ଟିରେ ରଖି ଉପଜିଲାପାଳ ପୀତାମ୍ବର ସାମଲ ମଙ୍ଗଳବାର ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମୀରସାହି ଓ ଏଲେଖା ସାହିରେ ୧୪୪ ଧାରା ଜାରି କରିଛନ୍ତି। ୨ ପ୍ଲାଟୁନ ପୋଲିସ ମୁତୟନ ହୋଇଛନ୍ତି। କେତେଜଣ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

# ଟ୍ରେଲର ଧକ୍କାରେ ୨ ମୃତ, ୩ ଆହତ

- ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା ଅଭିଯୋଗ
- କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**କଳିଙ୍ଗନଗର, ୧୫।୬(ଡି.ଏନ୍.ଏ.)**

କଳିଙ୍ଗନଗର ବିଜୁ ପଟ୍ଟନାୟକ ମାର୍ଗ ମାନତିରା ସାଇଜର ଲଜିଷ୍ଟିକ ପାର୍କ ନିକଟରେ ସୋମବାର ଅପରାହ୍ନ ୩ଟାରେ ଏକ ଟ୍ରେଲର ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଟାଟା ମେଡିକା ଓ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକମାନେ ହେଲେ ରାବଣା ଗ୍ରାମର କଳାକାର ପତି(୩୫) ଓ ପଙ୍କପାଳ ଗ୍ରାମର ଶିଶିର ବେହୁରା(୪୫)। କଳାକାରଙ୍କ ଶାଳକ ଓ ଶିଶିରଙ୍କ ପୁଅଝିଅ ଗୁରୁତର ଆହତ ହୋଇଛନ୍ତି। ସେମାନେ ୨ ବାଇକ୍‌ରେ ଯାଜପୁରରୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଯଖପୁରା ଥାନା ପୋଲିସ ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରେଲର(ସିଜି ୧୫ ଏସି ୪୩୧୮)କୁ ଅଟକ ରଖିଛି। ଡ୍ରାଇଭର ଫେରାର ହୋଇଥିବା ସୂଚନା ମିଳିଛି। ଏହାପରେ ଉତ୍ତ୍ୟକ୍ତ ଲୋକେ ଶାସନ ଛକ ନିକଟରେ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଛନ୍ତି। ସୂଚନାଯୋଗ୍ୟ ଯେ, ୨ ବର୍ଷ ତଳେ ବିଜୁ ପଟ୍ଟନାୟକ ମାର୍ଗ ନିକଟରେ ସାଇଜର ଲଜିଷ୍ଟିକ ପାର୍କ ଗଢ଼ିଉଠିଛି। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଶତାଧିକ ଗାଡ଼ି ପାର୍କିଂ ହେଉଛି। ଫଳରେ ପୂର୍ବରୁ ଦୁର୍ଘଟଣାମାନ ହୋଇଥିବାବେଳେ ସୋମବାର ପୁଣି ଘଟିଛି ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି। ଏନେଇ ଯଖପୁରା ଥାନାରେ ୪୩/୨୦୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲା।

# ବଡ଼ଭାଇଙ୍କୁ ହତ୍ୟାକରି ମାଟି ତଳେ ପୋତିଦେଲେ

**୫ଦିନ ପରେ ଉଦ୍ଧାର କଲା ପୋଲିସ୍**

**ବାଲେଶ୍ୱର ଅଫିସ, ୧୫।୬:** ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ବାସୁଚକୁରି ଗାଁରେ ଜଣେ ଯୁବକ ତାଙ୍କ ବଡ଼ଭାଇଙ୍କୁ ପିଟି ହତ୍ୟା କରିବା ପରେ ବାଡ଼ିପଟେ ମାଟିତଳେ ପୋତିଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ୫ଦିନ ପରେ ସୋମବାର ମୃତଦେହକୁ ମାଟିତଳୁ ଉଦ୍ଧାର କରିଛି। ମୃତକ ହେଲେ ରୋହିତ ହେମ୍ବ୍ରମ୍ (୩୦)। ପୋଲିସ ଅଭିଯୁକ୍ତ ସାନଭାଇ ଟିମା ଓ ତାଙ୍କ ୫ଜଣ ସହଯୋଗୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୧୦ ତାରିଖରେ ରୋହିତ ଓ ଟିମାଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଟିମା ବଡଭାଇ ରୋହିତଙ୍କୁ ପିଟି ପିଟି ମାରିଦେଇଥିଲେ। ଏହାପରେ ତାଙ୍କ ମୃତଦେହକୁ ଲୁଚାଇବା ପାଇଁ ଟିମା ୧୦ଜଣ ସହଯୋଗୀଙ୍କୁ ଘରକୁ ଡାକି ଯୋଜନା କରିଥିଲେ। ସମସ୍ତେ ମିଶି ବାଡିପଟେ ମାଟିଖୋଳି ପୋତି ଦେଇଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସ୍ ଟିମାଙ୍କୁ ତାଙ୍କ ବଡ଼ଭାଇଙ୍କ ସମ୍ପର୍କରେ ପଚରାଉଚୁରା କରିଥିଲେ। ସେ ତାଙ୍କ ବଡ଼ଭାଇଙ୍କୁ ମାରି ମୃତଦେହକୁ ବାଡ଼ିରେ ପୋତି ଦେଇଥିବା ପୋଲିସ୍ ନିକଟରେ ସ୍ୱୀକାର କରିଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ବାଡ଼ିରେ ପୋତାଯାଇଥିବା ମୃତଦେହକୁ ଉଦ୍ଧାର କରିଛନ୍ତି। ଶବକୁ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ୍ ଏକ ହତ୍ୟା ମାମଲା ରୁଜୁ କରିବା ତଦନ୍ତ ଆରମ୍ଭ କରିଛି।

# ନମ୍ବର ପ୍ଲେଟ୍‌ରେ କାଦୁଅ ବୋଳି ଫସିଲେ

**ଧରାପଡ଼ି ଜେଲ ଗଲେ ୩ ସ୍କୁଟି ଲୁଟେରା**

**ନୟାଗଡ଼ ଅଫିସ/ ରଣପୁର, ୧୫।୬(ସ୍ୱ.ପ୍ର.)**

ନମ୍ବର ପ୍ଲେଟରେ କାଦୁଅ ବୋଳି ଫସିଗଲେ ସ୍କୁଟି ଲୁଟେରା। ନୟାଗଡ଼ ଟାଉନ ଥାନା ଓ ଚାନ୍ଦପୁର ଥାନା ପୋଲିସ ଘଟଣାର ପର୍ଦ୍ଦାଫାଶ କରିବା ପରେ ୩ଜଣଙ୍କୁ ଜେଲ ଯିବାକୁ ପଡିଛି। ସେମାନେ ହେଲେ ନୟାଗଡ ସଦର ଥାନା ଗୋଳଗୋଳା ଗାଁର ରାମକୃଷ୍ଣ ନାୟକ, ବୋଦାପଡାର ବାଦଲ ଭୂୟାଁ ଓ କାଞ୍ଚନବେଲିର ଜଗା ନାୟକ।

ଗତ ୧୨ ତାରିଖରେ ରଣପୁର ଥାନା ଅର୍ଜୁନପୁର ଗାଁର କବିତା ବେହେରା ଚାନ୍ଦପୁର ଏଟିଏମ୍‌ରୁ ୮ ହଜାର ଟଙ୍କା ଉଠାଇ ଓଡି୦୨୫କେ୧୦୧୮ ନମ୍ବର ସ୍କୁଟିରେ ପୁଅ ସହ ଗାଁକୁ ଫେରୁଥିଲେ। ପଛ ପାଖରୁ ୩ଜଣ ଯୁବକ ବାଇକ୍‌ରେ ପିଛା କରିଥିଲେ। କବିତା ଏହା ଜାଣିପାରି ନ ଥିଲେ। ରାଇପଡା ଛକରେ କେହି ନ ଥିବାର ସୁଯୋଗ ନେଇ ୩ ଲୁଟେରା ସ୍କୁଟି ଅଟକାଇ ଭୁଜାଲି ଦେଖାଇ ୮ ହଜାର ଟଙ୍କା ସହ ସ୍କୁଟି ଓ ମୋବାଇଲ ଲୁଟି ନେଇଥିଲେ। ଏ ନେଇ କବିତା ଚାନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ସେହିଦିନ ଲୁଟେରାମାନେ ଚୋରା ସ୍କୁଟିକୁ ନିଜ ଗାଁ ନୟାଗଡ ଆଣୁଥିଲେ। ସ୍କୁଟି ନମ୍ବର ପ୍ଲେଟରେ କାଦୁଅ ବୋଳା ହୋଇଥିବା ଦେଖି ପୋଲିସ ବଜାରରେ ଅଟକାଇ ଥିଲା। ସ୍କୁଟି ଚଳାଉଥିବା ରାମକୃଷ୍ଣ ନାୟକ କହିଥିଲେ, ଏହା ଚୋରା ଗାଡି ନୁହେଁ। ଜେଜେଙ୍କର ସ୍କୁଟିଟିକୁ ସେ ଘରକୁ ନେଉଥିଲି। କେହି କାଦୁଅ ବୋଳି ଦେଇଛି। କାଗଜାତ ଦେଖାଇ ସ୍କୁଟି ନେଇଯିବାକୁ ପୋଲିସ ପରାମର୍ଶ ଦେଇ ତଦନ୍ତ ଚଳାଇଥିଲା। ସ୍କୁଟିଟି ଚାନ୍ଦପୁର ଥାନା ଅଞ୍ଚଳରୁ ଲୁଟ୍ କରି ଅଣାଯାଇଛି। ଏଥିରେ ୩ଜଣ ଲୁଟେରା ସାମିଲ ଅଛନ୍ତି। ପରେ ନୟାଗଡ ଟାଉନ ଥାନା ପୋଲିସ ଚୋରା ସ୍କୁଟି ସହ ରାମକୃଷ୍ଣଙ୍କୁ ଚାନ୍ଦପୁର ପୋଲିସକୁ ହସ୍ତାନ୍ତର କରିଥିଲା। ରାମକୃଷ୍ଣଙ୍କ ସୂଚନା ଅନୁସାରେ ବାଦଲ ଭୂୟାଁ ଓ ଜଗା ନାୟକଙ୍କୁ ଚାନ୍ଦପୁର ପୋଲିସ ଗିରଫ କରିଥିଲା।

# ଲଘୁ ଖଣିଜ ଦ୍ରବ୍ୟ ମାମଲାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ଲଘୁ ଖଣିଜ ଦ୍ରବ୍ୟ ନେଇ ଥିବା ମାମଲାର ତ୍ୱରିତ ସମାଧାନ ସାଙ୍ଗକୁ ଖଣିଜ ଉତ୍ତୋଳନ ପାଇଁ ରାଜ୍ୟ ସରକାର ଜିଲାପାଳମାନଙ୍କୁ କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଜିଲାପାଳମାନଙ୍କୁ ପତ୍ର ଲେଖିଛନ୍ତି। ଏ ସଂକ୍ରାନ୍ତରେ ଏଡିଏମ୍, ତହସିଲଦାର ଏବଂ ଅତିରିକ୍ତ ତହସିଲଦାରମାନଙ୍କୁ ନେଇ ଭିଡିଓ କନଫରେନ୍ସ ଜରିଆରେ ବୈଠକ ଅନୁଷ୍ଠିତ ହୋଇଥିଲା। ଠିକ୍ ସମୟରେ ଲଘୁ ଖଣିଜ ସାମଗ୍ରୀ ଉତ୍ତୋଳନ ହୋଇପାରିଲେ ଏହା ରାଜସ୍ୱ ବୃଦ୍ଧି ସାଙ୍ଗକୁ ବିକାଶ କାର୍ଯ୍ୟରେ ଆବଶ୍ୟକ ହେଉଥିବା ସାମଗ୍ରୀ ମିଳିପାରିବ। ଏହାସହ ଲଘୁ ଖଣିଜ ସାମଗ୍ରୀ ଚୋରିକୁ ମଧ୍ୟ ରୋକାଯାଇ ପାରିବ। ଗତ ଆର୍ଥିକ ବର୍ଷରେ ଦୁଇ ହଜାରରୁ ଅଧିକ ଲଘୁ ଖଣିଜ ସାମଗ୍ରୀ ଥିବା ସ୍ଥାନ ଚିହ୍ନଟ ହୋଇଥିବା ବେଳେ ଏହା ଜିଲା ସର୍ଭେ ରିପୋର୍ଟରେ ସ୍ଥାନ ପାଇଛି।

ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଲଘୁ ଖଣିଜ ସାମଗ୍ରୀ ପାଇଁ ଟେଣ୍ଡର ପ୍ରକ୍ରିୟା ସାରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ହେଲେ ମେ ୩୧ ତାରିଖ ସୁଦ୍ଧା ଏ କ୍ଷେତ୍ରରେ ସେଭଳି ସନ୍ତୋଷଜନକ ଅଗ୍ରଗତି ହୋଇପାରିନାହିଁ। ତହସିଲଦାରମାନେ ପ୍ରଦାନ କରିଥିବା ସୂଚନା ଅନୁଯାୟୀ, ୪୮୫୦ ଲଘୁ ଖଣିଜ ଅଞ୍ଚଳ ମଧ୍ୟରୁ ମାତ୍ର ୨୨୧୦ଟିରୁ ଉତ୍ତୋଳନ ହୋଇଛି। ୫୫ପ୍ରତିଶତରୁ ଅଧିକ ସ୍ଥାନରେ କାର୍ଯ୍ୟ ହୋଇପାରି ନ ଥିବା ସେଠୀ କହିଛନ୍ତି। ଏହି ପ୍ରକ୍ରିୟାରେ ରହିଥିବା ସମସ୍ୟାର ସମାଧାନ ପାଇଁ ଏହାର ସମୀକ୍ଷା କରାଯାଉଛି। ସେହିପରି ଜିଲାପାଳ, ଏଡିଏମ୍ ଓ ତହସିଲଦାରମାନେ ନିୟମିତଭାବେ କ୍ଷେତ୍ର ପରିଦର୍ଶନ କରିବେ। ସମସ୍ୟା ଉପୁଜିଲେ ସଙ୍ଗେସଙ୍ଗେ ରାଜସ୍ୱ ବିଭାଗକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନେକ ସ୍ଥାନରେ ଖଣି ଯୋଜନାରେ ସର୍ବନିମ୍ନ ଗ୍ୟାରେଣ୍ଟି ପ୍ରଦାନରେ ବିଳମ୍ବ ନେଇ ଅଭିଯୋଗ ଆସୁଥିବା ବେଳେ ଏହା ନିଲାମକାରୀଙ୍କୁ ସହାୟକ ହେଉଛି। ଅନ୍ୟପଟେ ଏହାଦ୍ୱାରା ରାଜସ୍ୱ ଆଦାୟରେ ମଧ୍ୟ ସମସ୍ୟା ଉପୁଜୁଥିବାରୁ ତହସିଲଦାରମାନେ ଏ ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି।

# ୨ ହାତୀ ମୃତ୍ୟୁ ଘଟଣାର ଖୋଳତାଡ଼ ଆରମ୍ଭ

- ତଦନ୍ତ ପାଇଁ ପହଞ୍ଚିଲେ ଅତିରିକ୍ତ ପିସିସିଏଫ୍
- ବନ-ବିଦ୍ୟୁତ୍ ବିଭାଗ କଥାରେ ରହୁନି ତାଳମେଳ
- ଚମ୍ପୁଆ ରେଞ୍ଜର ଅନ୍ୟ ହାତୀ ମୃତ୍ୟୁର ଖୋଜାଯିବ କାରଣ

**ଯୋଡ଼ା/କେନ୍ଦୁଝର, ୧୫।୬(ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଯୋଡ଼ା ବନପାଳ କାର୍ଯ୍ୟାଳୟ ଅଧୀନସ୍ଥ ଗୁରୁବେଡ଼ା ବୈତରଣୀ ସଂରକ୍ଷିତ ଜଙ୍ଗଲରେ ୨ ହାତୀ ମୃତ୍ୟୁ ଘଟଣାର ଖୋଳତାଡ଼ ଆରମ୍ଭ ହୋଇଛି। ଶିକାର ପାଇଁ ବିଛା ଯାଇଥିବା ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀ ଦ୍ୱୟଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଥିବା ତଦନ୍ତ ପାଇଁ ଯାଇଥିବା ବନ ବିଭାଗ ଅତିରିକ୍ତ ପିସିସିଏଫ (ୱାଇଲ୍ଡ ଲାଇଫ୍) ଶଶୀ ପଲ୍ କହିଛନ୍ତି। ମାତ୍ର ଯୋଡ଼ା ନେସ୍କୋର ଏସ୍‌ଡିଓ ଦିବ୍ୟ ରଞ୍ଜନ ସାହୁ ବନ ବିଭାଗର ଏହି ମତକୁ ଖଣ୍ଡନ କରି ବିଦ୍ୟୁତ୍ ଆଘାତରେ ହାତୀ ଦ୍ୱୟଙ୍କ ମୃତ୍ୟୁ ଘଟି ନ ଥିବା କହିଛନ୍ତି। ତେବେ ଦୁଇ ବିଭାଗର କଥାରେ ସାମଞ୍ଜସ୍ୟ ରହୁ ନ ଥିବାରୁ ହାତୀ ମୃତ୍ୟୁ ଘଟଣା ଭିନ୍ନମୋଡ଼ ନେବାକୁ ଯାଉଥିବା ଆଲୋଚନା ହେଉଛି।

ସୋମବାର ପୂର୍ବାହ୍ନରେ ଅତିରିକ୍ତ ପିସିସିଏଫ ପଲ୍, ରାଉରକେଲା ଆରସିସିଏଫ ଭଞ୍ଜ କିଶୋର ସ୍ୱାଇଁ, କେନ୍ଦୁଝର ଡିଏଫଓ ସନ୍ତୋଷ ଯୋଶୀ, ଏସିଏଫ ଅଜୟ କୁମାର ସାହୁ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀ ଦ୍ୱୟଙ୍କ ମୃତ୍ୟୁ ହୋଇଥିବା ଅତିରିକ୍ତ ପିସିସିଏଫ ପଲ୍ ସୂଚନା ଦେଇଛନ୍ତି। ହାତୀ ମୃତଦେହ ନିକଟରୁ କିଛି ରଡ୍ ବାଇଡିଙ୍ଗ ତାର ଓ ଇନ୍‌ସୁଲେଟର ମିଳିଛି। ମୃତଦେହ ପଡ଼ିଥିବା ସ୍ଥାନଠାରୁ ୫୦ମିଟର ଦୂର ରାସ୍ତା କଡ଼ରେ ଯାଇଥିବା ୧୧କେ.ଭି ବିଦ୍ୟୁତ୍ ତାର ସହ ବାଇଣ୍ଡିଂ ତାରକୁ ସଂଯୋଗ କରି ଶିକାରୀ ଜଙ୍ଗଲ ଭିତରେ ତାର ବିଛାଇଥିଲେ। ଫଳରେ ସେହି ବାଟ ଦେଇ ଯିବାବେଳେ ହାତୀ ଦ୍ୱୟଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ସେ କହିଛନ୍ତି। ଅନ୍ୟପକ୍ଷେ ଯୋଡ଼ା ନେସ୍କୋର ଏସ୍‌ଡିଓ ସାହୁଙ୍କୁ ପଚାରିବାରୁ ୧୧କେ.ଭି. ବିଦ୍ୟୁତ୍ ତାରରେ ହୁକ ପକାଇବା ସହଜ ନୁହେଁ। ଯଦି ହୁକ ପକାଇ ଏଭଳି କରାଯାଇଥାନ୍ତା ତେବେ ଉକ୍ତ ତାର ସଂସ୍ପର୍ଶରେ ହାତୀ ଆସିବା କ୍ଷଣି ଫିଡ଼ରରୁ ଫ୍ୟୁଜ୍ କଟି ଯାଇଥାନ୍ତା। ମାତ୍ର ସେଭଳି କିଛି ହୋଇନି। ଅତିରିକ୍ତ ପିସିସିଏଫ ପଲ୍ ଗଣମାଧ୍ୟମକୁ କହିଛନ୍ତି ହାତୀ ମୃତ୍ୟୁ ଘଟଣାରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ ଖୁବଶୀଘ୍ର ଖୋଜି ବାହାର କରାଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ହାତୀ ମୃତ୍ୟୁର ତଦନ୍ତ ପାଇଁ ଉପସ୍ଥିତ ବନ ବିଭାଗ ଅଧିକାରୀମାନେ।

## ସଂକ୍ଷେପରେ

### ତରବରିଆ ନ ହେଉ ପରୀକ୍ଷା ନିଷ୍ପତ୍ତି

**କଟକ ଅଫିସ,୧୫।୬:** ରାଜ୍ୟ ସରକାର ତରବରିଆ ଭାବେ ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମର ଶେଷ ସେମିଷ୍ଟର ପରୀକ୍ଷାକୁ ବାତିଲ କରିବା ନିଷ୍ପତ୍ତି ନେଇଛନ୍ତି। ଏହା ସହ ବିକଳ୍ପ ମୂଲ୍ୟାୟନ ଜରିଆରେ ଅଗଷ୍ଟ ଶେଷ ସୁଦ୍ଧା ସମସ୍ତ ପାଠ୍ୟକ୍ରମର ଫଳାଫଳ ପ୍ରକାଶ କରିବାକୁ ଘୋଷଣା କରିଛନ୍ତି। ହଜାର ହଜାର ଛାତ୍ରାଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ସ୍ପର୍ଶକାତର ପ୍ରସଙ୍ଗରେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ ଏଆଇଡିଏସ୍‌ଓ କ୍ଷୋଭ ପ୍ରକାଶ କରିଛି। ସଙ୍ଗଠନର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଓ ରାଜ୍ୟ ସମ୍ପାଦକ ସୁବାସ ନାୟକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ଯେ, ଲକ୍‌ଡାଉନ୍ ଯୋଗୁ ବର୍ତ୍ତମାନ ଲକ୍ଷ ଲକ୍ଷ ଛାତ୍ରାଛାତ୍ର ଭବିଷ୍ୟତକୁ ନେଇ ମାନସିକ ଦୁଶ୍ଚିନ୍ତା ରହିଛନ୍ତି। ଏବେ ଆର୍ଥିକ ସଙ୍କଟ ଯୋଗୁ ଅନେକ ପାଠପଢ଼ାରେ ଡୋରି ବାନ୍ଧିବାକୁ ବସିଛନ୍ତି। ଏଭଳି ସଙ୍କଟଜନକ ସ୍ଥିତିରେ ସେମାନଙ୍କ ଫି' ଛାଡ଼, ଆର୍ଥିକ ସାହାଯ୍ୟ, ପାଠ୍ୟପୁସ୍ତକ ଓ ଅନ୍ୟ ଉପକରଣ ଯୋଗାଇଦେବା ପରିବର୍ତ୍ତେ ସରକାର ସେମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲିଦେବା ପାଇଁ ଷଡ଼ଯନ୍ତ୍ର କରୁଥିବା ସଙ୍ଗଠନ ଅଭିଯୋଗ କରିଛି।

### ପୁରୀ: କରୋନା ଆରୋଗ୍ୟଙ୍କ ସଂଖ୍ୟା ୧୦୦ ଛୁଇଁଲା

**ପୁରୀ ଅଫିସ,୧୫।୬:** ପୁରୀ ଜିଲାରୁ ସୋମବାର ୨ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଏହି ଦୁଇଜଣଙ୍କୁ ମିଶାଇ ଜିଲାରୁ ମୋଟ କରୋନା ଆରୋଗ୍ୟଙ୍କ ସଂଖ୍ୟା ୧୦୦ରେ ପହଞ୍ଚିଛି। ତେବେ ଜିଲାର ମୋଟ ପଜିଟିଭ ସଂଖ୍ୟା ୧୫୫ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ୧୦୦ ଜଣ ସୁସ୍ଥ ହେଲେଣି। ଏବେ ହସ୍ପିଟାଲରେ ଆହୁରି ୫୫ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ସୋମବାର ରାଜ୍ୟରୁ ୧୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ ହେଁ ପୁରୀରୁ କେହି ନ ଥିବା ଜଣାପଡ଼ିଛି, ଯାହା ଜିଲା ପାଇଁ ଏକ ଆଶ୍ୱସ୍ତିକର ବିଷୟ ବୋଲି କୁହାଯାଉଛି। କାରଣ ଗତ ୭ଦିନର ତଥ୍ୟ ଦେଖିଲେ ଜିଲାରୁ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଥିଲା। ଏହି ୭ ଦିନରେ ୫୪ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମାତ୍ର ୧୩ ଜଣ ସୁସ୍ଥ ହୋଇଥିଲେ।

# କୋଭିଡ୍ କଣ୍ଟ୍ରୋଲ ରୁମ୍‌ରୁ ମହିଳାଙ୍କୁ ଏସିଡ୍ ମାଡ଼ ଧମକ

ଭୁବନେଶ୍ୱର,୧୫।୬(ବ୍ୟୁରୋ)


ନିଲମ୍ବିତ ଏଏସ୍‌ଆଇ।


ଅଭିଯୋଗକାରିଣୀ ମହିଳା।

**ପୋଲିସ ଏଏସ୍‌ଆଇ ନିଲମ୍ବିତ**

- ଏକତରଫା ପ୍ରେମ କରି ବାରମ୍ବାର ହଇରାଣ କରୁଥିଲେ
- ୩ଥର ଥାନାରେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା କମିଶନରେଟ ପୋଲିସ

ଖାକିରେ କଳଙ୍କ ଲଗାଇଛି ପୋଲିସ ବାବୁଙ୍କ ପ୍ରେମ ନିଶା। ଏବେ ଏଭଳି ଆଉଜଣେ ପୋଲିସ ଏଏସ୍‌ଆଇଙ୍କ କାରନାମା ପଦାକୁ ଆସିଛି। ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେବା ପରେ ଶେଷରେ କୋଭିଡ୍ କଣ୍ଟ୍ରୋଲ ରୁମ୍‌ରୁ ମହିଳାଙ୍କୁ ଏସିଡ୍ ମାଡ଼ର ଧମକ ଦେବା ମହଙ୍ଗା ପଡିଛି। ଏନେଇ ଭୁବନେଶ୍ୱର ମହିଳା ଥାନାରେ ପୀଡିତା ଜଣକ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୩୫୪, ୨୯୪, ୫୦୬, ୫୦୭ରେ ମାମଲା(ନଂ.୨୯/୨୦) ରୁଜୁ କରି ସୋମବାର ତଦନ୍ତ ଆରମ୍ଭ କରିଛି। ଏଥିସହ ଅଭିଯୁକ୍ତ ଏଏସ୍‌ଆଇଙ୍କୁ ଥାନାରେ ପଚରାଉଚରା କରାଯାଇଥିବାବେଳେ ୧୬୧ରେ ଅଭିଯୋଗକାରିଣୀଙ୍କ ବୟାନ ରେକର୍ଡ ହୋଇଥିବା ଥାନାଧିକାରୀ ବନିତା ମହାରଣା କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ମହିଳା ଜଣକ ପୂର୍ବରୁ ତାଙ୍କ ନାମରେ ଦୁଇଟି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଏବେ ଲାଗିଥିବା ଦଫାରେ ମଧ୍ୟ ସେ ଖସିଯିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ରାଜ୍ୟ କ୍ରାଇମ ରେକର୍ଡ ବ୍ୟୁରୋ (ଏସ୍‌ସିଆର୍‌ବି) ଆଇଜି ସମ୍ପୃକ୍ତ ଏଏସ୍‌ଆଇଙ୍କୁ ନିଲମ୍ବିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ସୁବ୍ରତ ଜ୍ଞାନ ରଞ୍ଜନ।

ଅଭିଯୋଗ ଅନୁଯାୟୀ, ସୁବ୍ରତ ରସୁଲଗଡ଼ସ୍ଥିତ ଏସ୍‌ସିଆର୍‌ବିର କମ୍ୟୁନିକେଶନ ବିଭାଗରେ କାର୍ଯ୍ୟ କରନ୍ତି। ମହିଳା ଜଣକ ବିବାହିତ ହୋଇଥିବାବେଳେ ସେ କଟକରେ ପରିବାର ସହ ରୁହନ୍ତି। ଏକ ବର୍ଷ ହେବ ଫେସ୍‌ବୁକରୁ ମହିଳାଙ୍କ ସହ ସୁବ୍ରତଙ୍କର ପରିଚୟ ହୋଇଥିଲା। ସୁବ୍ରତ ମଧ୍ୟ ବିବାହିତ। ପ୍ରଥମେ ସୁବ୍ରତ ଉକ୍ତ ମହିଳାଙ୍କ ସହ ଭଲରେ କଥା ହୋଇ ବିଶ୍ୱାସ ଜନ୍ମାଇଥିଲେ। ପରେ ତାଙ୍କୁ ଏକତରଫା ପ୍ରେମ କରି ବ୍ଲାକ୍‌ମେଲ୍ ଆରମ୍ଭ କରିଥିଲେ। ଫେସ୍‌ବୁକ୍‌ରୁ ମହିଳାଙ୍କ ଫଟୋ ନେଇ ଖରାପ କମେଣ୍ଟ ଦେଉଥିଲେ। ପୋଲିସ ପଦବୀର ଅପବ୍ୟବହାର କରି ମହିଳାଙ୍କ କଲ୍ ଲିଷ୍ଟରେ ଥିବା ସମ୍ପର୍କୀୟଙ୍କ ଫୋନ୍ ନମ୍ବରକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଏପରି କି ମହିଳାଙ୍କ ମା' ଓ ଶ୍ୱଶୁରଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ପୂର୍ବରୁ ଏନେଇ ମହିଳା ଜଣକ କଟକ ଚାଉଳିଆଗଞ୍ଜ ଥାନା ଓ ଜଗତପୁର ଥାନାରେ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ କିଛି ବି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଫଳରେ ଦିନକୁ ଦିନ ସୁବ୍ରତଙ୍କ ଅତ୍ୟାଚାର ବଢ଼ିବାରେ ଲାଗିଥିଲା। ସ୍ଥିତି ଏପରି ହେଲା ଶେଷରେ ମହିଳା ଜଣକ ନିଜ ଫେସ୍‌ବୁକ୍, ଟୁଇଟର, ହ୍ୱାଟ୍‌ସଆପ୍ ଓ ଟିକ୍‌ଟକ ଆକାଉଣ୍ଟ ବନ୍ଦ କରି ଦେଇଥିଲେ। ହେଲେ ତାଙ୍କ ପିଛା ଛାଡ଼ି ନ ଥିଲେ ସୁବ୍ରତ। ରବିବାର ଏସ୍‌ସିଆର୍‌ବିରେ ହୋଇଥିବା କୋଭିଡ଼ -୧୯ କଣ୍ଟ୍ରୋଲ ରୁମ୍‌ରୁ ପୁଣି ଫୋନ୍ କରି ଏସିଡ଼ ମାଡ଼ କରିଦେବାକୁ ଧମକ ଦେଇଥିଲେ ବୋଲି ମହିଳା ଜଣକ ମହିଳା ଥାନାରେ ଅଭିଯୋଗ କରିଛନ୍ତି।

# ଶିଳ୍ପସଂସ୍ଥାକୁ ଦାଦାବଟି ଡର

ଭୁବନେଶ୍ୱର,୧୫।୬(ବ୍ୟୁରୋ)

- ଚନ୍ଦନପୁରରେ ବଢୁଛି ଗୁଣ୍ଡାରାଜ
- ଅଭିଯୋଗ ସତ୍ତ୍ୱେ ଚୁପ୍ ବସିଛି ପୋଲିସ

ପୁରୀ ଜିଲା ଚନ୍ଦନପୁର ଅଞ୍ଚଳରେ ଚୋରି, ରାହାଜାନି, ଦାଦାବଟି ଆଦାୟ ଆଦି ଘଟଣା ଦିନକୁ ଦିନ ବଢି ଚାଲିଛି। କିଛିଦିନ ତଳେ ବାଇକ୍‌ରେ ଯାଉଥିବା ଜଣେ ମହିଳାଙ୍କ ବେକରୁ କେତେଜଣ ଯୁବକ ସୁନାଚେନ ଟାଣି ନେଇଯାଇଥିଲେ। ସେହିପରି କିଛିଦିନ ପୂର୍ବେ ଚନ୍ଦନପୁର ଅଞ୍ଚଳର ଗୋଟିଏ ଜରି ଫ୍ୟାକ୍ଟ୍ରିରେ ପହଞ୍ଚି କେତେଜଣ ଅସାମାଜିକ ଯୁବକ ଦାଦା ବଟି ମାଗିଥିଲେ, ମାତ୍ର ନ ଦେବାରୁ ତାଙ୍କ ସଂସ୍ଥାରେ ନିଆଁ ଲଗାଇ ଦେଇଥିଲେ। ଅନୁରୂପ ଭାବେ ଗତ ଶନିବାର କେତେଜଣ ବ୍ୟକ୍ତି ବୀରନରସିଂହପୁରସ୍ଥିତ ଜୟ ମା' ଚୁଡା ମିଲ୍ ମାଲିକଙ୍କୁ ବଟି ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ସମ୍ପୃକ୍ତ ତାଙ୍କ ମିଲ୍‌ରେ ପଶି ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଭୟଭୀତ କରି ମାଡ଼ ମାରି ଚାଲିଯାଇଥିଲେ। ଏ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ଚୁପ୍ ବସିଛି। ଅନ୍ୟପକ୍ଷରେ ଏଭଳି ଘଟଣା ଯୋଗୁ ଅନେକ ଶିଳ୍ପସଂସ୍ଥା ବନ୍ଦ ହେବାକୁ ବସିଲାଣି।

ବର୍ତ୍ତମାନ ଚନ୍ଦନପୁରର ନୂଆ ବାଇପାସ୍ ରୋଡ଼ ରାହାଜାନିର ଏକ ପ୍ରମୁଖ ସ୍ଥାନ ପାଲଟିଛି। ଦାଦା ବଟି ଆଦାୟ ମଧ୍ୟ ବହୁତ ମାତ୍ରାରେ ବଢିଯାଇଛି। ଦାଦାବଟି ନ ଦେଲେ ସିଧାସଳଖ ବିଭିନ୍ନ ସଂସ୍ଥା ଉପରେ ଆକ୍ରମଣ କରାଯିବା ସହିତ ସଂସ୍ଥା ବନ୍ଦ କରିଦେବାକୁ ଧମକ ଦିଆଯାଉଛି। ଏସବୁ ଅଭିଯୋଗ ନେଇ ସାଧାରଣ ଲୋକଟିଏ ପୋଲିସ ନିକଟକୁ ଗଲେ ମଧ୍ୟ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଭିତିରି ସହଯୋଗ ସେମାନଙ୍କୁ ଅଧିକ ପ୍ରଭାବଶାଳୀ କରିଦେଉଛି। ଅନ୍ୟପଟେ ଏପରି ଘଟଣାରେ ପୋଲିସ ଦୋଷୀଙ୍କୁ ଧରିବାରେ ବିଫଳ ହେଉଛି। ଫଳରେ ଏହି ଗୋଷ୍ଠୀର ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଏହିସବୁ ଅପରାଧ ଘଟାଉଥିବା ଅଭିଯୁକ୍ତମାନେ ଏକ ବଡ ଗୋଷ୍ଠୀରେ ପରିଣତ ହୋଇଛନ୍ତି। ଚନ୍ଦନପୁର ଓ ଆଖପାଖ ସମେତ ବିଭିନ୍ନ ଅଞ୍ଚଳରେ ନିଜର କାୟା ବିସ୍ତାର କରିଚାଲିଛନ୍ତି। ଏହି ଗୋଷ୍ଠୀର ଟାର୍ଗେଟରେ ଶିଳ୍ପାନୁଷ୍ଠାନଗୁଡ଼ିକ ରହିଛି। କିଛିଦିନ ତଳେ ଚନ୍ଦନପୁର ଅଞ୍ଚଳରେ ଥିବା ଗୋଟିଏ ଜରି ଫ୍ୟାକ୍ଟ୍ରି କର୍ତ୍ତୃପକ୍ଷଙ୍କୁ କେତେଜଣ ଅସାମାଜିକ ଯୁବକ ଦାଦା ବଟି ମାଗିଥିଲେ, ମାତ୍ର ସିଏ ନ ଦେବାରୁ ତାଙ୍କ ସଂସ୍ଥାରେ ନିଆଁ ଲଗାଇ ଦିଆଯାଇଥିଲା। ସେହିପରି ସମ୍ପୃକ୍ତ ଗୋଷ୍ଠୀ ବୀରନରସିଂହପୁର ଅଞ୍ଚଳର ଜୟ ମା' ଚୁଡା ମିଲ୍ ମାଲିକଙ୍କଠାରୁ ମୋଟା ଅଙ୍କର ବଟି ମାଗିଥିଲେ। ହେଲେ ମାଲିକ ଟଙ୍କା ଦେବାକୁ ମନା କରି ସେମାନଙ୍କ ବିରୋଧରେ ଚନ୍ଦନପୁର ଥାନାରେ ମାମଲା ରୁଜୁ କରିବାରୁ ପରିସ୍ଥିତି ଭୟଙ୍କର ହୋଇଥିଲା। ଏତଲା ଦେବାର ପ୍ରାୟ ୧ ଘଣ୍ଟା ପରେ ଅଭିଯୁକ୍ତ ବିଜୁ ସାହୁଙ୍କ ସମେତ କେତେଜଣ ଯୁବକ ମାରଣାସ୍ତ୍ର ସହିତ ମିଲ୍‌ରେ ପଶି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭଙ୍ଗାରୁଜା ସହିତ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏ ନେଇ ଥାନାରେ ଆଉ ଏକ ମାମଲା ରୁଜୁ ପରେ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତିମାନେ ବର୍ତ୍ତମାନ ମିଲ୍ ମାଲିକଙ୍କ ସମେତ ତାଙ୍କ ସମ୍ପର୍କୀୟଙ୍କୁ ବିଭିନ୍ନ ମାଧ୍ୟମ ଜରିଆରେ ଯଦି ମାମଲା ନ ଉଠାଯାଏ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ବର୍ତ୍ତମାନ କରୋନା ମାଡ଼ରେ ଶିଳ୍ପସଂସ୍ଥାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଭଳି ଗୁଣ୍ଡାରାଜ ବିରୋଧରେ ପୋଲିସ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅଧିକ ଭୟର ବାତାବରଣ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପୁରୀ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି ଯେ, ଘଟଣାର ତଦନ୍ତ ଚାଲିଛି, ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରିବା ଲାଗି ସ୍କ୍ୱାଡ୍ ଗଠନ କରାଯାଇଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବାପା ପରେ ଝିଅ, ଟିଟିଇ ଆକ୍ରାନ୍ତ

କଟକ ଅଫିସ,୧୫।୬

**କଟକ ସହରରେ ସାଂଘାତିକ ହେଉଛି କରୋନା**

କଟକ ସହରରେ କରୋନା ସ୍ଥିତି ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି। ଅରୁଣୋଦୟ ନଗରରୁ ରବିବାର ଜଣେ ୬ବର୍ଷର ଝିଅଙ୍କ ରିପୋର୍ଟ ପଜିଟିଭ୍ ବାହାରିଛି। ପୂର୍ବରୁ ଏହି ସାହିରୁ ପଜିଟିଭ୍ ଚିହ୍ନଟ ହୋଇଥିବା ୩୭ ବର୍ଷୀୟ ବ୍ୟକ୍ତିଙ୍କ ସେ ହେଉଛନ୍ତି ଝିଅ। ବାପା, ମା' ଏବଂ ଝିଅ ମୁମ୍ବାଇରୁ ଫେରିବା ପରେ ଗୃହ ସଙ୍ଗରୋଧରେ ଥିଲେ। ଶନିବାର ବାପାଙ୍କ ପିଜିଟିଭ୍ ବାହାରିଥିଲା। ମା'ଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଅନ୍ୟପଟେ ସୋମବାର କଟକ ସହର ମହାନଦୀ ବିହାରରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ରେଳବାଇରେ ଟିଟିଇ ଭାବେ କାର୍ଯ୍ୟ କରୁଥିଲେ। ଗତ ୭ ତାରିଖରେ ଘରକୁ ଫେରିବା ପରେ ସଙ୍ଗରୋଧରେ ଥିଲେ। ତାଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ସୋମବାର ତାଙ୍କ ରିପୋର୍ଟ ପଜିଟିଭ୍ ବାହାରିଛି। ୫୨ ବର୍ଷୀୟ ଏହି ବ୍ୟକ୍ତିଙ୍କୁ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଏଥିସହ କଟକ ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ପୂର୍ବରୁ ୧୫ ଜଣ ସୁସ୍ଥ ହୋଇଥିବା ବେଳେ ସୋମବାର ଆଉ ୩ ଜଣ ସୁସ୍ଥ ହୋଇଛନ୍ତି। ଆହୁରି ୭ଜଣ ଚିକିତ୍ସାଧୀନ ରହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, କଟକ ଜିଲାରେ ସୋମବାର ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୩୪୨ରେ ପହଞ୍ଚିଛି। ସେଥିରୁ ୧୬୫ ଜଣ ସୁସ୍ଥ ହୋଇଥିବା ବେଳେ ୧୭୭ ଜଣ ଚିକିତ୍ସାଧୀନ ରହିଛନ୍ତି। ଜଣକର ମୃତ୍ୟୁ ହୋଇଛି। ସୋମବାର ସୁଦ୍ଧା ସକ୍ରିୟ ଆକ୍ରାନ୍ତ ପାଇଁ କଟକ ଜିଲା ରାଜ୍ୟରେ ଶୀର୍ଷ ସ୍ଥାନରେ ରହିଛି। ୧୭୬ ସକ୍ରିୟ ଆକ୍ରାନ୍ତଙ୍କ ସହ ଖୋର୍ଦ୍ଧା ଜିଲା ଦ୍ୱିତୀୟ ଏବଂ ୧୦୭ ସକ୍ରିୟ ଆକ୍ରାନ୍ତଙ୍କ ସହ କନ୍ଧମାଳ ଜିଲା ତୃତୀୟ ସ୍ଥାନରେ ରହିଛି।

## ଆଜି ଖୋର୍ଦ୍ଧା, ବାଲେଶ୍ୱର ଛୁଟି

ଭୁବନେଶ୍ୱର, ୧୫।୬(ବ୍ୟୁରୋ)

ଶେଷ ରଜ ପାଇଁ ଖୋର୍ଦ୍ଧା ଓ ବାଲେଶ୍ୱର ଜିଲାକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ମଙ୍ଗଳବାର ଏହି ଦୁଇଟି ଜିଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଛୁଟି ରହିବ। ଏନେଇ କଟକ ସ୍ଥିତ କେନ୍ଦ୍ରୀୟ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

## ସିମୁଳିଆ, ନୀଳଗିରି, ଜଳେଶ୍ୱରରେ ପ୍ରତିଷ୍ଠା ହେବ ବ୍ୟାସକବିଙ୍କ ପ୍ରତିମୂର୍ତ୍ତି

ଭୁବନେଶ୍ୱର,୧୫।୬(ବ୍ୟୁରୋ)

ଆଧୁନିକ ଓଡ଼ିଆ ଭାଷାର ଶ୍ରେଷ୍ଠ ରୂପକାର ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପୁଣ୍ୟତିଥି ଉପଲକ୍ଷେ ସୋମବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହି ବରପୁତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ସେ ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ସ୍ଥାପନା ନେଇ ଘୋଷଣା କରିଛନ୍ତି। ବାଲେଶ୍ୱର ଜିଲାର ସିମୁଳିଆ, ନୀଳଗିରି ଓ ଜଳେଶ୍ୱରଠାରେ ଖୁବ୍‌ଶୀଘ୍ର ବିଭାଗ ପକ୍ଷରୁ ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଯୁଗପୁରୁଷ ଫକୀର ମୋହନ ତାଙ୍କର ଅମର କୃତି 'ଛ'ମାଣ ଆଠଗୁଣ୍ଠ', 'ମାମୁଁ', 'ଲଛମା', 'ପ୍ରାୟଶ୍ଚିତ୍ତ' ଓ 'ରେବତୀ' ପରି ଅନେକ କାଳଜୟୀ ଲେଖନୀ ପାଇଁ ସର୍ବଦା ପାଠକଙ୍କ ହୃଦୟରେ ବଞ୍ଚିରହିବେ। ଏହି ମହାନ୍ ସାହିତ୍ୟରଥୀ ଓ ସାରସ୍ୱତ ସ୍ରଷ୍ଟା ସମଗ୍ର ଓଡ଼ିଆ ଜାତି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ସେ କହିଛନ୍ତି।

## ୩ ଦୋକାନ ସାମୟିକ ସିଲ୍

ଖୋର୍ଦ୍ଧା ଅଫିସ,୧୫।୬

କୋଭିଡ୍-୧୯ ନିୟମ ଉଲ୍ଲଙ୍ଘନ କରିଥିବାରୁ ସୋମବାର ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ସହରର ୩ଟି ଦୋକାନକୁ ସାମୟିକ ସିଲ୍ କରାଯାଇଛି। ସେଥିରୁ ଗୋଟିଏ ଗ୍ରସେରି, ପୂଜା ଓ ଶାଢି ଦୋକାନ ରହିଛି। ସୋମବାର ରଜର ଦ୍ୱିତୀୟ ଦିନ ଥିବାରୁ ସକାଳ ୭ଟାରେ ଦୋକାନ ଖୋଲିଥିଲା। ଫଳରେ ଲୋକଙ୍କ ଭିଡ଼ ଜମିଥିଲା। ଗୋଷ୍ଠୀ ସଂକ୍ରମଣ ଏଡ଼ାଇବା ଲାଗି ପ୍ରଶାସନ ପକ୍ଷରୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏହି ତିନି ଦୋକାନରେ ଭିଡ ଜମିବା ସହ କେହି ନିୟମ ପାଳନ କରୁ ନ ଥିଲେ। ଫଳରେ ଏହି ତିନି ଦୋକାନକୁ ସାମୟିକ ଭାବେ ସିଲ କରାଯାଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି।

# ମନେପଡ଼େ ଲକ୍ଷ୍ମୀ ହାତୀ

ପୁରୀ ଅଫିସ, ୧୫।୬

**ପୁରୀକୁ ଆସି ଫେରିବା ବାଟରେ ଆଖି ବୁଜିଥିଲା**
**ସ୍ମୃତିକୁ ଜାବୁଡ଼ି ଧରିଛି ବାଲିଗୋରଡ଼ି ଗାଁ**


ବାଲିଗୋରଡ଼ି ଗାଁରେ ଲକ୍ଷ୍ମୀ ହାତୀ ମୃତଦେହ ପୋତାଯାଇଥିବା ସ୍ଥାନ।

ବଡ଼ଦାଣ୍ଡରେ ରଥ ଟାଣିବେ କି ହାତୀ, ପୁଣି କ'ଣ ପୁରୁଣା ଦିନର ସ୍ମୃତି ଫେରିବ? ହାତୀ ରଥ ଟାଣିବାକୁ ନେଇ ଏମିତି କିଛି ସମ୍ଭାବନା ଏବେ ସମସ୍ତଙ୍କ ମନରେ ଉଜ୍ଜୀବିତ ହୋଇଛି। ମହାମାରୀ କରୋନା ସଂକ୍ରମଣ ଭୟ ଭିତରେ କିପରି ରଥଯାତ୍ରା କରାଯିବ ସେ ନେଇ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସି ନାହିଁ। ଗୋଟିଏ ପଟେ ଭକ୍ତଙ୍କ ଭାବାବେଗ ଏବଂ ଅନ୍ୟପଟେ ସଂକ୍ରମଣ ଭୟ ଯୋଗୁ ସରକାର ରଥଯାତ୍ରା କରିବେ ନା ନାହିଁ ସେ ନେଇ ଗୋଲକଧନ୍ଦାରେ ପଡ଼ିଛନ୍ତି। ଏଭଳି ସ୍ଥିତିରେ ରଥଯାତ୍ରାକୁ ନେଇ ରୁଜୁ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ରଥ ଟାଣିବା ଲାଗି ମେଶିନ କିମ୍ବା ହାତୀ ନିୟୋଜନ ଭଳି ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ସରକାର ବିଚାର କରନ୍ତୁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାତୀ ଦ୍ୱାରା ରଥଟଣା ପ୍ରସ୍ତାବ ଏବେ ଚର୍ଚ୍ଚାରେ ଥିବାବେଳେ ଅନେକ ଏବେ ଲକ୍ଷ୍ମୀ ହାତୀକୁ ମନେ ପକାଉଛନ୍ତି। ୨୦୦୨ରେ ପୁରୀ ରଥଯାତ୍ରାକୁ ଆସି ଫେରିବା ବାଟରେ ଲକ୍ଷ୍ମୀର ଦୁଃଖଦ ମୃତ୍ୟୁ ଘଟିଥିଲା। ଗୋଡ଼ରେ କଣ୍ଟା ପଶି ସେପ୍‌ଟିକ ହେବାରୁ କିଛିଦିନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଥିଲା ଲକ୍ଷ୍ମୀ, ଯାହାର ସ୍ମୃତିକୁ ଜାବୁଡ଼ି ଧରିଛି ବୀରନରସିଂହପୁର ନିକଟ ବାଲିଗୋରଡ଼ି ଗାଁ।

ଲକ୍ଷ୍ମୀ ହାତୀର ମୃତଦେହ ପୋତିବା ଲାଗି ଜାଗା ଯୋଗାଇ ଦେଇଥିବା ବାଲିଗୋରଡ଼ି ଗାଁର କସ୍ତୁରୀ ସାହୁ କୁହନ୍ତି, ପୂର୍ବରୁ ପୁରୀ ରଥଯାତ୍ରାକୁ ଏକାଧିକ ହାତୀ ଆସୁଥିଲେ। ସେ ସମୟରେ ବଡ଼ଦାଣ୍ଡ ଏବେର ବଡ଼ଦାଣ୍ଡ ଭଳି ନ ଥିଲା। ପ୍ରବଳ ବାଲି ଯୋଗୁ ରଥ ଦବି ଯାଉଥିଲା। ତେଣୁ ତାଲିମପ୍ରାପ୍ତ ହାତୀ ରଥ ଆଗରେ ରହି ଟାଣୁଥିବା ବେଳେ ପୁଣି ପଛରୁ ବି ଠେଲିଥାନ୍ତି। ଶେଷଥର ପାଇଁ ୨୦୦୨ ମସିହାରେ ରଥଯାତ୍ରାକୁ ଉତ୍ତରପ୍ରଦେଶରୁ ୩ଟି ହାତୀ ଆସିଥିଲେ। ରଥଯାତ୍ରା ପରେ ଏମାନେ ଜଗନ୍ନାଥ ସଡ଼କ ଦେଇ ଫେରୁଥିଲେ। ଏମାନଙ୍କ ମଧ୍ୟରୁ ମାଈ ହାତୀ 'ଲକ୍ଷ୍ମୀ' ବୀରନରସିଂହପୁର ନିକଟ ବାଲିଗୋରଡ଼ି ଗାଁ ନିକଟରେ ଅସୁସ୍ଥ ହୋଇପଡ଼ିଥିଲା। ଆଉ ଚାଲିପାରି ନ ଥିଲା। ରାସ୍ତା କଡ଼ରେ ଥିବା ତାଙ୍କରି ଜାଗାରେ ଅଟକି ରହିଯାଇଥିଲା ବୋଲି କହିଛନ୍ତି କସ୍ତୁରୀ। ପରେ ମାହୁନ୍ତ ଦେଖିଲେ ପଛପଟ ଏକ ଗୋଡ଼ରେ ଖଣ୍ଡିଆ ହୋଇଛି। ଲକ୍ଷ୍ମୀର ଏପରି ଅବସ୍ଥା କଥା ଶୁଣି ରାଜ୍ୟ ସରକାର ସଙ୍ଗେସଙ୍ଗେ ଚିକିତ୍ସା ବ୍ୟବସ୍ଥା କରିଥିଲେ। କିନ୍ତୁ ସେହି ଜାଗା ସେପ୍‌ଟିକ ହୋଇଯାଇଥିଲା। ଧୀରେ ଧୀରେ ଲକ୍ଷ୍ମୀ ଅଧିକ ଦୁର୍ବଳ ହେଉଥିଲା। ସରକାର କେରଳରୁ ଡାକ୍ତର ଡେରିୟାନଙ୍କୁ ଆଣିଥିଲେ। ହେଲେ ସବୁ ପ୍ରୟାସ ବୃଥା ଯାଇଥିଲା। ଗୋଟିଏ ପଟକୁ ଶୋଇରହିବା ଦ୍ୱାରା ତା'ର ବେଡ୍‌ଶୋର ହୋଇଥିଲା। ପ୍ରାୟ ୮/୧୦ ଦିନ ଚିକିତ୍ସା ପରେ ଶେଷରେ ନିସ୍ତେଜ ହୋଇଯାଇଥିଲା ଲକ୍ଷ୍ମୀ। ସମ୍ପୃକ୍ତ ଗ୍ରାମବାସୀ ତା'ର ଜୀବନ ରକ୍ଷା ପାଇଁ ବହୁତ ସାହାଯ୍ୟ କରିଥିଲେ। ମାତ୍ର ଲକ୍ଷ୍ମୀ ଆଖି ବୁଜିବା ପରେ ସେହି ଜାଗାରେ ତାକୁ ପୋତିବା ଲାଗି କସ୍ତୁରୀଙ୍କୁ କହିଥିଲେ। ସେ ରାଜି ହେବା ପରେ ତାଙ୍କରି ଜାଗାରେ ଲକ୍ଷ୍ମୀଙ୍କୁ ପୋତାଯାଇଥିଲା। ବିଲୁଆ, କୁକୁର ରାତିରେ ଖୋଳିବା ଆଶଙ୍କା କରି ସେହି ଜାଗା ଉପରେ ଏକ ପିଣ୍ଡି ତିଆରି କରାଯାଇଥିଲା, ଯେଉଁ ପିଣ୍ଡି ଏବେ ବି ଲକ୍ଷ୍ମୀ ହାତୀର ସ୍ମୃତିକୁ ମନେ ପକାଉଛି।

ଅନ୍ୟପକ୍ଷରେ ବର୍ତ୍ତମାନ ହାତୀ ଦ୍ୱାରା ରଥ ଟାଣିବା ସମ୍ଭବ କି? ଆସନ୍ତା ୨୩ରେ ରଥଯାତ୍ରା। ମଝିରେ ଆଉ ମାତ୍ର ୭ ଦିନ। ଏହି ସ୍ୱଳ୍ପ ସମୟ ମଧ୍ୟରେ ବାହାର ରାଜ୍ୟରୁ ହାତୀ ଆଣିବା ସମ୍ଭବ ହେବ ନାହିଁ। ଆଣିଲେ ବି ଏତେ କମ୍ ସମୟ ମଧ୍ୟରେ ସେମାନଙ୍କୁ ତାଲିମ ଦେବା ଅସମ୍ଭବ। ଆମ ରାଜ୍ୟରେ ରଥ ଟାଣିବା ପାଇଁ ସେମିତି ତାଲିମପ୍ରାପ୍ତ ହାତୀ ନାହାନ୍ତି। ତେଣୁ ହାତୀ ଦ୍ୱାରା ରଥଟଣା ଏକ ଅସଫଳ ଚିନ୍ତା ବୋଲି ଅନେକେ ମତ ରଖୁଛନ୍ତି।

## ଫଟୋରେ ଖବର


ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ସୋମବାର ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟଫାଟକ ସମ୍ମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।


ରଜ ପାଳନ ଅବସରରେ ସୋମବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ରଜପିଠା ପ୍ରଦାନ କରୁଛନ୍ତି ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର ଓ ଅନ୍ୟମାନେ।


ପୁରୀ କୁମୁଟିପାଟଣାର ବିଶ୍ୱଜିତ ନାୟକଙ୍କ ଦ୍ୱାରା ୨୫୭୫ଟି ଆଇସକ୍ରିମ୍ କାଠିରେ ନିର୍ମିତ ରଥ। ଏହାର ଉଚ୍ଚତା ୨୭ ଇଞ୍ଚ ଓ ଚଉଡ଼ା ୨୨ ଇଞ୍ଚ। ଏହାକୁ ସମ୍ପୂର୍ଣ୍ଣ କରିବାକୁ ୧୦ ଦିନ ଲାଗିଛି।

## ସଂକ୍ଷେପରେ

### ରପ୍ତାନି ୩୬.୪୭% କମିଲା

ନୂଆଦିଲ୍ଲୀ,୧୫।୬: ଭାରତର ରପ୍ତାନି ଲଗାତର ଭାବେ ୩ ମାସ ଲାଗି ହ୍ରାସ ଘଟିଛି। ମେ ମାସରେ ଏହା ୩୬.୪୭% ହ୍ରାସ ହୋଇ ୧୯.୦୫ ବିଲିୟନ ଡଲାର ରହିଛି। ପେଟ୍ରୋଲିୟମ,ବୟନ, ଇଞ୍ଜିନିୟରିଂ, ଜେମ୍ସ ଏବଂ ଜୁଏଲେରି ରପ୍ତାନି କମିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଛି। ଏହି ସମୟ ମଧ୍ୟରେ ଆମଦାନୀ ୫୧% ହ୍ରାସ ଘଟି ୨୨.୨ ବିଲିୟନ ଡଲାର ରହିଛି। ବର୍ତ୍ତମାନ ସମୟରେ ବାଣିଜ୍ୟ ନିଅଣ୍ଟ ୩.୧୨ ବିଲିୟନ ଡଲାର ରହିଛି। ଏହା ଗତବର୍ଷ ସମାନ ସମୟରେ ୧୫.୩୬ ବିଲିୟନ ଡଲାର ରହିଥିଲା। ଏପ୍ରିଲ-ମେ'ରେ ରପ୍ତାନି ୪୭.୫୪ % ହ୍ରାସ ଘଟି ୨୯.୪୧ ବିଲିୟନ ଡଲାର ରହିଛି। ଏହି ସମୟରେ ଆମଦାନୀ ୫.୬୭% ହ୍ରାସ ହୋଇ ୩୯.୩୨ ବିଲିୟନ ଡଲାରକୁ ଖସିଛି। ଏହି ୨ ମାସରେ ବାଣିଜ୍ୟ ନିଅଣ୍ଟ ୯.୯୧ ବିଲିୟନ ଡଲାର ରହିଛି। ମେ ମାସରେ ତେଲ ଆମଦାନୀ ୩.୪୯ ବିଲିୟନ ଡଲାର ରହିଥିବା ବେଳେ ଗତ ବର୍ଷ ସମାନ ସମୟରେ ଏହା ୧୨.୪୪ ବିଲିୟନ ଡଲାର ରହିଥିଲା। ସେହିଭଳି ସୁନା ଆମଦାନୀ ୯୮.୪% ଖସି ୭୬.୩୧ ନିୟୁତ ଡଲାର ରହିଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି।

### ପାଇକାରୀ ମୁଦ୍ରାସ୍ଫୀତି ୩.୨୧% ହ୍ରାସ

ନୂଆଦିଲ୍ଲୀ,୧୫।୬:ଦେଶର ପାଇକାରୀ ମୁଦ୍ରାସ୍ଫୀତି ମେ ମାସରେ ଅବସ୍ଫୀତି ଦେଖାଯାଇଛି। ଏହି ସମୟରେ ପାଇକାରୀ ମୁଦ୍ରାସ୍ଫୀତି ୩.୨୧% ଖସିଯାଇଛି। ଶକ୍ତି ଏବଂ ଇନ୍ଧନ ଦରରେ ପରିବର୍ତ୍ତନ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହି ସମୟରେ ଖାଦ୍ୟ ସାମଗ୍ରୀ ଦରରେ ବୃଦ୍ଧି ଦେଖାଯାଇଛି। ଗତ ବର୍ଷ ମେ ମାସରେ ପାଇକାରୀ ମୁଦ୍ରାସ୍ଫୀତି ସୂଚୀ(ଡବ୍ଲ୍ୟୁପିଆଇ) ୨.୭୯% ସ୍ତରରେ ରହିଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ମେ ମାସରେ ଖାଦ୍ୟ ସାମଗ୍ରୀ ଦର ଉପରେ ମୁଦ୍ରାସ୍ଫୀତି ୧.୧୩% ରହିଛି। ଏହା ଏପ୍ରିଲ ମାସରେ ୨.୫୫% ରହିଥିଲା।

# ୧୩ କୋଟି ନିଯୁକ୍ତି ଉପରେ କଳାବାଦଲ

ନୂଆଦିଲ୍ଲୀ,୧୫।୬



କୋଭିଡ୍-୧୯ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି। ଏଥିଯୋଗୁ ଘରୋଇ ବଜାରର ୧୩୦ ନିୟୁତ (୧୩ କୋଟି) ଚାକିରି ଉପରେ କଳାବାଦଲ ଛାଇ ହୋଇ ରହିଛି। ଏହା ମଧ୍ୟରେ ପ୍ରାୟ ୪୦% ବ୍ଲୁକୋଲାର ବା ମାନୁଆଲ ୱାର୍କର ବୋଲି ହ୍ୟୁମାନ ରିସୋର୍ସ କନ୍ସଲଟିଂ ଫାର୍ମ ଜିନିୟସ କନ୍ସଲଣ୍ଟାଣ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ବିମାନ ଚଳାଚଳ, ଅଟୋମୋବାଇଲ, ଟ୍ରାଭେଲ ଏବଂ ଟୁରିଜମ, ଖାଦ୍ୟ, ମନୋରଞ୍ଜନ ସମେତ କେତେକ ବର୍ଗରେ ମାନୁଫାକଚରିଂ ଶିଳ୍ପ ଉପରେ ଅଧିକ ପ୍ରଭାବ ରହିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

ଜିନିୟସ କନ୍ସଲଣ୍ଟାଣ୍ଟର ଏମ୍‌ଡି ଆର୍.ପି. ଯାଦବ କହିଛନ୍ତି ଯେ, ଘରୋଇ ବଜାରରେ ବର୍ତ୍ତମାନ ଅନିଶ୍ଚିତତାର ସ୍ଥିତି ଉପୁଜିଛି। କୋଭିଡ୍ ୧୯ ସ୍ଥିତିରେ ସେବା ଯୋଗାଣ କରୁଥିବା ହେଲ୍‌ଥ କେୟାର, ଫାର୍ମାସିଟିକାଲ, ଇ-କମର୍ସ, ଆଇଟି ସର୍ଭିସ ଏବଂ ଅତ୍ୟାବଶ୍ୟକ ରିଟେଲ ସାମଗ୍ରୀ ଯୋଗାଉଥିବା କମ୍ପାନୀଗୁଡିକ ଭଲ ସ୍ଥିତିରେ ରହିଛନ୍ତି। ଏଭଳି ଶିଳ୍ପଗୁଡିକରେ ନିଯୁକ୍ତି କ୍ଷତିଗ୍ରସ୍ତ ହେବ ନାହିଁ ବୋଲି ଯାଦବ ମତ ପ୍ରକାଶ କରିଛନ୍ତି। ସେହିଭଳି ଶିଳ୍ପ ବିଶେଷଜ୍ଞମାନେ କହିଛନ୍ତି ଯେ, କମ୍ପାନୀଗୁଡିକ ଲାଗି ପରିଚାଳନା ପୁଞ୍ଜିର ବିଭିନ୍ନ ସମସ୍ୟା ଦେଖାଦେବ। ସରକାର ଟିକସ ରିହାତି, ଇଏମ୍‌ଆଇ ଏବଂ ଋଣ ସୁବିଧା ଯୋଗାଣ କରିଥିବା ବେଳେ ଉଚ୍ଚ ହାରର ୯% ସୁଧହାର ରହିଛି। ଏହା କମ୍ପାନୀଗୁଡିକ ଲାଗି ଚିନ୍ତାର କାରଣ ପାଲଟିଛି।

ଲକ୍‌ଡାଉନ ଉଠିବା ପରେ ବର୍ତ୍ତମାନ କମ୍ପାନୀଗୁଡିକ ଅଭିବୃଦ୍ଧିରେ ବିଭିନ୍ନ ସମସ୍ୟା ଉପୁଜୁଛି। ଚାହିଦା ହ୍ରାସ, ପରିଚାଳନା ପୁଞ୍ଜି ଅଭାବ ଏବଂ ଶ୍ରମିକ ଅଭାବ ଭଳି ବିଭିନ୍ନ ସମସ୍ୟା କମ୍ପାନୀଗୁଡିକ ସାମ୍ନାରେ ରହିଛି। ରାଜସ୍ୱ ଏବଂ ଲାଭରେ କମ୍ପାନୀଗୁଡିକ ଲାଗି ନକାରାତ୍ମକ ସ୍ଥିତି ଉପୁଜିଛି। ଚଳିତ ବର୍ଷ ଭାରତର ଅଭିବୃଦ୍ଧି ୧ରୁ ୧.୫% ରହିବ ବୋଲି ରିପୋର୍ଟରେ କୁହାଯାଇଛି। କିଛି କ୍ଷେତ୍ର ପାଇଁ ନିୟମ କୋହଳ ହୋଇଥିବାରୁ ହସ୍ପିଟାଲିଟି ଏବଂ ହୋଟେଲ ଶିଳ୍ପ କ୍ଷତି ସତ୍ତ୍ୱେ କାରବାର ଆଗକୁ ବଢାଇବେ। ଜୁଏଲେରି, ରିଟେଲ ଶିଳ୍ପ, ହୋଟେଲ ଏବଂ ରେଷ୍ଟୁରାଣ୍ଟ ଶିଳ୍ପ ନିୟମ କୋହଳ ହେବା ଯୋଗୁ ଟ୍ରାକ୍‌କୁ ଫେରୁଥିବା ରିପୋର୍ଟରେ କୁହାଯାଉଛି।

## ହ୍ୟୁଣ୍ଡାଇର ୭ ଆକର୍ଷଣୀୟ ଫାଇନାନ୍ସ ସୁବିଧା

ନୂଆଦିଲ୍ଲୀ,୧୫।୬

ଦେଶର ପ୍ରମୁଖ ଯାନ ନିର୍ମାତା କମ୍ପାନୀ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୭ ଆକର୍ଷଣୀୟ ଫାଇନାନ୍ସ ସୁବିଧା ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଣ ଲାଗି ଏଭଳି ସୁବିଧା ଆରମ୍ଭ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ସାରା ଦେଶରେ ଗ୍ରାହକ ଏହାର ଲାଭ ନେଇପାରିବେ। ଏଥିଲାଗି କମ୍ପାନୀ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ, ଇଣ୍ଡସ ଇଣ୍ଡ ବ୍ୟାଙ୍କ, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ୟେସ ବ୍ୟାଙ୍କ ସମେତ ମହିନ୍ଦ୍ରା ଓ ଚୋଳ ମଣ୍ଡଳ ଫାଇନାନ୍ସ ଭଳି ଏନ୍‌ବିଏଫ୍‌ସି ସହ ଯୋଡ଼ିହୋଇଛି। କମ୍ପାନୀର ଫାଇନାନ୍ସ ସ୍କିମ୍‌ଗୁଡିକ ମଧ୍ୟରେ ଦୀର୍ଘମିଆଦୀ, ନ୍ୟୁନ ଡାଉନ ପେମେଣ୍ଟ, ମୋରାଟୋରିୟମ ସ୍କିମ୍, ୩ କିମ୍ବା ୬ ମାସର ନିମ୍ନ ଇଏମ୍‌ଆଇ ସ୍କିମ୍, ଷ୍ଟେପ ଅପ୍ ସ୍କିମ୍, ବାଲୋନ ସ୍କିମ୍ ଏବଂ ଇଏମ୍‌ଆଇ ଆସ୍ୟୁରାନ୍ସ ସ୍କିମ୍ ରହିଛି। ଚଳିତ ମାସ ଲାଗି ଏହା ଉପଲବ୍ଧ ହେବ। କମ୍ପାନୀ ଏହାର ଅନ୍‌ଲାଇନ ପୋର୍ଟାଲ ଦ୍ୱାରା ଗ୍ରାହକଙ୍କୁ କାର ବୁକିଂ କରିବାର ସୁବିଧା ମଧ୍ୟ ପ୍ରଦାନ କରୁଛି। ହ୍ୟୁଣ୍ଡାଇ କେୟାର ଆପ୍ଲିକେଶନ ଦ୍ୱାରା ଲୋକମାନେ ସର୍ଭିସ ପାଇଁ ବୁକିଂ ମଧ୍ୟ କରିପାରିବେ।

HYUNDAI

## ୯ ଦିନ ହେଲା ବୃଦ୍ଧି ପାଉଛି ତେଲ ଦର

ନୂଆଦିଲ୍ଲୀ,୧୫।୬

ଦେଶରେ ତେଲ ଦର ଗତ ୯ ଦିନ ହେଲା ଲଗାତର ବୃଦ୍ଧି ପାଉଛି। ବର୍ତ୍ତମାନ ଦେଶର ପରିସ୍ଥିତି ଭଲ ନଥିବା ବେଳେ ତେଲ ଦର ବୃଦ୍ଧି ସବୁ ବର୍ଗର ଗ୍ରାହକଙ୍କ ଉପରେ ବୋଝ ଉପରେ ଲଳିତା ବିଡା ପରି ସମସ୍ୟା ସୃଷ୍ଟି କରିଛି। ଚଳିତ ମାସ ୭ରୁ ସୋମବାର ଯାଏ କ୍ରମାଗତ ଭାବେ ଦେଶର ତେଲ ଦର ବୃଦ୍ଧି ହେଉଛି। ଫଳରେ ୯ଦିନ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୫ ଏବଂ ଡ଼ିଜେଲ ୪.୮୭ ଟଙ୍କା ବୃଦ୍ଧି ପାଇଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଙ୍କ ସୂଚନା ଅନୁସାରେ, ସୋମବାର ପେଟ୍ରୋଲ ଲିଟର ପିଛା ୪୮ ପଇସା ଏବଂ ଡ଼ିଜେଲ ୨୩ ପଇସା ବୃଦ୍ଧି ପାଇଛି। ଫଳରେ ପେଟ୍ରୋଲ ଦର ୭୫.୭୮ଟଙ୍କାରୁ ବୃଦ୍ଧି ପାଇ ୭୬.୨୬ ଟଙ୍କା ଛୁଇଁଛି। ସେହିଭଳି ଡ଼ିଜେଲ ଦର ୭୪.୦୩ ଟଙ୍କାରୁ ୭୪.୨୬ଟଙ୍କାକୁ ବୃଦ୍ଧି ଘଟିଥିବା ଜଣାପଡିଛି।

## ସିବିଆଇସି ପକ୍ଷରୁ ଇ-ଅଫିସ ବ୍ୟବସ୍ଥା ଆରମ୍ଭ

ନୂଆଦିଲ୍ଲୀ,୧୫।୬

ଦେଶର ୫ଶହରୁ ଊର୍ଦ୍ଧ୍ୱ ସିଜିଏସ୍‌ଟି ଏବଂ ବର୍ହିଶୁଳ୍କ କାର୍ଯ୍ୟାଳୟ ଗୁଡିକରେ ଇ-ଅଫିସ ବ୍ୟବସ୍ଥାର ପ୍ରୟୋଗ ସୋମବାରଠାରୁ ଆରମ୍ଭ ହୋଇଛି। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ବର୍ହିଶୁଳ୍କ ବୋର୍ଡ(ସିବିଆଇସି)ର ଅଧ୍ୟକ୍ଷ ଏମ୍ ଅଜିତ କୁମାର ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ବ୍ୟବସ୍ଥାର ଉପଯୋଗ କରିବା ଫଳରେ ସିବିଆଇସିର ଅନ୍ତରୀଣ କାର୍ଯ୍ୟ ସ୍ୱୟଂକ୍ରିୟ ହୋଇପାରିବ।

## ଟାଟା ମୋଟର୍ସଙ୍କୁ କ୍ଷତି ୯୮୬୪ କୋଟି

ନୂଆଦିଲ୍ଲୀ,୧୫।୬

ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସ ତଥା ଚତୁର୍ଥ ତ୍ରୈମାସରେ ଟାଟା ମୋଟର୍ସର ନେଟ୍ କ୍ଷତି ୯୮୬୪ କୋଟି ରହିଛି। କରୋନା ମହାମାରୀ ଯୋଗୁ ଜାଗୁଆର ଲାଣ୍ଡ ରୋଭର ଓ ଘରୋଇ ବଜାରରେ ଯାନ ବିକ୍ରି ପ୍ରଭାବିତ ହେବା ଯୋଗୁ କମ୍ପାନୀକୁ ଏଭଳି କ୍ଷତି ସହିବାକୁ ପଡିଛି। ୨୦୧୮-୧୯ ଜାନୁୟାରୀ ମାର୍ଚ୍ଚ ସମୟରେ କମ୍ପାନୀ ୧,୧୦୮ କୋଟି ଟଙ୍କାର ନେଟ୍ ଲାଭ କରିଥିଲା। କମ୍ପାନୀର ପରିଚାଳନା ଗତ ମୋଟ ରାଜସ୍ୱ ୬୨,୪୯୨ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ସମାନ ସମୟରେ ୮୬,୪୨୨ କୋଟି ଟଙ୍କା ରହିଥିଲା। ମାର୍ଚ୍ଚ ତ୍ରୈମାସରେ କମ୍ପାନୀର ପରିଚାଳନା କ୍ଷତି ୪୮୭୧ କୋଟି ଟଙ୍କା ରହିଛି। କମ୍ପାନୀ ଗତ ବର୍ଷ ଏହି ସମୟରେ ୧୦୬ କୋଟି ଟଙ୍କା ଲାଭ କରିଥିଲା। ଜାଗୁଆର ଲ୍ୟାଣ୍ଡ ରୋଭର ୫୦୧ ନିୟୁତ ପାଉଣ୍ଡ କ୍ଷତି ସହିଛି। ୨୦୧୯-୨୦ରେ ଟାଟା ମୋଟର୍ସର ନେଟ୍ କ୍ଷତି ୧୧,୯୭୫ କୋଟିଟଙ୍କା ରହିଛି। ଲକ୍‌ଡାଉନ ପାଇଁ ଭାରତ ବଜାରରେ ବର୍ତ୍ତମାନ ଯାନ ବିକ୍ରି କ୍ଷତିଗ୍ରସ୍ତ ହୋଇଛି। ସେହିଭଳି ଲୋକଙ୍କ ନିକଟରେ ନଗଦ ଅଭାବ, ବିଏସ୍-୬କୁ ପରିବର୍ତ୍ତନ ଭଳି ସମସ୍ୟା କମ୍ପାନୀକୁ ପ୍ରଭାବିତ କରିଛି।

## ଫଳ, ପନିପରିବା ହୋମ ଡେଲିଭରି ଦେଲା ଜମାଟୋ

ନୂଆଦିଲ୍ଲୀ,୧୫।୬

ପ୍ରମୁଖ କ୍ଷୀର ଯୋଗାଣକାରୀ ସଂସ୍ଥା ମଦର ଡେରୀ'ର ଫଳ ଓ ପନିପରିବା ୟୁନିଟ 'ସଫଳ' ଦିଲ୍ଲୀ ଏନ୍‌ସିଆରରେ ହୋମ୍ ଡେଲିଭରି ସେବା ଆରମ୍ଭ କରିଛି। ଏହି ସେବା ଯୋଗାଣ ଲାଗି ମଦର ଡେରୀ ଫୁଡ ଡେଲିଭରୀ ଦେଉଥିବା କମ୍ପାନୀ ଜମାଟୋ ସହ ସୋମବାର ଚୁକ୍ତିରେ ସାମିଲ ହୋଇଛି। ଏ ସମ୍ପର୍କରେ ମଦର ଡେରୀର ମୁଖପାତ୍ର ସୂଚନା ଦେଇଛନ୍ତି। ପରୀକ୍ଷା ମୂଳକ ଭିତ୍ତିରେ ଆରମ୍ଭ ହୋଇଥିବା ଏହି ହୋମ ଡେଲିଭରି ସେବା ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଛି । ଫଳରେ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଦିନରେ ୧୧ଟି ସଫଲ ଆଉଟଲେଟରୁ ପ୍ରାୟ ୨୭୦ଟନ ପନିପରିବା ଓ ଫଳର ହୋମ ଡେଲିଭରୀ କରାଯାଇଛି। ଦିଲ୍ଲୀ ଏନ୍‌ସିଆରର ପ୍ରମୁଖ ୩ଶହଟି ଆଉଟଲେଟ ମାଧ୍ୟମରେ ଏହି ସେବା ଲୋକଙ୍କୁ ଯୋଗାଇ ଦିଆଯିବ। ଦିଲ୍ଲୀ ଏନ୍‌ସିଆରର ସାକେତ, ବସନ୍ତକୁଞ୍ଜ, ଦ୍ୱାରକା, ଜାନକୀପୁର, ପଞ୍ଚଶୀଳା ଏନକ୍ଲେଭ ଏବଂ ସେକ୍ଟର ୫୦ ଓ ୨୯ ନୋଏଡ଼ା ଭଳି ଅଞ୍ଚଳରେ ଉକ୍ତ ସେବା ଆରମ୍ଭ ହୋଇଛି। ଆଗାମୀ ଦିନରେ ସେବାକୁ ଏନ୍‌ସିଆରର ସମସ୍ତ ଅଞ୍ଚଳରେ ଯୋଗାଇବ ବୋଲି ମଦର ଡେରୀର ବାଣିଜ୍ୟିକ ମୁଖ୍ୟ ପ୍ରଦୀପ୍ତ ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଗ୍ରାହକଙ୍କର ଚାହିଦା ମୁତାବକ ସେବା ଯୋଗାଇଦେବାକୁ ପ୍ରାଥମିକତା ଦିଆଯିବ। ସେହିଭଳି ଜମାଟୋ ସହ ଚୁକ୍ତି ଉଭୟ ସଂସ୍ଥା ଲାଗି ସହାୟକ ହେବା ସହ ଓ ଅଭିବୃଦ୍ଧି ଦିଗରେ ସହାୟକ ହେବ ବୋଲି ସେ ମତ ଦେଇଛନ୍ତି।

## ଇପିଏଫ୍‌ଓର ବହୁ ସ୍ଥାନୀୟ ଦାବି ସମାଧାନ ସୁବିଧା

ନୂଆଦିଲ୍ଲୀ,୧୫।୬

ଦେଶରେ ସେବା ପ୍ରଦାନର ଏକ ବ୍ୟବସ୍ଥିତ ମାନକ ସୁନିଶ୍ଚିତ କରିବା ତଥା କୋଭିଡ୍-୧୯ ମହାମାରୀ ସମୟରେ କର୍ମଚାରୀଙ୍କ ସଂଖ୍ୟାର ଠିକ୍ ଉପଯୋଗ ଲକ୍ଷ୍ୟରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫଓ) ପକ୍ଷରୁ ବହୁ ସ୍ଥାନୀୟ ଦାବି ସମାଧାନ ସୁବିଧାର ଶୁଭାରମ୍ଭ କରାଯାଇଛି। ଏହା ଇପିଏଫଓର କାର୍ଯ୍ୟପ୍ରଣାଳୀରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିବ ବୋଲି କୁହାଯାଇଛି। ନୂଆ ସୁବିଧା ଫଳରେ ଦେଶର ଯେ କୌଣସି ସ୍ଥାନରେ ଥିବା ଆଞ୍ଚଳିକ କାର୍ଯ୍ୟାଳୟରେ ଅନ୍‌ଲାଇନ ଦାବି ଗୁଡିକର ସମାଧାନ କରାଯାଇପାରିବ। ଭବିଷ୍ୟନିଧି ପାଣ୍ଠି, ପେନସନ, ଆଂଶିକ ଉଠାଣ ଏବଂ ଦାବି ସହ ସ୍ଥାନାନ୍ତର ଦାବି ଆଦି ଏହି ନୂଆ ପ୍ରକ୍ରିୟା ଦ୍ୱାରା ସମାଧାନ କରାଯାଇପାରିବ। ପ୍ରକଳ୍ପ ୧୦ ଜୁନରୁ ସ୍ଥାନୀୟ ଗୁରୁଗ୍ରାମ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇଛି । ଏହି ବହୁ ସ୍ଥାନୀୟ ଦାବି ସମାଧାନ ସୁବିଧା ପ୍ରଚଳନ କରାଯିବା ଫଳରେ ସାକ୍ଷାତମୁକ୍ତ ଦାବି ସମାଧାନ ହୋଇପାରିବ।

## ରାଜ୍ୟ ଖବର

# ଲଘୁ ବନଜାତ ଦ୍ରବ୍ୟ ଟୋଲରୁ ଆଦିବାସୀଙ୍କୁ ମିଳୁନି ପ୍ରାପ୍ୟ

ମାଲକାନଗିର,୧୫।୬(ଡି.ଏନ୍.ଏ.)

- କମ୍ ଦରରେ କିଣୁଛନ୍ତି ବାହାର ବ୍ୟବସାୟୀ
- ସରକାରୀ ଦର ସମ୍ପର୍କରେ ଜାଣନ୍ତି ନାହିଁ
- ପ୍ରଶାସନ ପକ୍ଷରୁ କରାଯାଉନି ବଜାର ବ୍ୟବସ୍ଥା

ମାଲକାନଗିରି ଜିଲାରେ ଆଦିବାସୀଙ୍କ ଜୀବନ ଜୀବିକାର ମାଧ୍ୟମ ପାଲଟିଛି ବନଜାତ ଦ୍ରବ୍ୟ। ଅନ୍ୟ ଲଘୁ ବନଜାତ ଦ୍ରବ୍ୟ ଭଳି ଟୋଲ ମଧ୍ୟ ଆଦିବାସୀଙ୍କ ଜୀବିକାର୍ଜନର ଏକ ମାଧ୍ୟମ ପାଲଟିଛି। ଏହାକୁ ସେମାନେ ବିକ୍ରି କରିବା ସହ ତେଲ ପ୍ରସ୍ତୁତ କରିଥାନ୍ତି। ମେ'ରୁ ଜୁନ୍ ପର୍ଯ୍ୟନ୍ତ ଟୋଲ ସଂଗ୍ରହକରି ଏହାକୁ ଶୁଖାଇବା ପରେ ଉପର ଖୋଳପାକୁ ଛଡ଼ାଇ ବିକ୍ରି କରିଥାନ୍ତି। ଏହାଦ୍ୱାରା ସେମାନେ ୩/୪ ମାସର ରୋଜଗାର ପାଇଥାନ୍ତି। ତେବେ ଆଦିବାସୀମାନେ କରୁଥିବା ପରିଶ୍ରମ ଅନୁସାରେ ମୂଲ୍ୟ ପାଆନ୍ତି ନାହିଁ। ସରକାର ଧାର୍ଯ୍ୟ କରିଥିବା ମୂଲ୍ୟ ବାବଦରେ ସେମାନେ ଜାଣନ୍ତିନାହିଁ। ଏହାର ସୁଯୋଗ ବ୍ୟବସାୟୀମାନେ ନେଇଥାନ୍ତି। ପଡ଼ୋଶୀ ରାଜ୍ୟର ବ୍ୟବସାୟୀମାନେ ଖୁବ୍ ଶସ୍ତା ଦରରେ ଏସବୁ ସେମାନଙ୍କଠାରୁ କିଣି ବାହାରେ ଅଧିକ ଦରରେ ବିକ୍ରି କରି ଲାଭ ପାଇଥାନ୍ତି। ଗ୍ରାମର କେତେଜଣ ବ୍ୟକ୍ତି ମଧ୍ୟ ଶହଶହ କୁଇଣ୍ଟାଲ ଟୋଲ ମହଜୁଦ ରଖି ବାହାରେ ଚଢ଼ା ଦରରେ ବିକ୍ରି କରନ୍ତି। ଚଳିତବର୍ଷ ଏହି ଟୋଲ ସଂଗ୍ରହ ପାଇଁ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ୨୧।୫।୨୦ରେ ଚିଠି ସଂଖ୍ୟା ୬୬୭୯ରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସନ୍ଦୀପ ତ୍ରିପାଠୀଙ୍କୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ପାଇଁ ଆଦିବାସୀ ଉନ୍ନୟନ କର୍ପୋରେଟିଭ୍ ସୋସାଇଟି ମାଧ୍ୟମରେ ଉଚିତ ମୂଲ୍ୟରେ ଖରିଦ ପାଇଁ ଏକ ଚିଠି ଲେଖିଥିଲେ। ସରକାରଙ୍କ ଚିଠି ଅନୁଯାୟୀ ତ୍ରିପାଠୀ ରାଜ୍ୟର ସମସ୍ତ ଡିଏଫ୍‌ଓଙ୍କୁ ମେ ୫ରେ ଚିଠି ସଂଖ୍ୟା ୯୪୧୪ରେ ଟିଡିସିସି (ଟ୍ରାଇବାଲ ଡେଭଲପମେଣ୍ଟ କୋ-ଅପରେଟିଭ୍ କର୍ପୋରେଶନ)କୁ ସହଯୋଗ କରିବାକୁ ଜଣାଇଥିଲେ। ମାଲକାନଗିରି ଜିଲାରେ ଟିଡିସିସି ବନଜାତ ଦ୍ରବ୍ୟ କ୍ରୟ ଦାୟିତ୍ୱରେ ରହିଛି। ଏହି ସଂସ୍ଥା ଆଦିବାସୀଙ୍କଠାରୁ ବନଜାତ ଦ୍ରବ୍ୟ ସଂଗ୍ରହକରି ଏହାର ବଜାର ବ୍ୟବସ୍ଥା କରିବ। ମାତ୍ର ଜିଲାରେ ଟିଡିସିସି ଏନେଇ ଏକ ସଚେତନତା ରଥ ବୁଲାଇ କେତେକ ଅଞ୍ଚଳରେ ଆଦିବାସୀଙ୍କୁ ସଚେତନ କରି ଚୁପ୍ ରହିଛି। ଏହାପରଠାରୁ ଟୋଲ କ୍ରୟ ଲାଗି ଟିଡିସିସି ଏପର୍ଯ୍ୟନ୍ତ ଜିଲାର ବ୍ଲକ ଅଞ୍ଚଳରେ କାର୍ଯ୍ୟାଳୟ କିମ୍ବା କ୍ରୟ କେନ୍ଦ୍ର ଖୋଲି ନ ଥିବା ଜଣାପଡିଛି। କେବଳ ଟୋଲ ନୁହେଁ ପ୍ରତ୍ୟେକ ଲଘୁ ବନଜାତ ଦ୍ରବ୍ୟ ମହୁଲ, କେନ୍ଦୁପତ୍ର, ଝୁଣା, ହରିଡ଼ା, ବାହାଡ଼ା ଆଦିର ଉଚିତ ମୂଲ୍ୟ ନ ପାଇ ଆଦିବାସୀମାନେ ଶୋଷଣର ଶିକାର ହୋଇଥାନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେଇ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

ଏ ସମ୍ପର୍କରେ ଡିଆରଡିଏ ପିଡି ବାଳମୁକୁନ୍ଦ ଭୂୟାଁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଯେହେତୁ ଏହା ଟିଡିସିସିର ଦାୟିତ୍ୱ ସେ ଦୃଷ୍ଟିରୁ ଏ ସମ୍ପର୍କରେ ସେ କିଛି କହିପାରିବେ ନାହିଁ । ଅନ୍ୟପକ୍ଷରେ ୩ଦିନ ଛୁଟି ଥିବାରୁ ଟିଡିସିସିର କୌଣସି ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ଏ ନେଇ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆଦିବାସୀମାନଙ୍କ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଏବଂ ବିନା ଶୁଳ୍କରେ ଏହାର ବିକ୍ରି ପାଇଁ ରାଜ୍ୟ ସରକାରଙ୍କ ଅନୁମତି ଏକ ପ୍ରହସନରେ ପରିଣତ ହୋଇଛି। ଆଦିବାସୀମାନେ ସଂଗ୍ରହ କରୁଥିବା ବନଜାତ ଦ୍ରବ୍ୟକୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଉଚିତ ମୂଲ୍ୟରେ ଟିଡିସିସି ସଂଗ୍ରହ କରୁନାହିଁ। ଜିଲାର କୌଣସି ବ୍ଲକରେ ଏହି ସଂସ୍ଥାର କାର୍ଯ୍ୟାଳୟ, ଗୋଦାମ କିମ୍ବା ସ୍ୱୀକୃତିପ୍ରାପ୍ତ ଏଜେଣ୍ଟ ନାହାନ୍ତି। ବ୍ୟବସାୟୀଙ୍କଠାରୁ ଟୋଲ ଖରିଦ କରି ନିଜେ ଖରିଦ କରିଥିବା ଦର୍ଶାଇ ଟିଡିସିସି ସରକାରଙ୍କୁ ତଥ୍ୟ ପ୍ରଦାନ କରୁଛି। ଏ ସମ୍ପର୍କରେ ମାଲକାନଗିରି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଭାଗୀୟ ମୁଖ୍ୟଙ୍କ ନିର୍ଦ୍ଦେଶ ପାଇବା ପରେ ମୁଁ ସମସ୍ତ ବନ କ୍ଷେତ୍ର କର୍ମଚାରୀଙ୍କୁ ଏଥିପ୍ରତି ଦୃଷ୍ଟିଦେବାକୁ ଚିଠି କରିଛି ।



ଆଦିବାସୀମାନେ ସଂଗ୍ରହ କରିଥିବା ଟୋଲରୁ ଚୋପା ଛଡାଉଛନ୍ତି।

## ଯୁବକଙ୍କୁ ପିଟିପିଟି ହତ୍ୟା, ଉତ୍ତେଜନା

ଢେଙ୍କାନାଳ ଅଫିସ,୧୫।୬

ସାମାନ୍ୟ ବଚସାକୁ କେନ୍ଦ୍ରକରି ରବିବାର ଢେଙ୍କାନାଳ ଜିଲା ସଦର ଥାନା ତରଭା ଫାଣ୍ଡି ଅଞ୍ଚଳର ଚିକୁନ ବିଶ୍ୱାଳ(୩୩)ଙ୍କୁ କେତେଜଣ ଯୁବକ ପିଟିପିଟି ହତ୍ୟା କରିଛନ୍ତି। ଏହାକୁ ନେଇ ସୋମବାର ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଓ ଅଭିଯୁକ୍ତମାନଙ୍କ ଗିରଫ ଦାବିରେ ମୃତକଙ୍କ ସମ୍ପର୍କୀୟ ଏବଂ ଅଞ୍ଚଳବାସୀ ଅପରାହ୍ନରେ କଳାପାଣି ଛକଠାରେ ୨ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଖବରପାଇ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ହତ୍ୟାକାଣ୍ଡ ସମ୍ପର୍କରେ ପ୍ରକାଶଚନ୍ଦ୍ର ବିଶ୍ୱାଳଙ୍କ ଅଭିଯୋଗ କ୍ରମେ ସଦର ଥାନାରେ ନଂ. ୨୨୫।୨୦ରେ ଏକ ମାମଲା ରୁଜୁ ହୋଇଛି।

ଅଭିଯୋଗରୁ ଜଣାପଡିଛି, ତରଭା ଗ୍ରାମର ପ୍ରକାଶଚନ୍ଦ୍ର ବିଶ୍ୱାଳ ଓ ତାଙ୍କ ଦାଦାପୁଅ ଭାଇ ଜଗନ ବିଶ୍ୱାଳ ରବିବାର ଅପରାହ୍ନ ୪ଟାରେ ନିକଟସ୍ଥ ରାଇପୁର ଛକକୁ ଗ୍ରସେରୀ ସାମଗ୍ରୀ ଆଣିବାକୁ ଯାଇଥିଲେ। ଏହି ସମୟରେ ସେଠାରେ ଢେଙ୍କାନାଳ ସହର ବାଜିଚୌକ ଅଞ୍ଚଳର ସୋନୁ ଓ ସଦର ଥାନା କାଙ୍କଡପାଳ ଅଞ୍ଚଳର ଲିପୁନ ସାସ୍ମଲଙ୍କ ସମେତ ଅନ୍ୟ ୭।୮ଜଣ ଯୁବକଙ୍କ ସହ ସେମାନଙ୍କ ବଚସା ହୋଇଥିଲା। ସମ୍ପୃକ୍ତ ଯୁବକମାନେ ପ୍ରକାଶ ଓ ଜଗନଙ୍କୁ ମାଡ ମାରିବା ସହ ତାଙ୍କ ବାଇକ୍ ଭଙ୍ଗାରୁଜା କରିଥିଲେ। ଏହି ସମୟରେ ଜଗନଙ୍କ ପୁତୁରା ଚିକୁନ ବିଶ୍ୱାଳ ପହଞ୍ଚି ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ଚିକୁନଙ୍କୁ ଏକ ଗାଡିରେ ଉଠାଇ ନେଇ ବାଟରେ ନିଘୋଡ଼ ମାଡ଼ ମାରିଥିଲେ। ଫଳରେ ଚିକୁନଙ୍କ ମୁଣ୍ଡ, ଜଙ୍ଘ ଓ ଛାତିରେ ଗୁରୁତର କ୍ଷତ ସୃଷ୍ଟି ହୋଇଥିଲା। ଏହା ଦେଖି ଅଭିଯୁକ୍ତମାନେ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଛାଡି ପଳାଇ ଯାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଚିକୁନଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ବିଳମ୍ବିତ ରାତିରେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ଚିକୁନଙ୍କ ମୃତ୍ୟୁ ଘଟିଥିବା ତାଙ୍କ ଦାଦା ପ୍ରକାଶ ଅଭିଯୋଗରେ ଦର୍ଶାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ କଳାପାଣି ଛକଠାରେ ପହଞ୍ଚିବା ପରେ ସେଠାରେ ଟାୟାରଜାଳି ରାସ୍ତାରୋକୋ କରାଯାଇଥିଲା। ଖବରପାଇ ସଦର ତହସିଲଦାର ଲକ୍ଷ୍ମୀଧର ରାଉତ, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ଓ ଥାନା ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆ ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୃତଦେହ ସଂସ୍କାର ପାଇଁ ତହସିଲଦାର ରେଡକ୍ରସ୍ ପକ୍ଷରୁ ୧୦ ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



କ୍ଷତିପୂରଣ ଓ ଅଭିଯୁକ୍ତମାନଙ୍କ ଗିରଫ ଦାବିରେ ରାସ୍ତାରୋକୋ କରାଯାଇଛି।

# ଜୈବିକ କୃଷିକୁ ଆପଣେଇଛନ୍ତି ପୂର୍ବତନ ଫୁଟବଲ ଅଧିନାୟକ

ନୂଆଦିଲ୍ଲୀ, ୧୫।୬

କରୋନା ଭାଇରସ ସଂକ୍ରମଣ ଜନିତ ଲକ୍‌ଡାଉନ୍ ଯୋଗୁ ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟକ ଗୌରମାଙ୍ଗି ସିଂ ସମ୍ପ୍ରତି ପରିବାର ସହିତ ଇମ୍ଫାଲରେ ରହୁଛନ୍ତି। ଘରେ ବସିରହିବା ଅପେକ୍ଷା ଜୈବିକ କୃଷିକୁ ଆପଣେଇ ନିଜ ଜମିରେ ବିଭିନ୍ନ ପନିପରିବା ଚାଷକରି ସମୟ ଅତିବାହିତ କରୁଛନ୍ତି। ''ଆମର ଏକ ଛୋଟ ଜମି ଅଛି, ଏହା ଏକ ଏକରରୁ କମ୍ ହେବ। ଆମ ଘରଠାରୁ ଏହା ଅଳ୍ପଦୂରରେ ରହିଛି। ଗତ ୨ ବର୍ଷ ଧରି ସେଠାରେ ଆମେ ପନିପରିବା ଚାଷ କରିଆସୁଛୁ। ଲକ୍‌ଡାଉନ୍ ସମୟରେ ମୁଁ ଅନ୍ୟ ଭାଇମାନଙ୍କ ସହ ମିଶି ଲଙ୍କା, ହଳଦୀ, ଅଦା, ମକା, କଲରା, କଖାରୁ ଆଦି ବିଭିନ୍ନ ପ୍ରକାର ପନିପରିବା ଚାଷ କରିବାକୁ ଚେଷ୍ଟା କରିଛୁ'' ବୋଲି ଗୌରମାଙ୍ଗି ପ୍ରକାଶ କରିଛନ୍ତି।

ଏଥିରୁ ତାଙ୍କୁ ବହୁତ ଆନନ୍ଦ ମିଳିଛି ଏବଂ ନୂଆ ଅନୁଭୂତି ହେବା ସହ ଉପାଦେୟ ମଧ୍ୟ ହୋଇଛି ବୋଲି ଏହି ପୂର୍ବତନ ଡିଫେଣ୍ଡର ପ୍ରକାଶ କରିଛନ୍ତି। ଗୌରମାଙ୍ଗି ସମ୍ପ୍ରତି ଦ୍ୱିତୀୟ ଡିଭିଜନ ଲିଗ୍ ଦଳ ଏଫସି ବେଙ୍ଗାଲୁରୁ ୟୁନାଇଟେଡର ମୁଖ୍ୟ କୋଚ୍ ଅଛନ୍ତି। ପରିବା ବଗିଚାରେ କାର୍ଯ୍ୟ କରି ଖୁବ୍ ମଜା ଅନୁଭବ କରିଛି। ସେଠାରେ ମୁଁ ପ୍ରତିଦିନ କିଛି ସମୟ ଅତିବାହିତ କରୁଛି। ଗଛ ଲଗାଇବା ସହ ପାଣିଦିଏ ଏବଂ ପରିବା ତୋଳେ। ଆମର ପରିଶ୍ରମ ସଫଳ ହୋଇଥିବାରୁ ବହୁତ ସନ୍ତୋଷ ଲାଗିଛି ବୋଲି ସେ କହିଛନ୍ତି। ଉଭୟ ମାନସିକ ଓ ଶାରୀରିକଭାବେ ନିଜକୁ ସତେଜ ରଖିବା ପାଇଁ ଏହା ଏକ ଭଲ ମାଧ୍ୟମ। ଏହାଦ୍ୱାରା ଆମେ ଭଲ ପରିବା ଖାଇବା ସହ ପରିବାର ସହିତ ବହୁ ସମୟ ବିତାଇ ପାରୁଛୁ।



ଗୌରମାଙ୍ଗି ସିଂ

ଭବିଷ୍ୟତରେ ମୁଁ ଯେପରି ଆହୁରି ଅଧିକ ପନିପରିବା ଚାଷ କରିପାରିବି ତା ଉପରେ ଗୁରୁତ୍ୱ ଦେଉଛି। ମୋର କେତେକ ବନ୍ଧୁ ଏହା କରୁଛନ୍ତି। ମୁଁ ସେମାନଙ୍କ ସହ କଥା ହୋଇଛି। ସମୟ ଆସିଲେ ମୁଁ ଏହା ଉପରେ ବିଶେଷ ଧ୍ୟାନ ଦେବି ବୋଲି ଗୌରମାଙ୍ଗି କହିଛନ୍ତି।

ସାମ୍ପ୍ରତିକ ସମୟରେ ଭାରତୀୟ ଫୁଟବଲରେ ଗୌରମାଙ୍ଗି ଜଣେ ସଫଳ ଖେଳାଳି। ସେ ଜାତୀୟ ଫୁଟବଲ ଲିଗ୍, ଫେଡେରେଶନ କପ୍ ଏବଂ ଆଇ-ଲିଗ୍ ଟାଇଟଲ ଜିତିବା ସହ ୨୦୧୦ରେ ଏଆଇଏଫଏଫ ପ୍ଲେୟର ଅଫ ଦି ଇୟର ପୁରସ୍କାର ଜିତିଥିଲେ। ୨୦୧୧ରେ ଦୋହାରେ ଭାରତର ଏଏଫସି ଏସିଆନ କପ୍ ଅଭିଯାନରେ ମଧ୍ୟ ସେ ସାମିଲ ଥିଲେ। ସେଠାରେ ଭାରତର ପ୍ରଥମ ମ୍ୟାଚରେ ସେ ବାହାରିନ ବିପକ୍ଷରେ ପ୍ରଥମ ଗୋଲଟି ଦେଇଥିଲେ।



ବଲିଉଡ୍ ନାୟିକା ସାରା ଅଲି ଖାଁ ତାଙ୍କ ପ୍ରଥମ ଡେବ୍ୟୁ ଫିଲ୍ମ 'କେଦାରନାଥ' ସୁଶାନ୍ତ ସିଂ ରାଜପୁତଙ୍କ ସହ କରିଥିବା ବେଳେ ଏବେ ସେ ତାଙ୍କ କୋ-ଷ୍ଟାରଙ୍କ ଅନୁପସ୍ଥିତିକୁ ବେଶ୍ ଅନୁଭବ କରୁଛନ୍ତି। ସୁଶାନ୍ତଙ୍କ ସହ କଟାଇଥିବା ସମୟର ଏକ ଫଟୋ ସାରା ତାଙ୍କ ଇନ୍ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରି ସୁଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଫଟୋଟି କେଦାରନାଥ ସେଟ୍‌ର। ଫଟୋରେ ଉଭୟ ଖୁବ୍ ଖୁସିଥିବା ଦେଖାଯାଇଛି।

# ବିବାଦରେ ଟଲିଉଡ୍ ଅଭିନେତ୍ରୀ ରମ୍ୟା



ରମ୍ୟା କୃଷ୍ଣନ

**ମୁମ୍ବାଇ:** ଦକ୍ଷିଣ ଭାରତର ପ୍ରସିଦ୍ଧ ଅଭିନେତ୍ରୀ ତଥା ବାହୁବଳୀ ଫେମ୍ ରମ୍ୟା କୃଷ୍ଣନ ପୁଣିଥରେ ବିବାଦ ଘେରକୁ ଆସିଛନ୍ତି। ଜି ଟିଭିରେ ତାଙ୍କ ଅଭିନୀତ ଜୟଲଳିତାଙ୍କ ଉପରେ ନିର୍ମିତ ସିରିଜ ପ୍ରସାରଣ ଲାଗି ପ୍ରସ୍ତୁତ ହେଉଥିବା ବେଳେ ରମ୍ୟାଙ୍କୁ ନେଇ ଏକ ନୂଆ ବିବାଦ ସୃଷ୍ଟି ହୋଇଛି। ଚେନ୍ନାଇ ପୋଲିସ ରମ୍ୟାଙ୍କ କାର୍‌ରୁ ୯୬ଟି ବିଅର ବୋତଲ ଜବତ କରିଛି। ମଦ ବୋତଲ ଜବତ କରିବା ସହିତ ତାଙ୍କ ଡ୍ରାଇଭର ସେଲଭା କୁମାରଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ରିପୋର୍ଟ ମୁତାବକ, ରମ୍ୟା କ୍ରିଷ୍ଣନ ନିଜ ଭଉଣୀ ଓ ଡ୍ରାଇଭରଙ୍କ ସହ ଟୟୋଟା ଇନୋଭା କାରରେ ମମଲାପୁରମରୁ ଚେନ୍ନାଇ ଯାଉଥିଲେ। ଏହି ସମୟରେ ଚେନ୍ନାଇ ପୋଲିସ ଚେକପୋଷ୍ଟରେ ତାଙ୍କ କାରକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ତାଙ୍କ କାରରେ ୯୬ଟି ମଦ ବୋତଲ ଥିବା ପୋଲିସ ଦେଖିବାକୁ ପାଇଥିଲା। ସଙ୍ଗେସଙ୍ଗେ ଏହି ମଦ ବୋତଲଗୁଡ଼ିକୁ ପୋଲିସ ଜବତ କରି ନେଇଥିଲା। ଏହା ପରେ ରମ୍ୟା ଓ ତାଙ୍କ ଡ୍ରାଇଭରଙ୍କୁ ପୋଲିସ ଅଟକ ରଖିଛି। ପ୍ରକାଶଥାଉ କି, ରମ୍ୟା କେବଳ ସାଉଥ ନୁହେଁ, ବଲିଉଡ୍‌ରେ ମଧ୍ୟ ଅନେକ ଫିଲ୍ମରେ ନଜର ଆସିଛନ୍ତି। ରମ୍ୟା ଅମିତାଭ ଏବଂ ଗୋବିନ୍ଦାଙ୍କ ସହିତ ଫିଲ୍ମ 'ବଡ଼େ ମିୟାଁ ଛୋଟେ ମିଆଁ'ରେ ନଜର ଆସିଥିଲେ।

# ବାଇକ୍ ତିଆରି କଲେ ସ୍କୁଲଛାତ୍ର

**କୋଚି:** କିଛି ନୂଆ କରିବାର ପ୍ରବଳ ଆଗ୍ରହ କେବେ ବୃଥା ଯାଏନି। ଏହାର ଉଦାହରଣ ହେଉଛନ୍ତି କେରଳର ଅର୍ସଦ। ନବମ ଶ୍ରେଣୀରେ ପଢୁଥିବା ଅର୍ସଦ ଏବେ ନିଜ ଉଦ୍ୟମରେ ଏକ ହାଲୁକା ବାଇକ୍ ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି। କୋଚିର ପାଲୁରୁଥି ଅଞ୍ଚଳର ଟିଜେ ହସିମ୍ ଏବଂ ହସିନାଙ୍କ ସୁପୁତ୍ର ହେଉଛନ୍ତି ଅର୍ସଦ। ପାଲୁରୁଥିର ଏସ୍‌ଡିପିୱାଇ ସ୍କୁଲରେ ନବମ ଶ୍ରେଣୀର ଛାତ୍ର। ଅର୍ସଦଙ୍କ ବାପା ଏକ ଗ୍ୟାରେଜ କରି ମେକାନିକ୍ କାମ କରିଥାନ୍ତି। ବାପାଙ୍କ ଗ୍ୟାରେଜରୁ ବିଭିନ୍ନ ଅନାବଶ୍ୟକ ଜିନିଷକୁ ଏକାଠି କରି ସେ ଏକ ହାଲୁକା ମୋଟର ସାଇକେଲ ତିଆରି କରିଛନ୍ତି। ଏଭଳି ଏକ ବାଇକ୍ ତିଆରି କରିବା ପାଇଁ ୧୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଶେଷରେ ସେ



ବାଇକ୍ ତିଆରି କରିବାରେ ସଫଳତା ହାସଲ କରିପାରିଛନ୍ତି। ତେବେ ଏହି ବାଇକ୍ ତିଆରି କରିବା ପାଇଁ ପ୍ରାୟ ତାଙ୍କୁ ଦେଢ ମାସ ଲାଗିଛି। ଲକ୍‌ଡାଉନ୍ ପରେ ଘରେ ରହି ଅର୍ସଦ ଗ୍ୟାରେଜକୁ ଯାଇ ପ୍ରଥମେ ଯେତେବେଳେ କାମ ଆରମ୍ଭ କରିଥିଲେ, ସେତେବେଳେ ତାଙ୍କ ବାପା ତାଙ୍କ ଉପରେ ବିରକ୍ତ ହେଉଥିଲେ। ଭାବୁଥିଲେ ପୁଅ ଅନାବଶ୍ୟକ କାମରେ ସମୟ ଦେଉଛି। କିନ୍ତୁ ଅର୍ସଦ ତାଙ୍କ କାମ କରି ଚାଲିଥିଲେ। ଅର୍ସଦଙ୍କ କାମ କରିବାର ନିଷ୍ଠା ଦେଖି ସେ ତାଙ୍କୁ ପରେ ସାହାଯ୍ୟ କରିଥିଲେ। ଶେଷରେ ଅର୍ସଦ ବାଇକ୍ କରିବାକୁ ସଫଳ ହୋଇଥିଲେ। ଏବେ ସେ ଏହି ଗାଡ଼ିର ରେଜିଷ୍ଟ୍ରେଶନ୍ କରାଇବାକୁ ଚାହୁଁଛନ୍ତି। ଏଭଳି ଏକ କାମ ପାଇଁ ଅର୍ସଦଙ୍କୁ ଏବେ ସମସ୍ତେ ପ୍ରଶଂସା କରିବାରେ ଲାଗିଛନ୍ତି।

# କୁନି ରାପର୍

**ଶ୍ରୀନଗର:** ବୟସ ମାତ୍ର ୧୦ ବର୍ଷ। କିନ୍ତୁ ଏଇ ବୟସରୁ ସେ ଆଜି ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ହାସଲ କଲେଣି। କାରଣ ତାଙ୍କର ରାପ୍ ସଙ୍ଗୀତ ଏବେ କୋଟି କୋଟି ଲୋକଙ୍କ ହୃଦୟକୁ ଛୁଇଁପାରିଛି। ଏତେ କମ୍ ବୟସରୁ ସଙ୍ଗୀତଜ୍ଞ ଭାବେ ନାଁ କରିଥିବା ଏହି ବାଳକ ଜଣକ ହେଉଛନ୍ତି ଜମ୍ମୁ-କଶ୍ମୀର ପୁଲ୍‌ୱାମାର ଆରାଫତ୍ ମୋହିଦ୍ଦିନ୍ ଭଟ।

ଆରାଫତ୍ ଏବେ ଚତୁର୍ଥ ଶ୍ରେଣୀର ଛାତ୍ର। କିନ୍ତୁ ଏବେଠାରୁ ସେ ସଙ୍ଗୀତ ଦୁନିଆରେ ଲୋକପ୍ରିୟତା ହାସଲ କରିବାକୁ ଲାଗିଲେଣି। ସୋସିଆଲ ମିଡିଆରେ ତାଙ୍କର ପ୍ରାୟ ୫ଟିରୁ ଅଧିକ ରାପ୍ ସଙ୍ଗୀତ ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। ବେଶ୍ ସୁନ୍ଦର ଶୈଳୀରେ ସଙ୍ଗୀତ ପରିବେଷଣ କରି ଆରାଫତ୍ ଲୋକଙ୍କ ହୃଦୟକୁ ଛୁଇଁ ପାରିଛନ୍ତି। ତେବେ ସେ ଏଭଳି ସଙ୍ଗୀତ ନେଇ କେଉଁଠାରୁ ବିଧିବଦ୍ଧ ଶିକ୍ଷା କିମ୍ବା ତାଲିମ ନେଇନାହାନ୍ତି। ବରଂ ୟୁଟ୍ୟୁବ୍ ଚ୍ୟାନେଲ ଏବଂ ଟିଭିରେ ମ୍ୟୁଜିକ୍ ଶୁଣି ସେ ଏଭଳି ସଙ୍ଗୀତ ଗାଇବା ପାଇଁ ଆକୃଷ୍ଟ ହୋଇଥିଲେ। ତେବେ ଆରାଫତ୍‌ଙ୍କ କଣ୍ଠରେ ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି, ଏହା ଅନୁଭବ କରି ତାଙ୍କ ପରିବାର ଲୋକେ ବି ତାଙ୍କୁ ଏ କ୍ଷେତ୍ରରେ ଆଗକୁ




ଯିବା ପାଇଁ ସବୁ ପ୍ରକାର ସାହାଯ୍ୟ କରିଥିଲେ। ଆରାଫତ୍ ଏବେ ବଡ଼ ପରଦାରେ କାମ କରିବାକୁ ଚାହୁଁଛନ୍ତି ଏବଂ କଶ୍ମୀରରେ ଜଣେ ଏଭଳି ପ୍ରତିଭା ରହିଛି ,ଏକଥା ସେ ସମସ୍ତଙ୍କୁ ଜଣାଇ ଦେବାକୁ ଚାହାନ୍ତି ବୋଲି କହିଛନ୍ତି। ତେବେ ଏଥିପାଇଁ ସେ ନିୟମିତ ଅଭ୍ୟାସ ସହିତ ବହୁ ପରିଶ୍ରମ ବି କରୁଛନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି।

# ମାଗଣାରେ ମାସ୍କ



**ନୂଆଦିଲ୍ଲୀ:** କରୋନା ଭାଇରସ୍ ନେଇ କିଛି ଲୋକ ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ବି ସଚେତନ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଏମିତି ଜଣେ ଭିନ୍ନ ମଣିଷ ହେଉଛନ୍ତି ସୌରଭ ଦାସ। ଦିଲ୍ଲୀର ଚିତ୍ତରଞ୍ଜନ ପାର୍କ ଏରିଆରେ ସେ ତାଙ୍କ ମା'ଙ୍କ ସହ ରହୁଛନ୍ତି। ଉଭୟ ଏବେ ମାସ୍କ ତିଆରି କରି ସାଧାରଣ ଲୋକଙ୍କୁ ବାଣ୍ଟିବାରେ ଲାଗିଛନ୍ତି।

ସୌରଭଙ୍କ ମା' ଲକ୍ଷ୍ମୀ ପ୍ରତିଦିନ ପ୍ରାୟ ୪୦ଟି ମାସ୍କ ତିଆରି କରିଥାନ୍ତି ଏବଂ ସେସବୁକୁ ନେଇ ସୌରଭ ସହରର ବିଭିନ୍ନ ସ୍ଥାନରେ ଲୋକଙ୍କୁ ମାଗଣାରେ ବାଣ୍ଟିଥାନ୍ତି। ବିଶେଷକରି ଗରିବ ଲୋକ ଯେଉଁମାନଙ୍କ ପାଇଁ ମାସ୍କର ଆବଶ୍ୟକତା ବେଶି, ସେମାନଙ୍କୁ ମାସ୍କ ବାଣ୍ଟିବା ସହିତ ସଚେତନ ରହିବା ନେଇ ମଧ୍ୟ ପରାମର୍ଶ ଦେଇଥାନ୍ତି। ସୌରଭ ବାଣ୍ଟୁଥିବା ଏହି ମାସ୍କଗୁଡ଼ିକ ପୂରା କଟନ୍‌ରେ ତିଆରି। ତେଣୁ ସେହି ମାସ୍କଗୁଡ଼ିକୁ ସଫା କରି ପୁଣି ଥରେ ବ୍ୟବହାର କରିହେବ। ମାସ୍କ ତିଆରି କରିବା ପାଇଁ କଟନ୍ କପଡ଼ା ସଂଗ୍ରହ କରି ସୌରଭ ତାଙ୍କ ମା'ଙ୍କୁ ଦେଇଥାନ୍ତି ଏବଂ ଘରକାମ ସାରିବା ପରେ ସେ ମାସ୍କ ସିଲେଇ କରନ୍ତି। ତେବେ ସୌରଭ ଏହି ମାସ୍କଗୁଡ଼ିକୁ ସିଧାସଳଖ ଲୋକଙ୍କ ହାତକୁ ଦିଅନ୍ତି ନାହିଁ। ସଂକ୍ରମଣ ନ ହେବା ପାଇଁ ସେ ଏକ ବାକ୍ସରେ ମାସ୍କ ସଜେଇ ଛକଗୁଡ଼ିରେ ରଖିଦିଅନ୍ତି ଏବଂ ଲୋକଙ୍କୁ ନେବା ପାଇଁ କହିଥାନ୍ତି। ସୌରଭଙ୍କର ଏଭଳି କାମ ଏବେ ସ୍ଥାନୀୟ ଲୋକଙ୍କର ଦୃଷ୍ଟିଆକର୍ଷଣ କରିପାରିଛି। ବର୍ତ୍ତମାନ ମାସ୍କର ବହୁତ ଆବଶ୍ୟକତା ରହୁଥିବାରୁ ଗରିବ ବିଶେଷକରି ଶ୍ରମିକ ଶ୍ରେଣୀର ଲୋକେ ଉପକୃତ ହୋଇପାରୁଛନ୍ତି।

# ଜୀବିକା ଛଡ଼ାଇନେଲା କରୋନା

**ବୈଷ୍ଣୋଦେବୀ ଯାତ୍ରା ବନ୍ଦ**

**୪୦୦ ଦୋକାନୀଙ୍କ ସ୍ଥିତି ବେହାଲ**

**କଟରା:** କରୋନା ସଂକ୍ରମଣ ଯୋଗୁ ଜମ୍ମୁ-କଶ୍ମୀରରେ ବୈଷ୍ଣୋଦେବୀ ଯାତ୍ରା ବନ୍ଦ କରାଯାଇଛି। ଫଳରେ ଏଠାରେ ଡ୍ରାଏ ଫ୍ରୁଟସ୍ ଏବଂ ପ୍ରସାଦ ବିକ୍ରି କରୁଥିବା ୪୦୦ରୁ ଅଧିକ ଦୋକାନୀଙ୍କ ଆର୍ଥିକ ସ୍ଥିତି ଖରାପ ହେବାରେ ଲାଗିଛି। ଏଠାରେ ୧୨୮ ପଞ୍ଜିକୃତ ଦୋକାନ ଥିବା ବେଳେ ଅନ୍ୟ ଦୋକାନଗୁଡ଼ିକ ବିନା ପଞ୍ଜିକରଣରେ କାରବାର କରିଥାନ୍ତି। ଯାତ୍ରା ବନ୍ଦ ହେବାରୁ ପ୍ରତିଦିନ ୧୦ରୁ ୧୨ କୋଟି ଟଙ୍କାର କ୍ଷତି ହେଉଥିବା କୁହାଯାଉଛି। ଡ୍ରାଏ ଫ୍ରୁଟସ୍ ଦୋକାନରେ ରହିଲେ ଖରାପ ହେବାର ଆଶଙ୍କା ଥିବାରୁ ଏସବୁକୁ ଜମ୍ମୁଠାରେ ଥିବା ଶୀତଳ ଭଣ୍ଡାରରେ ରଖାଯାଇଛି।





ପ୍ରାୟ ୩୦୦ କୋଟି ଟଙ୍କାର ଡ୍ରାଏ ଫ୍ରୁଟସ୍ ଶୀତଳ ଭଣ୍ଡାରରେ ରଖାଯାଇଛି। ପ୍ରତି ଦୋକାନୀ ୪ରୁ୬ ଟ୍ରକ୍ ପର୍ଯ୍ୟନ୍ତ ଡ୍ରାଏ ଫ୍ରୁଟସ୍ ଶୀତଳ ଭଣ୍ଡାରରେ ରଖିଥିବା କୁହାଯାଉଛି। ପ୍ରତିଟ୍ରକରେ ୫୦୦ ପେଟି ଡ୍ରାଏ ଫ୍ରୁଟସ୍ ରହିଥାଏ। ଗୋଟିଏ ଟ୍ରକ୍‌ରେ ଥିବା ଡ୍ରାଏ ଫ୍ରୁଟସ୍‌କୁ ଶୀତଳ ଭଣ୍ଡାରରେ ରଖିବା ପାଇଁ ୪୦ ହଜାର ଟଙ୍କା ଦେବାକୁ ପଡୁଥିବା କୁହାଯାଉଛି। ସେହିପରି ପରିବହନ ପାଇଁ ପ୍ରତି ଟ୍ରକ୍ ପିଛା ୫ ହଜାର ଟଙ୍କା ଭଡ଼ା ଲାଗୁଛି। ବୈଷ୍ଣୋଦେବୀ ଯାତ୍ରା ବନ୍ଦ ହେବାରୁ ଡ୍ରାଏ ଫ୍ରୁଟସ୍ ବ୍ୟବସାୟୀଙ୍କ କ୍ଷତି ବଢ଼ିବାରେ ଲାଗିଥିବା ସ୍ଥାନୀୟ ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି।

# ସୁପର ଓମ୍ୟାନ୍

**ନୂଆଦିଲ୍ଲୀ:** ଶାଢ଼ି ପିନ୍ଧି କୌଣସି ପ୍ରକାରର ଯୋଗ କିମ୍ବା ଏକ୍ସରସାଇଜ୍ କରିବା ଏତେ ସହଜ ନୁହେଁ। କିନ୍ତୁ ଶାଢ଼ି ପିନ୍ଧି ଜଣେ ମହିଳା ବ୍ୟାକ୍‌ଲିଫ୍ ପ୍ରଦର୍ଶନ କରି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚିତ ହୋଇଛନ୍ତି। ମହିଳାଙ୍କର ପରିଚୟ ଜଣାପଡ଼ି ନ ଥିଲେ ବି ତାଙ୍କର ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି।

ମହିଳା ଜଣଙ୍କ ରାସ୍ତାରେ ଯିବା ସମୟରେ ଏତେ ସୁନ୍ଦର ଭାବେ ବ୍ୟାକ୍‌ଲିଫ୍ କରୁଛନ୍ତି, ଦେଖିବା ମାତ୍ରେ ଯେ କେହି ବି ସ୍ତବ୍ଧ ହୋଇଯିବେ। ମହିଳାଙ୍କର ଏହି ଭିଡିଓଟିକୁ ଟୁଇଟରରେ ପ୍ରଥମେ ଶେୟାର କରିଥିଲେ ସଙ୍ଗୀତା ଭାରିୟର ନାମକ ଜଣେ ଟୁଇଟର ୟୁଜର। ଏହି ଭିଡିଓ ଶେୟାର ହେବା ପରେ ମହିଳାଙ୍କ ଟ୍ୟାଲେଣ୍ଟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏପରି କି କ୍ରୀଡ଼ାମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ସୋସିଆଲ ମିଡିଆରେ ଏହି ପୋଷ୍ଟକୁ ଟ୍ୟାଗ୍ କରିଛନ୍ତି। କିଛି ଲୋକ ଏହି ଭିଡିଓ ଦେଖି ଭାରତୀୟ ମହିଳା ସୁପର ଓମ୍ୟାନ୍ ବୋଲି କହିଛନ୍ତି।

ସୋସିଆଲ ମିଡିଆରେ ଏହି ଭିଡିଓ ଶେୟାର ହେବା ପରେ ଏହାକୁ ପ୍ରାୟ ଏକଲକ୍ଷ ପାଖାପାଖି ଲୋକ ଦେଖିସାରିଲେଣି ଏବଂ ୧୨ଶହରୁ ଅଧିକ ଲୋକ ରିଟୁଇଟ୍ କରିଛନ୍ତି। ଯଦିଓ ବ୍ୟାକଲିଫ୍ କରୁଥିବା ମହିଳାଙ୍କ ପରିଚୟ ଏହି ଭିଡିଓରେ ଜଣାପଡୁ ନାହିଁ କିନ୍ତୁ ଭିଡିଓ ପ୍ରତି ଲୋକଙ୍କ ଆଗ୍ରହ ଏତେ ଅଧିକ ଯେ ଏହାକୁ ବହୁ ସଂଖ୍ୟାରେ ଲୋକ ଶେୟାର କରିବାରେ ଲାଗିଛନ୍ତି।





# ଘରଚଟିଆପ୍ରେମୀ କୋକିଳା

**ଲୋକଙ୍କୁ ବାଣ୍ଟୁଛନ୍ତି ବସା ଓ ଖାଦ୍ୟ**

**ମହୀଶୂର୍(କର୍ଣ୍ଣାଟକ):** ଦିନ ଥିଲା ଘର ବାରଣ୍ଡା, ବାଲ୍‌କୋନିରେ ଘର ଚଟିଆଙ୍କ ଚିଁ ଚିଁ ଶବ୍ଦ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରୁଥିଲା। ସାହସରେ ଆସି ଘର ନିକଟରେ ବସା ବାନ୍ଧି ରହିବା ମଧ୍ୟ ଦେଖିଥିବେ। ହେଲେ ଏବେ ଏମାନେ ଆଉ ଦେଖିବାକୁ ମିଳୁନାହାନ୍ତି। ଏହି ଚଢ଼େଇଙ୍କ ସଂଖ୍ୟା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ଘର ସମ୍ନାରେ ଲମ୍ବା ଲମ୍ବା କେବଲ୍ ଆଉ ମାଳ ମାଳ କୋଠାଘର ଏମାନଙ୍କ ଲୋପ ପାଇବାର ପ୍ରମୁଖ କାରଣ। ଏହି ଛୋଟ ଚଢ଼େଇଗୁଡ଼ିକ ଖୁସି ଓ ସୁରକ୍ଷାର ପ୍ରତୀକ ବୋଲି ବିଶ୍ୱାସ ରହିଛି। ଜୀବଜଗତ ପାଇଁ ମଧ୍ୟ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ସହରି ପରିବେଶ ସହ ଖାପଖୁଆଇ ନ ପାରିବା ଯୋଗୁ ଏମାନଙ୍କ ସଂଖ୍ୟା କମିବାରେ ଲାଗିଛି। କେତେକ ପରିବେଶପ୍ରେମୀ ଏହି ଚଢ଼େଇଙ୍କ ସଂରକ୍ଷଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏଭଳି ଜଣେ ଘର ଚଟିଆପ୍ରେମୀ ହେଉଛନ୍ତି କର୍ଣ୍ଣାଟକର ମହୀଶୂର ଜିଲା ଅଧୀନ ସିଦ୍ଧାର୍ଥନଗର ନିବାସୀ କୋକିଳା ରମେଶ ଜୈନ। ସେ ଘରଚଟିଆ ସଂରକ୍ଷଣ ଅଭିଯାନ ଚଳାଇଛନ୍ତି। ଟେରାକୋଟା ଡିଜାଇନ୍‌ରେ ତିଆରି ୧୫୦ ଚଟିଆ ଘରଗୁଡ଼ିକୁ କୋକିଳା ଲୋକଙ୍କୁ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଜଣେ ଗୃହିଣୀ ଏବଂ ପକ୍ଷୀ ସଂରକ୍ଷଣ ସଙ୍ଗଠନର ପ୍ରତିଷ୍ଠାତା କୋକିଳା ଗତବର୍ଷ ମଧ୍ୟ ୫୦୦ ଚଟିଆ ଘର ଏବଂ ଖାଦ୍ୟ ବୋତଲ ଲୋକଙ୍କୁ ବାଣ୍ଟିଛନ୍ତି। ଚଟିଆଙ୍କୁ ଆକର୍ଷିତ କରିବା ଭଳି ଘର(ବସା) ସେ ତିଆରି କରୁଛନ୍ତି। ଲୋକଙ୍କୁ କେବଳ ଚଟିଆ ଘର ଦେଇ କୋକିଳା ଚୁପ୍ ବସନ୍ତିନି, ପକ୍ଷୀମାନଙ୍କର ଠିକ୍‌ଭାବେ ଯତ୍ନ ନେଉଛନ୍ତି କି ନାହିଁ, ତାହା ମଧ୍ୟ ଫୋନ୍‌କରି ବୁଝନ୍ତି। ଖାଦ୍ୟ ଓ ପାଣି ଠିକ୍ ସମୟରେ ରଖିବା ପାଇଁ ସେ ଉତ୍ସାହିତ କରିଥାନ୍ତି। ଦେବରାଜ ବଜାରରେ ଦୋକାନୀଙ୍କୁ ମଧ୍ୟ ସେ ଚଟିଆ ବସା ଦେଇଛନ୍ତି। ଅଭିଯାନକୁ ସଫଳ କରିବା ପାଇଁ ସେ ଦୋକାନୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ କରି ପକ୍ଷୀଙ୍କ ବ୍ୟବହାର ବିଷୟରେ ସଚେତନ କରୁଥିବା କହିଛନ୍ତି। ଲୋକେ ସଚେତନ ହେବା ଦେଖି କୋକିଳା ବେଶ୍ ଖୁସି ଅନୁଭବ କରୁଥିବା କହିଛନ୍ତି। ବଜାରର ବ୍ୟବସାୟୀଙ୍କ କହିବା କଥା ହେଲା, ପ୍ରଥମେ ସେମାନେ ମଧ୍ୟ ବିଶ୍ୱାସ କରି ନ ଥିଲେ, ହେଲେ ପରେ ବସାଗୁଡ଼ିକ ପକ୍ଷୀଙ୍କୁ ଆକର୍ଷିତ କରିଥିଲା। ମହୀଶୂରରେ ଏହି ଚଟିଆ ଓ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ କୋକିଳା ବିଭିନ୍ନ ଅଞ୍ଚଳରେ ପକ୍ଷୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିବା ସହ ଫଳ ଓ ଫୁଲ ଚାରା ଲଗାଇବା ପାଇଁ ଯୋଜନା କରିଛନ୍ତି। ଏହାଦ୍ୱାରା ସେମାନେ ପ୍ରାକୃତିକଭାବେ ଖାଦ୍ୟ ସଂଗ୍ରହ କରିପାରିବେ ବୋଲି ସେ କହିଛନ୍ତି।






## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଂ ପୂର୍ଣ୍ଣଚନ୍ଦ୍ର ରଥ
ନୂଆମାର୍କେଟ, ଯାଜପୁର ରୋଡ
ଆବିର୍ଭାବ: ୨୯।୦୮।୧୯୩୯
ତିରୋଧାନ: ୨୮।୦୬।୨୦୧୯
"ଚାହିଁ ଚାହିଁ ବିତିଗଲା ଗୋଟିଏ ବରଷ, ଝୁରି ହେଉଅଛୁ ଆମ୍ଭେ ତୁମ ସ୍ନେହ ପରଶ, ଦୂରେ ଥାଇ ଢାଳୁ ଥାଅ କରୁଣା ଆଶିଷ।"
ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୭୪୮୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଂ କାଶୀନାଥ ରାଉତ
ଶଙ୍କରପୁର, ନୂଆସାହି, କଟକ
ଆବିର୍ଭାବ: ୦୮.୦୫.୧୯୪୦
ତିରୋଧାନ: ୨୮.୦୬.୨୦୧୯
ଆପଣଙ୍କ ସ୍ମୃତି ଆମର ଅଭୁଲା ହୋଇରହିବ। ପ୍ରତ୍ୟେକ ମୁହୂର୍ତ୍ତରେ ଆପଣଙ୍କର ସ୍ପର୍ଶ ଆମ୍ଭେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ତଥା ହୋଟେଲ ବାସନ୍ତୀ, କଟକର କର୍ମଚାରୀବୃନ୍ଦ
ଧ-୧୭୪୯୫

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କପିଳାସବାସି ବରାଳ
ତ୍ରିନାଥବଜାର, ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ: ୨୪।୧୧।୧୯୫୩
ତିରୋଧାନ: ୦୫।୦୬।୨୦୨୦
ଆପଣଙ୍କ ଆଦର୍ଶ, କର୍ମଦକ୍ଷତା, ସ୍ନେହ, ଶ୍ରଦ୍ଧା, ପ୍ରେରଣା, ସେବା ମନୋଭାବ ଆମ ସମସ୍ତଙ୍କର ସ୍ମରଣୀୟ ପାଥେୟ ହୋଇ ରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ସ୍ୱର୍ଗତ ଅଜିଙ୍ଗୁଲାଙ୍କ ପରିବାର।
ଧ-୬୮୬୮୯



ସୌନ୍ଦର୍ଯ୍ୟ

# ଘରେ କରନ୍ତୁ ହେୟାର ଡିଟକ୍ସ

**କେଶକୁ ସୁନ୍ଦର ଏବଂ ମଜଭୁତ କରିବା ଲାଗି ଏହାକୁ ପରିଷ୍କାର ରଖିବା ସହ ଯତ୍ନ ନେବା ଆବଶ୍ୟକ। ତେବେ ଏଥିପାଇଁ ଆପଣ ଚାହିଁଲେ ଘରେ ହେୟାର୍ ଡିଟକ୍ସ କରିପାରିବେ । ଜାଣିରଖନ୍ତୁ ସେ ସମ୍ପର୍କରେ...**

ମାର୍କେଟରେ ମିଳୁଥିବା ବିଭିନ୍ନ କେମିକାଲ୍‌ଯୁକ୍ତ ଶାମ୍ପୁ, ତେଲ, କଲର ଇତ୍ୟାଦି କେଶକୁ ହାନି ପହଞ୍ଚାଇଥାଏ । ଏହାଦ୍ୱାରା କେଶମୂଳରେ ମଳି ଜମିଯିବା ଫଳରେ କେଶ ଭଲ ଭାବେ ବଢିପାରେନି ଏବଂ ଦୁର୍ବଳ ହୋଇଝଡିବା ଆରମ୍ଭ ହୋଇଯାଏ । ତେଣୁ ଆପଣ ଚାହିଁଲେ କେଶକୁ ସଫା ତଥା ପ୍ରଦୂଷଣ ମୁକ୍ତ(ଡିଟକ୍ସ) ରଖିବା ଲାଗି କେତେକ ଘରୋଇ ଉପାୟ ଆପଣାଇ ପାରିବେ...

➤ଲେମ୍ବୁ ଏବଂ କାକୁଡି ରସ ସମାନ ପରିମାଣରେ ନେଇ କେଶ ମୂଳରେ ଲଗାଇ କିଛି ସମୟ ଛାଡିଦେବା ପରେ ଧୋଇଦିଅନ୍ତୁ। ନଚେତ୍ କାକୁଡି ଏବଂ ଲେମ୍ବୁକୁ ଭଲ ଭାବେ ପେଷ୍ଟ କରନ୍ତୁ। ସେଥିରେ କିଛି ବୁନ୍ଦା ଏସେନ୍ସିଆଲ୍ ଅଏଲ ମିଶାଇ କେଶ ମୂଳରୁ ଅଗ୍ରଭାଗ ପର୍ଯ୍ୟନ୍ତ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ।

➤୧/୪ କପ୍ ଆପଲ୍ ସାଇଡର ଭିନେଗାରରେ ୨ କପ୍ ପାଣି ମିଶାଇ ରଖନ୍ତୁ। କେଶ ଶାମ୍ପୁ କରିବା ପରେ ଏହି ମିଶ୍ରଣକୁ ଲଗାଇ ୨ ମିନିଟ୍ ରଖି ଧୋଇ ଦିଅନ୍ତୁ। ଏହା କେଶକୁ ପରିଷ୍କାର କରିବା ସହ ଡ୍ରାଏ ହେବାକୁ ଦେଇ ନ ଥାଏ।

➤ଅଏଲି କେଶକୁ ଡିଟକ୍ସ କରିବା ଲାଗି ବେକିଂ ସୋଡା ଉପକାରୀ। ଏଥିପାଇଁ ୩ କପ୍ ଉଷୁମ ପାଣିରେ ୧/୪ କପ୍ ବେକିଂ ସୋଡା ମିଶାଇ କେଶରେ ଲଗାଇ ୨ ମିନିଟ୍ ଧୀରେ ଧୀରେ ମସାଜ କରନ୍ତୁ। ଏହାପରେ କେଶକୁ ଭଲ ଭାବେ ଧୋଇଦିଅନ୍ତୁ। ଏହାଦ୍ୱାରା କେଶମୂଳରେ ଥିବା ପୋର୍ସ ଖୋଲିଯିବ ଏବଂ ସେଥିରେ ଜମି ରହିଥିବା ତେଲ ଏବଂ ମଇଳା ବାହାରିଯିବ ।

➤୨ ଚାମଚ ଶିକାକାଇ ପାଉଡରରେ ଆବଶ୍ୟକ ମୁତାବକ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଓଦା କେଶରେ ମୂଳରୁ ଅଗ ପର୍ଯ୍ୟନ୍ତ ଲଗାଇ କିଛି ସମୟ ଛାଡି ଦିଅନ୍ତୁ। ଅଳ୍ପ ସୁଖି ଆସିଲେ ଭଲ ଭାବେ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏପରି କରନ୍ତୁ କେଶ ସଫା ରହିବା ସହ ସୁନ୍ଦର ଏବଂ ମଜଭୁତ ବି ରହିବ।



# ଫିକା ଫିକା ରଜ

**ରଜ ପାଳନକୁ ନେଇ ଓଡ଼ିଶାବାସୀଙ୍କ ମନରେ ଥିବା ଉତ୍ସାହକୁ ଏବର୍ଷ ଫିକା କରିଦେଇଛି କରୋନା। ତିନିଦିନ ଧରି ବେଶ୍ ଧୁମ୍‌ଧାମ୍‌ରେ ପାଳନ ହେଉଥିବା ଏହି ପର୍ବର ଆଜି ହେଉଛି ଶେଷଦିନ। ହେଲେ ରୋଗ ବ୍ୟାପିବା ଭୟ ସାଙ୍ଗକୁ ସାମାଜିକ ଦୂରତା ରଖିବାର କଟକଣା ଭିତରେ ନା ଦେଖିବାକୁ ମିଳୁଛି ଭଳିକି ଭଳି ନୂତନ ବସ୍ତ୍ର ପିନ୍ଧି ସଜେଇ ହୋଇ ଏକାଠି ବୁଲୁଥିବା କୁଆଁରୀମାନଙ୍କୁ ନା ଶୁଭୁଛି ରଜ ଦୋଳିର କଟମଟ...**





ବର୍ତ୍ତମାନ କରୋନା ମହାମାରୀ ଚାରିଆଡେ ଭୟର ବାତାବରଣ ଖେଳାଇ ସାରିଛି। ଏମିତିରେ ସମ୍ପୂର୍ଣ୍ଣ ଫିକା ପଡିଛି ରଜପର୍ବ। ଏଥର ନା ଅଛି ନୂଆ ନୂଆ ପୋଷାକ ପିନ୍ଧି ବାହାରେ ବୁଲିବା, ସାମୂହିକ ରଜ ଉତ୍ସବ ପାଳିବା, ଏକାଠି ଦୋଳି ଖେଳିବାର ମଜା ନା ପରସ୍ପରକୁ ପିଠା ଆଉ ପାନ ଖୁଆଇବାର ଆନନ୍ଦ। ତେବେ ପ୍ରଥମ ଥର ଲାଗି ଏଭଳି ରଜ ପାଳନର ଅନୁଭୂତି ସମ୍ପର୍କରେ ଯାହା କୁହନ୍ତି ଏମାନେ...

**ରଜରେ ଗାଁ ଦାଣ୍ଡ ଖାଁ ଖାଁ:** ପ୍ରତିବର୍ଷ ରଜ ଉତ୍ସବକୁ ସମସ୍ତେ ଅପେକ୍ଷା କରିଥାଉ । କାରଣ ଆମ ଅଞ୍ଚଳରେ ରଜ ଉତ୍ସବକୁ ସାମୂହିକ ଭାବରେ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ଏହି ଅବସରରେ ଗାଁ ମୁଣ୍ଡରେ ବିଭିନ୍ନ ପ୍ରକାରର ଦୋଳି ବସେ ଓ ମିନା ବଜାର ବସେ । ଏହି ଦିନରେ ରଜବତୀ ବିଭାଘର ମୁଖ୍ୟ ଆକର୍ଷଣ ହୋଇଥାଏ । ମାଟିରେ ପ୍ରସ୍ତୁତ ରଜବତୀଙ୍କ ବିଭାଘର ଦେଖିବାକୁ ଆଖପାଖ ଅଞ୍ଚଳର ଲୋକମାନେ ଆସିଥାନ୍ତି । ଆମ ଘରକୁ ମଧ୍ୟ ବାହାରେ ଥିବା ଘରର ସମସ୍ତ ସଦସ୍ୟ ଫେରିଥାନ୍ତି ଏବଂ କୁଣିଆ ମଧ୍ୟ ଆସିଥାନ୍ତି । ଘର ପରିପୂର୍ଣ୍ଣ ଲାଗିଥାଏ। ପିଠାପଣା ସହିତ ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରାଯାଏ । ଛୋଟଠାରୁ ବଡ ପର୍ଯ୍ୟନ୍ତ ସମସ୍ତେ ନୂଆ ପୋଷାକ ପିନ୍ଧିଥାନ୍ତି । ହେଲେ କରୋନା କଟକଣା ପାଇଁ ସାମାଜିକ ଦୂରତ୍ୱ ନିୟମ ପାଳନ କରିବା ପାଇଁ ଚଳିତବର୍ଷ ରଜ ଉତ୍ସବ ପାଳନ ହେଉନାହିଁ । ଏଣୁ ରଜରେ ଘର ଓ ଗାଁ ସବୁ ଖାଁ ଖାଁ ଲାଗୁଛି। ପିଠାପଣା ହୋଇଛି ଓ ପିଲାମାନେ ନୂଆ ପୋଷାକ ବି ପିନ୍ଧିଛନ୍ତି ହେଲେ ସେ ରଜର ମଜା କିନ୍ତୁ ନାହିଁ।

– **ସସ୍ମିତା ସାହୁ**( ହର୍ଷପୁର, ରାଇସୁଆଁ, କେନ୍ଦୁଝର)

**ଆର ବର୍ଷ ରଜକୁ ଅପେକ୍ଷା:** ଓଡିଆ ଘରେ ସବୁ ବେଳେ ପର୍ବପର୍ବାଣି ଲାଗି ରହିଥାଏ। ହେଲେ ସେସବୁ ମଧ୍ୟରେ ରଜ ପର୍ବର ମଜା ଟିକେ ସ୍ୱତନ୍ତ୍ର। ଗତ ବର୍ଷ ସାଙ୍ଗସାଥୀମାନେ ମିଶି ଏକାଠି ରଜ ପାଳନ କରିଥିଲୁ। ହେଲେ ଏଥର ଦୀର୍ଘ ୨ ମାସରୁ ଊର୍ଦ୍ଧ୍ୱ ହେଲାଣି ମହାମାରୀ କରୋନା ଲାଗି ଘରୁ ବାହାରକୁ ଯିବା କିମ୍ବା କାହା ସହ ଭେଟିବା ବନ୍ଦ ହୋଇଯାଇଛି। ସ୍ୱାସ୍ଥ୍ୟ ହିଁ ସମ୍ପଦ, ତେଣୁ ପ୍ରଥମେ ନିଜ ତଥା ପରିବାରର ସ୍ୱାସ୍ଥ୍ୟକୁ ଆଖି ଆଗରେ ରଖି ସରକାରଙ୍କ ନିୟମ ପାଳନ କରୁଛୁ। ଯଦିଓ ଏମିତିରେ ରଜ ମଉଜ ଫିକା ଲାଗୁଛି, ତଥାପି ମନ ଦୁଃଖ ନ କରି ଶୀଘ୍ର ବିଶ୍ୱରୁ ଏହି ସଂକଟ ଦୂର ହୋଇଗଲେ ଆର ବର୍ଷକୁ ପୁଣି ଭଲରେ ରଜ ପାଳନ ହେବ ବୋଲି ଆଶା ରଖିଛି। ଘରେ ରହି ପିଠାପଣା ଓ ପାନ ଖାଇ ପରିବାରବର୍ଗଙ୍କ ସହିତ ପାଳୁଛି।

– **ପୌଲମି ପାତ୍ର** (ଗୃହିଣୀ, ବାରିପଦା)

**କରୋନା ପାଇଁ ଫିକା ରଜ ମଉଜ:** ଭଦ୍ରକ ଜିଲା ବନ୍ତ ବ୍ଲକରେ ନିମପଡ଼ା କପାଳୀ କ୍ଷେତ୍ର, ଆଗରପଡ଼ା ରାମଗଡ ମେଳନ ପଡିଆ, ଟିଙ୍କିରା ସାଳନ୍ଦୀ ନଦୀ କୂଳ ଓ ଗଣିଜାଙ୍ଗଠାରେ ରଜ ମହୋତ୍ସବ ପ୍ରତିବର୍ଷ ଖୁବ୍ ଧୁମ୍‌ଧାମ୍‌ରେ ପାଳନ ହୁଏ। ରଜର ୭ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୁଏ। ପାଣିବୁହା ଠାରୁ ଶେଷ ରଜ ପର୍ଯ୍ୟନ୍ତ ମହୋତ୍ସବ ପଡ଼ିଆ ଲୋକାରଣ୍ୟ ରୁହେ। ଆମେ ସେଠାରେ ମିନାବଜାର ସାଙ୍ଗକୁ ରାମ ଦୋଳି, ଡ୍ରାଗନ ଆଦିରେ ବସିବାଠାରୁ ଚାଟ, ଗୁପଚୁପ, ୬୪ ମସଲାର ପାନ ଖାଇବାର ମଜା ନେଉ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ନାମୀଦାମୀ କଣ୍ଠଶିଳ୍ପୀମାନଙ୍କୁ ନେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅର୍କେଷ୍ଟ୍ରା ପରିବେଷଣ ହୁଏ। ଏଥର କିନ୍ତୁ କରୋନା ମହାମାରୀ ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା କଟକଣା ଯୋଗୁଁ ରଜ ପର୍ବ ଫିକା ପଡିଛି । ଖାଁ ଖାଁ ଲାଗୁଛି ରଜ ମହୋତ୍ସବ ପଡିଆ ସବୁ। ରଜରେ ମଉଜ କରିବା ପାଇଁ ଆମର ଗୋଟେ ବର୍ଷର ଦୀର୍ଘ ଅପେକ୍ଷା ପାଣି ଫୋଟକା ପରି ମିଳେଇ ଗଲା। ଏଥର କେବଳ ଘରେ ରହି ରଜ ପାଳନ କରୁଛୁ।

–**ଶୁଭଶ୍ରୀ ରାଉତ**(ସରମରା, ଭଦ୍ରକ)

**ଏଭଳି ରଜ ପାଳିବାରେ ନାହିଁ ଆନନ୍ଦ:** ପ୍ରତିଥର ଭଳି ଏଥର ବି ରଜ ପର୍ବ ଲାଗି ନୂଆ ଡ୍ରେସ କିଣା ହୋଇଛି, ଘରେ ପିଠାପଣା ହୋଇଛି, କିନ୍ତୁ ଘର ଭିତରେ ଏହି ପର୍ବ ପାଳିବାରେ ସେ ଆନନ୍ଦ ନାହିଁ। ସାଙ୍ଗସାଥୀଙ୍କ ସହ ବୁଲିବା, ଏକାଠି ରଜଗୀତ ଗାଇ ଦୋଳି ଖେଳିବା ସହ ଭଳିକି ଭଳି ଢଙ୍ଗରେ ଫଟୋ ଉଠାଇବାର ମଜାକୁ ବହୁତ ମିସ୍ କରୁଛି। ତା'ଛଡା ବିଭିନ୍ନ ସ୍ଥାନରେ ପାଳନ ହେଉଥିବା ରଜ ମହୋତ୍ସବ ବି କରୋନା କଟକଣା କାରଣରୁ ବାତିଲ ହୋଇଥିବାରୁ ସେ ସବୁ ଦେଖିବାରୁ ବି ବଞ୍ଚିତ ହେବାକୁ ପଡିଛି। ତେଣୁ ଘରେ ରହି ଭଉଣୀମାନଙ୍କ ସହ ତାସ, ଲୁଡୁ, ଚେସ୍, କ୍ୟାରମ ଖେଳରେ ରଜପର୍ବ ପାଳୁଛି।

–**ମୀତାଞ୍ଜଳି ବେହେରା**(ଛାତ୍ରୀ, ଭଦ୍ରକ)

**ଲକ୍‌ଡାଉନ୍‌ରେ ରଜ ଏକ ଭିନ୍ନ ଅନୁଭୂତି:** ରଜ ପର୍ବରେ ପାଦରେ ଅଳତା, ହାତରେ ମେହେନ୍ଦୀ ସାଙ୍ଗକୁ ନୂଆ ବସ୍ତ୍ର ପିନ୍ଧି ଦୋଳି ଖେଳର ଆନନ୍ଦ ନେବାକୁ କାହାକୁ ବା ଭଲ ନ ଲାଗେ। ହେଲେ ସବୁବେଳେ ପରିସ୍ଥିତି ସମାନ ନ ଥାଏ। ଠିକ୍ ଯେମିତି ଏବର୍ଷ କରୋନା ନାମକ ବିଶ୍ୱବ୍ୟାପୀ ମହାମାରୀ ସଭିଙ୍କ ଖୁସିରେ ଯେପରି ଗ୍ରହଣ ଲଗାଇଦେଇଛି। ଲକ୍‌ଡାଉନ୍ ଲାଗି ବାହାରେ ବୁଲିବା, ଏକାଠି ରଜ ପାଳିବାରେ ବ୍ରେକ୍ ଲାଗିଛି। କେବଳ ଅନ୍‌ଲାଇନ୍‌ରେ ସମସ୍ତଙ୍କୁ ୱିଶ୍ ଜଣାଇଛି। ତେବେ ଅପରପକ୍ଷେ ଦେଖିବାକୁ ଗଲେ ପ୍ରଥମ ଥର ଲାଗି ଘରେ ରହି କେବଳ ପରିବାର ସଦସ୍ୟଙ୍କ ସହ ରଜ ପାଳିବାରେ ଏକ ଭିନ୍ନ ମଜା ରହିଛି।

– **ସାଗରିକା ରଥ**, ରାମେଶ୍ୱର, ଖୋର୍ଦ୍ଧା



ସାଗରିକା



ମୀତାଞ୍ଜଳି



ଶୁଭଶ୍ରୀ



ପୌଲମି



ସସ୍ମିତା

# ଘରକୁ ଦିଅନ୍ତୁ ନୂଆ ଲୁକ୍

**ଘରକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବା ଲାଗି ଦୀର୍ଘଦିନ ପର୍ଯ୍ୟନ୍ତ ଏକାପ୍ରକାର ସାଜସଜ୍ଜା ନ ରଖି ମଝିରେ ମଝିରେ ପରିବର୍ତ୍ତନ ଆବଶ୍ୟକ। ତେବେ ଏଥିପାଇଁ ଯେ, କେବଳ ଦାମୀ ଆସବାବପତ୍ର କିମ୍ବା ଗୃହସଜ୍ଜା ଉପକରଣ ଦରକାର ତାହା ଭାବିବା ଠିକ୍ ନୁହେଁ। ଆପଣ ଚାହିଁଲେ କିପରି ଅଳ୍ପ ଖର୍ଚ୍ଚରେ ମଧ୍ୟ ଘରକୁ ନୂଆ ଲୁକ୍ ଦେଇ ପାରିବେ, ଜାଣି ରଖନ୍ତୁ ସେ ସମ୍ପର୍କରେ ...**

►କାନ୍ଥର ରଙ୍ଗ ବଦଳାଇବା ଦ୍ୱାରା ଘରକୁ ସମ୍ପୂର୍ଣ୍ଣ ନୂଆ ଲୁକ୍ ମିଳିଥାଏ। ଯଦି ଏଥିପାଇଁ ଅଧିକ ଖର୍ଚ୍ଚ ହେବ ଭାବୁଥାନ୍ତି ତେବେ ଡ୍ରଇଂରୁମ୍, ବେଡ୍‌ରୁମ୍ ଆଦିର କାନ୍ଥରେ ୱାଲ୍‌ପେପର୍ ଲଗାଇ ପରିବେ। ଏହା ଖୁବ୍ ଆକର୍ଷଣୀୟ ଲାଗିବ।

ଏକ ଲାଟେଷ୍ଟ ଡିଜାଇନ୍ ପାଲଟିଛି। ଆପଣ ଚାହିଁଲେ କିଛି ପୁରୁଣା ଚେୟାର ଆଦି ବାହାର କରି ତଳେ ଲୋୟର ସିଟିଂ ଆରେଞ୍ଜମେଣ୍ଟ କରି ପାରିବେ। ଏହାକୁ ଅଧିକ ଆକର୍ଷଣୀୟ କରିବା ଲାଗି ସୁନ୍ଦର ସୁନ୍ଦର କୁସନ୍ ରଖିପାରିବେ।

►ଘରର ଇଣ୍ଟେରିଅରକୁ ସୁନ୍ଦର କରିବାରେ ଲାଇଟ୍‌ର ଭୂମିକା ବି ଗୁରୁତ୍ୱପୂର୍ଣ୍ଣ। ତେଣୁ ଘରକୁ ନୂଆ ଲୁକ୍ ଦେବାକୁ ଚାହିଁଥିଲେ କିଛି କଲରଫୁଲ୍ ଲାଇଟ୍ ବ୍ୟବସ୍ଥା କରିପାରିବେ।



►ଘର ଭିତରେ କେବଳ ସ୍କ୍ରିନ୍ ବଦଳାଇ ଦେଲେ ଲୁକ୍ ଅନେକାଂଶରେ ବଦଳି ଯାଇଥାଏ। ତେଣୁ ପୁରୁଣା ସ୍କ୍ରିନ୍‌କୁ କାଢି କୌଣସି ଭଲ ରଙ୍ଗର ତଥା ଡିଜାଇନ୍‌ର ସ୍କ୍ରିନ୍ ଲଗାନ୍ତୁ ଦେଖିରେ ଘର ଖୁବ୍ ସୁନ୍ଦର ଲାଗିବ।

►ସୋଫା ଏବଂ କୁସନ କଭର ବଦଳାଇବା ଦ୍ୱାରା ବି ଘରର ଲୁକ୍ ବଦଳିଥାଏ। ଡ୍ରଇଂରୁମ୍‌ରେ ଫର୍ନିଚରର ସ୍ଥାନ ପରିବର୍ତ୍ତନ କରିବା ଦ୍ୱାରା ବି ନୂଆ ଲୁକ୍ ମିଳିଥାଏ। ବର୍ତ୍ତମାନ ଡ୍ରଇଂ ରୁମ୍‌ରେ ଲୋୟର ସିଟିଂ ଆରେଞ୍ଜମେଣ୍ଟ

►ବିଭିନ୍ନ ସ୍ଥାନରେ ଫ୍ଲାୱାର୍ ଭେସ୍ ରଖିପାରିବେ କିମ୍ବା ଇନ୍‌ଡୋର ପ୍ଲାଣ୍ଟ ରଖିପାରିବେ। ଏହାଦ୍ୱାରା ଘର ପୂର୍ବାପେକ୍ଷା ଅଧିକ ସୁନ୍ଦର ଲାଗିବ।

►ଘର ଭିତରେ ଅଧିକ ଜିନିଷ ନ ରଖି ଆବଶ୍ୟକତାରେ ଆସୁ ନ ଥିବା ପୁରୁଣା ଫର୍ନିଚର କାଢି ଦେବା ଦ୍ୱାରା ବି ଘର ଫାଙ୍କା ଏବଂ ଭଲ ଲାଗିବ।

ଖାଦ୍ୟ ରୁଚି

# ଏଗ୍‌ଲେସ୍ ଭ୍ୟାନିଲା କେକ୍

**ଆବଶ୍ୟକ ସାମଗ୍ରୀ:** ୨ କପ୍ ମଇଦା, ୨.୫ଟି ସ୍ପୁନ୍ ବେକିଂ ପାଉଡର, ଅଧା କପ୍ ବଟର, ୧.୫ କପ୍ କ୍ୟାଷ୍ଟର ସୁଗାର, ଅଧା କପ୍ ପାଣି, ଦହି ଆବଶ୍ୟକ ଅନୁସାରେ, ୧ ଟି ସ୍ପୁନ୍ ଭାନିଲା ଏସେନ୍ସ, ୧/୪ ଟି ସ୍ପୁନ୍ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ବେକିଂ ପାଉଡର ଏବଂ ମଇଦାକୁ ଭଲଭାବେ ମିଶାଇ ଦିଅନ୍ତୁ। ସେଥିରେ ଲୁଣ, ଚିନି, ବଟର, ପାଣି, ଭାନିଲା ଏସେନ୍ସ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏଥିରେ ଅଳ୍ପ ଦହି ପକାଇ ଭଲଭାବେ ମିଶାନ୍ତୁ ଯେପରି ଗୁଳା ନ ରହିଯାଏ। କେକ୍ ଷ୍ଟାଣ୍ଡରେ ବଟର ପେପର ଲଗାଇ ଗ୍ରିସ୍ କରିନିଅନ୍ତୁ। ସେଥିରେ ପ୍ରସ୍ତୁତ ମିଶ୍ରଣକୁ ଢାଳି ଦିଅନ୍ତୁ। ବର୍ତ୍ତମାନ ପ୍ରେସର କୁକରକୁ ସିଟି ନ ଲଗାଇ ୩-୪ ମିନିଟ୍ ଗରମ କରନ୍ତୁ। ଏହା ପରେ କେକ୍ ଷ୍ଟାଣ୍ଡକୁ କୁକର ଭିତରେ ରଖି କଭର ବନ୍ଦ କରନ୍ତୁ ଏବଂ ବିନା ସିଟି ଲଗାଇ ୩୦ ମିନିଟ୍ ସିଝିବାକୁ ଛାଡନ୍ତୁ। ପ୍ରସ୍ତୁତ ହୋଇଗଲା ଭାନିଲା କେକ୍। ଏହାକୁ ଥଣ୍ଡା କରି ଖାଆନ୍ତୁ।



# କର୍ମଜୀବୀ ମା'ଙ୍କ ଲାଗି...



**କେତେଜଣ କର୍ମଜୀବୀ ମା'ଙ୍କୁ ପ୍ରସବର କିଛି ମାସ ମଧ୍ୟରେ କର୍ମକ୍ଷେତ୍ରରେ ଯୋଗଦେବାକୁ ହେଉଥିବାରୁ ଶିଶୁକୁ ନିୟମିତ ସ୍ତନ୍ୟପାନ କରାଇବାରେ ଅବହେଳା ହୋଇଥାଏ। କିନ୍ତୁ ଏଭଳି ପରିସ୍ଥିତିରେ ମା' ଚାହିଁଲେ ଡବାକ୍ଷୀର ଉପରେ ନିର୍ଭର ନ କରି ନିଜ କ୍ଷୀର ସଞ୍ଚୟ କରି ଫ୍ରିଜ୍‌ରେ ରଖି ଶିଶୁକୁ ମଝିରେ ମଝିରେ ଖୁଆଇ ପାରିବେ। ଜାଣି ରଖନ୍ତୁ ଟିପ୍ସ...**

– ମା' କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଶିଶୁର ମସ୍ତିଷ୍କ ବୃଦ୍ଧି ଓ ବିକାଶରେ ସାହାଯ୍ୟ କରିଥାଏ। ତେଣୁ କର୍ମଜୀବୀ ମହିଳା ଅଫିସ୍ ଯିବା ପୂର୍ବରୁ ନିଜ କ୍ଷୀର କାଢି(ଏକ୍ସପ୍ରେସ୍‌ଡ ମଦର୍ସ ମିଲ୍କ ବା ଇଏମ୍‌ଏମ୍) ଶିଶୁ ପାଇଁ ସଞ୍ଚୟ କରି ଫ୍ରିଜ୍‌ରେ ରଖି ଶିଶୁକୁ ମଝିରେ ମଝିରେ ଖୁଆଇ ପାରିବେ।

– ସକାଳେ ଶିଶୁକୁ ଖୁଆଇ ସାରିବା ପରେ ହାତରେ ବା ହସ୍ତଚାଳିତ ବ୍ରେଷ୍ଟ୍ ପମ୍ପ୍, ଇଲେକ୍ଟ୍ରି ବା ବ୍ୟାଟେରି ଚାଳିତ ବ୍ରେଷ୍ଟ୍ ପମ୍ପ୍ ସାହାଯ୍ୟରେ କ୍ଷୀର କାଢି ରଖିପାରିବେ। ଏହାକୁ ଫ୍ରିଜ୍‌ରେ ୭-୮ ଦିନ ପର୍ଯ୍ୟନ୍ତ ରଖିପାରିବେ। ଶିଶୁକୁ ଖୁଆଇବାର କିଛି ସମୟ ପୂର୍ବରୁ ଆବଶ୍ୟକ ମାତ୍ରାରେ କ୍ଷୀର ଫ୍ରିଜ୍‌ରୁ କାଢି ରୁମ୍ ଟେମ୍ପରେଚରକୁ ଆଣିବା ପରେ ଶିଶୁକୁ ଖୁଆଇବେ।

– କ୍ଷୀରକୁ ଡିପ୍ ଫ୍ରିଜ୍‌ରେ ଏକମାସ ପର୍ଯ୍ୟନ୍ତ ଷ୍ଟୋର କରାଯାଇପାରେ। ହେଲେ ଏଥିରେ ସଂକ୍ରମଣର ଆଶଙ୍କା ଥିବାରୁ ଏପରି ନ କରି ପ୍ରତିଦିନ ଅଫିସ୍ ଯିବା ପୂର୍ବରୁ ନିଜର ତଟକା କ୍ଷୀର କାଢି ରଖିବାକୁ ଚେଷ୍ଟା କରନ୍ତୁ।

– ମନେ ରଖନ୍ତୁ ପ୍ରତିଥର କ୍ଷୀର କାଢି ଗୋଟିଏ ବଡ ବଟଲ୍‌ରେ ଷ୍ଟୋର କରି ରଖିବାର ଭୁଲ୍ ଆଦୌ କରନ୍ତୁ ନାହିଁ। ଏଥିପାଇଁ ଭଲ ଭାବେ ସଫା କରି ଅଲଗା ଅଲଗା ଏୟାରଟାଇଟ୍ ପାତ୍ର ବ୍ୟବହାର କରନ୍ତୁ ଏବଂ କ୍ଷୀର କଢିବାର ଏକ ଘଣ୍ଟା ମଧ୍ୟରେ ଫ୍ରିଜ୍‌ରେ ରଖିଦିଅନ୍ତୁ। ଶିଶୁକୁ ଖୁଆଇବା ପରେ ବଳକା କ୍ଷୀରକୁ ପୁନର୍ବାର ଫ୍ରିଜ୍‌ରେ ନ ରଖି ଫିଙ୍ଗି ଦିଅନ୍ତୁ।

## ଖୋର୍ଦ୍ଧା ସବ୍‌ଡିଭିଜନରେ ୨ କରୋନା ପଜିଟିଭ୍

ଖୋର୍ଦ୍ଧା ଅଫିସ: ଖୋର୍ଦ୍ଧା ସବ୍‌ଡିଭିଜନରେ ସୋମବାର ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ ଖୋର୍ଦ୍ଧା ହଳଦିଆ ଓ ବୋଲଗଡ ବ୍ଲକରୁ ଜଣେ ଲେଖାଏ ରହିଛନ୍ତି। ହଳଦିଆରୁ ଚିହ୍ନଟ ଆକ୍ରାନ୍ତ ହରିୟାଣାରୁ ଆସି ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ସେହିପରି ବୋଲଗଡ ବ୍ଲକରୁ ଚିହ୍ନଟ ଆକ୍ରାନ୍ତ ଗଞ୍ଜାମରୁ ଆସି ଘରୋଇ ସଙ୍ଗରୋଧରେ ରହିଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇଦିଆଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ପିପିଲି,୧୫।୬(ସ୍ୱ.ପ୍ର.):** ପିପିଲି ଥାନା ସାତଶଙ୍ଖ ଫାଣ୍ଡି ଅର୍ଜୁନସିଂ ଗ୍ରାମରେ ରବିବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଅଭିମନ୍ୟୁ ସ୍ୱାଇଁଙ୍କ ସ୍ତ୍ରୀ ଅନସୂୟା। ଭାଇ ବାନାମ୍ବର ସ୍ୱାଇଁ ଭଉଣୀଙ୍କୁ ମାଡ଼ ମାରି ହତ୍ୟା କରାଯାଇଥିବା ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ.୧୫୪/୨୦ ଏକ ମାମଲା ରୁଜୁ କରିବା ସହ ସ୍ୱାମୀଙ୍କୁ ଅଟକ ରଖିଥିବା ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି। ଅନସୂୟା ରବିବାର ରାତିରେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଭୁବନେଶ୍ୱର ନେବା ବେଳେ ବାଟରେ ମୃତ୍ୟୁ ହୋଇଥିବା ସ୍ୱାମୀ କହିଛନ୍ତି। ପରେ ଏହି କଥା ଅନସୂୟାଙ୍କ ଭାଇ ଜାଣି ପହଞ୍ଚିବା ପରେ ମଦ ନିଶାରେ ହତ୍ୟା କରିଥିବା ଅଭିଯୋଗ କରିଥିଲେ।

### ସାନପଦରର ୨ସାହି କଣ୍ଟେନମେଣ୍ଟ ଜୋନ୍

**ଖୋର୍ଦ୍ଧା ଅଫିସ,୧୫।୬:** ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ସାନପଦରରୁ ସୋମବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ଏକାଧିକ ଲୋକଙ୍କ ସଂସ୍ପର୍ଶରେ ଆସିଥିବାରୁ ଗୋଷ୍ଠୀ ସଂକ୍ରମଣ ରୋକିବା ଲାଗି ସାନପଦରର ବଡ଼ପାଟଣା ଓ ସାନପାଟଣା ସାହିକୁ ଜିଲାପାଳ ସୀତାଂଶୁ କୁମାର ରାଉତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ସୋମବାର ଅପରାହ୍ନ ୧ଟା ରୁ ୧୮ ତାରିଖ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି।

### ମହାରଣା ସେବକଙ୍କ ଆଙ୍ଗୁଳି କଟିଲା

**ପୁରୀ ଅଫିସ,୧୫।୬:** ରଥଖଳାରେ ସୋମବାର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଜଣେ ମହାରଣା ସେବକ ଆହତ ହୋଇଛନ୍ତି। ତାଙ୍କ ବାମହାତର ଏକ ଆଙ୍ଗୁଳି କଟିଯାଇଛି। ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ସେବକଙ୍କ ନାମ କାଳୁଚରଣ ମହାରଣା ଏବଂ ସେ ତାଳଧ୍ୱଜ ରଥର ମହାରଣା ସେବକ ବୋଲି ଜଣାପଡ଼ିଛି।

### ଜୁଆଆଡ୍ଡାରେ ଚଢ଼ାଉ

**ମାହାଙ୍ଗା,୧୫।୬(ସ୍ୱ.ପ୍ର.)-** ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଢିଅସାହି ଛକସ୍ଥିତ ଆମ୍ବତୋଟାରେ ରବିବାର ଏକ ଜୁଆ ଆଡ୍ଡାରେ ଚଢ଼ାଉ ହୋଇଛି। ସେଠାରେ ୫୦ରୁ ଊର୍ଦ୍ଧ୍ୱ ଜୁଆଡ଼ି ଜୁଆ ଖେଳୁଥିବା ବେଳେ ପୋଲିସକୁ ଦେଖି ଛତ୍ରଭଙ୍ଗ ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧି ସେଠାରେ ଖବର ସଂଗ୍ରହ କରୁଥିବା ବେଳେ ଜୁଆଡ଼ିମାନେ ସେମାନଙ୍କ ଉପରକୁ ପଥର ଫୋପାଡି ଥିଲେ। ଏନେଇ ଗଣମାଧ୍ୟମ ପ୍ରତିନିଧି ସୋମବାର ଥାନାରେ ଏତଲା ଦେଇ ଅଭିଯୁକ୍ତଙ୍କ ଗିରଫ ଦାବି କରିବା ପରେ ପୋଲିସ କେସ୍ ନଂ ୧୨୮/୨୦ରେ ମାମଲା ରୁଜୁ କରିଛି।

### ହତ୍ୟା ଘଟଣା, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୧୫।୬:** ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦଧିମାଛଗାଡ଼ିଆରେ ରବିବାର ଲାଲା ପ୍ରଧାନଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ସଞ୍ଜୟ ବେହେରା(୨୧)। ଧାରକରଜକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଛି ବୋଲି ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର କହିଛନ୍ତି। ସେ ଆହୁରି କହଛନ୍ତି ଯେ, ଏହି ହତ୍ୟାକାଣ୍ଡ ମାମଲାରେ ଏକାଧିକ ଅଭିଯୁକ୍ତଙ୍କ ନାମ ରହିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ଲାଗି ୩ଟି ଟିମ୍ ଗଠନ କରାଯାଇଛି। ସୂଚନାଥାଉ କି, ଲାଲାଙ୍କର ସେହି ଗ୍ରାମର ଅନ୍ୟ ଗୋଷ୍ଠୀଙ୍କ ସହ ବିବାଦ ଥିବାବେଳେ ରବିବାର ସକାଳେ ଘଟଣାର ସମାଧାନ ଲାଗି ଅଭିଯୁକ୍ତମାନେ ତାଙ୍କୁ ଫୋନ କରି ଡାକିଥିଲେ। ଲାଲା ଦଧିମାଛଗାଡିଆ ସ୍ଥିତ ଖେଳପଡ଼ିଆରେ ପହଞ୍ଚିବା ପରେ ବଚସା ହେବାରୁ ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇ ଜଣ ବନ୍ଧୁକ ବାହାର କରିଥିଲେ। ସେମାନେ ଲାଲାଙ୍କ ଉପରକୁ ୬ରାଉଣ୍ଡ ଗୁଳି ଫାୟାରିଂ କରିଥିଲେ। ଗୋଟିଏ ଗୁଳି ତାଙ୍କ ପେଟରେ ପଶିଥିବା ବେଳେ ଅନ୍ୟ ୫ଟି ଗୁଳି ତାଙ୍କ ମୁଣ୍ଡରେ ବାଜିଥିଲା। ଖବରପାଇ ପୋଲିସ ପହଞ୍ଚି ଘଟଣାସ୍ଥଳରୁ ଗୋଟିଏ ଗୁଳି ଓ ୪ଟି ଖୋକା ଜବତ କରିଥିଲା। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା(ନଂ.୧୦୪/୨୦) ରୁଜୁ ହୋଇଛି।

# କମିଶନରେଟ ପୋଲିସରେ ବଦଳି କସରତ

- ଡିସିପି ପାଇଁ ୩ ଜଣଙ୍କ ନାଁକୁ ନେଇ ଚର୍ଚ୍ଚା
- ପୁଣି ଭୁବନେଶ୍ୱର ଫେରିପାରନ୍ତି ସତ୍ୟବ୍ରତ ଭୋଇ

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**

ଖୁବ୍‌ଶୀଘ୍ର କମିଶନରେଟ ପୋଲିସରେ ବଡ଼ ଧରଣର ଅଦଳବଦଳ ହେବାକୁ ଯାଉଛି। କେବଳ ଥାନା ଅଧିକାରୀ ନୁହେଁ, ଭୁବନେଶ୍ୱର ଡିସିପି ଓ ଅତିରିକ୍ତ ପୋଲିସ କମିଶନର ପଦବୀରେ ମଧ୍ୟ ହୋଇପାରେ ଅଦଳବଦଳ। ରଥଯାତ୍ରା ପରେ ଏହି ବଦଳି ତାଲିକା ପ୍ରକାଶ ପାଇବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ସବୁଠୁ ବଡ଼କଥା ହେଲା ଭୁବନେଶ୍ୱର ଡିସିପି କିଏ ହେବ ତାହାକୁ ନେଇ କମିଶନରେଟ ପୋଲିସ ମୁଖ୍ୟାଳୟରେ କସରତ ଚାଲିଛି। ଡିସିପି ଥିବା ଅନୁପ କୁମାର ସାହୁଙ୍କର ଡିଆଇଜି ର୍‌ୟାଙ୍କ୍‌କୁ ପଦୋନ୍ନିତ ହେବା ପରେ ସେ ଏବେ କମିଶନରେଟ ପୋଲିସରେ ଅତିରିକ୍ତ ପୋଲିସ କମିଶନର ରହିବା ସହ ଡିସିପି କାର୍ଯ୍ୟ ତୁଲାଉଛନ୍ତି। ସେହିଭଳି ନିକଟରେ ଏସ୍‌ଟିଏଫ୍ ଡିଆଇଜି ଥିବା ଜୟନାରାୟଣ ପଙ୍କଜଙ୍କୁ ଉତ୍ତରାଞ୍ଚଳ ଡିଆଇଜି ଦାୟିତ୍ୱ ଦିଆଯାଇଛି। ତେଣୁ ଏସ୍‌ଟିଏଫ୍‌ର ଡିଆଇଜି ପଦ ଏବେ ଖାଲି ପଡିଥିବାରୁ ଏଠାରେ ଅନୁପ ସାହୁଙ୍କୁ ବଦଳି ପାଇଁ ବିଚାରବିମର୍ଶ ଚାଲିଛି। ସେହିପରି ସରକାରଙ୍କ ଗୁଡ୍‌ବୁକ୍‌ରେ ଥିବା ୩ଜଣ ଆଇପିଏସ୍ ଅଫିସର ଏବେ ଡିସିପି ହେବା ନେଇ ଆଲୋଚନା ହେଉଛି। ପୁରୀ ଏସ୍‌ପି ଉମାଶଙ୍କର ଦାଶ, କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର ଓ ଗଜପତି ଏସ୍‌ପି ସାରା ଶର୍ମାଙ୍କ ନାମ ଆଗରେ ରହିଛି। ନିକଟରେ ଏସ୍‌ପି ସାରା ଏକ ଆଦିବାସୀ ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିଥିବା ସହ ଆଉ କିଛି ଭଲ କାର୍ଯ୍ୟ କରିଥିବାରୁ ତାଙ୍କୁ ସରକାର ଭୁବନେଶ୍ୱର ଦାୟିତ୍ୱ ଦେଇପାରନ୍ତି ବୋଲି କୁହାଯାଉଛି। ବଡ଼ କଥା ହେଲା ପୂର୍ବରୁ ଭୁବନେଶ୍ୱର ଡିସିପି ରହିଥିବା ସତ୍ୟବ୍ରତ ଭୋଇ ପୁଣି ଭୁବନେଶ୍ୱର ଫେରିପାରନ୍ତି। ସେ ଭୁବନେଶ୍ୱରରେ ଥିବା ସମୟରେ ଅନେକ ଭଲ କାର୍ଯ୍ୟ କରିଥିବାରୁ ତାଙ୍କୁ କମିଶନରେଟ ପୋଲିସରେ ଅତିରିକ୍ତ ପୋଲିସ କମିଶନର ଭାବେ ଦାୟିତ୍ୱ ଦିଆଯିବାକୁ ଉପର ସ୍ତରରେ ଆଲୋଚନା ଚାଲିଛି।

ଅନ୍ୟପକ୍ଷରେ ଥାନା ଅଧିକାରୀଙ୍କ କ୍ଷେତ୍ରରେ ମଧ୍ୟ ଅଦଳବଦଳ କରାଯିବ। ରାଜଧାନୀର ୩ ପ୍ରମୁଖ ଥାନା ଅଧିକାରୀଙ୍କୁ ନିକଟରେ ଅନ୍ୟତ୍ର ବଦଳି କରାଯାଇ ତୁରନ୍ତ ଥାନା ଛାଡିବାକୁ କୁହାଯାଇଛି। ପୁରୀରେ ଥିବା ଶରତ ସାହୁଙ୍କୁ କମିଶନରେଟ ପୋଲିସକୁ ଅଣାଯାଇଛି। ସେ ପୂର୍ବରୁ ଖଣ୍ଡଗିରି ଥାନାରେ ଥିବାରୁ ତାଙ୍କୁ ଖଣ୍ଡଗିରି ଥାନା ଦିଆ ନ ଯାଇ ନୟାପଲ୍ଲୀ ଥାନା ଅଧିକାରୀଭାବେ ଦାୟିତ୍ୱ ଦିଆଯିବାକୁ ଥିବାବେଳେ ଜିଆର୍‌ପିରୁ ବଦଳି ହୋଇ ଆସିଥିବା ଭରତ ସାହୁଙ୍କୁ ଖଣ୍ଡଗିରି ଥାନା ଦାୟିତ୍ୱ ଦିଆଯିବ ବୋଲି ସୂଚନା ମିଳିଛି। ଏହାସହ କ୍ୟାପିଟାଲ ଥାନା ଅଧିକାରୀଙ୍କୁ ଅନ୍ୟ ପୋଲିସ ଜିଲାକୁ ଏବଂ ଲକ୍ଷ୍ମୀସାଗର, ଖଣ୍ଡଗିରି, ନୟାପଲ୍ଲୀ, ମଞ୍ଚେଶ୍ୱର, ଶହୀଦନଗର ଓ ଲିଙ୍ଗରାଜ ଥାନା ଅଧିକାରୀଙ୍କୁ ବଦଳି କରାଯିବାର ସମ୍ଭାବନା ରହିଛି। ବିଶେଷକରି ଗତ ସାଧାରଣ ନିର୍ବାଚନ ପୂର୍ବରୁ କଟକରୁ ଭୁବନେଶ୍ୱର ଆସିଥିବା ଥାନା ଅଧିକାରୀଙ୍କୁ ପୁଣି କଟକକୁ ଓ କଟକରୁ କେତେଜଣ ଥାନାଧିକାରୀଙ୍କୁ ପୁଣି ଭୁବନେଶ୍ୱର ଅଣାଯାଇପାରେ। ତେବେ ପୋଲିସ କମିଶନର ନିଜ ଟିମ୍‌କୁ ଦୃଢ଼ କରିବା ପାଇଁ କେତେଜଣ ଦକ୍ଷ ଥାନା ଅଧିକାରୀଙ୍କୁ ଭୁବନେଶ୍ୱରରେ ଖାଲି ପଡିଥିବା ଥାନାର ଦାୟିତ୍ୱ ଦେଇପାରନ୍ତି ବୋଲି ଆଶା କରାଯାଉଛି।

# ରାଜ୍ୟରେ ଅସୁରକ୍ଷିତ ଐତିହ୍ୟ ପ୍ରାଣୀ

- ପ୍ରୋଜେକ୍ଟ ଏଲିଫ୍ୟାଣ୍ଟର ହସ୍ତକ୍ଷେପ ଲୋଡ଼ିଲା ଡବ୍ଲ୍ୟୁଏସ୍‌ଓ
- ୧୪ ମାସରେ ୮୫ ହାତୀ ମୃତ୍ୟୁ
- ଓଡ଼ିଶା ହରାଉଛି ବୟସ୍କ ପ୍ରଜନନକ୍ଷମ ହାତୀ

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ଓଡ଼ିଶାରେ ଅସୁରକ୍ଷିତ ଜାତୀୟ ଐତିହ୍ୟ ପ୍ରାଣୀ ହାତୀ। ଗତ ୧୪ ମାସ ମଧ୍ୟରେ ୮୫ ହାତୀଙ୍କ ମୃତ୍ୟୁ ହୋଇସାରିଲାଣି। ୩୮ ହାତୀର ଅସ୍ୱାଭାବିକ ମୃତ୍ୟୁ ଘଟିଥିବାବେଳେ ଅସ୍ତ୍ରଶସ୍ତ୍ର, ଜାଲ, ବିଷ ଓ ବିଦ୍ୟୁତ୍ ସଂଯୋଗ ଦ୍ୱାରା ୧୫ଟିର ଜୀବନ ଯାଇଛି। ବାକି ୧୭ ମୃତ୍ୟୁ ଘଟଣାର କାରଣ ଏଯାଏ ଜଣାପଡ଼ିନାହିଁ। ସେପଟେ ରାଜ୍ୟରେ ବୟସ୍କ ପ୍ରଜନନକ୍ଷମ ହାତୀ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ବିଶେଷକରି ଓଡ଼ିଶା ଦ୍ରୁତ ଗତିରେ ବୟସ୍କ ପୁରୁଷମାନଙ୍କୁ ହରାଉଛି। ପ୍ରତିବର୍ଷ ପ୍ରାୟ ୨୦ଟି ବୟସ୍କ ହାତୀ ମରୁଛନ୍ତି। ୨୦୨୦ ଜାନୁୟାରୀ ୫ ପର୍ଯ୍ୟନ୍ତ ୧୬ ହାତୀର ମୃତ୍ୟୁ ହୋଇଥିବାବେଳେ ଜୁନ୍ ୧୪କୁ ଏହା ବୃଦ୍ଧି ପାଇ ୨୪ରେ ପହଞ୍ଚିଛି। ଏହି ୨୪ ବୟସ୍କ ପ୍ରଜନନକ୍ଷମ ହାତୀଙ୍କ ମଧ୍ୟରୁ ଅଧିକାଂଶ ଅସ୍ୱାଭାବିକ କାରଣରୁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ହାତୀଙ୍କ ସୁରକ୍ଷା ପାଇଁ ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍‌ଓ) କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛି। ସୋମବାର ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ଅଧୀନ ପ୍ରୋଜେକ୍ଟ ଏଲିଫ୍ୟାଣ୍ଟର ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ହାତୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାର ଅନୁସନ୍ଧାନ ଓ ସମୀକ୍ଷା ପାଇଁ ଏକ ସ୍ୱାଧୀନ ଦଳ ଗଠନ କରିବାକୁ ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଡବ୍ଲ୍ୟୁଏସ୍‌ଓ ସମ୍ପାଦକ ବିଶ୍ୱଜିତ ମହାନ୍ତି ଲେଖିଛନ୍ତି ଯେ, ଗତ ୯ବର୍ଷ ମଧ୍ୟରେ ୧୭୦ରୁ ଅଧିକ ହାତୀ ଶିକାର ହୋଇଥିଲେ ମଧ୍ୟ ଏଥିପାଇଁ ଦାୟିତ୍ୱରେ ଥିବା ଜଣେ ହେଲେ ବି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ନିଲମ୍ବିତ କିମ୍ବା ଚାକିରିରୁ ବହିଷ୍କୃତ କରାଯାଇ ନାହିଁ। ଓଡ଼ିଶା ବନ ବିଭାଗ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ହାତୀକୁ ସୁରକ୍ଷା ଦେବାରେ ବିଫଳ। ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନେବା ପାଇଁ ଡବ୍ଲ୍ୟୁଏସ୍‌ଓ ପକ୍ଷରୁ ଦିଆଯାଇଥିବା ଚିଠିରେ ଉଲ୍ଲେଖ ରହିଛି।

# ଡକାୟତ ଗ୍ୟାଙ୍ଗର ୫ ଗିରଫ

**ନିଶ୍ଚିନ୍ତକୋଇଲି,୧୫।୬(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ପୋଲିସ ରବିବାର ଏକ ଡକାୟତ ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନେ ହେଲେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ବାରମାଣିଆ ଗ୍ରାମର ମାରୁତି ବେହେରା (୩୦), ରାଜକିଶୋର ସାହୁ (୨୨), କାହ୍ନା ଦାସ (୧୮), ସରପଡା ଗ୍ରାମର କାର୍ତ୍ତିକ ଦାସ (୩୨) ଓ ପଙ୍କପାଳ ଗ୍ରାମର ବିଭୂତି ରାଉତ (୨୩)। ସେମାନଙ୍କ ପାଖରୁ ୩ ବାଇକ୍, ବୋଲେରୋ, ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ଏହି ସାମଗ୍ରୀଗୁଡ଼ିକ ମଧ୍ୟରେ ଏଲଇଡି ଟିଭି, ୱାଶିଂ ମେଶିନ, କମ୍ପ୍ୟୁଟର ଟ୍ୟାବ୍, ଇନଭର୍ଟର ଭଳି ୬୭ ପ୍ରକାର ସାମଗ୍ରୀ ରହିଛି। ଏଥିସହ ଖଣ୍ଡା, ୨ ଭୁଜାଲି, ଚାବି କଟର, ୨ ଆରି ଓ ୩୦ଟି ବିଭିନ୍ନ ଗାଡ଼ିର ଚାବି ଜବତ କରାଯାଇଛି। ଏନେଇ ନିଶ୍ଚିନ୍ତକୋଇଲି ଥାନାରେ ମାମଲା (ନଂ. ୮୩/୨୦) ରୁଜୁ କରାଯାଇଛି। କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ପ୍ରଦ୍ୟୁମ୍ନ ଜେନା ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ରବିବାର ରାତିରେ ଶୁକରପଡା କେନାଲ ବନ୍ଧ ନିକଟରେ ଏହି ଡକାୟତ ଗ୍ୟାଙ୍ଗ ଥିବା ପୋଲିସକୁ ସୁରାକ ମିଳିଥିଲା। ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ମଧୁସ୍ମିତା ବେହେରା ଓ ପି.କେ. ଜେନା ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ କାବୁ କରିଥିଲେ। ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପି.କେ. ଜେନା, ଡିଏସ୍‌ପି ରଞ୍ଜିତ ପୃଷ୍ଟି, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡ଼ା, ନେମାଳ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନିଖୋଜ ମାଛଧରାଳିଙ୍କ ମୃତଦେହ ଉଦ୍ଧାର

**ବାଲକାଟୀ,୧୫।୬(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଗଡ଼କଣ୍ଟଣିଆସ୍ଥିତ କୁଆଖାଇ ନଦୀକୁ ମାଛ ଧରିବାକୁ ଆସି ନଦୀଗର୍ଭରେ ନିଖୋଜ ଥିବା ସେକ ଜଲାଲ ଉଦ୍ଦିନ (୫୫)ଙ୍କ ମୃତଦେହ ୨୪ଘଣ୍ଟା ପରେ ଉଦ୍ଧାର କରାଯାଇଛି। ସୋମବାର ସକାଳେ ଘଟଣାସ୍ଥଳରୁ ୨ଶହ ମିଟର ଦୂରରେ ସେକଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ କହିଥିଲେ। ବାଲକାଟୀ ଫାଣ୍ଡି ଅଧିକାରୀ ମନଜାଦ ଅଲ୍ଲୀ ଖାନ ଓ ଅଗ୍ନିଶମ ବିଭାଗ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ଲାଗି ବାଲିଅନ୍ତା ପୋଲିସକୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ନଂ.୧୬/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ପୁରୀରେ ପ୍ରବଳ ବର୍ଷା: ବଡ଼ଦାଣ୍ଡ ଜଳମଗ୍ନ

**ପୁରୀ ଅଫିସ,୧୫।୬**



ପୁରୀରେ ଘଡ଼ଘଡ଼ି ସାଙ୍ଗକୁ ମୂଷଳ ଧାରାରେ ବର୍ଷା ପବନ ହୋଇଛି। ପ୍ରାୟ ଘଣ୍ଟାଏ ଧରି ନିର୍ଘୁମ ବର୍ଷାରେ ବଡ଼ଦାଣ୍ଡ କିଛି ସମୟ ପାଇଁ ଜଳମଗ୍ନ ହୋଇଯାଇଥିଲା। ରଥଖଳାରେ ବି ଭିଜିଥିଲା ତିନିରଥ। ବର୍ଷା, ଘଡ଼ଘଡ଼ି ଯୋଗୁ ରଥ ନିର୍ମାଣ କାମ ପ୍ରାୟ ୧ ଘଣ୍ଟା ଧରି ବନ୍ଦ ଥିଲା। ତେବେ ବର୍ଷା କମିଯିବା ପରେ ବଡ଼ଦାଣ୍ଡରୁ ଜଳ ନିଷ୍କାସନ ହୋଇଯାଇଥିବାବେଳେ ପୁଣି ରଥ କାମ ଆରମ୍ଭ ହୋଇଥିଲା। ସକାଳୁ ପାଗ ମେଘୁଆ ରହିଥିଲା। ସକାଳ ପ୍ରାୟ ୯ଟାରେ ହଠାତ୍ ମୂଷଳ ଧାରାରେ ବର୍ଷା ଆରମ୍ଭ ହୋଇଥିଲା। ଫଳରେ ସହରର ସବୁ ରାସ୍ତାଘାଟ ଜଳମଗ୍ନ ହୋଇଯାଇଥିଲା। ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ପାଣି ଜମିଥିଲା। କିନ୍ତୁ ମେଡିକାଲ ଛକ, ମାର୍କେଟ ଛକ, ବଳଗଣ୍ଡି ପ୍ରଭୃତି କେତେକ ସ୍ଥାନରେ ପ୍ରାୟ ୨ ଫୁଟରେ ପାଣି ଜମିଯାଇଥିଲା। ପାଖାପାଖି ୪୦ ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ବଡ଼ଦାଣ୍ଡ ଜଳମଗ୍ନ ରହିଥିଲା। କେବଳ ବଡଦାଣ୍ଡ ନୁହେଁ, ସହରର ଅଧିକାଂଶ ରାସ୍ତାରେ ପାଣି ଜମିଥିଲା। ରଥଖଳାରେ ମଧ୍ୟ ବର୍ଷାପାଣିର ସୁଅ ଛୁଟିଥିଲା। ରଥ ନିର୍ମାଣରେ ସମ୍ପୃକ୍ତ ସେବକମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମେତ ଆଖପାଖ ଦୋକାନ ବାରଣ୍ଡାକୁ ଯାଇ ଆଶ୍ରୟ ନେଇଥିଲେ। ପ୍ରାୟ ଏକଘଣ୍ଟା ଧରି ଘଡ଼ଘଡ଼ି ଓ ବର୍ଷା ପବନ ଯୋଗୁ ରଥ ନିର୍ମାଣ କାମ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା।

# ପଟା ବାଡ଼ିଆ କାମ ସରିଲା

**ପୁରୀ ଅଫିସ,୧୫।୬:**




ଶେଷ ପର୍ଯ୍ୟାୟରେ ରଥ ନିର୍ମାଣ। ବିଳମ୍ବରେ କାମ ଆରମ୍ଭ ହୋଇଥିଲେ ହେଁ ସମ୍ପୃକ୍ତ ସେବକମାନଙ୍କ ଆଗ୍ରହ ଓ ତତ୍ପରତା ଯୋଗୁ ନିର୍ମାଣ ଏବେ ସରି ଆସିଲାଣି। ରଥଖଳାରୁ କାମ ଶେଷ ହୋଇଥିବା ବେଳେ ଏବେ ରଥ ଉପର ଯାହା ଅଳ୍ପ କିଛି କାମ ବାକି ଅଛି। ସୋମବାର ତିନିରଥରେ ପଟା ବାଡ଼ିଆ କାମ ସମ୍ପୂର୍ଣ୍ଣ ହୋଇଛି। ବିଗ୍ରହମାନଙ୍କ ବିଜେସ୍ଥଳ ସିଂହାସନ କାମ ସରିଥିବାବେଳେ ଏଥିରେ କେବଳ ରଙ୍ଗ ଦିଆଯିବ। ପ୍ରତିରଥର ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଏବଂ ତୃତୀୟ ଭୂଇଁର ପ୍ରତି କୋଣରେ ୩ଟି ଲେଖାଏ ମୋଟ ୧୨ଟି କଣି ଫାଉଡା ଫିଟିଂ କରାଯାଇଛି। ଏହାପରେ ରଥର ଭୂଇଁ ଚଉତାଠାରୁ ରଥର ପୋଟଳ ପର୍ଯ୍ୟନ୍ତ ୨୦ ଫୁଟିଆ ପତଳା ବଟନ ଫିଟିଂ ହୋଇଛି। ରଥରେ କନା ପଡ଼ିଲା ବେଳକୁ ଏହା ସହାୟକ ହେବ ବୋଲି ମହାରଣା ସେବକ କହିଛନ୍ତି। ଅନ୍ୟପକ୍ଷରେ ତିନିରଥ ପ୍ରଭାରେ ରୂପକାର ସେବକଙ୍କ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତଳେ ମଗର ମୁଖ, ଦୁଇପାର୍ଶ୍ୱରେ ପଦ୍ମଫୁଲ ଡାଳି ଏବଂ ଉପରେ ରାହୁ ମୁଖ ଖୋଦେଇ ପରେ ରଙ୍ଗ କାମ ଆରମ୍ଭ ହେବ। ସେହିପରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ରୂପକାର ଏବଂ ଚିତ୍ରକର ସେବକମାନେ ପାର୍ଶ୍ୱ ଦେବୀଦେବ, ସଖୀ, ହଂସପଟା ଆଦି ରଙ୍ଗ କରିବା ସହ ରଥ ଚାରିପଟେ ରଙ୍ଗ କାମ ଜାରି ରଖିଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପର ମହଲାରେ ଦରଜି ସେବକମାନେ ରଥ କନା କାମ କରୁଛନ୍ତି।

# ଶ୍ରୀମନ୍ଦିରକୁ ବଜ୍ରପାତ ଭୟ

**ପୁରୀ ଅଫିସ,୧୫।୬:**

ବିଜୁଳିରୁ ଶ୍ରୀମନ୍ଦିରକୁ ସୁରକ୍ଷା ଦେବା ପାଇଁ ଲଗାଯାଇଥିବା ଆର୍ଥିଂକୁ ନେଇ ପ୍ରଶ୍ନ ଉଠାଇଛି ଜଗନ୍ନାଥ ସେନା। ସୋମବାର ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଶ୍ରୀମନ୍ଦିର ଉଚ୍ଚତା ଅଧିକ ଥିବାରୁ ଏଥିପ୍ରତି ବିଜୁଳି ଭୟ ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଅଷ୍ଟଧାତୁର ଅତି ଉନ୍ନତମାନର ଆର୍ଥିଂ ଲଗାଯାଇଥିଲା। କିନ୍ତୁ ଏହି ପୁରୁଣା ଆର୍ଥିଂ ତାରକୁ ହଟାଇ ନୂଆ ଦୁର୍ବଳ ଆର୍ଥିଂ ତାର ଲଗାଯାଇଛି। ଫଳରେ ପ୍ରଚଣ୍ଡ ବିଜୁଳିକୁ ଏହା ସମ୍ଭାଳି ପାରୁନାହିଁ। ପୁରୁଣା ଆର୍ଥିଂ ତାରକୁ ଏକ କମ୍ପାନୀକୁ ବିକ୍ରି କରାଯାଇଥିବା ବିଶେଷ ସୂତ୍ରରୁ ଶୁଣିବାକୁ ମିଳୁଛି ବୋଲି ପ୍ରିୟଦର୍ଶନ କହିଛନ୍ତି। ଏହାର ତଦନ୍ତ କରାଯିବା ସହ ଯେଉଁମାନେ ଏଥିରେ ଜଡ଼ିତ ସେମାନଙ୍କୁ ଗିରଫ କରାଯିବାକୁ ସେ ଦାବି ରଖିଛନ୍ତି ।

# ଜଳ, ବାୟୁ ନଷ୍ଟ ମହାମାରୀର କାରଣ: ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ,୧୫।୬:** କରୋନା ଏବେ ବିଶ୍ୱବାସୀଙ୍କ ଆଖିରୁ ନିଦ ହଜାଇ ଦେଇଛି। ଏପର୍ଯ୍ୟନ୍ତ ଏହାର କୌଣସି ସଫଳ ଔଷଧ ବାହାରି ପାରି ନାହିଁ। ଏନେଇ ସୋମବାର ପ୍ରତିକ୍ରିୟା ରଖିଛନ୍ତି ପୁରୀ ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ସେ କହିଛନ୍ତି, ନିମ୍ବପତ୍ର, ତେଜପତ୍ର, ଅମୃତଭଣ୍ଡା ପତ୍ର, ଅଦା, ଜଷ୍ଠିମଧୁ, ହଳଦୀ ଓ ଘିଅରେ ପ୍ରସ୍ତୁତ କାଢା ସେବନ କଲେ କରୋନା ଦାଉରୁ ରକ୍ଷା ମିଳିପାରିବ। ତୁଳସୀପତ୍ର ଓ ମହୁ ସେବନ ମଧ୍ୟ ଜରୁରୀ। ଭୂତାଣୁଠାରୁ ରକ୍ଷା ପାଇବା ପାଇଁ ନାକରେ ଗାଈ ଘିଅ ଲଗାଇବା ଦରକାର। ଗୋ ମୂତ୍ର ଚିକିତ୍ସା ମଧ୍ୟ ଅମୃତ ତୁଲ୍ୟ ବୋଲି ମଠରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଚାଲିଥିବା ୫ ଦିନିଆ ବିଜ୍ଞାନ ସଂଗୋଷ୍ଠୀର ଦ୍ୱିତୀୟ ଦିବସରେ ଶଙ୍କରାଚାର୍ଯ୍ୟ ଏହା କହିଛନ୍ତି। ଏହି ସଂଗୋଷ୍ଠୀରେ ଦେଶ ବିଦେଶର ଡାକ୍ତର ଏବଂ ବୈଜ୍ଞାନିକ ଭିଡିଓ କନ୍‌ଫରେନ୍ସ ଜରିଆରେ ଭାଗ ନେଉଛନ୍ତି। ବିଜ୍ଞାନର ପରିଭାଷା, ଉଦ୍ଦେଶ୍ୟ, ସିଦ୍ଧାନ୍ତ, ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ର ଆଦି ପ୍ରସଙ୍ଗରେ ଆଲୋଚନା ହେଉଛି। ବେଦ, ଶାସ୍ତ୍ର ଓ ଉପନିଷଦର ବୈଜ୍ଞାନିକ ମହତ୍ତ୍ୱ ରହିଛି। ବିକାଶ ନାଁରେ ପୃଥିବୀ, ବାୟୁ, ଜଳ, ଆକାଶ, ପ୍ରାଣୀ ଓ ଉଦ୍ଭିଦ ଯେଭଳି ନଷ୍ଟ ହେଉଛି ତାହା ମହାମାରୀର କାରଣ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

# ଡାକ୍ତର ଶିବରାମ ପ୍ରସାଦ ସିଂ ଭାରତୀୟ ଯକୃତ ପଠନ ସଂଘ ସଭାପତି ନିର୍ବାଚିତ

**କଟକ ଅଫିସ,୧୫।୬**



କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜସ୍ଥିତ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ମୁଖ୍ୟ ଅଧ୍ୟାପକ ଡାକ୍ତର ଶିବରାମ ପ୍ରସାଦ ସିଂ ରାଜ୍ୟର ପ୍ରଥମ ଡାକ୍ତର ଭାବେ ଭାରତୀୟ ଯକୃତ ପଠନ ସଂଘର ସର୍ବଭାରତୀୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସେ ଏହି ସଂଘର ସମ୍ପାଦକ, କୋଷାଧ୍ୟକ୍ଷ, ସହଯୋଗୀ ସମ୍ପାଦକ ଭାବେ ବିଭିନ୍ନ ଦାୟିତ୍ୱ ନିର୍ବାହ କରିବା ସହ ଦୀର୍ଘ ୨୦ ବର୍ଷ ଧରି ଏହାର କାର୍ଯ୍ୟନିର୍ବାହୀ ସଦସ୍ୟ ମଧ୍ୟ ରହିଛନ୍ତି। ୨୦୧୮ରୁ ସେ ଦକ୍ଷିଣ ଏସିଆ ଯକୃତ ପଠନ ସଂଘର ସଭାପତି ଭାବେ କାର୍ଯ୍ୟ କରି ଆସୁଛନ୍ତି। ଏହା ବ୍ୟତୀତ ସେ ସର୍ବଭାରତୀୟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ସଂଘର ଜାତୀୟ ସଭାପତି ରୂପେ ୨୦୧୨-୧୩ରେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେ ୨୦୦୧ରେ କଟକଠାରେ ପ୍ରଥମେ ବିଶ୍ୱ ହେପାଟାଇଟିସ ଦିବସ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ୨୦୧୦ରେ ଏହା ବିଶ୍ୱସ୍ତରୀୟ ମାନ୍ୟତା ପାଇ ପ୍ରତି ବର୍ଷ ଜୁଲାଇ ୨୮ରେ ବିଶ୍ୱବ୍ୟାପୀ ପାଳିତ ହୋଇଆସୁଛି। ଜାତୀୟ ତଥା ଅନ୍ତର୍ଜାତୀୟ ପତ୍ରିକାରେ ତାଙ୍କର ଶତାଧିକ ଗବେଷଣାମୂଳକ ସନ୍ଦର୍ଭ ପ୍ରକାଶିତ ହେବା ସହ ୨୦ରୁ ଅଧିକ ସନ୍ଦର୍ଭ ନାଫାଲ୍‌ଡ ରୋଗ ସମ୍ପର୍କରେ ପ୍ରକାଶିତ ହୋଇଛି। ଆମେରିକୀୟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି କଲେଜ ସଂଘର ଫେଲୋ ଭାବେ ସେ ସମ୍ମାନିତ ହୋଇଛନ୍ତି।

# ଭୋଗଡ଼ା, ଦିନିଆରୀରେ ଲୁଟ୍ ଘଟଣା: ମାଷ୍ଟରମାଇଣ୍ଡ ସମେତ ୨ ଗିରଫ

**ଖୋର୍ଦ୍ଧା ଅଫିସ,୧୫।୬**





ଗିରଫ ୨ ଅଭିଯୁକ୍ତ। ଜବତ ହୋଇଥିବା ବନ୍ଧୁକ, ସୁନା,ରୁପା ବାରୁଦ ଓ ବାଇକ୍ ଜବତ

ବାଘମାରୀ ଥାନା ଅନ୍ତର୍ଗତ ଭୋଗଡ଼ା ଓ ଦିନିଆରୀ ଛକରେ ଘଟିଥିବା ଲୁଟ୍, ବୋମାମାଡ଼ ଘଟଣାରେ ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେମାନେ ହେଲେ ବୋଲଗଡ଼ ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁରର ଗଦାଧର ନାୟକ ଏବଂ ନୟାଗଡର ରତ୍ନାକର ସାହୁ। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଜେଲ୍‌କୁ ପଠାଇଦିଆଯାଇଛି। ଏହି ଘଟଣାର ମାଷ୍ଟରମାଇଣ୍ଡ ଗଦାଧର ବୋଲି ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି। ଗଦାଧରଙ୍କ ଠାରୁ ୪୭ଶହ ଟଙ୍କା, ଗୋଟିଏ ବନ୍ଧୁକ, ବମ୍‌ରେ ବ୍ୟବହୃତ ବାରୁଦ ୪ଶହ ଗ୍ରାମ, ସେଲୋଟେପ୍ ଏବଂ ବମ ତିଆରି ଲାଗି ବ୍ୟବହୃତ ଡବା ଜବତ ହୋଇଛି। ସେହିପରି ରତ୍ନାକରଙ୍କ ଠାରୁ ତରଳା ଯାଇଥିବା ୩୮ଗ୍ରାମ୍ ୨୦୦ ମିଲିଗ୍ରାମ ସୁନା, ୧କେଜି ୫୨୮ଗ୍ରାମ ରୁପା, ସୁନା ଓ ରୁପା ଓଜନ ନିକିତି, ବଟକରା ଏବଂ ଏକ ବାଇକ୍ (ଓଡି୨୫ଜି ୧୦୩୪) ଜବତ କରାଯାଇଛି। ପୂର୍ବରୁ ପୋଲିସ ଏହି ଘଟଣାରେ ପୋଲିସ ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଥିଲା।

ସୂଚନା ଅନୁଯାୟୀ, ଅଭିଯୁକ୍ତଦ୍ୱୟ ଏକ ବାଇକ୍‌ରେ ନୟାଗଡରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିଲେ। କୌଣସି ସୂତ୍ରରୁ ଖବରପାଇ ବାଘମାରୀ ଥାନାଧିକାରୀ ପ୍ରଣୀତା ପଟ୍ଟନାୟକ ଏକ ଟିମ୍ ସହ ବାଘମାରୀ ଛକରେ ଜଗି ରହିଥିଲେ। ପୋଲିସକୁ ଦେଖି ଗଦାଧର ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ବାମଡିହ ଛକରେ ପୋଲିସ ଉଭୟଙ୍କୁ ଧରି ଥାନାକୁ ଆଣିଥିଲେ। ପ୍ରକାଶ ଯେ, ଗତ ଏପ୍ରିଲ ୨୯ରେ ବାଘମାରୀ ଥାନା ଅନ୍ତର୍ଗତ ଦିନିଆରୀ ଛକ ଏବଂ ମେ’ ୨୫ରେ ଭୋଗଡ଼ା ଗ୍ରାମରେ ପୂର୍ବତନ ସରପଞ୍ଚ ସୁକାନ୍ତ ଜୟସିଂଙ୍କ ଘରୁ ଲୁଟ୍ ଓ ବୋମାମାଡ ଘଟଣାରେ ଗିରଫ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି।

### ଆତ୍ମ ସମର୍ପଣ କରି ଜମି ପାଇଥିଲେ

୧୯୯୧ରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶାସନ କାଳରେ ଖୋର୍ଦ୍ଧା ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଥିବା ୧୨ଜଣ ଅପରାଧୀ ସ୍ଥାନୀୟ ବିଧାୟକଙ୍କ ଜରିଆରେ ସ୍ଥାନୀୟ ପୋଲିସ ନିକଟରେ ଆତ୍ମ ସର୍ମପଣ କରିଥିଲେ। ଏଥିପାଇଁ ସରକାର ସେମାନଙ୍କୁ ଅଢ଼େଇ ଏକର ଜମି ପ୍ରଦାନ କରି ଥଇଥାନ କରାଇଥିଲେ। ଆତ୍ମ ସମର୍ପଣ କରିଥିବା ୧୨ଜଣଙ୍କ ମଧ୍ୟରେ ଗଦାଧର ନାୟକ ଥିଲେ। ଏବେ ପୁଣି ଗଦାଧର ନିଜ ଗ୍ୟାଙ୍ଗ ସୃଷ୍ଟି କରି ଉକ୍ତ ଅଞ୍ଚଳରେ ଡକାୟତି ଏବଂ ଲୁଟତରାଜ ଚଳାଇ ଆସୁଛନ୍ତି ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି।

## ସଂକ୍ଷେପରେ

### ସୁସ୍ଥ ହୋଇ ଫେରିଲେ କରୋନା ଆକ୍ରାନ୍ତ

**ବାଲିଆ, ୧୫।୬:** ବିରିଡି ବ୍ଲକର ଉତ୍ତରଶାସନ ଟିଏମ୍‌ସିରୁ ଗତ ୨ତାରିଖରେ ଜଣେ ଯୁବକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହପରେ ତାଙ୍କୁ କିମ୍‌ସସ୍ଥିତ କୋଭିଡ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ପଠାଯାଇଥିଲା। ସୋମବାର ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହାପରେ ପରିବାର ସମେତ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବ୍ଲକର ଏବେ ୧୩ ଜଣ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ରହିଛନ୍ତି।

### ୧୧ କେଭି ବିଦ୍ୟୁତ୍ ତାର ଲାଗି ଶ୍ରମିକ ମୃତ

**ବାଲିକୁଦା,୧୫।୬(ସ୍ୱ.ପ୍ର.):** ବାଲିକୁଦାସ୍ଥିତ ମାଛଗାଁ କେନାଲ ବନ୍ଧର ନିର୍ମାଣାଧୀନ ଗାର୍ଡୱାଲଠାରେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏରସମା ବ୍ଲକ ଆମ୍ବିକି ପଞ୍ଚାୟତ ବାଘାଡି ଗାଁର ରାଜେନ୍ଦ୍ର ମଣ୍ଡଳ (୩୫)। ସେ କେନାଲ ବନ୍ଧର ଗାର୍ଡୱାଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ସେଠାରେ ବ୍ୟବହୃତ ମିଶ୍ରର ମେଶିନକୁ ସେ ଟାଣିଟାଣି ନେଉଥିଲେ। ଏହି ସମୟରେ ପାଖରେ ଥିବା ୧୧ କେଭିର ଷ୍ଟେ ତାର ମେଶିନ୍ ସହ ଲାଗିଯିବାରୁ ରାଜେନ୍ଦ୍ର ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ନିକଟସ୍ଥ ବାଲିକୁଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପର୍ଯ୍ୟଟନସ୍ଥଳୀ ହେବ କଣ୍ଟିଗଡ଼ିଆ ବଡ଼ ପୋଖରୀ

**ଧର୍ମଶାଳା, ୧୫।୬ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ କଣ୍ଟିଗଡିଆ ନିକଟସ୍ଥ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବଡ଼ ପୋଖରୀ ପୁନରୁଦ୍ଧାର କରାଯାଇ ଏହାକୁ ପର୍ଯ୍ୟଟନସ୍ଥଳୀ କରିବାକୁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଜିଲାପାଳ ରଞ୍ଜନ କୁମାର ଦାସ, ପିଡି ଇନ୍ଦ୍ରମଣି ନାୟକ, ଧର୍ମଶାଳା ବିଡିଓ ସ୍ମିତା ରଥ, ତହସିଲଦାର ସରୋଜ କୁମାର ପଣ୍ଡା ଓ ସ୍ଥାନୀୟ ଜନ ପ୍ରତିନିଧି ଉକ୍ତ ପୋଖରୀ ନିକଟରେ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ପରେ ସେମାନେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଆଲୋଚନା କରିଥିଲେ। ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଲାଗି ରାଜ୍ୟ ସରକାରଙ୍କ ପାଣ୍ଠିରୁ ୫ କୋଟି ଟଙ୍କା ବ୍ୟୟ କରାଯିବା ସହ ବ୍ଲକ, ପଞ୍ଚାୟତ, ଏମ୍‌ଏଲ୍‌ଏ ଓ ଏମପି ଲ୍ୟାଡ (ଲୋକାଲ ଏରିଆ ଡେଭଲପମେଣ୍ଟ) ଫଣ୍ଡରୁ ଖର୍ଚ୍ଚ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ପୋଖରୀ ପୁନରୁଦ୍ଧାର କରାଯାଇ ସେଠାରେ ନୌଚାଳନା ବ୍ୟବସ୍ଥାକରାଯିବ।

### ଆଳି ଗାନ୍ଧୀ ସହଦେବ ଦାସଙ୍କ ଶ୍ରାଦ୍ଧୋତ୍ସବ



**ଆଳି,୧୫।୬(ଡି.ଏନ.ଏ.):** ଆଳି ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ସାମାଜିକ କର୍ମୀ ତଥା ଆଳିର ପୂର୍ବତନ ବିଧାୟକ ଆଳି ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ସହଦେବ ଦାସଙ୍କ ୬୦ତମ ଶ୍ରାଦ୍ଧୋତ୍ସବ ସୋମବାର ପାଳିତ ହୋଇଯାଇଛି। ନମୌଜା ପୁରାତନ ଛାତ୍ରସଂସଦ ଓ ଆଳି ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଳି ହାଇସ୍କୁଲ ପୁରାତନ ଛାତ୍ରସଂସଦ ସଭାପତି ତଥା ପୂର୍ବତନ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ଗାଳ୍ପିକ ଗୋବିନ୍ଦଚନ୍ଦ୍ର ନନ୍ଦ, ବୀରେନ୍ଦ୍ର ପଣ୍ଡା, ବିଦ୍ୟାଧର ପଣ୍ଡା, ମଧୁସୂଦନ ଦାସ, ରଞ୍ଜନ ଦାସ, ମୋହନ ଦଳାଇ ପ୍ରମୁଖ ସ୍ୱର୍ଗତ ଦାସଙ୍କ ଜନ୍ମସ୍ଥାନ ନୂଆଗାଁ ଯାଇ ତାଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱର୍ଗତ ଦାସ ପ୍ରତିଷ୍ଠା କରିଥିବା ନୂଆଗାଁ ମୌଳିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ଓ ଅନ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱର୍ଗତ ଦାସଙ୍କ ସମାଧି ପୀଠ ନିକଟରେ ରାମଧୂନ ଗାନ କରାଯାଇଥିଲା।

---

**ବଢୁଛି ବେଆଇନ ଚିଙ୍ଗୁଡ଼ି ଚାଷ**

# ବିପଦରେ ହେନ୍ତାଳବଣ

**କେନ୍ଦ୍ରାପଡା ଅଫିସ, ୧୫।୬**

କରୋନା ମହାମାରୀ ସମୟରେ ଲକ୍‌ଡାଉନ୍ ଜାରି ରହିଥିବା ବେଳେ କେନ୍ଦ୍ରାପଡ଼ାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବେଆଇନ ଚିଙ୍ଗୁଡି ଚାଷ ଆଶାତୀତ ଭାବେ ବୃଦ୍ଧି ପାଇଛି। ଏଥିପାଇଁ ନିର୍ମାଣ ହେଉଥିବା ଘେରିରୁ ରାସାୟନିକ ବିଷ ଉତ୍ପନ୍ନ ହେଉଛି। ଫଳରେ କେନ୍ଦ୍ରାପଡା ଜିଲାର ରାଜନଗର ଓ ମହାକାଳପଡା ବ୍ଲକ ଅଞ୍ଚଳରେ ଥିବା ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ନଷ୍ଟ ହେବାରେ ଲାଗିଛି। ସାମୁଦ୍ରିକ ଝଡ଼ ଫନୀ ଓ ଅମ୍ଫାନ୍ ପ୍ରଭାବରେ ସେଠାରେ ଥିବା ହେନ୍ତାଳବଣ ଯେତିକି କ୍ଷତିଗ୍ରସ୍ତ ନ ହୋଇଛି ତା'ଠାରୁ ଅଧିକ ନଷ୍ଟ ଚିଙ୍ଗୁଡ଼ି ଘେରି ଯୋଗୁ ହୋଇଥିବା ପରିବେଶବିତ୍‌ମାନେ ମତଦେଇଛନ୍ତି। ରାଜନଗରସ୍ଥିତ ସମୁଦ୍ର ତଟବର୍ତ୍ତୀ ଜଗତ୍‌ଜୋରି ଅଞ୍ଚଳରେ ବହୁ ହେନ୍ତାଳବଣ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳୁଛି।

ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ଚିଙ୍ଗୁଡି ଘେରି ଓ ସମୁଦ୍ରର ଉତ୍ତାଳ ଲହରି ଯୋଗୁ ଗତ ୪ ବର୍ଷ ମଧ୍ୟରେ ଜାତୀୟ ଉଦ୍ୟାନର ପ୍ରାୟ ୩୦ ବର୍ଗ କିଲୋମିଟର ତଟାଞ୍ଚଳ ନଷ୍ଟ ହୋଇଛି। ସମୁଦ୍ରତଟବର୍ତ୍ତୀ ଅଞ୍ଚଳ ଯୋଗୁ ଜିଲାବାସୀ ଅନେକ ସମୟରେ ସାମୁଦ୍ରିକ ଝଡ଼ ଓ ବାତ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ହେନ୍ତାଳବଣ ତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ପ୍ରାଚୀର ଭାବେ କାର୍ଯ୍ୟ କରୁଛି । ଏହାକୁ ଦୃଷ୍ଟିରେ ରଖି ଗତ ୧୦ ବର୍ଷ ମଧ୍ୟରେ ବନବିଭାଗ ପକ୍ଷରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ବନୀକରଣ କରାଯାଇଛି। ମାତ୍ର ବେଆଇନ ଚିଙ୍ଗୁଡି ଘେରି ନିର୍ମାଣ ଉଚ୍ଛେଦ ହେଉ ନ ଥିବାରୁ ଯୋଜନା ସଫଳ ହୋଇପାରୁନି। ସମୁଦ୍ର ଉତ୍ତାଳ ଢେଉକୁ ଏକମାତ୍ର ହେନ୍ତାଳ ବଣ ସହିବାକୁ ସକ୍ଷମ ବୋଲି ପରିବେଶବିତ୍ ଶିବାଶିଷ ମହାନ୍ତି କହିଛନ୍ତି। ମାତ୍ର ବେଆଇନ ଚିଙ୍ଗୁଡ଼ିଘେରି ପାଇଁ ଜାତୀୟ ଉଦ୍ୟାନରେ ବିଭିନ୍ନ ପ୍ରଜାତିର ଦୁର୍ଲଭ ବୃକ୍ଷ, ଔଷଧୀୟ ଗୁଳ୍ମ ବିଲୁପ୍ତ ହେବାରେ ଲାଗିଛି। ଚିଙ୍ଗୁଡ଼ି ମାଫିଆଙ୍କ ଦୌରାତ୍ମ୍ୟ, କାଠଚୋରା ଚାଲଣ, ବନୀକରଣ ପାଇଁ ଜନ ସଚେତନତା ଅଭାବ ଆଦି ଏହାର ପ୍ରମୁଖ କାରଣ। ୨୦୧୧ରେ ଜିଲାରେ ସର୍ବାଧିକ ୧୮୩ ବର୍ଗ କିଲୋମିଟର ହେନ୍ତାଳବଣ ରହିଥିଲା। ଇତିମଧ୍ୟରେ ଉକ୍ତ ଅଞ୍ଚଳରେ ୪୦ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବନ ହ୍ରାସ ପାଇଥିବା ନେଇ ସେ ଆଶଙ୍କାବ୍ୟକ୍ତ କରିଛନ୍ତି। ପ୍ରକୃତିପ୍ରେମୀ ରାଧାକାନ୍ତ ମହାନ୍ତି ଓ ମନୋଜ କୁମାର ନାୟକ କୁହନ୍ତି, ଜନବସତିକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବାରେ ହେନ୍ତାଳବଣ ପ୍ରାଚୀର ଭଳି କାମ କରେ। ମାତ୍ର ମହାକାଳପଡ଼ା, ରାଜନଗର ଓ ରାଜକନିକା ଆଦି ଅଞ୍ଚଳରେ ଏବେ ଅନୁପ୍ରବେଶକାରୀ ଚିଙ୍ଗୁଡି ଘେରି ଆଳରେ ହେନ୍ତାଳ ବଣକୁ ଲୁଟି ଚାଲିଛନ୍ତି। ଲୁଣିପାଣିରେ ଲାଭଜନକ ଚିଙ୍ଗୁଡ଼ି ବ୍ୟବସାୟ କରିବା ପାଇଁ ହେନ୍ତାଳବଣକୁ କାଟି ଦିଆଯାଉଛି। ଏବେ ହେନ୍ତାଳବଣ ବିପଦରେ ଥିବାରୁ ପରିବେଶ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି ବୋଲି ପରିବେଶବିତ୍‌ମାନେ କହିଛନ୍ତି।

ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, ଭିତରକନିକାସ୍ଥିତ ଜାତୀୟଉଦ୍ୟାନରୁ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଅନୁପ୍ରବେଶକୁ ରୋକିବା ପାଇଁ ବନବିଭାଗ, ତଟରକ୍ଷା ବାହିନୀ ଓ ପୋଲିସ ପ୍ରଶାସନ କାର୍ଯ୍ୟ କରୁଛି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି।



ଜଗତ୍‌ଜୋରି ଅଞ୍ଚଳରେ ନଷ୍ଟ ହୋଇଯାଇଥିବା ହେନ୍ତାଳବଣ।

- ଜାତୀୟ ଉଦ୍ୟାନର ଜୈବ ବିବିଧତା ନଷ୍ଟ ହେଉଛି
- ବିଲୁପ୍ତ ହେବାରେ ଲାଗିଛି, ଦୁର୍ଲଭ ବୃକ୍ଷ, ଔଷଧୀୟ ଗୁଳ୍ମ
- ବନୀକରଣ ପାଇଁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି

---

# ଗୋଷ୍ଠୀ ସଂକ୍ରମଣ ଆଶଙ୍କାରେ କେନ୍ଦ୍ରାପଡ଼ାବାସୀ

**କେନ୍ଦ୍ରାପଡ଼ା ଅଫିସ, ୧୫।୬**

ନିଜକୁ ନିଜେ ସୁରକ୍ଷା ଦେବାର ସଚେତନତା ବାର୍ତ୍ତା କେନ୍ଦ୍ରାପଡା ଜିଲାରେ କାମ ଦେଉନି। ଜିଲା ପୋଲିସ ମାସ୍କ ପିନ୍ଧୁ ନ ଥିବା ଅମାନିଆଙ୍କୁ ଧରି ଜରିମାନା ଆଦାୟ କରୁଥିଲେ ମଧ୍ୟ ହାଟ ବଜାରରେ ସାମାଜିକ ଦୂରତ୍ୱ ରହୁନି। ସଙ୍ଗରୋଧ କେନ୍ଦ୍ରରେ କରୋନା ଭୂତାଣୁ ସଂକ୍ରମଣ ସମ୍ପର୍କରେ ଜାଣିବା ପାଇଁ ନମୁନା ସଂଗ୍ରହ କମ କରାଯାଇଛି। ନିଜ ଘରେ ନିୟମାନୁସାରେ ଚଳିବାକୁ ଜିଲା ପ୍ରଶାସନର ତାଗିଦା ପ୍ରବାସୀଙ୍କଠାରେ ପ୍ରଭାବ ପକାଉନି। ପ୍ରବାସୀଙ୍କ ଏପ୍ରକାର ବାହାରେ ଚଳପ୍ରଚଳକୁ ନେଇ ଜିଲାବାସୀ ଗୋଷ୍ଠୀ ସଂକ୍ରମଣ ଆଶଙ୍କା କରିଛନ୍ତି। ଏପ୍ରିଲ ୭ ତାରିଖରେ ଜିଲାରେ ପ୍ରଥମ କରୋନା ଆକ୍ରାନ୍ତଙ୍କ ଚିହ୍ନଟ ହୋଇଥିଲା। ସୋମବାର ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୧୭୬ରେ ପହଞ୍ଚିଛି। ଏଥିରେ ସଙ୍ଗରୋଧ କେନ୍ଦ୍ର ଅନ୍ତେବାସୀଙ୍କ ବ୍ୟତୀତ ୬ ଜଣ ବାହାର ବ୍ୟକ୍ତି ଚିହ୍ନଟ ହୋଇଛନ୍ତି। ସୁସ୍ଥ ସଂଖ୍ୟା ୧୬୩ରେ ପହଞ୍ଚିଥିଲେ ମଧ୍ୟ ପ୍ରତ୍ୟେକ ଦିନ ଏକାଧିକ ଲୋକ ଆକ୍ରାନ୍ତ ହେଉଥିବା ଜିଲା ପ୍ରଶାସନଠାରୁ ସୂଚନା ମିଳୁଛି। ଅନ୍ୟପକ୍ଷେ ଗତ ମେ ୫ ତାରିଖରୁ ଅଦ୍ୟାବଧି ୩୩,୦୮୮ ପ୍ରବାସୀ ଜିଲାକୁ ଆସିଥିବା ଜିଲା ପ୍ରଶାସନ ସୂଚନା ଦେଉଛନ୍ତି। ଏହି ପ୍ରବାସୀମାନେ ସଙ୍ଗରୋଧ କେନ୍ଦ୍ରରେ ୭ରୁ ୧୪ ଦିନ ରହି ଆସୁଥିବା ବେଳେ ଜିଲାରେ ମାତ୍ର ୬,୪୨୮ ଜଣଙ୍କ ନମୁନା ସଂଗ୍ରହ ହୋଇଥିବା ଏଡିଏମଓ ଡା. ମିର୍ଜା ବାବର ବେଗ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ସଙ୍ଗରୋଧ କେନ୍ଦ୍ରରେ ଥିବା ସମସ୍ତ ପ୍ରବାସୀଙ୍କଠାରୁ ନମୁନା ସଂଗ୍ରହ ସମ୍ଭବ ହେଉନାହିଁ। ଦୈନିକ ୯୦ରୁ ୧୦୦ଟି ନମୁନା ସଂଗ୍ରହ ହେଉଛି। କୌଣସି କେନ୍ଦ୍ରରେ ଅନ୍ତେବାସୀଙ୍କ ସାଧାରଣ ଜ୍ୱର, ଥଣ୍ଡା, କାଶ ଆଦି ଲକ୍ଷଣ ଦେଖାଗଲେ ନମୁନା ସଂଗ୍ରହକୁ ତ୍ୱରାନ୍ୱିତ କରାଯାଉଛି। ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ, ପ୍ରତାପ ଚନ୍ଦ୍ର ମହାନ୍ତି, ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ କୁହନ୍ତି, ଜିଲାରେ କରୋନା ଟେଷ୍ଟିଂ ଓ ଟ୍ରେସିଂକୁ ଧିମା କରାଯାଇଛି। ଫଳରେ କରୋନା ଆକ୍ରାନ୍ତଙ୍କ ଚିହ୍ନଟ ସୀମିତ ହେଉଛି। ଆକ୍ରାନ୍ତମାନେ ଘରକୁ ଆସି ବାହାରେ ବୁଲୁଥିବାରୁ ସେମାନେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ପ୍ରକାଶ କରିଛନ୍ତି।

---

# କରୋନା ଟିକା ପରୀକ୍ଷଣ ପାଇଁ ଶରୀର ଦାନ କରିବେ ଗୌତମ

**କେନ୍ଦ୍ରାପଡ଼ା ଅଫିସ, ୧୫।୬:** କରୋନା ପ୍ରତିଷେଧକ ଟିକା ପରୀକ୍ଷଣ ପାଇଁ ସ୍ୱଇଚ୍ଛାରେ ନିଜ ଶରୀର ଦାନ କରିବାକୁ ଚାହୁଁଛି। ସରକାରଙ୍କୁ ନିବେଦନ, ଏହି ପ୍ରୟୋଗ ପାଇଁ ମୋର ଶରୀରକୁ ବ୍ୟବହାର କଲେ ନିଜକୁ ଭାଗ୍ୟଶାଳୀ ମନେ କରିବି। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ଏପ୍ରକାର ଟୁଇଟ କରି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡମୋହନପୁର ପଞ୍ଚାୟତ ଦେଉଳି ଗ୍ରାମର ଗୌତମ ସାହୁ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କର ଏପରି ମନୋଭାବକୁ ସାଧାରଣରେ ପ୍ରଶଂସା କରାଯାଉଛି। ଗୌତମ ଜଣେ ସାମାଜିକ କର୍ମୀ। ନିଜ ଗାଁରେ ଉତ୍କଳମଣି ଯୁବକ ସଂଘ ଗଠନ କରି ସର୍ବଦା ସାମାଜିକ କର୍ମରେ ଲାଗିଥାନ୍ତି। ଏ ସମ୍ପର୍କରେ ଗୌତମ କୁହନ୍ତି, କରୋନା ମହାମାରୀ ସାରା ପୃଥିବୀବାସୀଙ୍କ ପାଇଁ ବିପଦ ସାଜିଛି। ଏହି ରୋଗର ନିଦାନ ଅଦ୍ୟାବଧି ବାହାରି ନାହିଁ। ନିଦାନ ପାଇବା ପାଇଁ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଗବେଷଣା ଚଳାଇଛନ୍ତି। ଭାରତ ମଧ୍ୟ ଏଥିରେ ପଛରେ ପଡିନାହିଁ। ଟିକା ପ୍ରସ୍ତୁତ ପରେ ଏହାର କ୍ଲିନିକାଲ ପରୀକ୍ଷା ଆବଶ୍ୟକ। ମାନବ ଶରୀରରେ ଏହାର ପ୍ରୟୋଗ ପରେ ଫଳାଫଳ ନିର୍ଣ୍ଣୟ ହେବ। ଏହି ଟିକାର ପରୀକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଆଗ୍ରହୀ। ଦେଶର ଜନତାଙ୍କ ଜୀବନ ରକ୍ଷା ପାଇଁ ଯଦି ତାଙ୍କ ଶରୀର ଆବଶ୍ୟକ ତେବେ ସେ ଦାନ କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି।




ପ୍ରଧାନମନ୍ତ୍ରୀଙ୍କୁ ଟୁଇଟ କରିଥିବା ଗୌତମ।

---

### ମହାନଦୀରେ ଭାସି ଯାଉଥିବା ଅଜଗର ଉଦ୍ଧାର

**ଖଣ୍ଡପଡ଼ା,୧୫।୬(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ସିଧାମୂଳା ନିକଟ ମହାନଦୀରେ ଭାସି ଯାଉଥିବା ୭ଫୁଟ ଲମ୍ବର ଏକ ଅଜଗରକୁ ସିଧାମୂଳା ଗ୍ରାମବାସୀ ସୋମବାର ଉଦ୍ଧାର କରିଛନ୍ତି। ମହାନଦୀ ଘାଟରେ ଗାଧୋଉଥିବା କେତେକ ମହିଳା ଅଜଗର ଭାସୁଥିବା ଦେଖି ଗ୍ରାମରେ ଖବର ଦେଇଥିଲେ। ଗ୍ରାମବାସୀ ସାପଟିକୁ ଉଦ୍ଧାର କରି ଖଣ୍ଡପଡା ବନ ବିଭାଗକୁ ଖବର ଦେଇଥିଲେ। ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ ପହଞ୍ଚି ସାପକୁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ।



ଉଦ୍ଧାର ହୋଇଥିବା ଅଜଗର।

---

# ହରିପୁର ହାଟରେ ରହୁନି ସାମାଜିକ ଦୂରତା

## ମୂଳ ସ୍ଥାନକୁ ହାଟ ଫେରାଇନେବା ନିଷ୍ପତ୍ତିକୁ ନାପସନ୍ଦ

**ରସୁଲପୁର,୧୫।୬ (ଡି.ଏନ୍.ଏ.)**

କରୋନା ସଂକ୍ରମଣ ରୋକିବା ସକାଶେ ପରିବା ହାଟଗୁଡ଼ିକୁ ଖୋଲାସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହି କ୍ରମରେ ରସୁଲପୁର ବ୍ଲକର ବାରବାଟୀ, କୁଆଖିଆଠାରେ ଦୈନିକ ପରିବାହାଟ, ହରିପୁର, ମଧୁବନ, ନଠୁଆବର, ବାଲିପାଟଣା, ତରାପୁରହାଟ ଭଳି ସାପ୍ତାହିକ ହାଟଗୁଡିକୁ ମୂଳ ସ୍ଥାନରୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ହରିପୁରଠାରେ ବସୁଥିବା ହାଟରେ କରୋନା କଟକଣା ପାଳନ ହୋଇପାରୁନ ଥିବା ଦେଖାଯାଉଛି। ଜିଲାପାଳ କ୍ଷମତା ପ୍ରୟୋଗ କରି ସ୍ଥାନୀୟ ନରସିଂହପୁର ସରପଞ୍ଚ ହାଟକୁ ବସୁଥିବା ମୂଳ ସ୍ଥାନକୁ ଫେରାଇ ଅଣାଯାଇଥିବା ବେଳେ ଉକ୍ତ ସ୍ଥାନରେ ଅଧିକ ଲୋକ ଚଳପ୍ରଚଳ ହେବା ଲାଗି ଭିତ୍ତିଭୂମି ନାହିଁ। ଫଳରେ ହାଟରେ ଲୋକମାନେ କରୋନା କଟକଣା ନ ମାନି କିଣାବିକା କରୁଥିବା ଦେଖାଯାଇଛଇ। ତା'ଛଡ଼ା ଅନେକ ଲୋକ ହାଟରେ ମାସ୍କ ପିନ୍ଧୁ ନ ଥିବା ଦେଖାଯାଇଥିବା ବେଳେ ଏଣେତେଣେ ପାନ, ଗୁଟଖା ଛେପ ପକାଉଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବା ବେଳେ ସରପଞ୍ଚଙ୍କ ଏଭଳି ନିଷ୍ପତ୍ତିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରେ ହାଟ ମୂଳ ସ୍ଥାନକୁ ଫେରାଇ ଆଣିବା ନିଷ୍ପତ୍ତି ସରପଞ୍ଚ ନେଇଛନ୍ତି। ହାଟରେ କରୋନା କଟକଣା ପାଳନ କରାଯାଉ ନ ଥିବା ସମ୍ପର୍କରେ ତହସିଲଦାରଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି। ଏ ନେଇ ସରପଞ୍ଚ ପ୍ରଭାସିନୀ ନାୟକଙ୍କୁ ପଚାରିବାରେ କରୋନା କଟକଣା ପାଳନ ପାଇଁ ହାଟକୁ ଜଗନ୍ନାଥ ମଠ ପଡିଆ ଓ ନରସିଂହପୁର ମେଳଣ ପଡ଼ିଆକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବର୍ଷା ଦିନେ ସେଠାରେ ବ୍ୟବସାୟୀମାନଙ୍କ ବସିବା ପାଇଁ ସୁବିଧା ନ ଥିବାରୁ ହାଟକୁ ମୂଳ ସ୍ଥାନକୁ ନିଆଯାଇଥିବା କହିଛନ୍ତି। ହାଟରେ କରୋନା କଟକଣା ପାଳନ ପାଇଁ ପଞ୍ଚାୟତ ପକ୍ଷରୁ ସଚେତନ କରାଯାଉଛି। ହେଲେ କେତେଜଣ ଅମାନିଆ ଏହାକୁ ମାନୁନାହାନ୍ତି। ଯଦି ଆଗାମୀ ହାଟପାଳିରେ ଏଭଳି ସ୍ଥିତି ଲାଗି ରୁହେ, ତା'ହେଲେ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



ହାଟରେ ଲୋକଙ୍କ ଭିଡ଼

---

# ପାଇଖାନା ପାଲଟିଛି ପ୍ରବାସୀଙ୍କ ହୋମ୍ କ୍ୱାରାଣ୍ଟାଇନ୍

**ନାଉଗାଁ, ୧୫।୬ (ସ୍ୱ.ପ୍ର.)**

ନାଉଗାଁ ବ୍ଲକର ଜଣେ ପ୍ରବାସୀଙ୍କ ପାଇଁ ପାଇଖାନା ଘର ପାଲଟିଛି ହୋମ୍ କ୍ୱାରାଣ୍ଟାଇନ୍। ସଙ୍ଗରୋଧ କେନ୍ଦ୍ରରୁ ଫେରି ସେ ଏଠାରେ ଦିନ କାଟୁଛନ୍ତି। ଜାମୁଗାଁ ପଞ୍ଚାୟତର ଏହି ବ୍ୟକ୍ତି ଜଣକ ତାମିଲନାଡୁରୁ ମେ ୨୩ରେ ଫେରି ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ କମଳଲୋଚନ ଉଚ୍ଚବିଦ୍ୟାଳୟସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସଙ୍ଗରୋଧ କେନ୍ଦ୍ରରେ ୧୪ ଦିନ ରହିବା ପରେ ଘରକୁ ପଠାଇ ଦିଆଯିବା ସହ ଜୁନ୍ ୬ରୁ ୧୯ ପର୍ଯ୍ୟନ୍ତ ହୋମ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସମୟରେ ସରକାରୀ ନିୟମ ଅନୁସାରେ ଦୈନିକ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ନ ଥିବାରୁ ସେ ଏବେ ପାଇଖାନାରେ ରହୁଛନ୍ତି। ତାଙ୍କ ପରିବାରରେ ୬ ଜଣ ସଦସ୍ୟ ଥିବାବେଳେ ବଡ଼ ଭାଇ ଭାଉଜ ଇନ୍ଦିରା ଆବାସରେ ରହୁଛନ୍ତି। ସାନ ଭାଇ ମା' ବାପାଙ୍କ ସହ ନିକଟରେ ଥିବା ଝାଟିମାଟି ଘରେ ରହୁଛନ୍ତି। ଘର ଅଭାବ ଥିବାରୁ ଶୌଚ ହେବା ପାଇଁ ନିର୍ମାଣ ହୋଇଥିବା ପାଇଖାନାରେ ରହୁଛନ୍ତି। ଏଣୁ ଘର ଲୋକେ ଅନ୍ୟ ସ୍ଥାନକୁ ଶୌଚ ହେବା ପାଇଁ ଯାଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲିକ କହିଛନ୍ତି, ଏବିଷୟରେ ସେ ଅବଗତ ନ ଥିଲେ। ଉକ୍ତ ସ୍ଥାନକୁ ଯାଇ ତଦନ୍ତ କରିବା ପରେ ଏନେଇ ଆଗାମୀ ପଦକ୍ଷେପ ନିଆଯିବ।

---

# ମନ୍ଦିରରୁ ଶ୍ରଦ୍ଧାଳୁଙ୍କୁ ଘଉଡ଼ାଇଲା ପୋଲିସ

**ବିଞ୍ଝାରପୁର, ୧୫।୬ (ଡି.ଏନ୍.ଏ.)**

ରଜ ସଂକ୍ରାନ୍ତୀ ଅବସରରେ ସୋମବାର ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତଠାରେ ଥିବା ବରୁଣେଶ୍ୱର ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ କରୋନା କଟକଣା ନ ମାନି ମନ୍ଦିରରେ ଭିଡ଼ ଜମାଇଥିବା ଦେଖାଯାଇଥିଲା। କରୋନା ସଂକ୍ରମଣ ରୋକିବା ସକାଶେ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ବନ୍ଦ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଉକ୍ତ ମନ୍ଦିରରେ ଭିଡ଼ ଜମିଥିବା ନେଇ ତହସିଲଦାର ଅସ୍ମିତା ଦାଶଙ୍କ ଦୃଷ୍ଟିକୁ ଆସିଥିଲା। ତହସିଲଦାର ଏ ନେଇ ପୋଲିସକୁ ଜଣାଇବା ପରେ ଏସ୍‌ଆଇ କେସି ଦାସଙ୍କ ସମେତ ପୋଲିସ ଟିମ୍ ମନ୍ଦିରରେ ପହଞ୍ଚି ଶ୍ରଦ୍ଧାଳୁମାନଙ୍କୁ ଘୋଉଡ଼ାଇବା ସହ ମନ୍ଦିରର ମୁଖ୍ୟ ଦ୍ୱାରରେ ବାଉଁଶ ବାନ୍ଧି ଦେଇଥିଲେ।



---

### ନୟାଗଡ଼ରୁ ପୁଣି ୪ ଚିହ୍ନଟ

**ନୟାଗଡ଼ ଅଫିସ/ଦଶପଲ୍ଲା, ୧୫।୬(ଡି.ଏନ୍.ଏ.)**

ନୟାଗଡ ଜିଲାରୁ ସୋମବାର ୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୫ରେ ପହଞ୍ଚିଛି। ଦଶପଲ୍ଲା ହାଇସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଦଶପଲ୍ଲା ସାଆନ୍ତସାହିର ଜଣେ ଓ ଅନ୍ୟ ଜଣେ ମଧ ଦଶପଲ୍ଲା ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ସେହିପରି ନୟାଗଡ ବାରମାସୀଦଣ୍ଡାର ବାପା ଓ ପୁଅ କରୋନା ଆକ୍ରାନ୍ତ ବୋଲି ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଯାଇଥିବା ସିଡିଏମ୍‌ଓ ସୁଧାଂଶୁ ଶେଖର ଷଡଙ୍ଗୀ ସୂଚନା ଦେଇଛନ୍ତି।

---

### ଜଗତ୍‌ସିଂହପୁର ଜିଲାରେ ପୁଣି ୪ କରୋନା ଆକ୍ରାନ୍ତ

**ଜଗତ୍‌ସିଂହପୁର ଅଫିସ, ୧୫।୬:** ଜଗତ୍‌ସିଂହପୁର ଜିଲାରେ ପୁଣି ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ସୋମବାର ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରେ ତିର୍ତ୍ତୋଲରୁ ୨ ଜଣ ଥିବା ବେଳେ ବାଲିକୁଦା ଓ ନାଉଗାଁରେ ଜଣେ ଲେଖାଏ ରହିଛନ୍ତି। ତିର୍ତ୍ତୋଲ ଆକ୍ରାନ୍ତ ମହାରାଷ୍ଟ୍ର ଓ କର୍ଣ୍ଣାଟକରୁ ଆସିଥିବା ବେଳେ ବାଲିକୁଦା ଆକ୍ରାନ୍ତ ଉତ୍ତରପ୍ରଦେଶ ଓ ନାଉଗାଁ ଆକ୍ରାନ୍ତ ହରିୟାଣାରୁ ଫେରିଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫୮ରେ ପହଞ୍ଚିଛି।

---

### ଲୋକପତିନିଧି, ଗ୍ରାମବାସୀଙ୍କୁ ବଜାର ବାରଣ

**ରଘୁନାଥପୁର,୧୫।୬(ଡି.ଏନ୍.ଏ.):** କରୋନା ସଂକ୍ରମଣ ଯୋଗୁ ଲୋକଙ୍କ ମଧ୍ୟରେ ବଢୁଛି ଭେଦଭାବ। ସଙ୍ଗରୋଧ କେନ୍ଦ୍ର ଦାୟିତ୍ୱରେ ଥିବା ଲୋକପ୍ରତିନିଧି ବହୁ ସମୟରେ ପକ୍ଷପାତିତାର ଶିକାର ହେଉଥିବା କହିଛନ୍ତି। ରଘୁନାଥପୁର ଛପଡ଼ା ପଞ୍ଚାୟତ ଅନ୍ତର୍ଗତ ଗନାଇଲ ଗ୍ରାମସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ରହିଥିବା ଜଣେ ପ୍ରବାସୀ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ସମେତ ଗ୍ରାମବାସୀଙ୍କଠାରୁ ଆଖପାଖ ଗ୍ରାମର ଲୋକେ ଦୂରେଇ ଯାଇଛନ୍ତି। ଦୋକାନ, ବଜାର ତଥା ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କୁ ବାରଣ କରାଯାଉଛି।

**ଭେଦଭାବ ବଢ଼ାଇଛି କରୋନା**

ସଙ୍ଗରୋଧ କେନ୍ଦ୍ରରେ ରୋଷେଇ ଦାୟିତ୍ୱ ତୁଲାଉଥିବା ବ୍ୟକ୍ତି ସଂକ୍ରମଣ ଆଶଙ୍କାରେ ଏବେ ସେଠାକୁ ଆସୁନାହାନ୍ତି। ଫଳରେ ସରପଞ୍ଚ ବିଜୟ କୁମାର ସ୍ୱାଇଁ ନିଜେ ଅନ୍ତେବାସୀଙ୍କ ପାଇଁ କିଛି ଦିନ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଏହାକୁ ଲୋକେ ବିରୋଧ କରିଥିଲେ ବୋଲି ସ୍ୱାଇଁ କହିଛନ୍ତି। ସେଭଳି ଉକ୍ତ ଗ୍ରାମର ଜଣେ ୱାର୍ଡସଭ୍ୟ ମଧ ଭେଦଭାବର ଶିକାର ହୋଇଛନ୍ତି ବୋଲି ନାମ ଗୋପନ ରଖି କହିଛନ୍ତି। ଏହି ସମସ୍ୟା ଲାଗିରହିଲେ ପୋଲିସର ସହାୟତା ନେବା ପାଇଁ ସ୍ୱାଇଁ ପ୍ରକାଶ କରିଛନ୍ତି।

---

# ପାଣିଟାଙ୍କି ନିର୍ମାଣରେ ଅନିୟମିତତା

**ରସୁଲପୁର, ୧୫।୬ (ଡି.ଏନ.ଏ)**

ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ସକାଶେ ରାଜ୍ୟ ସରକାରଙ୍କ ପକ୍ଷରୁ ବସୁଧା ଯୋଜନା ଆରମ୍ଭ ହୋଇଛି। ବିପୁଳ ଅର୍ଥ ବ୍ୟୟ କରାଯାଇ ଲୋକମାନଙ୍କୁ ପାଇପ୍ ସାହାଯ୍ୟରେ ପିଇବା ପାଣି ଯୋଗାଇ ଦିଆଯାଉଛି। ଏହି ଯୋଜନାରେ ରସୁଲପୁର ବ୍ଲକ ଅଧୀନ ନଠୁଆବର ପଞ୍ଚାୟତରେ ପାଣି ଟାଙ୍କି ନିର୍ମାଣ ଚାଲିଥିବା ବେଳେ ଏଥିରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଟାଙ୍କି ନିର୍ମାଣ ପାଇଁ ୧.୩୩ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଠିକାଦାର ମିଳିତ ଭାବେ ସରକାରୀ ଅନୁଦାନ ହଡ଼ପ କରିବାକୁ ମସୁଧା ଚାଳାଇଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି।

ଗ୍ରାମବାସୀଙ୍କ କହିବା ମୁତାବକ, ବସୁଧା ଯୋଜନାରେ ଏହି ପାଣି ଟାଙ୍କି କାର୍ଯ୍ୟ ଚାଲୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଠିକ୍ ଭାବେ କାର୍ଯ୍ୟ ତଦାରଖ କରୁନାହାନ୍ତି। ଏହାସହ ସରକାରୀ ଅନୁମୋଦିତ ସିମେଣ୍ଟ, ରଡ୍ ବ୍ୟବହାର କରା ନ ଯାଇ ଶସ୍ତା ସିମେଣ୍ଟ ଓ ରଡ୍‌ରେ ନିର୍ମାଣ କାର୍ଯ୍ୟ କରାଯାଉଛି। ନିର୍ଦ୍ଧାରିତ ସମୟଠାରୁ ମାସାଧିକ ସମୟ ପରେ କାର୍ଯ୍ୟାରମ୍ଭ ହୋଇଥିବା ବେଳେ ବର୍ଷାଦିନ ଆରମ୍ଭ ହେବାର କିଛି ଦିନ ପୂର୍ବରୁ ହିଁ ତରବରିଆ ଭାବେ ଟାଙ୍କି ପାଇଁ ନିଅଁ ପକାଯାଇଛି। ଢଳେଇ ମାଟି ତଳେ ରହୁଥିବାରୁ ସେଥିରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଛି। ମାଟି ଉପରକୁ ୧୬ମି.ମି. ରଡ୍ ବାହାର କରାଯାଇଥିବା ବେଳେ ମାଟି ତଳେ ୧୨ ମି.ମି. ଓ ୮ମି.ମି. ଲୁହାରଡ ଦିଆଯାଇଛି। ଢଳେଇ ସମୟରେ ବାଲି, ଚିପ୍ସ ଭାଗ ଅଧିକ ବ୍ୟବହାର ହୋଇଛି। ଏହାଛଡ଼ା ନିର୍ମାଣ ସ୍ଥଳରେ କାମର ଗୁଣବତ୍ତା ମାପିବା କ୍ୟୁବ ଉପଲବ୍ଧ ନ ଥିବା ବେଳେ ସୂଚନା ଫଳକ ମଧ ଲଗାଯାଇନାହିଁ। ତେବେ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀର ପରୀକ୍ଷଣ ପାଇଁ ଲାବୋରେଟୋରୀକୁ ପଠାଯିବା ସହ ଉକ୍ତ ଟାଙ୍କି ଭଙ୍ଗା ଯାଇ ପୁନଃ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ରଥଙ୍କୁ ପଚାରିବାରେ, କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲାଗି ନ ଥିବା ସ୍ୱୀକାର କରିଛନ୍ତି। ଟାଙ୍କି ନିର୍ମାଣ କାର୍ଯ୍ୟ ୧୫ଦିନ ହେବ ଆରମ୍ଭ ହୋଇଥିବା ବେଳେ ସେ ୩ରୁ ୪ଥର ସେଠାକୁ ଯାଇ କାର୍ଯ୍ୟ ତଦାରଖ କରିଥିବା କହିଛନ୍ତି।



କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲିଛି।

- ବସୁଧା ଯୋଜନାରେ ଅନୁଦାନ ହଡ଼ପ ମସୁଧା
- ପାଣି ଟାଙ୍କିର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
- ଠିକାଦାରଙ୍କ ମନମୁଖି କାର୍ଯ୍ୟ ନେଇ ଅସନ୍ତୋଷ

## ସଂକ୍ଷେପରେ

### ଭଦ୍ରକରେ ଗୋଟିଏ ଦିନରେ ୧୯ ଆକ୍ରାନ୍ତ

**ଭଦ୍ରକ ଅଫିସ, ୧୫।୬:** ଭଦ୍ରକ ଜିଲାରେ ସୋମବାର ଗୋଟିଏ ଦିନରେ ଜିଲାରୁ ୧୯ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୭୭ ଛୁଇଁଛି। ଆକ୍ରାନ୍ତଙ୍କ ମଧ୍ୟରୁ ୧୫୧ ସୁସ୍ଥ ହୋଇ ଘରକୁ ଫେରିଲେଣି। ବର୍ତ୍ତମାନ ୨୬ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ଚିହ୍ନଟ ହୋଇଥିବା ସମସ୍ତେ ସଙ୍ଗରୋଧ ଗୃହର ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆକ୍ରାନ୍ତମାନେ କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲଙ୍ଗାନା, ଦିଲ୍ଲୀ, ତାମିଲନାଡୁ, କେରଳ, ହରିୟାଣା, କୋଲକାତା, ପଶ୍ଚିମବଙ୍ଗ ଓ ଓମାନ ଫେରନ୍ତା ବୋଲି ଜଣାପଡ଼ିଛି।

### ସିଡିପିଓଙ୍କ ବେକରୁ ମଙ୍ଗଳସୂତ୍ର ଲୁଟ୍

**ବାହାନଗା, ୧୫।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକର ସିଡିପିଓ ବାସନ୍ତୀ ମାଇଁ ଚାଲି ଚାଲି ବ୍ଲକକୁ ଯାଉଥିବା ବେଳେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ତାଙ୍କ ପିଛା କରି ବାହାନଗା ବଜାର ଓ ବ୍ଲକ ମଧ୍ୟବର୍ତ୍ତୀ ସ୍ଥାନରେ ସିଡିପିଓଙ୍କ ବେକରୁ ସୁନା ମଙ୍ଗଳସୂତ୍ର ଝାମ୍ପି ନେଇଥିଲେ। ଯାହାର ଓଜନ ୪୦ ଗ୍ରାମ୍‌ରୁ ଅଧିକ। ଏହାର ମୂଲ୍ୟ ଦେଢ଼ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି। ସିଡିପିଓ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଲୁଟେରାଙ୍କ ପତ୍ତା ମିଳିନାହିଁ।

### ଚୋରା କିରୋସିନ ଜବତ, ଜଣେ ଗିରଫ

**ବାସୁଦେବପୁର, ୧୫।୬(ଡି.ଏନ.ଏ.):** ବାସୁଦେବପୁର-ଇଚ୍ଛାପୁର ରାସ୍ତାର ମେଙ୍ଗିଛକଠାରେ ରବିବାର ବାସୁଦେବପୁର ପୋଲିସ ଚଢ଼ାଉ କରି ୪୫ ଲିଟର ଚୋରା କିରୋସିନ ଜବତ କରିଛି। ଏହି ଘଟଣାରେ ପୋଲିସ ମାମଲା(ନଂ. ୧୪୩/୨୦) ରୁଜୁ କରି ଚୋରା ବେପାରୀ ନାୟକାଣିଡିହୀ ଥାନା କୋଡ଼ବାଟିଆ ଗ୍ରାମର ରମାକାନ୍ତ ଦାସଙ୍କୁ ଗିରଫ କରିଛି।

### ପାଖର ପଞ୍ଚାୟତ ଶଟ୍‌ଡାଉନ୍

**ସୋର,୧୫।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ବ୍ଲକ ପାଖର ପଞ୍ଚାୟତର ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀ ରଜ ଉପଲକ୍ଷେ ଭିଡ଼କୁ ଦୃଷ୍ଟିରେ ରଖି ସମଗ୍ର ପଞ୍ଚାୟତକୁ ଗତ ରବିବାର ରାତି ୧୨ଟାରୁ ମଙ୍ଗଳବାର ରାତି ୧୨ଟା ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଉକ୍ତ ସମୟରେ ଅତ୍ୟାବଶ୍ୟକ ଦୋକାନ ଖୋଲା ରହିବା ସହିତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଛି।

### ବଜ୍ରପାତରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ବାରିପଦା ଅଫିସ/ରାଇରଙ୍ଗପୁର, ୧୫।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ପଢିଆ ଗ୍ରାମ ନିକଟରେ ସୋମବାର ବଜ୍ରପାତରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଝାରପୋଖରିଆ ଥାନା ଅଧୀନ ପାନ୍ଧଡା ଗ୍ରାମର ଅଜୟ୍ କୁମାର ଗୋଚ୍ଛାୟତ। ଆହତ ଅଞ୍ଜନା ଗୋଚ୍ଛାୟତଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଅପରାହ୍ନରେ ସ୍ୱାମୀ ସ୍ତ୍ରୀ ଏକ ସ୍କୁଟିରେ ୨୨୦ ନଂ ଜାତୀୟ ରାଜପଥରେ ଘରକୁ ଫେରୁଥିବା ବେଳେ ପଢିଆ ନିକଟରେ ବଜ୍ରପାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ଅଜୟଙ୍କ ମୃତ୍ୟୁ ଘଟିଥିଲା।

### ନୟାଗଡ଼ ରେଲୱେ ସାଇଡିଂରେ ଦୁର୍ଘଟଣା, ହେଲ୍‌ପର ମୃତ

**କେନ୍ଦୁଝର,୧୫।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅଧୀନ ନୟାଗଡ଼ ରେଲୱେ ସାଇଡିଂରେ ରବିବାର ରାତିରେ ଏକ ଟିପ୍ପର ଧକ୍କାରେ ଜଣେ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯୋଡ଼ା ବ୍ଲକ ବଳଦା ପଞ୍ଚାୟତ ଅନ୍ତର୍ଗତ ସିଲିଯୋଡ଼ା ବେଲହାଟିଂର ବୀରସିଂ ସିଷ୍ଠୁ(୩୫)। ମାଲ୍ ଅନଲୋଡ୍ କରି ସେ ତାଙ୍କ ଗାଡ଼ିରେ ଚଢୁଥିବା ବେଳେ ଏକ ଟିପ୍ପର ପଛୁଆ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁଘଟିଥିଲା। ଦୁର୍ଘଟଣା ପରେ ଟିପ୍ପରଟି ସେଠାରୁ ଚମ୍ପଟ ମାରିଥିଲା। ମୃତକଙ୍କ ସ୍ତ୍ରୀ ଓ ୩ଟି ପିଲା ଥିବା ବେଳେ ସେମାନେ ଏବେ ବେସାହାରା ହୋଇଯାଇଛନ୍ତି। ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅସ୍ତ୍ରୋପଚାରରେ ତ୍ରୁଟି: ଯୁବତୀଙ୍କ ମୃତ୍ୟୁ ଅଭିଯୋଗ

## ମୃତଦେହ ରଖି ପରିବାର ପକ୍ଷରୁ ଧାରଣା

**ସୋର, ୧୫।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଉତ୍ତରେଶ୍ୱରଠାରେ ଥିବା ଏକ ଘରୋଇ ନର୍ସିଂହୋମ୍‌ରେ ଅସ୍ତ୍ରୋପଚାରରେ ତ୍ରୁଟି ଯୋଗୁ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ଯୁବତୀଙ୍କ ମୃତଦେହକୁ ନର୍ସିଂହୋମ୍ ସମ୍ମୁଖରେ ରଖି ତାଙ୍କ ପରିବାର ଓ ସମ୍ପର୍କୀୟମାନେ ଧାରଣାରେ ବସିଛନ୍ତି। ମୃତ ଯୁବତୀ ହେଲେ କୌଶଲ୍ୟା ମହାରଣା(୧୮)। ତାଙ୍କ ଘର ସୋର ଥାନା ମହୁମୁହାଣ ପଞ୍ଚାୟତ ଆଙ୍ଗୁଳା ଗ୍ରାମରେ।

କୌଶଲ୍ୟା ଆପେଣ୍ଡିସାଇଡ୍ ଅସ୍ତ୍ରୋପଚାର ପାଇଁ ରବିବାର ପୂର୍ବାହ୍ନରେ ଉକ୍ତ ନର୍ସିଂହୋମ୍‌ରେ ଭର୍ତ୍ତି ହୋଇଥିଲେ। ଅପରେଶନ ପରେ ସୋମବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ନର୍ସିଂହୋମ୍ ତରଫରୁ ଯୁବତୀଙ୍କୁ ବାହାନଗା ଡାକ୍ତରଖାନାକୁ ନେଇଯିବା ପାଇଁ ପରିବାର ଲୋକଙ୍କୁ କୁହାଯାଇଥିଲା। ପରିବାର ଲୋକେ ଏକ ଆମ୍ବୁଲାନ୍ସ ଦ୍ୱାରା ବାହାନଗା ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମୃତଦେହ ନେଇ ଆସି ନର୍ସିଂହୋମ୍ ସମ୍ମୁଖରେ ରଖି ଧାରଣାରେ ବସିଥିଲେ। ଅସ୍ତ୍ରୋପଚାରରେ ତ୍ରୁଟି ଯୋଗୁ କୌଶଲ୍ୟାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଅଞ୍ଚଳବାସୀ ପହଞ୍ଚି ମୃତକ ପରିବାରଙ୍କୁ କ୍ଷତିପୂରଣ ଦାବି କରିଥିଲେ। ଗ୍ରାମର କେତେଜଣ ବ୍ୟକ୍ତି ଏହାର ସମାଧାନ ନିମନ୍ତେ ନର୍ସିଂହୋମ୍‌ର ମାଲିକଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ଧାରଣା ଜାରି ରହିଥିଲା।



ନର୍ସିଂହୋମ୍ ସମ୍ମୁଖରେ ଉତ୍ତେଜିତ ପରିବାର ଲୋକେ।

# ବିଶ୍ରାମ ନେବା ବେଳେ ଚିରନିଦ୍ରାରେ ଶୋଇଗଲେ

## ଡାଇବେଟିସ୍ ପରୀକ୍ଷା ପାଇଁ ଆସିଥିଲେ

**ବାଲେଶ୍ୱର ଅଫିସ, ୧୫।୬**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଡାଇବେଟିସ୍ ପରୀକ୍ଷା ପାଇଁ ଆସିଥିବା ଜଣେ ୬୦ବର୍ଷୀୟ ବୃଦ୍ଧ ଫାଣ୍ଡି ସମ୍ମୁଖ ଗଛ ମୂଳେ ବିଶ୍ରାମ ନେଉଥିବା ବେଳେ ଚିରନିଦ୍ରାରେ ଶୋଇଯାଇଛନ୍ତି। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ସେଠାରେ ଉପସ୍ଥିତ ଲୋକ ଚକିତ ହୋଇପଡିଥିଲେ। ଏହି ଘଟଣା ଘଟିଛି ସୋମବାର ପୂର୍ବାହ୍ନ ସାଢ଼େ ୧୧ଟା ବେଳେ।

ବାଲିଆପାଳ ଅଞ୍ଚଳର ପଦ୍ମଲୋଚନ ଦାସ ଡାଇବେଟିସ୍ ପରୀକ୍ଷା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ପ୍ରଥମେ ଚିକିତ୍ସାଳୟରୁ ଟିକେଟ ସଂଗ୍ରହ କରି ରକ୍ତ ପରୀକ୍ଷା କେନ୍ଦ୍ରରେ ଫାଷ୍ଟିଙ୍ଗ୍ ପରୀକ୍ଷା କରିଥିଲେ। କିଛି ସମୟ ପରେ ଆହାର କେନ୍ଦ୍ରକୁ ଭୋଜନ ନିମନ୍ତେ ଆସିଥିଲେ। ଉକ୍ତ ସମୟରେ ତାଙ୍କର ସମ୍ପର୍କୀୟ ଭାଣିଜୀ ଓ ଭାଣିଜୀଜ୍ୱାଇଁଙ୍କ ସହ ଦେଖା ହୋଇଥିଲା। ଭୋଜନ ପରେ ପୁନର୍ବାର ଡାଇବେଟିସ୍ ପରୀକ୍ଷା କରି ଘରକୁ ଫେରିବା କଥା କହିଥିଲେ। ଭୋଜନ ସାରିବା ପରେ ସେ ଫାଣ୍ଡି ସମ୍ମୁଖରେ ଥିବା ଗଛମୂଳ ପକ୍କା ପିଣ୍ଡିରେ ବିଶ୍ରାମ ନେଇଥିଲେ। ଦେହ ଅସୁସ୍ଥ ଲାଗିବାରୁ ସେ ସେଠାରେ ଶୋଇପଡ଼ିଥିଲେ। ଦୀର୍ଘସମୟ ପର୍ଯ୍ୟନ୍ତ ସେ ନ ଉଠିବାରୁ ଲୋକେ ତାଙ୍କୁ ଉଠାଇ ଓପିଡ଼ିକୁ ନେଇଯାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କର ସମ୍ପର୍କୀୟ ଭାଣିଜୀ ଓ ଭାଣିଜୀଜ୍ୱାଇଁ ମୃତଦେହ ଚିହ୍ନଟ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଫାଣ୍ଡି ପୋଲିସ୍ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ମିଟର ବସିଛି, ଆଲୁଅ ଜଳୁନି

**କେନ୍ଦୁଝର, ୧୫।୬(ସ୍ୱ.ପ୍ର.)**

ଉପଯୁକ୍ତ ତଦାରଖ ଅଭାବରୁ କେନ୍ଦୁଝର ଜିଲାର ବହୁ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପଡିଛି, ଘରଗୁଡ଼ିକରେ ମିଟର ଓ ପାଇପ୍ ଲଗାଯାଇଛି କିନ୍ତୁ ଲୋକମାନେ ବର୍ଷ ବର୍ଷ ଧରି ଅନ୍ଧାରରେ ରହୁଛନ୍ତି। ଏଭଳି ଦୃଷ୍ଟାନ୍ତ ହରିଚନ୍ଦନପୁର ବ୍ଲକ ପୀଠଗୋଳା ଗ୍ରାମ ଘୋଡାମୁଣ୍ଡା ସାହି (୧୧ନଂ. ୱାର୍ଡ)ରେ ଦେଖିବାକୁ ମିଳିଛି। ଏହି ସାହିରେ ୩୦ ଆଦିବାସୀ ଓ ଅନ୍ୟ ସମ୍ପ୍ରଦାୟର ପରିବାର ବସବାସ କରୁଛନ୍ତି। ଜିଲା ମୁଖ୍ୟାଳୟ ଠାରୁ ପ୍ରାୟ ୫୦କି.ମି. ଦୂର ଦୁର୍ଗମ ଇଲାକାର ଏହି ଗ୍ରାମରେ ବିଦ୍ୟୁତ ସାତ ସପନ ହୋଇଛି। ୨୦୧୯ରେ ବିଦ୍ୟୁତ୍ ସଂଯୋଗ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏହା ଦେଖି ଗ୍ରାମବାସୀ ଖୁସି ହୋଇଥିଲେ। ତେବେ ଖୁଣ୍ଟ ପଡ଼ିଲା ଏବଂ ପ୍ରତ୍ୟେକ ଘରେ ବଲ୍ଲି ପାଇପ ଓ ତାର ଟଣାଯାଇ ମିଟର ବସାଗଲା। ବିଦ୍ୟୁତ୍ ଆଲୋକ ଦେଖିବା ପାଇଁ ଲୋକେ ଅପେକ୍ଷା କରିଥିଲେ। ଇତି ମଧ୍ୟରେ ବର୍ଷେ ବିତିଥିଲେ ହେଁ ଗ୍ରାମବାସୀ ଆଲୁଅ ଦେଖିପାରି ନାହାନ୍ତି। ଏନେଇ ଗ୍ରାମବାସୀ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟକୁ ଧାଇଁ ନୟାନ୍ତ ହୋଇଥିଲେ ହେଁ ଆଲୋକ ଦେଖିପାରିନାହାନ୍ତି ବୋଲି ସ୍ଥାନୀୟ ଅଧିବାସୀ ଦୁଃଖବନ୍ଧୁ ସାହୁ କହିଛନ୍ତି। ଗତ ଡିସେମ୍ବର ମାସରେ ଅଭିଯୋଗ କରିବା ପରେ ୭ ଦିନ ମଧ୍ୟରେ ବିଦ୍ୟୁତ୍ ଯୋଗାଣ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଅଦ୍ୟାବଧି ବିଦ୍ୟୁତ ସେବା ମିଳିନାହିଁ। ଏଣୁ ଏନେଇ ଶକ୍ତି ସଚିବ ଓ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବୁ ବୋଲି ସ୍ଥାନୀୟ ମଙ୍ଗଲୁ ଦେହୁରୀ, ବାସୁଦେବ ଦେହୁରୀ, ରଞ୍ଜନା ଦେହୁରୀ ସମେତ ଅନ୍ୟ ଆଦିବାସୀମାନେ ମତବ୍ୟକ୍ତ କରିଛନ୍ତି।

# ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ, ଥାନାରେ ମାମଲା

**ବାରିପଦା ଅଫିସ,୧୫।୬**

ମୟୂରଭଞ୍ଜ ଜିଲା ବାରିପଦା ତହସିଲ ଅଧୀନ ଆରଆଇ-୩ର ରାଜସ୍ୱ ନିରୀକ୍ଷକ ତନ୍ମୟ ରଞ୍ଜନ ସାହୁଙ୍କୁ ଆକ୍ରମଣ କରାଯାଇଥିବା ନେଇ ସୋମବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ରାଜସ୍ୱ ନିରୀକ୍ଷକ ସାହୁ ଦେବେନ୍ଦ୍ରପୁରଠାରେ ଥିବା ଜବରଦଖଲ ଜମିର ମାପଚୁପ କରିବାକୁ ଯାଇଥିବା ସମୟରେ ସେଠାରେ କେତେଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୬୭/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଛି।



ଯୋଡା ପଞ୍ଚାୟତ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିବା ଅଞ୍ଚଳବାସୀ।

# ସରପଞ୍ଚଙ୍କୁ ଘେରିଲେ ଗ୍ରାମବାସୀ

## ରେଳସାଇଡିଂରୁ ମିଳିଥିବା ଆର୍ଥିକ ସହାୟତା ରାଶି ହଡପ ଅଭିଯୋଗ

**ଯୋଡା, ୧୫।୬(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡା ବ୍ଲକ ଜଲହରି ଗ୍ରାମପଞ୍ଚାୟତରେ ଥିବା ଏସେଲ ଖଣି କମ୍ପାନୀର ଆପାହାତୁ ରେଳସାଇଡିଂରୁ ମିଳିଥିବା ଆର୍ଥିକ ସହାୟତା ରାଶିକୁ ହଡପ କରାଯାଇଥିବା ଅଭିଯୋଗ କରି ସ୍ଥାନୀୟ ଜଲହରି ଅଞ୍ଚଳବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କୁ ଘେରିଥିଲେ। ଜଲହରି ପଞ୍ଚାୟତର କେମେସି ହଟିଂ, କ୍ରେତ ହଟିଂ, ଆଇସିସି, ନ୍ୟୁକଲୋନୀ, ଜଲହରି ବସ୍ତି ଆଦି ଗ୍ରାମର ଶତାଧିକ ମହିଳାପୁରୁଷ ସୋମବାର ଏକାଠି ହୋଇ ଅଭିଯୋଗ ଆଣିଥିଲେ। କେମେସି ହଟିଂର ନିରଞ୍ଜନ ମୁଣ୍ଡା, ରାଜେନ ମୁଣ୍ଡା, ରାଜୁ ପାତ୍ର, ବାସୁ ମୁଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ବିଗତ ପ୍ରାୟ ୫ମାସ ପୂର୍ବରୁ ଏସେଲ କମ୍ପାନୀର ଆପାହୁତଠାରେ ରେଳସାଇଡିଂ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ ସାଇଡିଂରେ ଜଲହରି ପଞ୍ଚାୟତବାସୀ ନିଯୁକ୍ତି ଦାବି କରିଥିଲେ। ମାତ୍ର ଖଣି କର୍ତ୍ତୃପକ୍ଷ ସମସ୍ତ ଗ୍ରାମବାସୀଙ୍କୁ ନିଯୁକ୍ତି ଦେବା ଅସମ୍ଭବ ବୋଲି କହି ରେଳସାଇଡିଂରେ ଖଣିଜ ବୋଝେଇ ହେଉଥିବା ର୍ୟାକ୍‌ରେ ଟନ୍ ପିଛା ୮ ଟଙ୍କା ହିସାବରେ ସ୍ଥାନୀୟ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ଦେବା ପାଇଁ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟାଙ୍କ ସହିତ ଚୁକ୍ତି କରିଥିଲେ। ଏହି ଚୁକ୍ତି ଅନୁଯାୟୀ, ଉକ୍ତ ରେଳସାଇଡିଂରେ କାର୍ଯ୍ୟ ହୋଇଥିବା ଟଙ୍କାକୁ ସରପଞ୍ଚ ଓ ସମିତି ସଭ୍ୟ ଉଠାଇ ନେଇ ନିଜ ନିଜର ସମର୍ଥକମାନଙ୍କୁ ବାଣ୍ଟି ଦେଇଥିବା ବେଳେ ଅନ୍ୟମାନଙ୍କୁ ଦେଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। କରୋନା ବେଳେ ଗ୍ରାମବାସୀ କାମ ହରାଇଥିବାରୁ ଏହି ଟଙ୍କାକୁ ସେମାନେ ଆଶ୍ରା କରିଥିଲେ। ସୋମବାର ଜଲହରି ସରପଞ୍ଚ ମିତା ମୁଣ୍ଡା କାର୍ଯ୍ୟାଳୟରେ ପହଞ୍ଚିବା ବେଳକୁ ପୂର୍ବରୁ ଏକାଠି ହୋଇଥିବା ଶତାଧିକ ମହିଳାପୁରୁଷ ସରପଞ୍ଚଙ୍କୁ ଘେରି ଯାଇଥିଲେ। ଉକ୍ତ ସହାୟତା ରାଶିର ହିସାବ ମାଗିବା ସହିତ ମିଳିଥିବା ଆର୍ଥିକ ସହାୟତା ରାଶି ବଣ୍ଟନରେ କାହିଁକି ପାତରଅନ୍ତର କରାଗଲା ବୋଲି ପ୍ରଶ୍ନ କରିଥିଲେ। ସରପଞ୍ଚ ମୁଣ୍ଡା ଏହାକୁ ସ୍ୱୀକାର କରି ଆଗାମୀ ଦିନରେ ଏପରି କାର୍ଯ୍ୟ କରାଯିବ ନାହିଁ ବୋଲି ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁଇ ଦିନ ମଧ୍ୟରେ ଉକ୍ତ ଟଙ୍କାର ହିସାବ ଦେବା ସହିତ ଯେଉଁମାନେ ଆର୍ଥିକ ସହାୟତା ରାଶି ପାଇନାହାନ୍ତି ସେମାନଙ୍କୁ ଉକ୍ତ ରାଶି ପ୍ରଦାନ କରାଯିବ ବୋଲି ସରପଞ୍ଚ କହିଛନ୍ତି। ସରପଞ୍ଚଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ଅଭିଯୋଗକାରୀମାନେ ବିକ୍ଷୋଭରୁ ହଟିଥିଲେ। ହେଲେ ୨ଦିନ ମଧ୍ୟରେ ଏହାର ସମାଧାନ କରା ନ ଗଲେ ପୁଣି ସେମାନେ ସରପଞ୍ଚଙ୍କୁ ଘେରିବେ ବୋଲି ଚେତାବନୀ ଦେଇଛନ୍ତି। ସରପଞ୍ଚ ମିତା ମୁଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ୨ ଦିନ ମଧ୍ୟରେ ହିସାବ କରି କ୍ଷତିଗ୍ରସ୍ତମାନଙ୍କୁ ଟଙ୍କା ଦିଆଯିବ।

# ବ୍ୟାସକବିଙ୍କ ଶ୍ରାଦ୍ଧବାର୍ଷିକୀରେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା

**ବାଲେଶ୍ୱର ଅଫିସ,୧୫।୬**

ଓଡ଼ିଆ ଭାଷା ସାହିତ୍ୟର ତ୍ରାଣକର୍ତ୍ତା, ଭାଷା ଆନ୍ଦୋଳନର ସେନାପତି, ସଂକ୍ରାନ୍ତି ପୁରୁଷ, ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୦୨ତମ ଶ୍ରାଦ୍ଧବାର୍ଷିକୀରେ ବାଲେଶ୍ୱର ସହର ଶାନ୍ତିକାନନଠାରେ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ସୋମବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୂର୍ବାହ୍ନ ୭ଟା ସମୟରେ ସମାଧିପୀଠ ଓ ଛତୁଆ ପୋଖରୀଠାରେ ତିଳତର୍ପଣ ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ପରେ ଶାନ୍ତିକାନନଠାରେ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସାମାଜିକ ଦୂରତା ରକ୍ଷା କରି ସୀମିତ କାର୍ଯ୍ୟକ୍ରମ କରାଯାଇଥିଲା। ସମ୍ପାଦକ ଡ. କୁମାର ଗୋପାଳଙ୍କ ସହ ସଭାପତି ଡ. ଶିରିଶ ଚନ୍ଦ୍ର ଜେନା, ପୂର୍ବତନ ସଭାପତି ହରିଶ୍ଚନ୍ଦ୍ର ବେହେରା ଓ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସ, ପ୍ରଦୀପ ଚାଟାର୍ଜୀ, ତପନ ରାୟ, କଲ୍ୟାଣୀ ନନ୍ଦ, ନିବାରଣ ଜେନା, ଦୀପକ ବୋଷ, ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ ରାଉତ, କାଳୀପଦ ପଣ୍ଡା, ଅଶୋକ ସେନାପତି, ଡ. ସାରଙ୍ଗଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମଗ୍ର ବିଶ୍ୱ କରୋନା ମହାମାରୀ ପାଇଁ ଲଢୁଥିବା ବେଳେ ଶାନ୍ତିକାନନ ପରିସରରେ ପରିଷଦ ପକ୍ଷରୁ ସମଗ୍ର ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା।

ଅନ୍ୟପକ୍ଷରେ ଜିଲା ବିଜୁ ଯୁବ ଜନତା ପକ୍ଷରୁ ଫକୀରମୋହନ ଗୋଲେଇସ୍ଥିତ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଛତୁଆପୋଖରୀଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲା ବିଜୁ ଯୁବ ଜନତା ସଭାପତି ଶୁଭେନ୍ଦୁ ମଙ୍ଗରାଜ, ନଗର ସଭାପତି ସଞ୍ଜୀବ ଦାସ, ଉପସଭାପତି ଏସ୍‌କେ ଅନ୍‌ସର, ଯୁବନେତା ମନୋଜ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଶାନ୍ତିକାନନଠାରେ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

# ଟ୍ରକ୍ ଧକ୍କାରେ ୨ମୃତ, ୨ଗୁରୁତର

**କେନ୍ଦୁଝର,୧୫।୬ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅଧୀନ ୨୦ନଂ. ଜାତୀୟ ରାଜପଥର ଶିଙ୍ଗୁକଳା ଗ୍ରାମ ନିକଟରେ ସୋମବାର ଏକ ଟ୍ରକ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସେହି ଗ୍ରାମର ପଙ୍କଜ ମୁଣ୍ଡା ଓ ବିଷ୍ଣୁ ମୁଣ୍ଡା। ଗୁରୁତର୍ ଆହତ କୃଷ୍ଣମୁଣ୍ଡା ଓ ସୁନିଲ ମୁଣ୍ଡାଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ଏକ ନୂଆ ବାଇକ୍‌ରେ ୪ଜଣ ଯାଉଥିଲେ। ଶିଙ୍ଗୁକଳା ନିକଟରେ ଗୋଟିଏ ୧୪ଚକିଆ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତାରେ ଛିଟିକି ପଡ଼ିବା ସହ ଗୁରୁତର୍ ଆହତ ହୋଇଥିଲେ। ଆହତମାନଙ୍କୁ ପ୍ରଥମେ ଚମ୍ପୁଆ ମେଡ଼ିକାଲ ଓ ପରେ କେନ୍ଦୁଝର ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ପଙ୍କଜ ଓ ବିଷ୍ଣୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଝୁମ୍ପୁରା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଅଟକ ରଖିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# କଟକଣା ଭିତରେ ରଜ ପାଳନ

**ଖଇରା, ୧୫।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ରଜ କଟକଣା ମଧ୍ୟରେ ପାଳନ କରାଯାଉଛି। ଝିଅମାନେ ସାମାଜିକ କଟକଣା ମଧ୍ୟରେ ଦୋଳି ଖେଳୁଥିବା ବେଳେ ଅଳତା ମେହେନ୍ଦିରେ ସଜେଇ ହେଉଥିବାର ଦେଖିବାକୁ ମିଳୁଛି। ଲୋମାନେ ଘରେ ପିଠାପଣାର ଆନନ୍ଦ ନେଉଛନ୍ତି। ସେହିଭଳି ବ୍ଲକର ଭୁଆଁଲଗଡିଆ, ସିମୁଳିଆ, ନଚ୍ଛିପୁର, ନହଙ୍ଗ ଆଦି ସ୍ଥାନରେ ବିନା ଗହଳିରେ ପୂଜା ଯଥାରିତି ନୀତିରେ ସମ୍ପର୍ଣ୍ଣ ହେଉଛି।



ଝିଅମାନେ ଦୋଳି ଖେଳୁଛନ୍ତି।

# ନ୍ୟାୟ ପାଇଁ ଶତାଧିକ ମହିଳା ଥାନାର ଦ୍ୱାରସ୍ଥ

**ଆନନ୍ଦପୁର, ୧୫।୬(ସ୍ୱ.ପ୍ର.)**

ଦୁଇ ବର୍ଷ ଧରି କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଖଡିପାଳ ଗ୍ରାମ ଫୁଲବାଳି ସାହିସ୍ଥିତ ନିଜ ଭିଣୋଇ ଜଗବନ୍ଧୁ ବେହେରାଙ୍କ ଘରେ ରହି ପାଠ ପଢୁଥିବା ନାବାଳକ ଜିତେନ୍ଦ୍ରଙ୍କ ମୃତଦେହ ନିକଟସ୍ଥ ଆମ୍ବତୋଟାରୁ ମିଳିଥିଲା। ତାଙ୍କ ମୃତ୍ୟୁ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ଆନନ୍ଦପୁର ଥାନା ଖଡିପାଳ ଗ୍ରାମର ଶତାଧିକ ମହିଳା ସୋମବାର ଅପରାହ୍ନରେ ଥାନା ଦ୍ୱାରସ୍ଥ ହୋଇଛନ୍ତି। ଏହାର ତଦନ୍ତ କରି ଦୋଷୀଙ୍କୁ ଦଣ୍ଡଦେବା ପାଇଁ ପୁନର୍ବାର ଆନନ୍ଦପୁର ଥାନା ଅଧିକାରୀ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଆନନ୍ଦପୁର ଥାନା ଅଧିକାରୀ ଗଗନ ବିଶ୍ୱାଳ ଜିତେନ୍ଦ୍ରଙ୍କ ମୃତ୍ୟୁ ଘଟଣାର ତଦନ୍ତ ଚାଲିଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଆଉ ମାତ୍ର ଦୁଇ ଦିନ ମଧ୍ୟରେ ଜିତେନ୍ଦ୍ରଙ୍କ ମୃତ୍ୟୁ ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ସେ ସୂଚନା ଦେଇଛନ୍ତି।

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଜଳିପଦା ଗ୍ରାମର ବାବୁଲି ନାୟକଙ୍କ ପୁଅ ଜିତୁ ନାୟକ (୧୪) ଭିଣୋଇଙ୍କ ଘରେ ରହି ପାଖ ସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ୯ତାରିଖ ରାତିରେ ସେ ଘରେ ଖାଇ ଶୋଇଥିବା ପରିବାରବର୍ଗ ଦେଖିଥିବା ବେଳେ ୧୦ତାରିଖ ସକାଳେ ଜିତୁ ଘରେ ନ ଥିବା ସେ ଦେଖିବାକୁ ପାଇଥିଲେ। ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ଗାଁମୁଣ୍ଡରେ ଥିବା ଏକ ଆମ୍ବତୋଟାରେ ଜିତୁ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ଆନନ୍ଦପୁର ଥାନା ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା କରାଇଥିଲେ। ପରବର୍ତ୍ତୀ ସମୟରେ ପରିବାର ଲୋକେ ମୃତକ ଜିତେନ୍ଦ୍ରଙ୍କ ପଢାବହିରୁ ଏକ ଝିଅ ସହିତ ପ୍ରେମ ସମ୍ପର୍କ ଥିବା ସୂଚନା ପାଇଥିଲେ। ଫଳରେ ଜିତେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଘନୀଭୂତ ହୋଇଥିଲା। ଜଗବନ୍ଧୁ ଗତ ୧୧ତାରିଖରେ ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଜିତେନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଦୀର୍ଘ ୬ଦିନ ଧରି ପୋଲିସ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ କରି ସୋମବାର ଗ୍ରାମର ଶତାଧିକ ମହିଳା ବର୍ଷା ସତ୍ତ୍ୱେ ଚାଲି ଚାଲି ଆସି ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ।



ମହିଳାମାନେ ଥାନା ଘେରାଉ କରିଛନ୍ତି।

## ସଂକ୍ଷେପରେ

### ସଙ୍ଗରୋଧ କେନ୍ଦ୍ରରୁ ସମସ୍ତଙ୍କ ସ୍ୱାବ୍ ପରୀକ୍ଷା ଦାବି

କବିସୂର୍ଯ୍ୟନଗର,୧୫ା୬-କବିସୂର୍ଯ୍ୟନଗରରେ ୧୭ ହଜାର ପ୍ରବାସୀ ବିଭିନ୍ନ ସଙ୍ଗରୋଧରେ ରହୁଛନ୍ତି। ତେବେ କାହାରି ସ୍ୱାବ୍ ପରୀକ୍ଷା କିମ୍ବା ଥର୍ମାଲ ସ୍କ୍ରିନିଂ ହୋଇ ନ ଥିବା ସଙ୍ଗରୋଧ ଅନ୍ତେବାସୀ ଅଭିଯୋଗ ଆଣିଛନ୍ତି। ଏଭଳି ସ୍ଥିତିରେ ମୋଟ ୧୬ ପଜିଟିଭ କବିସୂର୍ଯ୍ୟନଗର ଅଞ୍ଚଳରେ ଦେଖାଯାଇଥିବା ସ୍ୱାସ୍ଥ୍ୟାଧିକାରୀ ଡ଼ା. ସୁଶାନ୍ତ କୁମାର ସୂଚନା ଦେଇଛନ୍ତି। ଯାହା ଲାଗି ପ୍ରବାସୀଙ୍କ ମଧ୍ୟରେ ଗ୍ରାମରେ କୋକୁଆ ଭୟ ଖେଳିଯାଇଛି। ଏଭଳି ପରିସ୍ଥିତିରେ ସମସ୍ତ ପ୍ରବାସୀଙ୍କ ସ୍ୱାବ୍ ପରୀକ୍ଷା କରିବାକୁ ଦାବି ହେଉଛି।

### ବଜ୍ରପାତରେ ମହିଳା ମୃତ

ଭଞ୍ଜନଗର,୧୫ା୬(ଡି.ଏନ.ଏ)-ଭଞ୍ଜନଗର ଅଞ୍ଚଳରେ ସୋମବାର ଅପରାହ୍ଣ ପ୍ରାୟ ୪ଟାରେ ବଜ୍ରପାତ ସହ ବର୍ଷା ହୋଇଥିଲା। ବଜ୍ରପାତରେ ଭଞ୍ଜନଗର ଥାନା ଅନ୍ତର୍ଗତ ଗୋଲାପଡ଼ାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରତ୍ନା ପାଳ। ବିଲରୁ କାମ ସାରି ଫେରିବା ବେଳେ ରତ୍ନା ବଜ୍ରପାତରେ ଟଳି ପଡ଼ିଥିଲେ। ତାଙ୍କୁ ଭଞ୍ଜନଗର ଡାକ୍ତରଖାନା ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଗତ କିଛିଦିନ ହେଲା ବର୍ଷା ପବନ ହେଲେ ଭଞ୍ଜନଗରରେ ବିଦ୍ୟୁତ୍ ଚାଲିଯାଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

### ପୃଥକ ଚାଷ ଜମିରେ ୨ ଚାଷୀ ମୃତ

ଦିଗପହଣ୍ଡି/ପାତ୍ରପୁର, ୧୫ା୬ (ଡି.ଏନ.ଏ.)- ଗଞ୍ଜାମ ଜିଲା ଦିଗପହଣ୍ଡି ଓ ପାତ୍ରପୁର ବ୍ଲକ ଅଞ୍ଚଳରେ ସୋମବାର ଚାଷ ଜମିରେ ୨ ଚାଷୀଙ୍କ ମୃତ୍ୟୁ ଘଟିଛି। ଦିଗପହଣ୍ଡି ବ୍ଲକ ନୂଆଗୁମ୍ଫା ଗ୍ରାମ ନିକଟ ଚାଷଜମିରୁ ଫାଶୀଗୁଡ଼ା ପଞ୍ଚାୟତ ଜକମେରୀପଲ୍ଲୀ ଗ୍ରାମର କଂଗ୍ରେସ ପ୍ରଧାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। କଂଗ୍ରେସ ସୋମବାର ପୂର୍ବାହ୍ଣ ପ୍ରାୟ ୧୧ଟାରେ ଚାଷଜମିକୁ ଯାଇ ଆଉ ଫେରି ନ ଥିଲେ। ଅପରାହ୍ଣରେ ଜଣେ ଛେଳିଚରାଳି ଜମିରେ ଏକ ମୃତଦେହ ପଡିଥିବା ଦେଖି ଗାଁ ଲୋକଙ୍କୁ ଜଣାଇଥିଲେ। କଂଗ୍ରେସଙ୍କ ପରିବାର ଲୋକ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଦିଗପହଣ୍ଡି ଥାନା ଏସ ଆଇ ମାଧବ ଚନ୍ଦ୍ର ଟାକରିଙ୍କ ସହ ପୋଲିସ କର୍ମଚାରୀମାନେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଏ ନେଇ ଅପମୃତ୍ୟୁ ମାମଲା (ନଂ. ୫/୨୦) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଯାଇଛି। ସେହିପରି ପାତ୍ରପୁର ବ୍ଲକ ଖରଣୀପଡ଼ା ପଞ୍ଚାୟତ ଆମୁଣ୍ଡି ଗ୍ରାମ ନିକଟ ଚାଷ ଜମିରେ କୃତିବାସ ମହାନ୍ତି (୭୨)ଙ୍କ ମୃତ୍ୟୁ ଘଟିଛି। ସ୍ତ୍ରୀଙ୍କ ସହ କୃତିବାସ ବିଲକୁ ଯାଇ କିଛି ସମୟ କାମ କରିବା ପରେ ହଠାତ ଅସୁସ୍ଥ ଅନୁଭବ କରିଥିଲେ। ଛାତିରେ ଯନ୍ତ୍ରଣା ହେଉଥିବା କହି ଜମି ହିଡ଼ରେ ବସି ସେ ଟଳି ପଡ଼ିଥିଲେ।

### ସଙ୍ଗରୋଧରେ ଗଲେ ଡାକ୍ତର, କ୍ଲର୍କ

ବୁଗୁଡ଼ା,୧୫ା୬(ଡି.ଏନ.ଏ)-କ୍ୱାରାଣ୍ଟାଇନ୍ ସେଣ୍ଟରରେ ୭ ଦିନ ରହି ଫେରିବାର ୧୨ ଦିନ ପରେ ବୁଗୁଡ଼ା ଅଞ୍ଚଳର ଜଣେ ସୁରଟ ଫେରନ୍ତା କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ଘରେ ସଙ୍ଗରୋଧରେ ନ ରହି ବିଭିନ୍ନ ସ୍ଥାନକୁ ବୁଲାବୁଲି କରିଥିବା ଓ ଅସୁସ୍ଥ ହେବା ପରେ ଗ୍ରାମର ଜଣେ କ୍ଲର୍କ ଓ ବୁଗୁଡ଼ା ମେଡିକାଲର ଜଣେ ମହିଳା ଡାକ୍ତରଙ୍କ ପାଖକୁ ଯାଇ ଚିକିତ୍ସା ପରାମର୍ଶ ନେଇଥଲେ। ଭଡ଼ାଗାଡ଼ିରେ ସେ ବୁଗୁଡ଼ା ଓ ବ୍ରହ୍ମପୁରକୁ ଯିବା ଆସିବା କରିଥିଲେ। ସୋମବାର ମହିଳା ଡ଼ାକ୍ତର ଘରୋଇ ସଂଗରୋଧରେ ରହିଥିବା ବେଳେ କ୍ଲର୍କ ଓ ଗାଡ଼ି ଚାଳକଙ୍କ ପରିବାରକୁ ଗୋଲିଆ ସଂଗରୋଧ କେନ୍ଦ୍ରକୁ ପ୍ରଶାସନ ପଠାଇଛି।

# କରୋନା ଯୁଦ୍ଧରେ ସରପଞ୍ଚଙ୍କ କାର୍ଯ୍ୟ ପ୍ରଶଂସନୀୟ

ଛତ୍ରପୁର,୧୫ା୬(ଡି.ଏନ.ଏ)

- ଭିଡିଓ କନଫେରେନ୍ସରେ ଆଲୋଚନା କଲେ ଜିଲାପାଳ
- ଜିଲାରେ ୭୧ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି

ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମହାମାରୀ ମୁକାବିଲାକୁ ଆହୁରି ଅଧିକ ଗତିଶୀଳ କରାଇବା ନିମନ୍ତେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଭିଡିଓ କନଫେରେନ୍ସ ଜରିଆରେ ଜିଲାର ସମସ୍ତ ସରପଞ୍ଚଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ବର୍ତ୍ତମାନ ପରିସ୍ଥିତିର ସମୀକ୍ଷା କରିଥିଲେ। ଜିଲାରେ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଦୈନିକ ୧୯ ଘଣ୍ଟା ଲକ୍‌ଡାଉନ କରାଯାଇଛି। କେବଳ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାରହିବ ବୋଲି ସରପଞ୍ଚମାନଙ୍କୁ ସେ ଅବଗତ କରାଇଥିଲେ। କରୋନା ଯୁଦ୍ଧରେ ସରପଞ୍ଚମାନଙ୍କ ସହଯୋଗ ଓ କାର୍ଯ୍ୟ ପ୍ରଶଂସନୀୟ ବୋଲି ଜିଲାପାଳ କହିଥିଲେ। କରୋନା ସଂକ୍ରମଣ ଚେନ ଭାଙ୍ଗିବା ପାଇଁ ସରପଞ୍ଚଙ୍କ ଭୂମିକା ଅତ୍ୟନ୍ତ ଆବଶ୍ୟକ। ଏ ନେଇ କାମ କରିବାକୁ କୁହାଯାଇଛି।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଗ୍ରାମାଞ୍ଚଳରେ ଲୋକେ ପୋଖରୀରେ ଗାଧୋଉଛନ୍ତି, ଚା ଦୋକାନ, ଜଳଖିଆ ଦୋକାନ, ତାସ ଖେଳରେ ବସୁଛନ୍ତି। ମାସ୍କ ନ ପିନ୍ଧି ବାହାରେ ବୁଲୁଛନ୍ତି। ଏସବୁକୁ ରୋକିବା ପାଇଁ ପଦକ୍ଷେପ ନେବା ସହ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରିବାକୁ ସରପଞ୍ଚମାନଙ୍କୁ ନିବେଦନ କରାଯାଇଛି। ଗାଁରେ ଯଜ୍ଞ, ସାଂସ୍କୃତିକ ଓ ବିବାହ କାର୍ଯ୍ୟ ନ କରିବାକୁ ସରପଞ୍ଚ ବୁଝାଇବେ। କ୍ୱାରାଣ୍ଟାଇନ୍ ଅବଧି ସାରିଥିବା ପ୍ରବାସୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବେ। ସରପଞ୍ଚ ଯେଉଁସବୁ ଖର୍ଚ୍ଚ କରିଛନ୍ତି, ତାର ହିସାବ ବ୍ଲକରେ ଦାଖଲ କରିବେ। କୃଷି କାର୍ଯ୍ୟ, ଏମଜିଏନଆରଇଜିଏସ୍ କାମ ପୂର୍ବଭଳି ଚାଲୁ ରହିବ ବୋଲି ଜିଲାପାଳ କହିଥିଲେ। ଭିଡିଓ କନଫେରେନ୍ସ ବୈଠକରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସୁଦାମ ଚାରଣ ମଣ୍ଡଳ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଜିଲାରେ ସୋମବାର ଆଉ ୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବେଲଗୁଣ୍ଠା ବ୍ଲକର ୪, ଖଲ୍ଲିକୋଟ ବ୍ଲକର ୩ ଓ ପୋଲସରା ବ୍ଲକର ଜଣେ ଅଛନ୍ତି। ଏମାନେ କରୋନା ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୬୯୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭୧ ପଜିଟିଭ୍‌ଙ୍କ ଚିକିତ୍ସା ଚାଲିଛି। ବର୍ତ୍ତମାନ ସୁଦ୍ଧା ୬୧୩ ଆକ୍ରାନ୍ତ ସୁସ୍ଥ ହେଲେଣି।

# ୨୪ ଘଣ୍ଟାରେ ୪୪ ଗିରଫ

ଛତ୍ରପୁର,୧୫ା୬(ଡି.ଏନ୍.ଏ.)

- କରୋନା ଗାଇଡଲାଇନ୍, ଲକଡାଉନ୍ ନିୟମ ଉଲ୍ଲଂଘନ
- ଜରିମାନା, ଜୁଆ ଆଡ୍ଡାରୁ ମିଳିଲା ୧.୫୦ ଲକ୍ଷ

କରୋନା ଗାଇଡଲାଇନ୍ ଓ ଜିଲାରେ ଲାଗୁ ହୋଇଥିବା ଲକଡାଉନ୍ ନିର୍ଦ୍ଦେଶନାମାକୁ ଯେ କେହି ବି ଉଲ୍ଲଂଘନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଞ୍ଜାମ ଏମ୍‌ପି ବ୍ରିଜେଶ କୁମାର ରଏ କହିଛନ୍ତି। ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ନିୟମ ଉଲ୍ଲଂଘନକାରୀ, ଚୋରା ମଦ କାରବାର, ଜୁଆ ଆଡ୍ଡା ଉପରେ ଚଢାଉ କରାଯାଇ ୪୪ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ଜରିମାନା ଓ ଜୁଆ ଆଡ୍ଡାରୁ ମୋଟ ୧ ଲକ୍ଷ ୫୦ ହଜାର ୪୦ ଟଙ୍କା ଆଦାୟ ହୋଇଥିବା ଏସ୍‌ପି ରଏ ସୋମବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ଜରିମାନା ବାବଦରେ ୫୭ ହଜାର ଟଙ୍କା, ରବିବାର ଶର୍ଟଡାଉନ୍ ନିୟମ ଉଲ୍ଲଂଘନ ନେଇ ୩, ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ୮ ଜୁଆ ଆଡ୍ଡା ଉପରେ ଚଢାଉ କରାଯାଇ ୮୯,୫୪୦ ଟଙ୍କା, ୮ ବାଇକ୍, ୧୧ ମୋବାଇଲ ଫୋନ ଜବତ ହୋଇଛି। ବେଆଇନ୍ ମଦ କାରବାର ଉପରେ ଚଢାଉ କରି ୧୨ଟି ମାମଲା ରୁଜୁ ହେବା ସହ ୪୨୦ ଲିଟର ମଦ ବିଭିନ୍ନ ଥାନା ପୋଲିସ ଜବତ କରିଛି।

# ରଜ ସଂକ୍ରାନ୍ତିରେ ମାନିଲେନି ଲକଡାଉନ୍



ଭଞ୍ଜନଗର ଉପଜିଲାପାଳ ଜଣେ ବାଇକ୍ ଆରୋହୀଙ୍କୁ ଯାଞ୍ଚ କରୁଛନ୍ତି।

ଭଞ୍ଜନଗର,୧୫ା୬(ଡି.ଏନ.ଏ)

ଭଞ୍ଜନଗର ଅଞ୍ଚଳରେ ସଙ୍ଗରୋଧ କେନ୍ଦ୍ର ବାହାରୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି। ଏଭଳି ସ୍ଥିତିରେ ଲୋକେ କାମ ପାଇଁ ହେଉ କି ଅନ୍ୟ କାରଣରୁ ଲକଡାଉନ୍ ନିୟମ ନ ମାନିବା ଚିନ୍ତାର ବିଷୟ ହୋଇଛି।

ଜିଲାରେ ୩୦ ଯାଏ ଲକ୍‌ଡାଉନ୍ ଲାଗୁ ହୋଇଛି। ଶନିବାର ଓ ରବିବାର ସମ୍ପୂର୍ଣ୍ଣ ଶଟ୍‌ଡ଼ାଉନ ରହିଥିଲା। ସୋମବାର ରଜ ସଂକ୍ରାନ୍ତି ଥିବାରୁ ଲୋକେ ଲକ୍‌ଡାଉନ୍ ନିୟମକୁ ଫୁ କରି ଦେଇଥିବା ଦେଖାଯାଇଥିଲା। ସକାଳ ୭ଟାରୁ ୫ ଘଣ୍ଟା ପାଇଁ କେବଳ ଅତ୍ୟାବଶ୍ୟକ ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଥିବାବେଳେ ଭଞ୍ଜନଗର ଅଞ୍ଚଳର ଅଧିକାଂଶ ମନ୍ଦିର ବେଆଇନ ଭାବେ ଖୋଲିଥିବା ଦେଖାଯାଇଥିଲା। ଡୁଡୁଆ ଶିବ ମନ୍ଦିରରେ ପୂଜା ଚାଲିଥିବା ବେଳେ ତହସିଲଦାର ଆଲୋକ ପ୍ରଧାନ ଅଚାନକ ସେଠାରେ ପହଞ୍ଚି ପୂଜା କରିବାକୁ ଯାଇଥିବା ଲୋକଙ୍କ ଉପରେ ଜରିମାନା ପକାଇଥିଲେ। ଏଥିସହ ପୂଜାରୀଙ୍କୁ ତାଗିଦ୍ କରିଥିଲେ। ସେହିଭଳି ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜି, ତହସିଲଦାର ପ୍ରଧାନ, ଥାନା ଅଧିକାରୀ ସୁଦିପ୍ତ ସାହୁ ଲଣ୍ଡେଇସାହିର ୨ କୋଚିଂ ସେଣ୍ଟର ଉପରେ ସକାଳେ ଚଢ଼ାଉ କରିଥିଲେ। କୋଚିଂ ସେଣ୍ଟର ମାଲିକଙ୍କ ବିରୋଧରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପ ଜିଲାପାଳ କହିଛନ୍ତି। ଏଥିସହ ସହରର ବିଭିନ୍ନ ଛକରେ ଉପଜିଲାପାଳଙ୍କ ନେତୃତ୍ୱରେ ବାଇକ୍ ଓ କାରରେ ଯାଉଥିବା ଲୋକଙ୍କୁ ଯାଞ୍ଚ କରାଯାଇଥିଲା। ଯେଉଁମାନେ କୋଭିଡ୍ ନିୟମ ଉଲ୍ଲଂଘନ କରିଥିଲେ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିଲା। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଭଞ୍ଜନଗର ବ୍ଲକ ଓ ଏନଏସିରେ ସଙ୍ଗରୋଧ କେନ୍ଦ୍ର ବାହାରୁ ୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୋମବାର ଚିହ୍ନଟ ହୋଇଥିବା ୨ଜଣଙ୍କ ମଧ୍ୟରୁ ଜଣେ ରାଶନ ଦୋକାନ ମାଲିକ ଓ ଅନ୍ୟ ଜଣେ ସରକାରୀ କର୍ମଚାରୀ ଥିବା ଜଣାପଡ଼ିଛି। ତେବେ ପ୍ରଶାସନ ପକ୍ଷରୁ ଏନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ।

# କନ୍ଧମାଳରେ ୧୦୦ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

ଫୁଲବାଣୀ ଅଫିସ, ୧୫ା୬

- ଦିନକରେ ସର୍ବାଧିକ ୪୮ ପଜିଟିଭ୍ ଚିହ୍ନଟ
- ଗୋଟିଏ ଟିଏମ୍‌ସିରେ ୪୧, ଜଣେ କରୋନା ଯୋଦ୍ଧା ସଂକ୍ରମିତ

କନ୍ଧମାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଟପିଛି। ସୋମବାର ଗୋଟିଏ ଦିନରେ ସର୍ବାଧିକ ୪୮ ଜଣଙ୍କର ସ୍ୱାବ ନମୁନା ପଜିଟିଭ ଆସିଛି। ଫଳରେ ଜିଲାରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୬ରେ ପହଞ୍ଚିଛି।

ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ସୋମବାର ଚିହ୍ନଟ ହୋଇଥିବା ସଂକ୍ରମିତମାନେ ପୁରୁଷ। ବୟସ ୧୮ରୁ ୫୬ ମଧ୍ୟରେ ରହିଛି। ସେମାନଙ୍କ ମଧ୍ୟରୁ ୨୧ ଜଣ ତାମିଲନାଡୁ, ୧୭ ଜଣ କେରଳ, ୬ ଜଣ ଗୁଜୁରାଟ, ୨ ଜଣ ଆନ୍ଧ୍ରପ୍ରଦେଶ, ଜଣେ ତେଲେଙ୍ଗାନାରୁ ଫେରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ରହିଥିଲେ। ଅନ୍ୟ ଜଣେ କରୋନା ଯୋଦ୍ଧା। ୪୧ ଜଣ ଦାରିଙ୍ଗିବାଡିର ଗୋଟିଏ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ରେ ରହିଥିବା ବେଳେ କୋଭିଡ ଯୋଦ୍ଧା ଜଣକ ମଧ ସେହି କେନ୍ଦ୍ରର। ସେହିପରି ୫ ଜଣ ଫୁଲବାଣୀ କୋଭିଡ୍ ହସ୍ପିଟାଲର ରହିଥିବା ବେଳେ ଜଣେ ଜି.ଉଦୟଗିରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିଲେ।

ଜିଲାରେ ବର୍ତ୍ତମାନ ସୁଦ୍ଧା ଆକ୍ରାନ୍ତଙ୍କ ମଧ୍ୟରୁ ୩୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟମାନେ ଚିକିତ୍ସାଧୀନ ଅଛନ୍ତି। ଗତ ରବିବାର ମଧ୍ୟାହ୍ନ ସୁଦ୍ଧା ଜିଲାକୁ ୮୪୬୧ ଜଣ ପ୍ରବାସୀ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୩୯୫୮ ଜଣ କ୍ୱାରାଣ୍ଟାଇନ ସମୟସୀମା ସାରି ଘରକୁ ଫେରଛନ୍ତି। ବାକି ୪୫୦୩ ଜଣଙ୍କୁ ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ସେହିପରି ପରୀକ୍ଷା ପାଇଁ ଯାଇଥିବା ୨୦୬୨ ସ୍ୱାବ ନମୁନା ମଧ୍ୟରୁ ୧୯୨୩ଟିର ରିପୋର୍ଟ ହସ୍ତଗତ ହୋଇଛି। ରୋଗାକ୍ରାନ୍ତ, ବୟସ୍କ, ଶିଶୁ, ଗର୍ଭବତୀ ମହିଳା ଆଦୌ ବାହାରକୁ ନ ଯିବା ପାଇଁ ଅନୁରୋଧ କରାଯାଉଛି। ସେହିପରି ସମସ୍ତେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା, ସର୍ବସାଧାରଣରେ ଛେପ ନ ପକାଇବାକୁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯିବା ସହ ଅନୁରୋଧ କରାଯାଉଛି।

## ମହିଳାଙ୍କଠାରୁ ସୁନା ହାର ଝାମ୍ପିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର ଅଫିସ,୧୫ା୬

ଗୋଶାଣୀନୂଆଗାଁ ଥାନା ଅନ୍ତର୍ଗତ ହାଉସିଂ ବୋର୍ଡ ହରିକୃଷ୍ଣନଗରରେ ସୋମବାର ଏକ କଳା ପଲସରରେ ଆସିଥିବା ଲୁଟେରାମାନେ ଜଣେ ମହିଳାଙ୍କ ବେକରୁ ୩୦ ଗ୍ରାମ୍ ଓଜନର ସୁନା ହାର ଝାମ୍ପି ନେଇଛନ୍ତି। କେ.ସାବିତ୍ରୀ ନାମ୍ନୀ ମହିଳା ସକାଳ ୭ଟାରେ ଘର ନିକଟରେ ଫୁଲ ତୋଳୁଥିଲେ। ଲୁଟେରାମାନେ ଆସି ପ୍ରଥମେ ତାଙ୍କୁ ଧକ୍କା ମାରି ଚେନ ଲୁଟି ନେଇଥିଲେ। ସାବିତ୍ରୀଙ୍କର ଆଣ୍ଠୁ ଏବଂ ବେକରେ ଆଘାତ ଲାଗିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି। ମହିଳାଙ୍କ ଅଭିଯୋଗ କ୍ରମେ ବଡବଜାର ପୋଲିସ ନଂ. ୧୩୦/୨୦ରେ ଏକ ମାମଲା ରୁଜୁ କରିବା ସହ ଅଞ୍ଚଳରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରୁଛି।

# ସମିତିସଭ୍ୟଙ୍କ ଶପଥପାଠର ଭିଡିଓ ଭାଇରାଲ

ଦାରିଙ୍ଗବାଡ଼ି,୧୫ା୬ (ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଧ୍ୟକ୍ଷା ସୁବେନ୍ଦ୍ରୀ ପ୍ରଧାନଙ୍କ ନିର୍ବାଚନ ମାମଲାରେ ତାଙ୍କ ପଦବୀ ଅସିଦ୍ଧ ଘୋଷିତ ହୋଇଛି। ଗତ କିଛି ଦିନ ହେଲା ଉପାଧ୍ୟକ୍ଷ ରମାକାନ୍ତ ବଳିଆର ସିଂ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି। ଏହି ସମୟରେ ଅଧ୍ୟକ୍ଷ ପଦ ପୂରଣ ପାଇଁ ନିର୍ବାଚନ ଆସନ୍ତା ବୁଧବାର ୧୭ତାରିଖରେ କରାଯିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଏଥିପାଇଁ ସମିତିସଭ୍ୟମାନେ ଦୁଇ ଦଳରେ ବିଭକ୍ତ ହୋଇ ଏବେ ଅଜ୍ଞାତବାସରେ ରହିଛନ୍ତି। ଗୋଟିଏ ଦଳ ତାଜୁଙ୍ଗିଆ ସମିତିସଭ୍ୟା ରୁଦା ମଲିକଙ୍କୁ ଅଧ୍ୟକ୍ଷା କରାଇବା ପାଇଁ ଏକାଠି ହୋଇଛନ୍ତି। ଅନ୍ୟ ଗୋଟିଏ ଦଳ ରୁଦାଙ୍କ ବିରୋଧରେ ରହିଥିବା ଜଣାଯାଇଛି। ଏଭଳି ପରିସ୍ଥିତିରେ ରୁଦା ସମର୍ଥନକାରୀଙ୍କର ଏକ ଭିଡିଓ ଏବେ ଭାଇରାଲ ହୋଇଛି। ଉପାଧ୍ୟକ୍ଷ ରମାକାନ୍ତଙ୍କ ନେତୃତ୍ୱରେ ସମସ୍ତ ସଭିତିସଭ୍ୟ ରୁଦାଙ୍କୁ ଜିତାଇବା ସହ ଦାରିଙ୍ଗବାଡ଼ି ବ୍ଲକର ସର୍ବାଙ୍ଗୀନ ଉନ୍ନତି କରିବାକୁ ସମସ୍ତେ ସଂକଳ୍ପ ନେଉଥିବା ଭିଡିଓରେ ଦେଖିବାକୁ ମଳିଛି। ରୁଦା କଂଗ୍ରେସ ସମର୍ଥିତ ହୋଇଥିବା ବେଳେ ତାଙ୍କ ବିରୋଧୀ ସମିତିସଭ୍ୟାମାନେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କ ସମର୍ଥକ ଥିବା ଜଣାପଡ଼ିଛି।



ସମିତିସଭ୍ୟଙ୍କ ଶପଥପାଠର ଦୃଶ୍ୟ।

**ଦାରିଙ୍ଗବାଡ଼ି ବ୍ଲକ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ୧୭ରେ**

## କ୍ରାନ୍ତିକାରୀ କୃଷକ ସଭାର ବିକ୍ଷୋଭ

ଆସିକା ୧୫ା୬(ଡି.ଏନ୍.ଏ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କୃଷକ ବିରୋଧୀ ଅଧ୍ୟାଦେଶକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ସୋମବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ କ୍ରାନ୍ତିକାରୀ କୃଷକ ସଭା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ଅଧ୍ୟାଦେଶ ଠିକ୍ରୁ ପୋଡି ଦିଆଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାର କରୋନା ମହାମାରୀରେ ପ୍ରପୀଡିତ ଗ୍ରାମାଞ୍ଚଳର କୃଷି ଶ୍ରମିକ, ଭୂମିହୀନ ଗରିବ କୃଷକ, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା, ଆଦିବାସୀ ଏବଂ ଦଳିତ ବର୍ଗର ଚାଷୀମାନଙ୍କ ପ୍ରତି ସମବେଦନା ଜଣାଇବା ପରିବର୍ତ୍ତେ କର୍ପୋରେଟ୍ ଘରୋଇ ଓ ବିଦେଶୀ କମ୍ପାନୀ, ଜମି ମାଲିକ, ଶସ୍ୟ ମହଜୁଦକାରୀ ଓ କଳାବଜାରକାରୀଙ୍କ ସ୍ୱାର୍ଥରେ ଏଭଳି ଅଧ୍ୟାଦେଶକୁ ଆଣିଥିବା ଅଭିଯୋଗ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଏହି ଅଧ୍ୟାଦେଶକୁ ପ୍ରତ୍ୟାହାର କରିବା ପାଇଁ ବିକ୍ଷୋଭ ଜରିଆରେ ଦାବି କରାଯାଇଥିଲା। ଏଥିସହ ୯ ଦଫା ଦାବି ଉପସ୍ଥାପନ କରାଯାଇଥିଲା। କ୍ରାନ୍ତିକାରୀ କୃଷକ ସଭା ରାଜ୍ୟ ସମ୍ପାଦକ ଶଙ୍କର ସାହୁଙ୍କ ନେତୃତ୍ୱରେ ରାମଚନ୍ଦ୍ର କାମ୍ପ, ବିଧାନୀ ନାଇକ, ଅକ୍ଷୟ କୁମାର ସାହୁ, ବଳରାମ ଜେନା ଓ ବନମାଳୀ କାମ୍ପଙ୍କ ସମେତ ବହୁ କୃଷକ ପ୍ରତିନିଧି ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

# ଝିଣ୍ଟିକା ପ୍ରଜାତିର କୀଟ ଅନୁଧ୍ୟାନ କଲେ କୃଷି ବିଭାଗ ଟିମ୍



ଅନୁଧ୍ୟାନ ପାଇଁ ଆସିଥିବା କୃଷି ବିଭାଗର ଟିମ।

ଶେରଗଡ଼,୧୫ା୬(ଡି.ଏନ୍.ଏ.)

ଶେରଗଡ଼ସ୍ଥିତ ଆନ୍ଧ୍ରବ୍ୟାଙ୍କ ଶାଖା ନିକଟବର୍ତ୍ତୀ ଅଞ୍ଚଳର ଗଛଗୁଡିକରେ ଗତ ଦୁଇ ଦିନ ହେଲା ଝିଣ୍ଟିକା ପ୍ରଜାତିର କୀଟ ଦେଖାଯାଉଥିବାରୁ ଅଞ୍ଚଳର ଚାଷୀମାନେ ଏହାକୁ ପଙ୍ଗପାଳ ଭାବି ଆଶଙ୍କା ମଧ୍ୟରେ ଥିଲେ। ରବିବାର ସନ୍ଧ୍ୟାରେ କୃଷି ବିଭାଗର ଏକ ଟିମ୍ ଆସି ଉକ୍ତ କୀଟ ଅନୁଧ୍ୟାନ କରିଛନ୍ତି। କୃଷି ଜିଲା ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ବ୍ଲକ କୃଷି ଅଧିକାରୀ ଅଜୟ କୁମାର ନାୟକ, ପିଓଳ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ଗ୍ରାମସେବକ ଅରୁଣ କୁମାର ପ୍ରଧାନ ଅନୁଧ୍ୟାନ କରିବା ପରେ କୀଟଗୁଡିକ ପଙ୍ଗପାଳ ନୁହେଁ ବରଂ ଏକ ପ୍ରଜାତିର ଝିଣ୍ଟିକା ବୋଲି ସ୍ପଷ୍ଟ କରିଛନ୍ତି। ତେଣୁ ଚାଷୀମାନେ ଭୟ କରିବାର କିଛି କାରଣ ନାହିଁ ବୋଲି କୁହାଯାଇଛି। ପରେ ଏହି ଟିମ୍ କଳିଙ୍ଗ ବୈଶ୍ୟ ଭବନ ସମ୍ମୁଖରେ ବର୍ଷାଜଳରେ ବୁଡ଼ି ରହିଥିବା ଚାଷଜମି ଦେଖିଥିଲେ। ନାଳ ଜବରଦଖଲ ହୋଇଥିବା ଏଭଳି ସମସ୍ୟା ଉପୁଜିଛି ବୋଲି ଉକ୍ତ ଟିମ ଚାଷୀମାନଙ୍କୁ କହିଛନ୍ତି।

# କଣ୍ଟେନମେଣ୍ଟ ଜୋନ୍‌ର ୭ କି.ମି. ମଧ୍ୟରେ ସମସ୍ତଙ୍କ ହେବ ସ୍କ୍ରିନିଂ

ଛତ୍ରପୁର,୧୫ା୬(ଡି.ଏନ.ଏ)

ଛତ୍ରପୁର ବ୍ଲକର ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଘଡଘଡାପଲ୍ଲୀ ଗାଁରେ ୩ ଓ ନରେନ୍ଦ୍ରପୁରରେ ଜଣେ କରୋନା ପଜିଟିଭ୍ ଚିହ୍ନଟ ହେବାପରେ ଘଡଘଡପଲ୍ଲୀ ଏବଂ ନରେନ୍ଦ୍ରପୁର ଗାଁର ଷ୍ଟେଶନରୋଡ୍ ଓ ଗୋପିନାଥ ସାହି କଣ୍ଟେନମେଣ୍ଟ ଜୋନ୍ ଏବଂ ଆଖପାଖ ୮ ଗାଁକୁ ବଫର୍‌ଜୋନ୍ ଘୋଷଣା କରାଯାଇଛି। କଣ୍ଟେନମେଣ୍ଟ ଜୋନ୍‌ର ୩ରୁ ୭ କି.ମି. ମଧ୍ୟରେ ଥିବା ପ୍ରତି ଘରର ସମସ୍ତ ସଦସ୍ୟଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯିବ। ଏ ନେଇ ଟିମ୍ ଗଠନ କରାଯାଇଛି। ଏମାନଙ୍କୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୋମବାର ନରେନ୍ଦ୍ରପୁର ଓ ଘଡଘଡାପଲ୍ଲୀ ଠାରେ ପୃଥକ ବୈଠକ ହୋଇଥିଲା। ଜିଲା ଏପିଡେମିଓଲୋଜି ସାବିତ୍ରୀ, ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. କାହ୍ନୁ ଚରଣ ପାତ୍ର, ନରେନ୍ଦ୍ରପୁର ମେଡିକାଲ ଅଫିସର ଡା. ସରୋଜ ବନ୍ଧୁ ମହାପାତ୍ର, ଆୟୁଷ ଡାକ୍ତର ରାମାନୁଜ ପଟ୍ଟନାୟକ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ ଟିମ୍ ସଦସ୍ୟଙ୍କୁ ନିତିନିୟମ ସମ୍ପର୍କରେ ଅବଗତ କରିଥିଲେ।

# ପରିଚିତ ଲୋକଙ୍କ ସମ୍ପୃକ୍ତି ସନ୍ଦେହ

ବ୍ରହ୍ମପୁର ଅଫିସ,୧୫ା୬

- କ୍ଷୀର ବ୍ୟବସାୟୀଙ୍କ ହତ୍ୟା ଘଟଣା
- ପୋଲିସକୁ ମିଳିଛି ସୁରାକ

ବ୍ରହ୍ମପୁର ସହରରେ ହେରିଟେଜ କ୍ଷୀର କମ୍ପାନୀ ଡିଲରଶିପ୍ ନେଇଥିବା ବ୍ୟବସାୟୀ ଲମ୍ବୋଦର ମୁନୀ ହତ୍ୟା ଘଟଣାରେ ପୋଲିସକୁ କେତେକ ଦିଗ ଉପରେ ସୂଚନା ମିଳିଥିବା ଜଣାପଡିଛି। ନିକଟସ୍ଥ ଏକ ଆପାର୍ଟମେଣ୍ଟରେ ଲାଗିଥିବା ସିସି ଟିଭି ଫୁଟେଜରେ ୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଲମ୍ବୋଦରଙ୍କ ଘରେ ପଶିଥିବା ଦୃଶ୍ୟ ରେକର୍ଡ ହୋଇଥିଲା। ଏହି କ୍ଲିପକୁ ପୋଲିସ ତଦନ୍ତ ପରିସରଭୁକ୍ତ କରିଥିବା ବେଳେ କେତେକ ତଥ୍ୟ ମିଳିଥିଲା। ଏହି ହତ୍ୟା ପଛରେ ତାଙ୍କର କେତେକ ସମ୍ପର୍କୀୟଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ସୁରାକ୍ ପାଇଛି। ପୋଲିସ ଏବେ ମୃତ ଲମ୍ବୋଦରଙ୍କ କେତେକ ସମ୍ପର୍କୀୟଙ୍କୁ ବିଭିନ୍ନ ସ୍ଥାନରେ ମାରାଥନ ଜେରା କରୁଛି। ଶନିବାର ମଧ୍ୟରାତ୍ରିରେ ୪ ଜଣ ମୁଖାପିନ୍ଧା କେଉଁଠୁ ଆସିଲେ ଓ ସେମାନେ କିଏ ସେ ନେଇ ପୋଲିସ ରବିବାର ଦିନସାରା ଖୋଳତାଡ କରିଥିଲା। ହତ୍ୟାକାଣ୍ଡ ଘଟାଇବା ପରେ ହତ୍ୟାକାରୀ କେଉଁଆଡେ ଗଲେ ତଦନ୍ତ ବେଳେ କିଛିଟା ସୂଚନା ମିଳିଛି। ବ୍ରହ୍ମପୁର ଏସଡ଼ିପିଓ ବିଷ୍ଣୁପ୍ରସାଦ ପତିଙ୍କୁ ପଚାରିବାରୁ ଅଭିଯୁକ୍ତଙ୍କ ସୁରାକ ମିଳିଛି। ଖୁବଶୀଘ୍ର ସେମାନଙ୍କୁ ଗିରଫ ସହ ଘଟଣାର ଖୁଲାସା କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କ୍ଷୀର ବ୍ୟବସାୟୀ ଲମ୍ବୋଦରଙ୍କ ୨ ପୁଅ ମଧ୍ୟରୁ ଗୋଟିଏ ବିଦେଶରେ ରହୁଥିବା ବେଳେ ଅନ୍ୟ ଜଣେ ବାଙ୍ଗାଲୋରରେ ରହୁଛନ୍ତି। ହିଲପାଟଣା ଏମ୍‌ଏଭି ସ୍କୁଲ ପାର୍ଶ୍ୱରେ ଥିବା ଏକ ଆପାର୍ଟମେଣ୍ଟରେ ଲମ୍ବୋଦର ଓ ତାଙ୍କ ସ୍ତ୍ରୀ ରହୁଥିଲେ। ଲମ୍ବୋଦର ତାଙ୍କ ବ୍ୟବସାୟକୁ ଏକାକୀ ସମ୍ଭାଳୁଥିଲେ। କିଛିଦିନ ହେଲା ଲମ୍ବୋଦର ଏକାକୀ କ୍ଷୀର ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ପାଇଁ ଲକ୍ଷ୍ମୀ ଭଣ୍ଡାର ଗୋଦାମ ଭିତରେ ଥିବା ଏକ ଘରେ ରହୁଥିଲେ। ରାତିରେ ମଧ ସେଠାରେ ସେ ଶୋଉଥିଲେ। ଭୋରରୁ କ୍ଷୀର ଗାଡି ଆସିବା ପରେ ସେ ସଂଗ୍ରହ କରି ଜିଲାର ବିଭିନ୍ନ ସ୍ଥାନକୁ ପଠାଉଥାନ୍ତି। ଶନିବାର ମଧ୍ୟରାତ୍ରିରେ ତାଙ୍କୁ କେତେକ ଦୁର୍ବୃତ୍ତ ହତ୍ୟା କରିବା ପରେ ଘରେ ଥିବା ୨୦ ଲକ୍ଷ ଟଙ୍କା ଓ ସେ ପିନ୍ଧିଥିବା ସୁନା ଓ ଆଲମୀରାରୁ ଅନ୍ୟ ସୁନା ଗହଣା ଧରି ଚମ୍ପଟ ମାରିଥିଲେ। ଗୋଦାମ ମ୍ୟାନେଜର ଭି.ବିନୟ ଏନେଇ ରବିବାର ଥାନାରେ ଏତଲା ଦେଇଥିଲେ। ପୋଲିସ ପହଞ୍ଚି ପୂରା ଗୋଦାମ ସିଲ କରି ତଦନ୍ତ ଆରମ୍ଭ କରିଥିଲା।

# ସଙ୍ଗରୋଧରୁ ଫେରିଥିବା ଶ୍ରମିକଙ୍କୁ ୨୦୦୦ ଟଙ୍କା ଦାବି

ବ୍ରହ୍ମପୁର ଅଫିସ,୧୫ା୬

- ପ୍ରବାସୀଙ୍କୁ ଅବହେଳା ଅଭିଯୋଗ
- ସିପିଆଇ(ଏମ୍)ର ରାଜ୍ୟବ୍ୟାପୀ ପ୍ରତିବାଦ ୧୮ରେ

କରୋନା ସମୟରେ ଓଡିଶାକୁ ଫେରିଥିବା ପ୍ରବାସୀଙ୍କ ପ୍ରତି ସରକାର ଅବହେଳା କରିଛନ୍ତି। ସେମାନଙ୍କୁ ସଙ୍ଗରୋଧ ପରେ ୨୦୦୦ ଟଙ୍କା ଦେବାକୁ ଘୋଷଣା କରିଥିଲେ। କିନ୍ତୁ ସଙ୍ଗରୋଧ କେନ୍ଦ୍ରରୁ ଫେରିଥିବା ଅନେକ ପ୍ରବାସୀ ଏଯାଏ ଏହି ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ସିପିଆଇ(ଏମ୍) ଓଡିଶା ରାଜ୍ୟ କମିଟି ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଆସନ୍ତା ୧୮ରେ ରାଜ୍ୟବ୍ୟାପୀ ପ୍ରତିବାଦ କରାଯିବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ହିଲ୍‌ପାଟଣାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ସୂଚନାନୁସାରେ, ଓଡିଶାକୁ ଜୁନ ୯ ସୁଦ୍ଧା ସ୍ୱତନ୍ତ୍ର ଶ୍ରମିକ ଟ୍ରେନ ଯୋଗେ ୩, ୧୮,୯୮୬ ଓ ବସ୍ ଯୋଗେ ୧,୪୬,୫୧୩ ଜଣ ପ୍ରବାସୀ ଫେରିଛନ୍ତି। ଏଥିରୁ ଅନେକ ସଙ୍ଗରୋଧ କେନ୍ଦ୍ରରୁ ୧୪ ଦିନ ରହଣି ପରେ ଘରକୁ ଫେରିଛନ୍ତି। କିନ୍ତୁ ଫେରିବା ବେଳେ ସରକାରଙ୍କ ଦ୍ୱାରା ଘୋଷିତ ୨୦୦୦ ଟଙ୍କା ପାଇବାରୁ ସେମାନେ ବଞ୍ଚିତ ହୋଇଛନ୍ତି। ସମସ୍ତ ପ୍ରବାସୀଙ୍କୁ ତୁରନ୍ତ ୨୦୦୦ ଟଙ୍କା ପ୍ରଦାନ ସହ ବର୍ତ୍ତମାନର ସରକାରଙ୍କ ନିୟମାବଳୀ ପ୍ରକାରେ ୭ ଦିନ ସଙ୍ଗରୋଧରେ ରହି ଆଉ ୭ ଦିନ ଘରେ ରହିବାକୁ ପଠାଯାଇଥିବା ସମସ୍ତଙ୍କୁ ୭ ଦିନର ଖାଦ୍ୟ ଖର୍ଚ୍ଚ ପ୍ରଦାନ କରିବା, କୃଷି କାର୍ଯ୍ୟକୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନ୍ତର୍ଭୁକ୍ତ କରି କର୍ମଯୋଗାଣ ବ୍ୟବସ୍ଥା ଭଳି ବିଭିନ୍ନ ଦାବିନେଇ ସିପିଆଇ(ଏମ) ରାଜ୍ୟ କମିଟି ପକ୍ଷରୁ ଏହି ରାଜ୍ୟସ୍ତରୀୟ ପ୍ରତିବାଦ ଡାକରା ଦିଆଯାଇଥିବା ସମ୍ମିଳନୀରେ ସୂଚାଯାଇଥିଲା। ଖବରଦାତା ସମ୍ମିଳନୀରେ ସିପିଆଇ(ଏମ୍) ରାଜ୍ୟ କମିଟି ସମ୍ପାଦକ ଅଳିକିଶୋର ପଟ୍ଟନାୟକ, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ, ପି.ହରେକୃଷ୍ଣ ରେଡ୍ଡୀ ଓ ବିଦ୍ୟାଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସିପିଆଇ(ଏମ୍) ରାଜ୍ୟ କମିଟିର କର୍ମକର୍ତ୍ତା।

## ସଂକ୍ଷେପରେ

### ସୁନ୍ଦରଗଡ଼ ଜିଲାରେ ଆଉ ୪ କରୋନା ପଜିଟିଭ

ସୁନ୍ଦରଗଡ଼,୧୫।୬ (ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲାରେ ସୋମବାର ଆଉ ୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣ ପୂର୍ବରୁ ଆକ୍ରାନ୍ତଙ୍କ ପରିବାରର ସଦସ୍ୟ। ଏମାନେ ସମସ୍ତେ ବିପିୟୁଟି ରାଉରକେଲା କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ। ଅନ୍ୟ ଜଣେ ଗୋଆ ଫେରନ୍ତା। ସେ ଲେଫ୍ରିପଡ଼ା ବ୍ଲକ ଡୁମାବାହାଲ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ। ଏହି ୪ଜଣଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ ଆସିବା ପରେ ସେମାନଙ୍କୁ ରାଉରକେଲା କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ଏହି ୪ଜଣଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୩୦ରେ ପହଞ୍ଚିଛି। ଅନ୍ୟପକ୍ଷେ ସବ୍‌ଡେଗା ବ୍ଲକ୍ ଉପେନ୍ଦ୍ର ହାଇସ୍କୁଲ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୪ ପ୍ରବାସୀଙ୍କୁ ରଖାଯାଇଥିବାରୁ ସେହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ସେହିପରି ଲେଫ୍ରିପଡ଼ା ବ୍ଲକର ଡୁମାବାହାଲ ବାସୁଦେବ ସରକାରୀ ହାଇସ୍କୁଲ ଅସ୍ଥାୟୀ ମେଡିକାଲ କେନ୍ଦ୍ରକୁ ମଧ୍ୟ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି।

### ଟିଭି ଫାଟିଲା, ପରିବାରର ୩ ଗୁରୁତର

ପଦ୍ମପୁର,୧୫।୬(ଡି.ଏନ.ଏ)- ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଜମରତଲା ପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଲା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଟିଭି ଫାଟିଯିବାରୁ ପରିବାରର ୩ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ଯାଜ୍ଞସେନୀ ଦେହୁରୀ, ସ୍ୱାମୀ ସୁନୀଲ ଏବଂ ୩ ବର୍ଷର ଶିଶୁପୁତ୍ର ଚିନ୍ମୟ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନା ଏବଂ ପରେ ଭୀମସାର୍ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ସର୍ଟସର୍କିଟ୍ ଯୋଗୁ ଏଭଳି ହୋଇଥିବା ଅନୁମାନ କରାଯାଉଛି।

### ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା

ଦେଓଗାଁ,୧୫।୬(ଡି.ଏନ୍.ଏ.): ବରଗଡ଼-ବୋରିଗୁମ୍ମା ୨୬ନମ୍ବର ଜାତୀୟ ରାଜପଥ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରତନପୁର ଢାବା ପାଖରେ ସୋମବାର ସକାଳେ ଦୁଇଟି ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଟ୍ରକ୍‌ର ସମ୍ମୁଖ ଭାଗ ଚୂର୍‌ମାର ହୋଇଯାଇଛି। ସୌଭାଗ୍ୟବଶତଃ ଦୁଇ ଟ୍ରକ୍‌ର ଡ୍ରାଇଭର, ହେଲ୍‌ପର ବର୍ତ୍ତିଯାଇଛନ୍ତି। ସୂଚନା ଅନୁସାରେ ବିଶାଖାପାଟଣାରୁ କୋଇଲା ବୋଝେଇ ୨୨ଚକିଆ ଟ୍ରକ୍(ଆର୍‌ଜେ୦୨ଜିବି ୫୮୮୮) ବଲାଙ୍ଗୀର ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା କୁକୁଡ଼ାଦାନା ବୋଝେଇ ୧୦ଚକିଆ ଟ୍ରକ୍ (ଏପି ୦୭ୱାଇ୦୩୬୯) ମଧ୍ୟରେ ଧକ୍କା ହୋଇଥିଲା।

### ତେଲଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ, ହେଲ୍‌ପର ମୃତ

ସଇଁତଲା,୧୫।୬(ଡି.ଏନ୍.ଏ.)-ବଲାଙ୍ଗୀର ଜିଲା ସଇଁତଲା ଥାନା ବେଲଗାଁ ଫାଣ୍ଡି ଅନ୍ତର୍ଗତ ପିପୃଟ ଗ୍ରାମ ନିକଟରେ ସୋମବାର ସକାଳେ ଏକ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହେବାରୁ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅନୁଗୋଳ ଜିଲା ଅମ୍ବାସରମୁଣ୍ଡା ତଲାମଲିହା ଗ୍ରାମର ବସନ୍ତ କୁମାର ମାଝି(୨୦)। ସଇଁତଲା ପୋଲିସ ମୃତଦେହ ଜବତ କରିଛି। ମାଲକାନଗିରିରେ ପେଟ୍ରୋଲ ଅନ୍‌ଲୋଡ କରି ଟ୍ୟାଙ୍କର(ଓଡି-୧୫-ସି- ୬୦୧୪) ସମ୍ବଲପୁର ଫେରୁଥିବା ସମୟରେ ପିପୃଟ ନିକଟରେ ଭାରସାମ୍ୟ ହରାଇ ଏକ ବରଗଛରେ ଧକ୍କାଦେବା ପରେ ରାସ୍ତାପାର୍ଶ୍ୱ ବିଲକୁ ପଶିଯାଇଥିଲା।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଗୁରୁତର

କେଗାଁ, ୧୫।୬(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁର ଜଣେ ବ୍ୟକ୍ତି ସୋମବାର ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେ ହେଲେ ଉଆଁସୁ ଛତ୍ରିଆ(୫୫)। ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରାହ୍ନରେ ସେ ଏକ ଗଛ ଉପରେ ଚଢ଼ିଥିଲେ। ଏହି ସମୟରେ ପାଖଦେଇ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ତଳକୁ ଛିଟି ପଡିଥିଲେ। ମୂଳ ଲାଗି ପରିବାର ଚଳାଉଥିବା ଉଆଁସୁଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ଶାବକ ମୃତ୍ୟୁର ପ୍ରତିଶୋଧ ନେଲା ମା’ ଭାଲୁ

ରେଢାଖୋଲ,୧୫।୬(ଡି.ଏନ୍.ଏ.)



ବଣିଆବନ୍ଧ ଗ୍ରାମବାସୀଙ୍କୁ ପୋଲିସ ଓ ବନ ବିଭାଗ ବୁଝାସୁଝା କରୁଛି।

**ମଣିଷ-ଭାଲୁ ଲଢ଼େଇ**
- ଆକ୍ରମଣରେ ଆଉ ଜଣେ ଯୁବକ ମୃତ
- ୨୪ ଘଣ୍ଟାରେ ୩ ବ୍ୟକ୍ତିଙ୍କ ଜୀବନ ଗଲା
- ଭିମ୍‌ସାରରେ ଜଣେ ଚିକିତ୍ସାଧୀନ
- ଗାଁ ଲୋକଙ୍କ ମଧ୍ୟରେ ଉତ୍ତେଜନା, କ୍ଷତିପୂରଣ ଦାବି

ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡର ବଡ଼ବାହାଲ ରେଞ୍ଜ ଅନ୍ତର୍ଗତ ବଣିଆବନ୍ଧ ଗାଁରେ ୨ଦିନରେ ଭାଲୁ ଆକ୍ରମଣରେ ୩ ଜଣଙ୍କ ଜୀବନ ଗଲାଣି। ଅନ୍ୟ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ରବିବାର ରଜ ପାଇଁ ଏହି ଗ୍ରାମର ୫ ଜଣ ବ୍ୟକ୍ତି ମହୁ ସଂଗ୍ରହ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଭାଲୁ ଆକ୍ରମଣରେ ଚେରୁ ମୁଣ୍ଡା (୫୫) ଓ କୃଷ୍ଣ ମୁଣ୍ଡା (୫୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅଷାଢୁ ମୁଣ୍ଡା ଗୁରୁତର ହୋଇ ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି।

ତେବେ ରବିବାର ଭାଲୁ-ମଣିଷ ଲଢ଼େଇରେ ଏକ ୨ ବର୍ଷର ଅଣ୍ଡିରା ଛୁଆ ଭାଲୁର ମୃତ୍ୟୁ ଘଟିଥିଲା। ଏଣୁ ଛୁଆ ଭାଲୁର ମୃତ୍ୟୁ ପରେ ମା’ ଭାଲୁଟି ହିଂସ୍ର ହୋଇ ସୋମବାର ଆଉ ଜଣେ ଯୁବକଙ୍କୁ ଆକ୍ରମଣ କରିଛି। ମା’ ଭାଲୁର ଆକ୍ରମଣରେ ବଣିଆବନ୍ଧ ଗ୍ରାମର ସୁରେଶ ନାଏକ ଓରଫ ସୁରୁ (୨୨)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସୋମବାର ଅପରାହ୍ନ ପ୍ରାୟ ଦେଢଟା ବେଳେ ଗ୍ରାମର ସୁରେଶ ନାଏକ ଓ ଅଗସ୍ତି ନାଏକ ଜଙ୍ଗଲକୁ ଯାଇଥିବା ବେଳେ ସେହି ସ୍ଥାନରେ ହିଁ ମା’ ଭାଲୁଟି ସୁରେଶଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଖବର ପାଇ ବଡବାହାଲ ବନ କର୍ମଚାରୀ ଓ ରେଢ଼ାଖୋଲ ପୋଲିସ ପହଞ୍ଚି ସୁରେଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ମଙ୍ଗଳବାର ରେଢ଼ାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

ଅନ୍ୟପକ୍ଷେ ଗତ ୨ ଦିନ ଧରି ଭାଲୁ ଆକ୍ରମଣରେ ୩ଟି ଜୀବନ ଚାଲିଯିବାରୁ ସୋମବାର ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ରେଢ଼ାଖୋଲ ଏସ୍‌ଡିପିଓ ହାଡ଼ିବନ୍ଧୁ ସ୍ୱାଇଁ, ରେଢ଼ାଖୋଲ ଥାନା ଅଧିକାରୀ ପ୍ରଶାନ୍ତ ସାମଲ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ବଡ଼ବାହାଲ ସରପଞ୍ଚ ସନ୍ତୋଷ ମିର୍ଦ୍ଧା ଏବଂ ରେଞ୍ଜ ଅଧିକାରୀ ପ୍ରଜ୍ଞାପାରମିତା ଦୀପ ଗାଁରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଇଥିଲେ। ହେଲେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦେବା ଓ ଆହତଙ୍କ ମାଗଣା ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଲୋକେ ଦାବି କରିଥିଲେ। ସେହିଭଳି ଭାଲୁ ଦାଉରୁ ସୁରକ୍ଷା ଦେବାକୁ ବନ ବିଭାଗ କ’ଣ ପଦକ୍ଷେପ ନେଇପାରିବ ବୋଲି ଲୋକେ ଜବାବ ମାଗିଥିଲେ। ତେବେ ୨୦ ଦିନ ଭିତରେ ମୃତକଙ୍କ ପରିବାର ଲୋକଙ୍କୁ ସରକାରୀ ନିୟମ ଅନୁସାରେ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯିବ। ୭ ଦିନ ପର୍ଯ୍ୟନ୍ତ ଜଙ୍ଗଲକୁ ଲୋକେ ନ ଯିବାକୁ ବନ ବିଭାଗ ମାଇକ୍ ଯୋଗେ ସତର୍କ କରିବ। ଟ୍ରାଙ୍କୁଲାଇଜ କରି ଅଞ୍ଚଳରୁ ଭାଲୁପଲଙ୍କୁ ସ୍ଥାନାନ୍ତର କରିବ ବୋଲି ବନ ବିଭାଗ ପ୍ରତିଶ୍ରୁତି ଦେଇଛି। ବନ ବିଭାଗକୁ ବିଶ୍ୱାସ ନ କରି ଲୋକେ ଚେତାବନୀ ଦେଇଛନ୍ତି ଯେ, ପ୍ରତିଶ୍ରୁତି ନ ରଖିଲେ ବନ ବିଭାଗ ଅଫିସ ଘେରାଉ କରିବାକୁ ବାଧ୍ୟ ହେବେ।

ସୂଚନାଯୋଗ୍ୟ, ରବିବାର ମୃତ୍ୟୁ ଘଟିଥିବା ଚେରୁ ଓ କୃଷ୍ଣଙ୍କ ମୃତଦେହକୁ ରେଢ଼ାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗାଁରେ ଶୋକାକୁଳ ପରିବେଶରେ ଉଭୟଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସେହିପରି ମୃତ ଭାଲୁ ଛୁଆର ମଧ୍ୟ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଥିବା ବନବିଭାଗ ସୂଚନା ଦେଇଛି।

# ସରପଞ୍ଚଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

କୋକସରା, ୧୫।୬ (ଡି.ଏନ.ଏ)

ସଙ୍ଗରୋଧରେ ପ୍ରବାସୀ ଶ୍ରମିକଙ୍କୁ ଉତ୍ତମ ବ୍ୟବହାର ଓ ସେବାଯତ୍ନ ଦେଇ ରଖିବା ଏବଂ ଘରକୁ ଯିବା ସମୟରେ ଫୁଲଚନ୍ଦନ ଦେଇ ବିଦାୟ ଦେଇଥିବାରୁ କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ପଞ୍ଚାୟତର ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ ଶୁଭେଚ୍ଛା ବାର୍ତ୍ତା ଆସିଛି। ସଙ୍ଗରୋଧ କେନ୍ଦ୍ର ପରିଚାଳନାରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ନିର୍ବାହ କରିଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ଏହା ପୂର୍ବରୁ କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସରପଞ୍ଚ ନନ୍ଦିତା ସାହୁଙ୍କୁ ନିଜ ଦିଲ୍ଲୀ ଫେରନ୍ତା ପୁଅକୁ ସଙ୍ଗରୋଧରେ ରଖିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଦେଇଥିଲେ। ଏହାକୁ ନେଇ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କୁ ପଚାରିବାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆମକୁ ଜିଲାପାଳ କ୍ଷମତା ସହ ସଙ୍ଗରୋଧରେ ଆସୁଥିବା ପ୍ରବାସୀଙ୍କୁ ରଖିବାକୁ ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ତାହା ଆମ ପାଇଁ ଏକ ବଡ ଦାୟିତ୍ୱ ଥିଲା। ଯେଉଁ ପ୍ରବାସୀ ଶ୍ରମିକମାନେ ପେଟ ପାଟଣା ପାଇଁ ବାହାର ରାଜ୍ୟକୁ ଯାଇ ଲକଡାଉନରେ ଫସି ନାନା ଅସୁବିଧାରେ ପଡି ରହିଥିଲେ, ଆମ ରାଜ୍ୟ ସରକାର ତାଙ୍କୁ ଭିଟାମାଟିକୁ ଫେରାଇ ଆଣିଛନ୍ତି। ଆଗକୁ ଆମେ ମଧ୍ୟ ନିଜ ପଞ୍ଚାୟତରେ ଶ୍ରମିକଙ୍କୁ କର୍ମ ନିଯୁକ୍ତି ଦେବା ପାଇଁ ଚେଷ୍ଟା କରିବୁ। କେହି ବି ମୋ ପଞ୍ଚାୟତର ଶ୍ରମିକ ଆଉ ରାଜ୍ୟ ବାହାରକୁ ଯେପରି ଦାଦନ ଖଟିବାକୁ ନ ଯିବେ ସେ ନେଇ ପ୍ରୟାସ କରିବି ବୋଲି ସରପଞ୍ଚ ପ୍ରଧାନୀ କହିଥିଲେ।

# ଗ୍ରାମ୍ୟ ଜଙ୍ଗଲରୁ ଅବାଧ ମୋରମ ଚାଲାଣ



ଗଉଡଦେଇ ଗ୍ରାମ୍ୟ ଜଙ୍ଗଲରେ ମୁରୁମ ଖୋଳି ଚାଲାଣ କରାଯାଇଛି।

ବୌଦ୍ଧ, ୧୫।୬(ସ୍ୱ.ପ୍ର.)

ବୌଦ୍ଧ ଜିଲା ବଘିଆପଡା ଗଉଡଦେଇ ଗ୍ରାମ୍ୟ ଜଙ୍ଗଲରୁ ଅବାଧରେ ମୋରମ ଚାଲାଣ ହେଉଛି। ଏଥିଯୋଗୁ ଉକ୍ତ ଜଙ୍ଗଲରେ ଥିବା ସବୁଜ ବନାନୀ ଧ୍ୱଂସ ହେବାରେ ଲାଗିଛି। ବନବିଭାଗ ପକ୍ଷରୁ ଉକ୍ତ ଜଙ୍ଗଲର ସୁରକ୍ଷା ପାଇଁ ଅର୍ଥ ଖର୍ଚ୍ଚ କରାଯାଉଥିଲେ ହେଁ ତାହାର କୌଣସି ପ୍ରଭାବ ଚାଲାଣକାରୀଙ୍କ ଉପରେ ପଡୁନାହିଁ। ଏଥିଯୋଗୁ ଗ୍ରାମ୍ୟ ଜଙ୍ଗଲ ଅଞ୍ଚଳରେ ରହିଥିବା ଛୋଟଛୋଟ ମୋରମ ଖାଦାନ ଖାଲି ହୋଇସାରିଲାଣି। ଏବେ ମାଫିଆମାନେ ସମତଳ ଅଞ୍ଚଳରୁ ମୋରମ ଖୋଳି ଟ୍ରାକ୍ଟର ଓ ଟ୍ରକରେ ଚାଲାଣ କରିବାରେ ଲାଗିଛନ୍ତି। ଏବେଠୁ ଏହାକୁ ରୋକା ନ ଗଲେ ଉକ୍ତ ଗ୍ରାମ୍ୟ ଜଙ୍ଗଲ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏ ନେଇ ବୌଦ୍ଧ ତହସିଲଦାର ସନତ କୁମାର ନାୟକଙ୍କୁ ପଚାରିବାରୁ ତଦନ୍ତ କରି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ପ୍ରକାଶ ଯେ, କିଛିବର୍ଷ ତଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିବାଦ ଯୋଗୁଁ ଏହି ଗ୍ରାମ୍ୟ ଜଙ୍ଗଲରୁ ହଜାର ହଜାର ସଂଖ୍ୟାରେ ଗଛ କାଟି ଦିଆଯାଇଥିଲା। ପରେ ବନ ବିଭାଗ ପକ୍ଷରୁ ଉଜୁଡା ଜଙ୍ଗଲରେ ଚାରା ରୋପଣ କରାଯାଇଥିଲା। ବର୍ତ୍ତମାନ ଚୋରା ମୋରମ ଚାଲାଣକାରୀଙ୍କ ପାଇଁ ଏହି ଗ୍ରାମ୍ୟ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି।

# ପଦ୍ମନପୁରକୁ ଜଳ ଯୋଗାଣ ବନ୍ଦ

ଜହ୍ନାପଙ୍କ, ୧୫।୬ (ଡି.ଏନ.ଏ.)

ବୌଦ୍ଧ ବ୍ଲକ ଅଧୀନ ପଦ୍ମନପୁର ଗାଁରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡିଛି। ଫଳରେ ୩ ମାସ ହେଲା ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୪୦୦ ଲୋକସଂଖ୍ୟା ବିଶିଷ୍ଟ ପଦ୍ମନପୁର ଗାଁରେ ଖରାଦିନେ ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୧୧ରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ରାୟ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଓଭରହେଡ ଟାଙ୍କି ଯୋଗେ ଗାଁକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଦୀର୍ଘ ଦିନ ହେବ ଜଳଯୋଗାଣ ବ୍ୟାହତ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ନେଇ ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ବେହେରାଙ୍କୁ ଯୋଗାଯୋଗ କରିବାରେ ମୋଟର ପୋଡି ଯୋଗୁ ପ୍ରକଳ୍ପ ବନ୍ଦ ଅଛି। ବର୍ତ୍ତମାନ ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇ ଥିବାରୁ ଏହାର ଦେଖାଚାହାଁ ପଞ୍ଚାୟତ କରିବ ବୋଲି କହିଥିଲେ। ସରପଞ୍ଚ ପ୍ରତାପ କିଶୋର ପରିଡାଙ୍କୁ ଯୋଗାଯୋଗ କରିବାରୁ ମୋଟର ମରାମତି କାମ ସରିଛି। ତେବେ ଷ୍ଟାଟର ଓ ତାର ପୋଡି ଯାଉଛି। ଖୁବଶୀଘ୍ର ଏହାର ମରାମତି କରାଯାଇ ପାନୀୟ ଜଳ ଯୋଗାଣକୁ ସ୍ୱାଭାବିକ କରାଯିବ ବୋଲି କହିଥିଲେ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ରଶିଦେଇ ଯୁବକଙ୍କ ଆତ୍ମହତ୍ୟା

କୁଆଁରମୁଣ୍ଡା,୧୫।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କୋଇନାରଗାଡା ଗ୍ରାମର ସଞ୍ଜୟ କିସପଟ୍ଟା(୩୨) ନାମକ ଜଣେ ଯୁବକ ସୋମବାର ଘର ନିକଟ ଏକ ମହୁଲ ଗଛରେ ରଶିଦେଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ସହ ଏକ ସୁଇସଡାଲ ନୋଟ୍ ଜବତ କରିଛି। ଉକ୍ତ ନୋଟ୍‌ରେ ଶାରୀରିକ ଯନ୍ତ୍ରଣା ବିଶେଷ କରି କିଡନୀ ଖରାପ ହେବା ଯୋଗୁଁ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଲେ ବୋଲି ସଞ୍ଜୟ ଲେଖିଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୨୭/୨୦) ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ରୋଡ୍ ଡିଭାଇଡରରେ ପିଟିହେଲା ବାଇକ୍, ଜଣେ ମୃତ

ପଦ୍ମପୁର,୧୫।୬(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଥାନା ମହୁଲପାଲି-ଅଙ୍ଗନଦୀ ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ସେଠାରେ ରହିଥିବା ରୋଡ୍ ଡିଭାଇଡରରେ ପିଟି ହେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ପଦ୍ମପୁର ଥାନା ମୁର୍ହାପାଲି ଗ୍ରାମର ସୁରେଶ କୁମାର ବାଗ। ସେହିପରି ବଲାଙ୍ଗୀର ଜିଲା ଲରମ୍ଭା ଥାନା ଅନ୍ତର୍ଗତ ଦମେଇପାଲି ଗ୍ରାମର ସୌମେନ୍ଦ୍ର ମେହେର ଓ ବିଭୂତି ଡନସନା ଗୁରୁତର ଆହତ ହୋଇଛନ୍ତି। ମୃତାହତଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପଠାଯାଇଛି। ମଙ୍ଗଳବାର ସୁରେଶଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା (ନଂ.୪୦/୨୦୨୦) ରୁଜୁ ହୋଇଛି।

## ଗାଡି ଧକ୍କାରେ ଯୁବକ ମୃତ, ଜଣେ ଗୁରୁତର

କୋକସରା,୧୫।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଖଲିଗଡ଼ ଗାଁର ଯୁବକ ଘନଶ୍ୟାମ ଗଣ୍ଡିଆ (୪୬)ଙ୍କ ଏକ ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ଏଥିରେ ଶ୍ୟାମ ସୁନ୍ଦର ମହାନନ୍ଦ (୩୫) ଗୁରୁତର ହୋଇଛନ୍ତି। ତାଙ୍କୁ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘନଶ୍ୟାମ ତାଙ୍କ ପରିବାରର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଆମପାଣି ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଡାକ୍ତରଙ୍କ ସ୍ୱାବ୍ ଟେଷ୍ଟ ରିପୋର୍ଟ ନେଗେଟିଭ

**ଜହ୍ନାପଙ୍କ,୧୫।୬(ଡି.ଏନ.ଏ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଖମାରସାହିର କରୋନା ଆକ୍ରାନ୍ତଙ୍କୁ ଚିକିତ୍ସା କରିଥିବା ଜଣେ ଡାକ୍ତରଙ୍କ ସ୍ୱାବ୍ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଛି। ଏହାପରେ ଚିକିତ୍ସିତ ହୋଇଥିବା ରୋଗୀମାନେ ଆଶ୍ୱସ୍ତ ଲାଭ କରିଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କୁ ପ୍ରାୟ ସପ୍ତାହେ ହେଲା ହୋମ୍ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ସୋମବାରଠାରୁ ଡାକ୍ତର ତାଙ୍କର କାମରେ ଯୋଗଦେବା ସହ ରୋଗୀସେବା ଆରମ୍ଭ କରିଛନ୍ତି। ଡାକ୍ତରଙ୍କ ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସ୍ୱାବ୍ ନମୁନା ଟେଷ୍ଟ ପାଇଁ ପଠାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ସାଧାରଣ ରୋଗୀଙ୍କ ସହ ପ୍ରଶାସନର ଚିନ୍ତା ଦୂର ହୋଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀଧର ସାହୁ ପ୍ରକାଶ କରିଛନ୍ତି।

## ମହିଳା କର୍ମଚାରୀଙ୍କୁ ନିର୍ଯାତନା

ଲହୁଣୀପଡ଼ା,୧୫।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟାଗାଁ ଲ୍ୟାମ୍ପସରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଜଣେ ଅଧିକାରୀ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଅଧିକାରୀ ତାଙ୍କୁ ଅଲଗା ପ୍ରକୋଷ୍ଠକୁ ଡକାଇ ଖରାପ ବ୍ୟବହାର କରିବା ଥାନାରେ ଅଭିଯୋଗ ହୋଇଛି।

# ପ୍ରଶାସନ ଶୁଣିଲାନି, ଗ୍ରାମବାସୀ କଲେ ରାସ୍ତା



ଗ୍ରାମବାସୀ ଗାଁ ରାସ୍ତା ମରାମତି କରୁଛନ୍ତି।

ଜୁନାଗଡ,୧୫।୬(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗୌଡ଼ଛେଣ୍ଡିଆ ପଞ୍ଚାୟତ ହରିହରପୁର ଗ୍ରାମବାସୀ ଶେଷରେ ଗାଁ ରାସ୍ତା ମରାମତି କରିଛନ୍ତି। ରାସ୍ତା ମରାମତି ଦିଗରେ ସ୍ଥାନୀୟ ପ୍ରଶାସନ ତଥା ରାଜନେତା ନ ଶୁଣିବାରୁ ସୋମବାର ସକାଳୁ ଗ୍ରାମବାସୀ ଏକତ୍ର ହୋଇ ମୁଖ୍ୟ ଛକଠାରୁ ଗାଁ ପର୍ଯ୍ୟନ୍ତ ମରାମତି କାମ ଆରମ୍ଭ କରିଛନ୍ତି। ସେମାନେ ଟ୍ରାକ୍ଟର ସାହାଯ୍ୟରେ ମୋରମ ଆଣି ରାସ୍ତା ମରାମତି କରୁଛନ୍ତି। ଦୀର୍ଘଦିନ ହେବ ଏହି ରାସ୍ତାଟି ଶୋଚନୀୟ ହୋଇ ପଡିରହିଥିଲା। ଏଠାରେ ବଡ ବଡ ଖାଲ ହେବା ସହ ବର୍ଷା ହେଲେ କାଦୁଅ ଯୋଗୁ ଯାତାୟାତ ଏକପ୍ରକାର ଠପ୍ ହୋଇଯାଉଥିଲା। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ସମ୍ପର୍କରେ ସେମାନେ ସ୍ଥାନୀୟ ପ୍ରଶାସନ ଓ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା।

# କାଉଡୋଲା-ଲଦୁଗାଁ ରାସ୍ତା ମରଣଯନ୍ତା

କୋକସରା, ୧୫।୬ (ଡି.ଏନ.ଏ)



କାଉଡୋଲ-ଲଦୁଗାଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି।

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲାରୁ ଲଦୁଗାଁକୁ ସଂଯୋଗ କରୁଥିବା ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଦୀର୍ଘଦିନ ହେଲା ଏହି ରାସ୍ତା ମରାମତି ହୋଇ ନ ଥିବାରୁ ସ୍ଥାନେ ସ୍ଥାନେ ଖାଲଖମା ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଅନେକ ସମୟରେ ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟି ଧନ ଜୀବନହାନି ହେଉଛି। ଏଣୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଶୀଘ୍ର ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଅନୁସାରେ, କୋକସରା ବ୍ଲକ କାଉଡୋଲା ଛକ ୨୬ ନମ୍ବର ଜାତୀୟ ରାଜପଥରୁ ଲଦୁଗାଁ ପର୍ଯ୍ୟନ୍ତ ୪.୧୫୦ କିମି ରାସ୍ତା ୨୦୧୨ ମସିହାରେ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରି ନିର୍ମାଣ କରାଯାଇଥିଲା। ଠିକା ସଂସ୍ଥା ପକ୍ଷରୁ ୨୦୧୭-୧୮ ବର୍ଷରେ ରାସ୍ତାର ରକ୍ଷଣାବେକ୍ଷଣ କରାଯାଇଥିବା ବେଳେ ଅତି ନିମ୍ନମାନର କାମ ଯୋଗୁ ଅଳ୍ପ ଦିନରେ ରାସ୍ତାଟି ଖାଲଖମାରେ ପରିଣତ ହୋଇଥିଲା। ସେହି ସମୟରେ ରାସ୍ତାର ଅବସ୍ଥା ଦେଖି ପୁଣି ୫୩ ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ରାସ୍ତା ମରାମତି କରିଥିଲା। ମାତ୍ର କମ୍ ଦିନରେ ରାସ୍ତା ଅବସ୍ଥା ବେହାଲ ହୋଇପଡିଥିଲା। ରାସ୍ତାରୁ ପିଚୁ ଛାଡି ଯିବା ସହ ଭାରିଯାନ ଚଳାଚଳ ଯୋଗୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଅଧିକାଂଶ ସ୍ଥାନରେ ବଡ ବଡ ଖାଲଖମା ସୃଷ୍ଟି ହୋଇଥିବାରୁ ଛୋଟବଡ ଦୁର୍ଘଟଣା ଘଟୁଛି। ଲଦୁଗାଁ କୋକସରା ବ୍ଲକର ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବା ବେଳେ ବିଭିନ୍ନ ଅଞ୍ଚଳର ଲୋକ ଲଦୁଗାଁ ଉପରେ ନିର୍ଭର କରିଥାନ୍ତି। ଲଦୁଗାଁରେ ପ୍ରାୟ ୧୧ଟି ରାଇସ ମିଲ୍ ସହିତ ବ୍ୟାଙ୍କ, ସ୍କୁଲ, କଲେଜ, ଶିଶୁମନ୍ଦିର, ଇଂଲିଶ ମିଡିୟମ ସ୍କୁଲ ସହ ଛୋଟ ବଡ ଶିକ୍ଷାନୁଷ୍ଠାନ ମଧ୍ୟ ରହିଛି। ଦୈନିକ ଶିକ୍ଷାନୁଷ୍ଠାନରୁ ଏହି ରାସ୍ତା ଦେଇ ଶହ ଶହ ଭାରିଯାନ ଚଳାଚଳ କରୁଛି। ଏହି ରାସ୍ତାଟି ଜୟପାଟଣା ବ୍ଲକରୁ କୋକସରା ବ୍ଲକକୁ ସଂଯୋଗ କରୁଥିବାରୁ ରାସ୍ତା ଉପରେ ବହୁ ସଂଖ୍ୟକ ବାଇକ, ଚାରି ଚକିଆ ଯାନ, ସ୍କୁଲ ଗାଡି ଓ ଶିକ୍ଷାନୁଷ୍ଠାନର ଭାରିଯାନ ଚଳାଚଳ କରୁଛି। ରାସ୍ତାରେ ଖାଲଖମା ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଏ ନେଇ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଆଶିଷ ସେଠୀଙ୍କୁ ପଚାରିବାରୁ ସେ କହିଲେ, ରାସ୍ତାର ଉନ୍ନତୀକରଣ ସକାଶେ ବିଭାଗୀୟ ଅନୁଦାନ ପାଇଁ ପ୍ରସ୍ତାବ ଦିଆସରିଛି। ଅର୍ଥ ମଞ୍ଜୁର ହେଲେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## କପଡା ଦୋକାନରେ ନିଆଁ, ଲକ୍ଷାଧିକ ମୂଲ୍ୟର କପଡା ପାଉଁଶ

ମନମୁଣ୍ଡା, ୧୫।୬ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ମେହେର କଲେକସନ୍ କପଡା ଦୋକାନରେ ସୋମବାର ନିଆଁ ଲାଗି ଲକ୍ଷାଧିକ ଟଙ୍କା ମୂଲ୍ୟର କପଡା ପୋଡି ପାଉଁଶ ହୋଇଯାଇଛି। ସକାଳ ପ୍ରାୟ ସାଢ଼େ ୫ଟା ସମୟରେ ଉକ୍ତ ଦୋକାନରୁ ଧୂଆଁ ବାହାରୁଥିବା ଜଣେ ପଥଚାରୀ ଦେଖିବାକୁ ପାଇ ଦୋକାନ କାନ୍ଥରେ ମାଲିକଙ୍କ ଫୋନ ନମ୍ବର ଦେଖି ତାଙ୍କୁ ଫୋନ କରିଥିଲେ। ଦୋକାନ ମାଲିକ ପଟାଭାଡି (ସୋନପୁର)ର ରାମେଶ୍ୱର ମେହେର ଫୋନ ପାଇ ଦୋକାନକୁ ଆସି ତାଲା ଖୋଲିଥିଲେ। ପରେ ସୋନପୁର ଦମକଳ ବାହିନୀ ଆସି ନିଆଁ ଲିଭାଇଥିଲେ। କିନ୍ତୁ ଏହା ପୂର୍ବରୁ ତାଙ୍କର ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟର କପଡା ପୋଡି ନଷ୍ଟ ହୋଇଯାଇଥିଲା ବୋଲି ଦୋକାନର ମାଲିକ ମେହେରଙ୍କଠାରୁ ଜାଣିବାକୁ ମିଳିଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ବିଦ୍ୟୁତ ଶର୍ଟ ସର୍କିଟରୁ ହୋଇଥିବା ସନ୍ଦେହ କରାଯାଉଛି।

# ମଣ୍ଡିରେ ପଡ଼ିରହିଛି ୯୦ହଜାର ଧାନବସ୍ତା

**ସୋନପୁର,୧୫।୬(ନି.ପ୍ର.)**

**ସୁବର୍ଣ୍ଣପୁର ଜିଲ୍ଲା**
- ମୌସୁମୀ ସକ୍ରିୟ, ବ୍ୟବସାୟୀଙ୍କ କବ୍‌ଜାରେ ମଣ୍ଡି



ମଣ୍ଡିରେ ଧାନବସ୍ତା ପଡ଼ିରହିଛି।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବା ପରେ ସୁବର୍ଣ୍ଣପୁର ଜିଲାରେ ବର୍ଷା ଲାଗିରହିଛି। ଜିଲାରେ ଏବେ ରବିରତୁ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। କିନ୍ତୁ ମିଲର-ବ୍ୟବସାୟୀଙ୍କ ସଲାସୁତୁରାରେ ଧାନ ସଂଗ୍ରହ ଧିମେଇ ଚାଲିଛି। ନାନା ଅବ୍ୟବସ୍ଥା କାରଣରୁ ଚାଷୀଙ୍କୁ ହଇରାଣ ହେବାକୁ ପଡୁଛି। ବ୍ୟବସାୟୀମାନେ ମଣ୍ଡିଗୁଡ଼ିକୁ ଏକ ପ୍ରକାର କବ୍‌ଜା କରି ରଖିଛନ୍ତି। ଜିଲାର ବିନିକା, ଡୁଙ୍ଗୁରିପାଲି ଓ ଉଲୁଣ୍ଡା ବ୍ଲକର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ପ୍ରାୟ ୯୦ ହଜାରରୁ ଊର୍ଦ୍ଧ୍ୱ ଧାନବସ୍ତା ବିକ୍ରି ନ ହୋଇ ପଡ଼ିରହିଛି। ଧାନବସ୍ତାଗୁଡ଼ିକୁ ତୁରନ୍ତ ଉଠା ନ ଗଲେ ବର୍ଷାରେ ଭିଜି ଓଦାହେବ, ଚାଷୀ କ୍ଷତି ସହିବେ।

ସୁବର୍ଣ୍ଣପୁର ଜିଲାରେ ମେ ୧୫ ତାରିଖରୁ ଧାନକିଣା ଆରମ୍ଭ ହୋଇଛି। ଜୁନ୍ ୩୦ତାରିଖରେ ଏହି ଅବଧି ସରିବ। ହେଲେ ମନ୍ଥର ଗତିରେ ଧାନ ସଂଗ୍ରହ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଡୁଙ୍ଗୁରିପାଲି ବ୍ଲକର ଦିଗଶିରା, ଭୀମଟିକିରା, ସହଲା, ତମାମୁରା, ମାୟାବାର୍ହା, ବେହେରାମାଲ, ସାରସମାଲ, ବଡକର୍ଲେ, ରାମପୁର ମଣ୍ଡି, ବିନିକା ବ୍ଲକର ଶଙ୍କରା, ଚରଦା, ସିଲାଟି, ମେଘଲା, ସେଲେଡି, ବାଙ୍କିଗିର୍ଡି, ବାଉଁଶୁଣୀ ମଣ୍ଡି ଓ ଉଲୁଣ୍ଡା ବ୍ଲକର କଳାପଥର ମଣ୍ଡିରେ ଧାନବସ୍ତାଗୁଡିକ ପଡିରହିଛି। କେତେକ ସ୍ଥାନରେ ଗୋଦାମଘର ଅଭାବରୁ ଖୋଲା ଆକାଶତଳେ ଧାନ ରହିଛି। ଅନ୍ୟପକ୍ଷେ ମିଲର-ବ୍ୟବସାୟୀଙ୍କ ସଲାସୁତୁରାରେ କ୍ଷତିଗ୍ରସ୍ତ ହେଉଛି ଚାଷୀ। ଅଣ୍ଡରରେଟ୍‌ରେ ଧାନକିଣି ମିଲରଙ୍କ ଗୋଦାମ ଭର୍ତ୍ତି ହୋଇଗଲାଣି। ମାତ୍ର ପ୍ରକୃତ ଚାଷୀ ଯିଏ ଟୋକନ ପାଇ ମଣ୍ଡିକୁ ଧାନ ବିକ୍ରି କରିବାକୁ ଯାଉଛି ସେ ହଇରାଣ ହେଉଛି। ଚାଷୀ ହୀନସ୍ତା ହେବା ପରେ ବାଧ୍ୟହୋଇ ବ୍ୟବସାୟୀଙ୍କ ଜାଲରେ ଫସିଯାଉଛି।

ରବିଧାନ ବିକ୍ରି ପାଇଁ ୨୮ ହଜାର ୮୦ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଜିଲାର ୪୧ଟି ଓ ସମ୍ବଲପୁର ଜିଲାର ୧୯ ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇଛି। ସେହିପରି ୫୪ଟି ପ୍ୟାକ୍ସ ଓ ୨୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଧାନକ୍ରୟ ହେଉଛି। ସରକାରଙ୍କ ଅନ୍‌ଲାଇନ ଟୋକନ ବ୍ୟବସ୍ଥା ଅନୁଯାୟୀ ସୋମବାର ଅପରାହ୍ନ ସୁଦ୍ଧା ୨୧ହଜାର ୯୪୯ଜଣ ଚାଷୀଙ୍କଠାରୁ ୨୧ଲକ୍ଷ ୩୯ହଜାର ୪୦୪କୁଇଣ୍ଟାଲ ୩୩କିଲୋ ଧାନକ୍ରୟ କରାଗଲାଣି । ଏହି ଜିଲାରୁ ୨୭ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ପାଇଁ ରାଜ୍ୟ ସରକାର ଟାର୍ଗେଟ୍ ଦେଇଛନ୍ତି। ତେବେ ମିଲରଙ୍କ ଇଚ୍ଛା ଅନୁସାରେ ଧାନକିଣା ଚାଲିଛି। ସେମାନେ ମଣ୍ଡିକୁ ଠିକ୍ ସମୟରେ ଟ୍ରକ୍ ପଠାଉ ନାହାନ୍ତି। ଜିଲାର ମିଲରମାନେ ଏବେ ସରକାରଙ୍କୁ ଚାଉଳ ଡେଲିଭେରି ଦେଉଥିବାରୁ ଟ୍ରକ୍ ଓ ଶ୍ରମିକଙ୍କ ଅଭାବ ରହୁଛି। ସମ୍ବଲପୁର ଜିଲାର ମିଲର୍ସ ମଧ୍ୟ ଧାନ ଉଠାଣରେ ବିଳମ୍ବ କରୁଛନ୍ତ। ଏଭଳି ଅବ୍ୟବସ୍ଥାକୁ ନେଇ ଚାଷୀ ରାମପୁରରେ ରାସ୍ତାରୋକୋ କରିଥିବା ବେଳେ ଶଙ୍କରା ପ୍ୟାକ୍ସରେ ତାଲା ପକାଇଥିଲେ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କୁହନ୍ତି, ଚାଷୀଙ୍କ ଧାନ ଶୀଘ୍ର ଉଠାଇବା ପାଇଁ ଉଦ୍ୟମ କରୁଛୁ। ଗତ ଦୁଇଦିନ ହେବ ମିଲରମାନେ ଅଧିକ ସଂଖ୍ୟକ ଟ୍ରକ୍ ବିଭିନ୍ନ ମଣ୍ଡିକୁ ପଠାଇଛନ୍ତି।

# ଥାନା ପରିସରରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ସମ୍ବଲପୁର,୧୫।୬ (ବ୍ୟୁରୋ)**

- ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ
- ଗୁରୁତର ଅବସ୍ଥାରେ ଭିମ୍‌ସାରରେ ଭର୍ତ୍ତି

ସମ୍ବଲପୁର ଜିଲା ଧନୁପାଲି ଥାନା ସମ୍ମୁଖ କୁମ୍ଭାରପଡାରେ ଭଡାରେ ରହୁଥିବା ଜଣେ ଯୁବକ ଥାନା ପରିସରରେ ରବିବାର ସନ୍ଧ୍ୟାରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ପୋଲିସ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଭିମ୍‌ସାରରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ଗୁରୁତର ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି ।

ମିଳିଥିବା ସୂଚନା ଅନୁଯାୟୀ, ମାଆଙ୍କ ସହ ବହୁ ବର୍ଷ ହେଲା ସେହି ଯୁବକ ଭଡାରେ ରହୁଥିଲା । ଘର ମାଲିକଙ୍କ ସହ ଅଧିକାଂଶ ସମୟରେ ତାଙ୍କର ଝଗଡ଼ା ହେଉଥିଲା । ଏହାକୁ ନେଇ କିଛିଦିନ ପୂର୍ବରୁ ଧନୁପାଲି ଥାନାରେ ଘର ମାଲିକ ଅଭିଯୋଗ କରିଥିଲେ । ଏହା ପରେ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା । ସେ ଘର ଛାଡିବାକୁ କିଛି ମାସ ସମୟ ମାଗିଥିଲେ । ଘର ମାଲିକ ସମୟ ଦେଇଥିଲେ ମଧ୍ୟ ପାଇଖାନା ବ୍ୟବହାର କରି ପାରିବେ ନାହିଁ ବୋଲି କହିଥିଲେ । ଏଥିରେ ସେ ରାଜି ହୋଇଥିଲେ। ହେଲେ ଏଥିପାଇଁ ସମସ୍ୟା ହେବାରୁ ରବିବାର ସନ୍ଧ୍ୟାରେ ଘର ମାଲିକଙ୍କ ସହ ସମ୍ପୃକ୍ତ ଯୁବକଙ୍କ ଝଗଡ଼ା ହୋଇଥିଲା । ଏ କଥା ଜଣାଇବାକୁ ସେ ଥାନାକୁ ଆସିଥିଲେ । ହେଲେ ଏଥିରେ ମାନସିକ ଭାରସାମ୍ୟ ହରାଇ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ । ସିସିଟିଭିରେ ଏହି ଦୃଶ୍ୟ ଦେଖି ପୋଲିସ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଭିମ୍‌ସାରରେ ଭର୍ତ୍ତି କରିଥିଲେ ।

## ସଂକ୍ଷେପରେ

### ଝାରସୁଗୁଡ଼ାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୮ ହେଲା

**ଝାରସୁଗୁଡ଼ା ଅଫିସ,୧୫।୬:** ସୋମବାର ଝାରସୁଗୁଡ଼ା ଜିଲାରେ ପୁଣି ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୯ଜଣ ସୁସ୍ଥ ହୋଇଥିବା ବେଳେ ଅବଶିଷ୍ଟ ଚିକିତ୍ସାଧୀନ ଅଛନ୍ତି । ଏନେଇ ଜିଲାପାଳ ସରୋଜ କୁମାର ସାମଲ ଟୁଇଟ୍ କରି ସୂଚନା ଦେଇଛନ୍ତି। ସୋମବାର ଚିହ୍ନଟ ରୋଗୀ ଜଣେ ମହିଳା । ସେ ଗତ ୬ ତାରିଖରେ ଗୁରୁଗ୍ରାମ(ପୂର୍ବ ନାମ ଗୁରୁଗାଁଓ)ରୁ ଦିଲ୍ଲୀ ହୋଇ ଭୁବନେଶ୍ୱର ଓ ପରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗରରେ ପହଞ୍ଚିଥିଲେ । ସେଦିନଠାରୁ ସେ ହୋମ୍ କ୍ୱାରାଣ୍ଟାଇନରେ ଥିଲେ ।

### ବିଶିଷ୍ଟ କ୍ରୀଡ଼ା ପ୍ରଶାସକ ଦିବାକର ମହାନ୍ତିଙ୍କ ବିୟୋଗ



**ସୁନ୍ଦରଗଡ, ୧୫।୬(ଡି.ଏନ୍.ଏ.):** ସୁନ୍ଦରଗଡ ଜିଲା କ୍ରୀଡା ସଂସଦର ବରିଷ୍ଠ ଉପସଭାପତି ତଥା ଓଡିଶା କ୍ରୀଡା ଜଗତର ବିଶିଷ୍ଟ କ୍ରୀଡା ପ୍ରଶାସକ ଦିବାକର ମହାନ୍ତିଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

### ପ୍ରବଚକଙ୍କ ବିରୋଧରେ ଥାନାରେ ଏତଲା

**ସୋନପୁର/ବିନିକା,୧୫।୬(ଡି.ଏନ୍.ଏ.):** ଏକ ଘରୋଇ ଓଡିଆ ଟିଭି ଚ୍ୟାନେଲରେ ଜଣେ ପ୍ରବଚକ ହିନ୍ଦୁ ଧର୍ମ ବରୋଧରେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋମବାର ଓଡିଶା ବୈଦିକ ବ୍ରାହ୍ମଣ ପରିଷଦ ସୁବର୍ଣ୍ଣପୁର ଶାଖା ପକ୍ଷରୁ ସମ୍ପୃକ୍ତ ପ୍ରବଚକଙ୍କ ବିରୋଧରେ ସୋନପୁର ଟାଉନ୍ ଥାନାରେ ଏତଲା ଦିଆଯାଇଛି। ସୁମନ୍ତ ଷଡଙ୍ଗୀ, ରାଜେନ୍ଦ୍ର ମହାପାତ୍ର, ସ୍ୱାଗତ ମିଶ୍ର, ପିଙ୍କୁ ବେଦବାଗ, ପୁରୁଷୋତ୍ତମ ପଣ୍ଡା, ଶାନ୍ତନୁ ପଣ୍ଡା, ସଚ୍ଚିଦାନନ୍ଦ ଦାଶ, ସରୋଜ ବେଦବାଗ ପ୍ରମୁଖ ଏତଲା ଦେଇଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

**ବରଗଡ଼ ଅଫିସ୍,୧୫।୬:** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୩ ମନାବନ୍ଧ ପଡ଼ାରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ପ୍ରଭୁଦେବ ବିଶ୍ୱାସ। ସେ ଘରର ଆଜବେଷ୍ଟସ ଛାତ ଉପରେ ଶୁଖାଇଥିବା କପଡ଼ା ଆଣିବାକୁ ଯାଇଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବାବେଳେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ବରଗଡ଼ରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ମୃତଦେହ କରି ଏକ ଅପମୃତ୍ୟୁ ମାମଲା (ନଂ.୩୩/୨୦) ରୁଜୁ କରି ଅଧିକ ତଦନ୍ତ କରୁଛି ।

### ଝୁଲନ୍ତା ମୃତଦେହ ଉଦ୍ଧାର

**ବରଗଡ଼ ଅଫିସ୍,୧୫।୬:** ବରଗଡ଼ ସହରରେ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ସ୍ଥାନୀୟ ବିଶିପଡ଼ାର ପିଙ୍କୁ ସୁନା(୨୮) ବୋଲି ଜଣାପଡ଼ିଛି । ନିଜ ଘର ଛାତରେ ବେକରେ ଦଉଡ଼ି ବନ୍ଧା ହୋଇଥିବା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଥିଲା। ଫଳରେ ସେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି । ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୨/୨୦) ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି ।

### ବଜ୍ରପାତରେ ୪ ବଳଦ ମୃତ

**ଦେବଗଡ଼,୧୫।୬(ଡି.ଏନ.ଏ.):** ସେମାବାର ବାରକୋଟ ବ୍ଲକ କେଲଡା ପଞ୍ଚାୟତ ଅନ୍ତର୍ଗତ ସାଲେହି ଗ୍ରାମରେ ବଜ୍ରପାତ ଘଟି ୪ ବଳଦଙ୍କ ମୃତ୍ୟୁ ଘଟିଛି। ବାରକୋଟ ବ୍ଲକ କେଲଡା ପଞ୍ଚାୟତ ଅନ୍ତର୍ଗତ ସାଲେହି ଗ୍ରାମରେ ଘଡଘଡି ସହ ସାମାନ୍ୟ ବର୍ଷା ହୋଇଥିଲା । ଫଳରେ ସାଲେହି ଗାଁରେ ଚରୁଥିବା ୪ ବଳଦ ଏକ ଗଛ ତଳେ ଆଶ୍ରୟ ନେଇଥିଲେ । ମୃତ ବଳଦ ମଧ୍ୟରୁ ଗୋଟିଏ ସାଲେହି ଗ୍ରାମର ରବି ମୁଣ୍ଡା, ଗୋଟିଏ ଗଣେଶ ସିଂ,ଗୋଟିଏ ଧନଞ୍ଜୟ ସାହୁଙ୍କର ହୋଇଥିବାବେଳେ ଅନ୍ୟଟି ଇଶ୍ୱେଶ ଟେଟେଙ୍କର ବୋଲି ଜଣାପଡିଛି ।

# ନିଶାଦ୍ରବ୍ୟ କାରବାର ନେଇ ଚର୍ଚ୍ଚାରେ ବଲାଙ୍ଗୀର ଜେଲ

**ବଲାଙ୍ଗୀର ଅଫିସ, ୧୫।୬**

- ଭିମ୍‌ସାରରୁ ଫେରିଲେ ଅଭିଯୁକ୍ତ ଅଭିଷେକ ଦୋରା
- ଅଭିଯୋଗକୁ ଜେଲ ଅଧୀକ୍ଷକଙ୍କ ଖଣ୍ଡନ

ବଲାଙ୍ଗୀର ଜିଲାରେ ନିଶାଦ୍ରବ୍ୟ କାରାବାର ଚାଲିଥିବା ନେଇ ଚର୍ଚ୍ଚା ଜୋର ଧରିଛି। ରବିବାର ନିଶାଦ୍ରବ୍ୟ କାରବାରରେ ପୋଲିସ ଦ୍ୱାରା ଗିରଫ ହୋଇ ଏହି ଜେଲରେ ଥିବା କଏଦୀ ଅଭିଷେକ ଦୋରାଙ୍କୁ ଭୀମଭୋଇ ମେଡିକାଲକୁ ନିଆଯାଇଥିଲା । ପରେ ତାଙ୍କୁ ଭିମସାର ସ୍ଥାନାନ୍ତର କରାଯାଇଥିଲା। ଅସୁସ୍ଥତା କାରଣରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିବା କୁହାଯାଇଛି। ପ୍ରକୃତରେ ଜେଲରେ ନିଶା କାରବାର ଘଟଣାରେ ନିର୍ଯାତନାକୁ ନେଇ ଅଭିଷେକଙ୍କୁ ହସ୍ପିଟାଲ ପଠାଯାଇଥିବା ଚର୍ଚ୍ଚା ହେଉଛି। ତେବେ ରବିବାର ରାତି ସୁଦ୍ଧା ସେ ବୁର୍ଲାରୁ ଜେଲକୁ ଫେରିଛନ୍ତି । ଗତ ମେ ୨୭ ତାରିଖରୁ ଅଭିଷେକ ବଲାଙ୍ଗୀର ଜେଲରେ ରହିଛନ୍ତି।

ଜେଲରେ ନିଶାଦ୍ରବ୍ୟ କାରବାର ଚାଲିଛି । ଏଥିରେ ଜେଲର କେତେକ କର୍ମଚାରୀ ସାମିଲ ଅଛନ୍ତି। ଅଭିଷେକ ଜେଲରେ ରହିବା ପରେ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଇଛି । କିଛିଦିନ ତଳେ ଜେଲ ଭିତରେ ଏକ ଗଞ୍ଜେଇ ପୁଡିଆ କୁଆଡେ ମିଳିଥିଲା। ଏହାକୁ କର୍ତ୍ତୃପକ୍ଷ ହାଲୁକା ଭାବେ ନେଇଥିଲେ । ଯେଉଁ କର୍ମଚାରୀ ଏଥିରେ ସାମିଲ ଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାକୁ କେନ୍ଦ୍ର କରି ଜେଲରେ ଏବେ ଗୋଷ୍ଠୀକନ୍ଦଳ ଆରମ୍ଭ ହୋଇଥିବା ଜଣାପଡିଛି। ଜେଲ ଅଧୀକ୍ଷକ ଉର୍ମିଳା ମିଞ୍ଜଙ୍କୁ ପଚାରିବାରୁ ସବୁ ଅଭିଯୋଗ ମିଥ୍ୟା ବୋଲି କହିଛନ୍ତି। ତେବେ କେତେକ ଅସାଧୁ କର୍ମଚାରୀଙ୍କ ସ୍ୱାର୍ଥସାଧନ ହୋଇପାରୁ ନ ଥିବାରୁ ଏଭଳି ମିଥ୍ୟା କଥା ପ୍ରଚାର କରୁଛନ୍ତି ବୋଲି କହିଛନ୍ତି ।

## ଟଙ୍କା ଉଠାଣ ପାଇଁ ଶତାୟୁ ମହିଳାଙ୍କୁ ଖଟିଆରେ ଆଣିବା ଘଟଣାକୁ ନିନ୍ଦା କଲା ବରିଷ୍ଠ ନାଗରିକ ସଂଘ

**ବଲାଙ୍ଗୀର ଅଫିସ, ୧୫।୬**

ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅସହଯୋଗ ଯୋଗୁଁ ଜନଧନ ଆକାଉଣ୍ଟରୁ ଟଙ୍କା ଉଠାଇବାକୁ ଚାହୁଁଥିବା ଜଣେ ଶତାୟୁ ମହିଳାଙ୍କୁ ତାଙ୍କ ଝିଅ ଖଟିଆରେ ଟାଣି ଟାଣି ନେବା ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି । ଜଣେ ବରିଷ୍ଠ ନାଗରିକ ତଥା ଶତାୟୁ ମହିଳାଙ୍କ ପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଏଭଳି ମନୋଭାବ ଓ ଅସହଯୋଗକୁ ନେଇ ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘ ନିନ୍ଦା କରିଛି। ଏଥିସହ ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି । ବରିଷ୍ଠ ନାଗରିକଙ୍କ ପ୍ରତି ଏହା ଅମାନୁଷିକ ବ୍ୟବହାର ବୋଲି କୁହାଯାଇଛି । ଖାଲି ନିଲମ୍ବନ ନୁହେଁ, ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନହେଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଫଟୋରେ ଖବର..



ସୋମବାର ସକାଳେ ବର୍ଷା ଯୋଗୁଁ ସମ୍ବଲପୁର ଗୋପାଳମାଳ ପ୍ରଗତି ବିହାର ରାସ୍ତାରେ ପାଣି ଜମି ରହିଛି ।

# ପୋଖରୀରୁ ଦଳ ସଫା କଲେ ଯୁବଗୋଷ୍ଠୀ

**ଅମରପାଲି, ୧୫।୬ (ଡି.ଏନ.ଏ.)**



ଯୁବଗୋଷ୍ଠୀ ପୋଖରୀରୁ ଦଳ ସଫା କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହିଲୁଙ୍ଗ ପଞ୍ଚାୟତର ରଣାବନ୍ଧକୁ ଯୁବଗୋଷ୍ଠୀ ସଫା କରିଛନ୍ତି । ଯାହାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ଏହି ପୋଖରୀ ଉପରେ ହିଲୁଙ୍ଗ, କର୍ଣ୍ଣପାଲି, ବାଘମାରି ସମେତ ବୀରମହାରାଜପୁରର ଲୋକେ ନିର୍ଭର କରିଥାନ୍ତି। ବର୍ଷତମାମ ଏହି ପୋଖରୀରେ ପାଣିଥାଏ। ଫଳରେ ପ୍ରତିଦିନ ଶତାଧିକ ଲୋକ ସ୍ନାନ କରିଥାନ୍ତି। ହେଲେ ବହୁ ଦିନ ହେଲା ଉକ୍ତ ପୋଖରୀକୁ ସଫା କରାଯାଇ ନ ଥିଲା । ଫଳରେ ପୋଖରୀଟି ଦଳ ଭର୍ତ୍ତି ହୋଇରହିଥିଲା। ଯେଉଁମାନେ ଏହି ପୋଖରୀରେ ଗାଧୋଉଥିଲେ ସେମାନେ କାଛୁକୁଣ୍ଡିଆ ଭଳି ଚର୍ମରୋଗରେ ଆକ୍ରାନ୍ତ ହେଉଥିଲେ। ଏନେଇ ପ୍ରଶାସନକୁ ପୋଖରୀ ସଫା ଲାଗି ଅନୁରୋଧ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଶେଷରେ ଗ୍ରାମର ଯୁବକମାନେ ନିଜେ ପୋଖରୀ ସଫା କରିବାକୁ ନିଷ୍ପତ୍ତି ନେଇଥିଲେ। ଗ୍ରାମର ଗୌନ୍ତିଆ ସତ୍ୟନାରାୟଣ ସିଂହ ଓ ପୃଥ୍ୱୀରାଜ ସିଂହଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ସୋମବାର ଦଳ ସଫା କରିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ଅଶୋକ ମହାକୁରଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଉକ୍ତ ପୋଖରୀର ରକ୍ଷଣାବେକ୍ଷଣ ସହିତ ପୁନରୁଦ୍ଧାର ହେବ ବୋଲି କହିଛନ୍ତି।

# ଅପହୃତା ଯୁବତୀଙ୍କ ଟେର୍ ପାଉନି ପୋଲିସ

**ବିନିକା,୧୫।୬(ଡି.ଏନ୍.ଏ.)**

**ଅପହରଣର ୩ବର୍ଷ ପୂରିଲା**

୩ ବର୍ଷ ତଳୁ ଅପହୃତା ହୋଇଥିବା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଗିର୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହୁଡୁମା ଗ୍ରାମର କୁମୁଦିନୀ ଥାଳି(୨୪) ନାମ୍ନୀ ଜଣେ ଯୁବତୀଙ୍କ ପତ୍ତା ଅଦ୍ୟାବଧି ମିଳିପାରିନାହିଁ। ଯୁବତୀ ଜଣକ ଜୀବିତ ନା ମୃତ ସେ ନେଇ ପରିବାର ଲୋକେ ସନ୍ଦେହରେ ରହିଛନ୍ତି। ନ୍ୟାୟ ପାଇଁ ବହୁବାର ପୋଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତଦନ୍ତରେ ଅଗ୍ରଗତି ହେଉନାହିଁ । ବହୁଚର୍ଚ୍ଚିତ ଏହି ଅପହରଣ ମାମଲାର ପର୍ଦ୍ଦାଫାଶ କେବେ ହେବ ତାହା ଜାଣିବା ପାଇଁ ପରିବାର ଲୋକେ ଓ ଅଞ୍ଚଳବାସୀ ଚାହିଁ ରହିଛନ୍ତି ।

୨୦୧୭ ଏପ୍ରିଲ୍ ୨୪ ତାରିଖ । ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ହୁଡୁମା ଗ୍ରାମର ତେଜରାଜ ଥାଳି (୫୪)ଙ୍କ ଝିଅ କୁମୁଦିନୀ ଗାଁ ନିକଟ ଜୀରାନଦୀକୁ ଗାଧୋଇବାକୁ ଯାଇଥିଲେ । ମାତ୍ର ସେ ଆଉ ଘରକୁ ଫେରି ନ ଥିଲେ । ବାହାଘର ହେବାକୁ ୮ ଦିନ ଥିବା ବେଳେ ନଦୀକୂଳରୁ ଯୁବତୀ ଅପହରଣ ହେବା ଘଟଣା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା । ପରିବାର ଲୋକେ ଦୁଇ ଦିନ ଧରି ବିଭିନ୍ନ ସ୍ଥାନ ଖୋଜାଖୋଜି କରି ତାଙ୍କ ପତ୍ତା ପାଇ ନ ଥିଲେ। ଶେଷରେ ଏପ୍ରିଲ ୨୬ ତାରିଖରେ କୁମୁଦିନୀଙ୍କ ବାପା ତେଜରାଜ ବିନିକା ଥାନାରେ ଝିଅ ନିଖୋଜ ହେବା ନେଇ ଲିଖିତ ଅଭିଯୋଗ କରିଥିଲେ। ସେ ତାଙ୍କ ଅଭିଯୋଗରେ ହୁଡୁମା ଗାଁର ଜଣେ ଯୁବକ ତାଙ୍କ ଝିଅକୁ ଅପହରଣ କରି ନେଇଥିବା ଦର୍ଶାଇଥିଲେ। ମାତ୍ର ପୋଲିସ ଏ ନେଇ ତଦନ୍ତକୁ ତ୍ୱରାନ୍ୱିତ କରି ନ ଥିଲା। ଫଳରେ ତେଜରାଜ ନ୍ୟାୟ ପାଇବା ଆଶାରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ଏକ ଅଭିଯୋଗ ପତ୍ର ଦେଇଥିଲେ । ତା୨୮।୬।୧୮ରିଖରେ ପୋଲିସ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ପତ୍ର ସଂଖ୍ୟା-ସିଆଇଏ-୧୩୫୯-୦୧୮ରେ ସୁବର୍ଣ୍ଣପୁର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଦୀର୍ଘ ଏକବର୍ଷ ପରେ ତା୩୧।୮।୧୯ରିଖରେ ଅପହୃତାଙ୍କ ବାପାଙ୍କ ଲିଖିତ ଅଭିଯୋଗ କ୍ରମେ ବିନିକା ଥାନାରେ ଆଇପିସିର ୩୬୩, ୨୯୪ ଓ ୫୦୬ ଦଫାରେ ଏକ ମାମଲା (ନଂ.୧୪୬/୧୯) ରୁଜୁ ହୋଇଥିଲା। ଏ ନେଇ ବିନିକା ଆଇଆଇସି କୁଶ ପାଣିଗ୍ରାହୀଙ୍କୁ ପଚାରିବାରେ କହିଛନ୍ତି ଯେ, ଘଟଣା ତିନିବର୍ଷ ତଳର । ୨୦୧୯ରେ ବିନିକା ଥାନାରେ ଯୋଗଦାନ କରିବା ପରେ ଏହି ଘଟଣା ମୋ ଦୃଷ୍ଟିକୁ ଆସିଥିଲା । ପରେ ଅଭିଯୋଗକାରୀଙ୍କୁ ଥାନାକୁ ଡକାଯାଇ ଏକ ମାମଲା ରୁଜୁ କରାଗଲା । ଅପହରଣ ଘଟଣାରେ ଅଭିଯୁକ୍ତ ବୋଲି ଦର୍ଶାଯାଇଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଉପରେ ପୋଲିସ ନଜର ରଖିଛି । ଇତିମଧ୍ୟରେ ବିଭିନ୍ନ ସ୍ଥାନକୁ ଯାଇ ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କ ମୋବାଇଲ୍ ଟ୍ରାକ୍ ମଧ୍ୟ କରାଯାଇଛି। ତେବେ ଏଯାଏ ଅଭିଯୁକ୍ତଙ୍କ ବିରୋଧରେ କୌଣସି ପ୍ରମାଣ ମିଳିନାହିଁ। ଯଥାଶୀଘ୍ର ପୋଲିସ ମାମଲାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ପ୍ରୟାସ ଚଳାଇଥିବା ଆଇଆଇସି ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ପରିବାର ଲୋକେ ଝିଅ ଚିନ୍ତାରେ ମ୍ରିୟମାଣ ହୋଇ ଭାଗ୍ୟକୁ ଆଦରି ନ୍ୟାୟ ପାଇଁ ଚାହିଁ ବସିଛନ୍ତି ।

# ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟ କର୍ମଚାରୀଙ୍କ ସ୍ୱାବ୍ ନମୁନା ଟେଷ୍ଟ ପାଇଁ ଗଲା

**ଦେବଗଡ଼,୧୫।୬(ଡି.ଏନ.ଏ.)**

ଦେବଗଡ଼ଜିଲା ମୁଖ୍ୟ ଚିକିତ୍ସାଳୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କ କରୋନା ପଜିଟିଭ ରିପୋର୍ଟ ଆସିବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ସୋମବାର ସ୍ୱାସ୍ଥ୍ୟ ବିଭାଗର ଜିଲା ମୁଖ୍ୟାଳୟରେ ଥିବା ସମସ୍ତ କର୍ମଚାରୀଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ଟେଷ୍ଟ ପାଇଁ ପଠାଯାଇଛି । ଉକ୍ତ ମହିଳା କର୍ମଚାରୀ ଜଣକ ଗତ ୩ ଦିନ ତଳେ ଦେବଗଡ଼ରୁ ଭୁବନେଶ୍ୱର ଯିବା ପୂର୍ବରୁ ଜିଲା ମୁଖ୍ୟଚିକିତ୍ସାଳୟର ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବାରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି।

# ମୌସୁମୀ ବର୍ଷା ଅପେକ୍ଷାରେ ଚାଷୀ

**ଲୋଇସିଂହା, ୧୫।୬(ଡି.ଏନ୍.ଏ.)**

ଚଳିତବର୍ଷ ନିୟମିତ ବର୍ଷା ଲାଗି ରହିଛି । ଫଳରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଖରିଫଚାଷ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି। ଏହି ବ୍ଲକର ଚାଷୀ ଜମି ପ୍ରସ୍ତୁତି କରି ପହ୍ଲା ପକାଇବା ସହ ଖରୁଡ଼ି ବୁଣାବୁଣି ଆରମ୍ଭ କଲେଣି। ମୌସୁମୀ ବର୍ଷା ସକ୍ରିୟ ହେଲେ ଚାଷକାର୍ଯ୍ୟ ଜୋର୍‌ଦାର ଆରମ୍ଭ ହେବ। ଚଳିତବର୍ଷ ବ୍ଲକରେ ୨୧ହଜାର ୨୧୫ ହେକ୍ଟର ଜମିରୁ ୧୦୫୯୦ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବାକି ୫୪୭୫ ହେକ୍ଟର ଜମିରେ ଡାଲିଜାତୀୟ ଫସଲ, ୧୭୦ହେକ୍ଟର ଜମିରେ ମକା, ୪୦୭୫ ହେକ୍ଟର ଜମିରେ ପରିବା ଓ ଅନ୍ୟ ଫସଲ ପାଇଁ ଯୋଜନା ପ୍ରସ୍ତୁତି ହୋଇଛି। ୬୧୨୨ ହେକ୍ଟର ଜମିରେ ରୁଆବେଉଷଣ, ୪୪୬୮ହେକ୍ଟର ବୁଣା, ୧୦୦ହେକ୍ଟର ଧାଡିରୁଆ ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ ପ୍ରକାଶ କରିଛନ୍ତି।

# ସ୍ତ୍ରୀଙ୍କ ଚିକିତ୍ସା ପାଇଁ ଟଙ୍କା ନାହିଁ

**ଅତାବିରା,୧୫।୬(ଡି.ଏନ୍.ଏ.)**

**ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ସ୍ୱାମୀ**



ଭିମ୍‌ସାରରେ ଚିକିତ୍ସାଧୀନ ମେନକା ।

ରାଜ୍ୟ ଓ କେନ୍ଦ୍ର ସରକାର ସବୁବର୍ଗର ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ହେଲେ ପ୍ରକୃତ ହିତାଧିକାରୀ ସେଥିରୁ ବଞ୍ଚିତ ହୋଇଛନ୍ତି । ସେମିତି ଜଣେ ରୋଗୀ ହେଲେ ବରଗଡ଼ ଜିଲା ଭେଡେନ ଥାନା ବକଟି ପଞ୍ଚାୟତ ବୁର୍ଦ୍ଧା ହରିଜନପଡ଼ାର ମେନକା ଭୋଇସାଗର (୩୪) । ଗତ ୪ ତାରିଖରୁ ସେ ବୁର୍ଲା ଭିମ୍‌ସାରର ମହିଳା ମେଡିସିନ ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି । ମେଡିକାଲରେ ଆବଶ୍ୟକ ଔଷଧ ମିଳୁ ନ ଥିବାରୁ ତାଙ୍କ ସ୍ୱାମୀ ପଦ୍ମଲୋଚନ ବାହାରୁ ଚଢ଼ା ଦରରେ କିଣୁଛନ୍ତି । ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିବା ଏହି ପରିବାରର ଜମିବାଡି ନାହିଁ । ପ୍ରତିମାସରେ ରାଶନକାର୍ଡରେ ୧୫ କେଜି ଚାଉଳ ମିଳୁଛି । ଆବାସ ଗୃହ ମିଳି ନ ଥିବାରୁ ଝାଟିମାଟି ଘରେ ଦିନ କାଟୁଥିବା ଏହି ପରିବାର ପାଇଁ ଏବେ ଦୁଃଖ ମାଡ଼ି ବସିଛି । ମେନକା କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବା ପରେ ପଦ୍ମଲୋଚନ ଚିନ୍ତାରେ ପଡିଛନ୍ତି ।

ପୁଅ ଚନ୍ଦ୍ରଶେଖର (୭), ସ୍ତ୍ରୀ ମେନକାଙ୍କୁ ନେଇ ପଦ୍ମଲୋଚନଙ୍କ ଛୋଟ ସଂସାର । ସ୍ୱାମୀ ଯାହା ରୋଜଗାର କରୁଥିଲେ ସେଥିରେ ମେନକା ପରିବାର ଚଳାଉଥିଲେ । ହେଲେ ଦିନେ ହଠାତ୍ ସେ ଅସୁସ୍ଥ ହୋଇପଡିଥିଲେ । ପରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଆବଶ୍ୟକ ପରୀକ୍ଷା ନିରୀକ୍ଷା ପରେ ମେନକା କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିଲା । ଏହାର କିଛିଦିନ ପରେ ତାଙ୍କୁ ଭିମ୍‌ସାର ସ୍ଥାନାନ୍ତର କରାଯାଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଗତ ୧୧ ଦିନ ମଧ୍ୟରେ ତାଙ୍କୁ ୫ ୟୁନିଟ୍ ରକ୍ତ ଦିଆସରିଲାଣି ବୋଲି ପଦ୍ମଲୋଚନ କହିଛନ୍ତି । ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ।

ସୂଚନାଯୋଗ୍ୟ, ପଦ୍ମଲୋଚନ ୨୦୧୪ରୁ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଂଯୋଜକ ଭାବେ କାମ କରିଆସୁଛନ୍ତି।

## ସଂକ୍ଷେପରେ

### କେନାଲରୁ ମୃତଦେହ ଉଦ୍ଧାର

**କାମାକ୍ଷାନଗର,୧୫।୬(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଉଁଶପାଳ ନିକଟ ରେଙ୍ଗାଳି ବାମ କେନାଲରୁ ସୋମବାର ସକାଳେ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଆମ୍ବପାଳ ଗ୍ରାମର ସଂଗ୍ରାମ ହେମ୍ବ୍ରମ। ସଂଗ୍ରାମ ରବିବାର ସନ୍ଧ୍ୟାରେ କେନାଲକୁ ଶୌଚ ହେବାକୁ ଆସି ନିଖୋଜ ଥିଲେ। ସକାଳେ ସ୍ଥାନୀୟ ଲୋକେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଖବରପାଇ କାମାକ୍ଷାନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

### ଆକ୍ରମଣ ଅଭିଯୋଗ, ୨ ମାମଲା

**ବଇଣ୍ଡା, ୧୫।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବଡହୁଲା ପୋଖରୀ ନିକଟରେ ରବିବାର ବଡହୁଲା ଗ୍ରାମର ଅଜିତ ଦେହୁରୀଙ୍କୁ ଶାଳବଣିସାହିର ନାରାୟଣ ବେହେରା, ଟୁକୁନା ବେହେରା, ଚିକୁ ବେହେରା ପଥରରେ ଆକ୍ରମଣ କରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନଂ. ୧୨୦/୨୦ରେ ମାମଲା ରୁଜୁ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଅଜିତଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ଠାକୁରଗଡ ଥାନା ବରହ୍ମ ଗ୍ରାମର ବାବୁଲି ଗୋଚ୍ଛାୟତଙ୍କୁ ତାଙ୍କ ପୁଅ ରାଜୁ ଗୋଚ୍ଛାୟତ ରବିବାର ଠେଙ୍ଗାରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନଂ. ୮୦/୨୦ରେ ମାମଲା ରୁଜୁ କରିଛି।

### ଅଚେତ ଅବସ୍ଥାରେ ଯୁବକ ଉଦ୍ଧାର

**ଛେଣ୍ଡିପଦା,୧୫।୬(ସ୍ୱ.ପ୍ର.):** ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ସୋମବାର ଅନୁଗୋଳ-ଛେଣ୍ଡିପଦା ରାସ୍ତାର କଙ୍କରାଇ ସଂରକ୍ଷିତ ଜଙ୍ଗଲ ନିକଟରୁ ଜଣେ ଯୁବକଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଛି। ଯୁବକ ଜଣକ କଙ୍କରାଇ ଗ୍ରାମର ଚିକୁ ସାହୁ(୩୫) ବୋଲି ଜଣାପଡିଛି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ କଙ୍କରାଇ ସଂରକ୍ଷିତ ଜଙ୍ଗଲକୁ ଆସିଥିବାବେଳେ କେହି ତାଙ୍କୁ ଆକ୍ରମଣ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତଦନ୍ତ ପରେ ଘଟଣା ଜଣାପଡିବ ବୋଲି ଥାନା ଅଧିକାରୀ କହିଛନ୍ତି।

### ଘରେ ପଶିଥିବା କୁଟୁରା ଉଦ୍ଧାର

**ବନ୍ତଲା, ୧୫।୬(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଲା ରେଞ୍ଜ ଅଧୀନ କୁମୁରିସିଙ୍ଗାର ଶରତ ବେହେରାଙ୍କ ଘରେ ସୋମବାର ସକାଳେ ପଶିଥିବା କୁଟୁରା ଉଦ୍ଧାର କରାଯାଇଛି। ଅବସରପ୍ରାପ୍ତ ବନପାଳ ଶ୍ରୀକାନ୍ତ ପ୍ରଧାନଙ୍କ ଜରିଆରେ ବନ ବିଭାଗକୁ ଖବର ଦେବା ପରେ ବନ କର୍ମଚାରୀମାନେ ପହଞ୍ଚି କୁଟୁରାକୁ ଉଦ୍ଧାର କରିଥିଲେ। ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା ପରେ ତାହାକୁ ଜଙ୍ଗଲରେ ଛାଡି ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ବିଜୁଳି ଖୁଣ୍ଟ ପାଖେ ଜଳୁଛି ଡିବିରି

**ବଇଣ୍ଡା,୧୫।୬**
**ପରିକ୍ଷିତ ସାହୁ**

- ଦୃଷ୍ଟିହୀନ ପରିବାର ଉପରେ ପଡୁନି ସରକାରୀ ଦୃଷ୍ଟି
- ମିଳୁନି ପକ୍କା ଘର, ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍
- ଗରିବ ବୋଲି ପ୍ରଶାସନ ଗୁହାରି ଶୁଣୁ ନ ଥିବା ଅଭିଯୋଗ



ଘର ସମ୍ମୁଖରେ ପରିବାର ସହ ଧ୍ରୁବଚରଣ।

ସରକାରଙ୍କ ସୌଭାଗ୍ୟ ଯୋଜନାର ସେ ହକ୍‌ଦାର। ପକ୍କା ଘର ପାଇବା ପାଇଁ ମଧ ଉପଯୁକ୍ତ ହିତାଧିକାରୀ। ହେଲେ ପକ୍କା ଘରଟିଏ ପାଇଁ ୫ ବର୍ଷ ହେଲା ପଞ୍ଚାୟତଠାରୁ ବ୍ଲକ କାର୍ଯ୍ୟାଳୟ ଯାଏ ଧାଉଁଥିଲେ ବି କେଉଁଠାରୁ ତାଙ୍କୁ ପ୍ରତିଶ୍ରୁତିଟିଏ ମିଳିପାରୁନାହିଁ। ସେହିପରି ବିଦ୍ୟୁତ୍ ଖୁଣ୍ଟଠାରୁ ମାତ୍ର ୨୫ ମିଟର ଦୂରରେ ଘର ଥିଲେ ହେଁ ସଂଯୋଗ ଦିଆଯାଉ ନ ଥିବାରୁ ଡିବିରି ଜାଳି ରହିବାକୁ ପଡୁଛି ତାଙ୍କ ପରିବାରକୁ। ଗରିବ, ଦୃଷ୍ଟିହୀନ ବୋଲି ଜାଣି ମଧ ପ୍ରଶାସନର ଏପରି ଅବହେଳା ଅତ୍ୟନ୍ତ କଷ୍ଟଦାୟକ ବୋଲି କହିଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ବୈଷ୍ଣବସାହିର ଧ୍ରୁବଚରଣ ପ୍ରଧାନ (୪୫)।

ଧ୍ରୁବଚରଣଙ୍କ କହିବା ଅନୁଯାୟୀ, ସେ ଜନ୍ମାନ୍ଧ ନୁହନ୍ତି। ୧୯୯୮ରେ ଏକ ଅଜଣା ରୋଗ ଯୋଗୁ ତାଙ୍କ ଦୃଷ୍ଟି ଶକ୍ତି ଚାଲିଯାଇଥିଲା। ସେବେଠାରୁ ଜୀବନକୁ ନେଇ ସଂଘର୍ଷ କରୁଥିବା ବେଳେ ପରିବାର ଲୋକେ ତାଙ୍କ ବିବାହ କରିଦେଇଥିଲେ। ଏବେ ସ୍ତ୍ରୀ ଓ ୧୦ ବର୍ଷର ପୁଅଙ୍କୁ ନେଇ ତାଙ୍କ ପରିବାର। ଏକ ଭଙ୍ଗା ଆଜବେଷ୍ଟସ ଘରେ ସେ ରହୁଥିବାରୁ ଖରା ଓ ବର୍ଷାଦିନେ ବଡ଼ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି। ସରକାରଙ୍କ ଆବାସ ଯୋଜନାରେ ପକ୍କା ଘରଟିଏ ପାଇଁ ସେ ୨୦୦୫ ମସିହାରୁ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଆବେଦନ କରିଛନ୍ତି। ସେହିପରି ସୌଭାଗ୍ୟ ଯୋଜନାରେ ସରକାର ମାଗଣାରେ ଗରିବ ପରିବାରକୁ ବିଦ୍ୟୁତ୍ ଯୋଗାଇ ଦେଉଥିବା ବେଳେ ୨୦୧୮ରେ ତାଙ୍କ ଘରେ ୱେୟାରିଂ କରାଯାଇଥିଲା। କିନ୍ତୁ ବିଦ୍ୟୁତ୍ ଖୁଣ୍ଟଠାରୁ ମାତ୍ର ୨୫ ମିଟର ଦୂରରେ ତାଙ୍କ ଘର ଥିବା ସତ୍ତ୍ୱେ ଏଯାଏ ସଂଯୋଗ ଦିଆଯାଉ ନାହିଁ। ଫଳରେ ରାତି ଅନ୍ଧାରରେ ଡିବିରି ଜାଳି ତାଙ୍କ ପରିବାରକୁ ରହିବାକୁ ପଡୁଛି। ରୋଜଗାର ବୋଲି ସେପରି କିଛି ନ ଥିବାରୁ ଦୁଇଓଳି ଦୁଇମୁଠା ଖାଇବା ଓ ଡିବିର ପାଇଁ କିରୋସିନ ଯୋଗାଡ଼ କରିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ଏପରି ଦୟନୀୟ ଅବସ୍ଥାରେ ପରିବାର ଥିବା ସତ୍ତ୍ୱେ ସରକାରୀ ଯୋଜନାରେ ତାଙ୍କୁ ଅନ୍ତର୍ଭୁକ୍ତ କରାଯାଉ ନ ଥିବା ଧ୍ରୁବଚରଣ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବଇଣ୍ଡା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ମାଝି କହିଛନ୍ତି, ଧ୍ରୁବଚରଣଙ୍କୁ ସୌଭାଗ୍ୟ ଯୋଜନାରେ ଶୀଘ୍ର ବିଦ୍ୟୁତ୍ ସଂଯୋଗ ଦିଆଯିବ। ସେହିପରି ସରପଞ୍ଚ ଜଳଧର ସାହୁ କହିଛନ୍ତି, ଅନେକ ଗରିବ ପରିବାରକୁ ଘର ଯୋଗାଇ ଦେବା ପାଇଁ ସରକାରଙ୍କ ପାଖକୁ ଚିଠି କରାଯାଇଛି। ଧ୍ରୁବଚରଣଙ୍କୁ ପକ୍କା ଘର ଯୋଗାଇ ଦିଆଯିବା ନିମନ୍ତେ ପଦକ୍ଷେପ ନିଆଯିବ।

# ଅନିଶ୍ଚିତତା ମଧ୍ୟରେ ଆଗଉଛି ରଥକାମ



ରଥ ନିର୍ମାଣ କାମ ଜାରି ରହିଛି।

**ଢେଙ୍କାନାଳ ଅଫିସ,୧୫।୬**

ଢେଙ୍କାନାଳ ସହରର ବହୁ ପୁରାତନ ଐତିହ୍ୟ ସମ୍ପନ୍ନ ରଥଯାତ୍ରା ଚଳିତବର୍ଷ ଅନୁଷ୍ଠିତ ହେବା ନେଇ କୌଣସି ସ୍ପଷ୍ଟ ନିର୍ଦ୍ଦେଶନାମା ବର୍ତ୍ତମାନ ସୁଦ୍ଧା ଜାରି ହୋଇନାହିଁ । ଫଳରେ ଯାତ୍ରାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ରଥଗଡାରେ ଦୁଇ ରଥର ନିର୍ମାଣ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ପୁରୀ ରଥଯାତ୍ରା ପାଇଁ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନ ଥିବାରୁ ଢେଙ୍କାନାଳ ରଥଯାତ୍ରା ସମ୍ପର୍କରେ ମଧ୍ୟ ନିଷ୍ପତ୍ତି ବିଳମ୍ବ ହେଉଥିବା ଦେବୋତ୍ତର ବିଭାଗ ସୂତ୍ରରୁ ଜଣାପଡିଛି । ଆସନ୍ତା ୨୩ ତାରିଖରେ ରଥଯାତ୍ରା ପଡୁଥିବା ବେଳେ ହାତରେ ମାତ୍ର ସପ୍ତାହେ ସମୟ ବାକି ରହିଛି। ଏହି ସମୟ ମଧ୍ୟରେ

**ସପ୍ତାହେ ପରେ ରଥଯାତ୍ରା**

ଯାହା ନିଷ୍ପତ୍ତି ନିଆଯିବ ସେ ଅନୁସାରେ କାର୍ଯ୍ୟ କରାଯିବ। ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଜିଲାପାଳମାନେ ନିଷ୍ପତ୍ତି ନେବେ ବୋଲି ଏକ ନିର୍ଦ୍ଦେଶନାମା ଜାରି ହୋଇଥିବା ବିଶେଷସୂତ୍ରରୁ ଜଣାପଡିଛି। ଏବେ ରଥ କାମ ଜୋରସୋରରେ ଚାଲିଥିଲେ ମଧ୍ୟ ରଥଯାତ୍ରା ପାଳନ ନେଇ ଜିଲାବାସୀ ଦ୍ୱନ୍ଦ୍ୱରେ ପଡିଛନ୍ତି।

ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କୁହିଛନ୍ତି, ପୁରୀ ରଥଯାତ୍ରା ସମ୍ପର୍କରେ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ଜିଲାପାଳ ଯାତ୍ରା ସମ୍ପର୍କରେ ନିଷ୍ପତ୍ତି ନେବେ। ୨୦ ତାରିଖ ସୁଦ୍ଧା ଏହା ସ୍ପଷ୍ଟ ହେବ ବୋଲି ଆଶା କରୁଛୁ । ରଥକାର୍ଯ୍ୟ କିନ୍ତୁ ଆଗେଇ ଚାଲିଛି।

# ଢେଙ୍କାନାଳରେ ସଂଖ୍ୟା ୫୨ ଛୁଇଁଲା

**ଢେଙ୍କାନାଳ ଅଫିସ,୧୫।୬**

ଢେଙ୍କାନାଳ ଜିଲାରେ ସୋମବାର ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ଓଡାପଡା ବ୍ଲକ ଅଙ୍କରାନ୍ତିପୁର ସଙ୍ଗରୋଧ କେନ୍ଦ୍ରରେ ଥିଲେ। ନମୁନା ପଜିଟିଭ୍ ବାହାରିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ସେ ଗତ ୮ ତାରିଖରେ ଦିଲ୍ଲୀରୁ ଆସି ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଗତ ୧୨ ତାରିଖରେ ତାଙ୍କର ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ୧୪ ତାରିଖ ଅପରାହ୍ନରେ ରିପୋର୍ଟ ପଜିଟିଭ ଥିବା ଜଣାପଡିଥିଲା। ଏହାକୁ ମିଶାଇ ଢେଙ୍କାନାଳରେ ଆକ୍ରାନ୍ତଙ୍କ ସଂଖ୍ୟା ୫୨କୁ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ଉକ୍ତ ସଙ୍ଗରୋଧ କେନ୍ଦ୍ରକୁ ବିଶୋଧନ କରାଯାଇ ୪୮ ଘଣ୍ଟା ପାଇଁ ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି । ୧୫ ତାରିଖ ସକାଳ ୬ଟାରୁ ୧୭ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ଏହି ଅଞ୍ଚଳ କଣ୍ଟେନମେଣ୍ଟ ଜୋନ୍ ରହିବ ବୋଲି ଘୋଷଣା କରାଯାଇଛି।

# ଉରୁକୁଲା ୪୮ ଘଣ୍ଟା ଶଟ୍‌ଡାଉନ

**ବଇଣ୍ଡା, ୧୫।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ଉରୁକୁଲା ପଞ୍ଚାୟତ ଉରୁକୁଲା ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରୁ ରବିବାର ଜଣେ ପ୍ରବାସୀ ଶ୍ରମିକ କରୋନା ପଜିଟିଭ ଚିହ୍ନଟ ହେବା ପରେ ପୂରା ପଞ୍ଚାୟତକୁ ସରପଞ୍ଚ ଅଶୋକ କୁମାର ପ୍ରଧାନ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସୋମବାର ସକାଳ ୬ଟାରୁ ମଙ୍ଗଳବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ରହିବ ବୋଲି ସେ ଗ୍ରାମବାସୀଙ୍କୁ ଡେଙ୍ଗୁରା ମାଧ୍ୟମରେ ଅବଗତ କରାଇଛନ୍ତି। ପଞ୍ଚାୟତରେ ଥିବା ସମସ୍ତ ଦୋକାନ ବନ୍ଦ ରହିବ। ଜରୁରୀ କାମ ନ ଥିଲେ ଘରୁ ନ ବାହାରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ୧୧ ତାରିଖରେ ମହାରାଷ୍ଟ୍ରରୁ କେତେଜଣ ପ୍ରବାସୀ ଆସି ଉରୁକୁଲା ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଜଣେ ପ୍ରବାସୀ ପଜିଟିଭ ବାହାରିବା ପରେ ସଂକ୍ରମଣ ରୋକିବାକୁ ଶଟ୍‌ଡାଉନ କରାଯାଇଥିବା ସରପଞ୍ଚ ପ୍ରକାଶ କରିଛନ୍ତି।

# ସାପ କାମୁଡ଼ାରେ ମହିଳା ମୃତ

**ଛେଣ୍ଡିପଦା,୧୫।୬(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବରସାହିପଞ୍ଚାୟତମାହାରସାହିରଜ୍ୟୋତି ମାହାର(୨୫)ଙ୍କ ସାପକାମୁଡ଼ାରେ ମୃତ୍ୟୁ ହୋଇଛି। ରବିବାର ରାତିରେ ଘରେ ଶୋଇଥିବାବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଛେଣ୍ଡିପଦା ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଅନୁଗୋଳ: ଗୋଟିଏ ଦିନରେ ୬ ପଜିଟିଭ୍

**ଅନୁଗୋଳ ଅଫିସ, ୧୫।୬**



ଅନୁଗୋଳ ଜିଲାରୁ ସୋମବାର ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆଠମଲ୍ଲିକ ଉପଖଣ୍ଡ ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ୪ଜଣ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସେହିପରି ଏନ୍‌ଟିପିସି କଣିହାଁ ଅଞ୍ଚଳର ଜଣେ, ଅନୁଗୋଳ ବ୍ଲକ ଅଞ୍ଚଳର ଜଣେ ୨୦ ବର୍ଷୀୟ ଯୁବକଙ୍କ ସ୍ୱାବ୍ ନମୁନା ପଜିଟିଭ ବାହାରିଛି। ଆକ୍ରାନ୍ତଙ୍କଠାରେ କୌଣସି ଲକ୍ଷଣ ନ ଥିଲା। ସେମାନଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଅନୁଗୋଳରେ ଆକ୍ରାନ୍ତଙ୍କ ସଂଖ୍ୟା ୪୮ରେ ପହଞ୍ଚିଛି। ସୂଚନା ମୁତାବକ, ଆଠମଲ୍ଲିକର ଉକ୍ତ ଘରୋଇ ସଂସ୍ଥାରୁ କରୋନା ଆକ୍ରାନ୍ତ ହୋଇଥିବା ୪ ଜଣଙ୍କ ମଧ୍ୟରୁ ୨ ଜଣ ଗଞ୍ଜାମ ଜିଲା ବାସିନ୍ଦା। ସେମାନେ ଘରକୁ ଯାଇ ଗତ ୧୧ ତାରିଖରେ ଅନୁଗୋଳ ଫେରିଥିଲେ। ଅନ୍ୟ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କ ଘର ସାଲେପୁର ଓ ଅନ୍ୟ ଜଣେ ବିହାରର ବୋଲି ଜଣାପଡିଛି। ସେହିପରି ଅନୁଗୋଳ ବ୍ଲକର ୨୦ ବର୍ଷୀୟ ଯୁବକ ଜଣକ ଗତ ୧୦ ତାରିଖରେ ମହାରାଷ୍ଟ୍ରରୁ ଫେରି ସଙ୍ଗରୋଧରେ ଥିଲେ। ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୧ ଜଣ ସୁସ୍ଥ ହୋଇସାରିଛନ୍ତି।

## ୬୦ ଜଣଙ୍କ ନମୁନା ସଂଗ୍ରହ

**କଣିହାଁ,୧୫।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଅଞ୍ଚଳର ଜଣେ କରୋନା ଆକ୍ରାନ୍ତ ଗତ ୧୧ ତାରିଖରେ ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍‌ଟିପିସି ବଜାର ଅଞ୍ଚଳର ଭଉଣୀ ଘରକୁ ରଜଭାର ନେଇ ଆସିଥିବା ଶନିବାର ଜଣାପଡ଼ିଥିଲା। ଏହି ଘଟଣାରେ କଣିହାଁ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ୩୨ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ସେହିପରି ଉତ୍ତରପ୍ରଦେଶରୁ ଆସିଥିବା ଜଣେ ମହିଳା ପଜିଟିଭ୍ ଚିହ୍ନଟ ହୋଇଥିବାରୁ ୨୮ ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ମୋଟ୍ ୬୦ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା କଣିହାଁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଭୟ ସାମଲ ପ୍ରକାଶ କରିଛନ୍ତି।

# ବଜ୍ରପାତରେ ଗାଈଚରାଳି ମୃତ

**ବନ୍ତଲା,୧୫।୬(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ବଡ଼କନ୍ତକୁଳ ଗ୍ରାମର ଭୁବନ ମହାଳିକ (୪୫)ଙ୍କ ସୋମବାର ବଜ୍ରପାତରେ ମୃତ୍ୟୁ ଘଟିଛି। ଅପରାହ୍ନରେ ସେ ଜଳିଆବନ୍ଧ ନିକଟକୁ ଗାଈ ଚରାଇବାକୁ ଯାଇଥିବାବେଳେ ବର୍ଷା ସହ ବଜ୍ରପାତ ହୋଇଥିଲା। ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# କଟକଣା ମାନିଲେନି ଶ୍ରଦ୍ଧାଳୁ

**କଣିହାଁ, ୧୫।୬(ଡି.ଏନ.ଏ.)**



ରାମେଶ୍ୱର ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ଦେନାଳୀ ରାମେଶ୍ୱର ଶିବ ମନ୍ଦିରରେ ରଜ ସଂକ୍ରାନ୍ତୀ ଉପଲକ୍ଷେ ସୋମବାର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। କରୋନା ଯୋଗୁ ମନ୍ଦିରଗୁଡ଼ିକୁ ଶ୍ରଦ୍ଧାଳୁମାନେ ନ ଯିବା ନେଇ କଟକଣା ଜାରି କରାଯାଇଥିଲେ ହେଁ ଲୋକେ ଏହାକୁ ମାନି ନ ଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ଭିଡ଼ ହଟାଇଥିଲା। ରେଙ୍ଗାଳି ଥାନା ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ମନ୍ଦିରରେ କୌଣସି ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ବାରଣ କରାଯାଇଛି। ହେଲେ ଲୋକେ ଏହାକୁ ନ ମାନି ସେଠାରେ ଭିଡ଼ ଜମାଇଥିଲେ। ଖବର ମିଳିବା ମାତ୍ରେ ପୋଲିସ ପହଞ୍ଚି ଶ୍ରଦ୍ଧାଳୁମାନଙ୍କୁ କଟକଣା ସମ୍ପର୍କରେ ସଚେତନ କରାଯାଇ ଗହଳି ହଟାଯାଇଥିଲା।

## ଫଟୋରେ ଖବର



ପ୍ରବଳ ବର୍ଷା ସତ୍ତ୍ୱେ ସୋମବାର ଅନୁଗୋଳ ଥାନା ଛକଠାରେ ଜଣେ ଗୃହରକ୍ଷୀ ଟ୍ରାଫିକ ପରିଚାଳନା କରୁଛନ୍ତି।

# ୮୭ ହଜାର ହେକ୍ଟରରେ ହେବ ଚାଷ

**ଅନୁଗୋଳ ଅଫିସ, ୧୫।୬**

**ମୌସୁମୀକୁ ନେଇ ଚାଷୀ ଉଲ୍ଲସିତ**



ମୌସୁମୀ ପହଞ୍ଚି ସାରିଥିବାରୁ ପାଗ ବଦଳିଯାଇଛି। ଫଳରେ ତାତିରୁ ଲୋକଙ୍କୁ ତ୍ରାହି ମିଳିଛି। ତେବେ ମୌସୁମୀ ବର୍ଷାକୁ ନେଇ ଚାଷୀମାନେ ବେଶ୍ ଖୁସି ଅଛନ୍ତି। ଠିକଣା ସମୟରେ ବର୍ଷା ଆରମ୍ଭ ହୋଇଥିବାରୁ ଚଳିତବର୍ଷ ପାଣିପାଗ ଚାଷ ପାଇଁ ଅନୁକୂଳ ରହିବ ବୋଲି ସେମାନେ ଅନୁମାନ ଲଗାଇଛନ୍ତି। ଅନ୍ୟପକ୍ଷରେ ପାଣିପାଗ ବିଭାଗ ମଧ ଏ ବର୍ଷ ଭଲ ବର୍ଷା ହେବ ବୋଲି ରିପୋର୍ଟ ଦେଉଛି। ତେଣୁ ଚାଷ କାର୍ଯ୍ୟ ପାଇଁ ସଜବାଜ ହେଉଛନ୍ତି ଅନୁଗୋଳ ଜିଲାର ଚାଷୀ। ଜିଲା ପ୍ରଶାସନ ମଧ ଖରିଫ ଚାଷ ପାଇଁ ଖସଡ଼ା ପ୍ରସ୍ତୁତ କରିବା ସହ ଚାଷୀଙ୍କ ପାଖରେ ବିହନ ଓ ସାର ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି।

କୃଷି ବିଭାଗର ସୂଚନା ମୁତାବକ, ଚଳିତ ବର୍ଷ ଅନୁଗୋଳ ଜିଲାରେ ମୋଟ୍ ୮୭ ହଜାର ୫୦ ହେକ୍ଟର ଜମିରେ ଖରିଫ ଚାଷ ହେବ। ଏଥିରୁ ୮୩ ହଜାର ୮୪୮ ହେକ୍ଟରରେ ଧାନ ଚାଷ ହେବାକୁ ଥିବାବେଳେ ୩ ହଜାର ୨୦୨ ହେକ୍ଟରରେ ହେବ ଅଣଧାନ ଚାଷ। ମୋଟ୍ ୮୭ ହଜାର ୫୦ ହେକ୍ଟରରୁ ୬୮ ହଜାର ୪୮୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ରହିଛି। ତେଣୁ ବହୁ ଚାଷୀ ମୌସୁମୀ ବର୍ଷା ଉପରେ ନିର୍ଭର କରିବେ। ସେହିପରି ଚାଷୀଙ୍କ ପାଖରେ କିପରି ବିହନ ଓ ସାର ପହଞ୍ଚିବ ସେ ନେଇ ବିଭାଗ ଜୋରଦାର ପ୍ରସ୍ତୁତି ଚଳାଇଛି। ଜିଲାରେ ୭ ହଜାରରୁ ଅଧିକ କୁଇଣ୍ଟାଲ ଧାନ ବିହନ ଦରକାର। ଏ ପର୍ଯ୍ୟନ୍ତ ୬ ହଜାର ୯୬୧ କୁଇଣ୍ଟାଲ ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ଆଉ ୪୮୦ କୁଇଣ୍ଟାଲ ଖୁବ୍‌ଶୀଘ୍ର ପହଞ୍ଚିବ। ଗତବର୍ଷ ତୁଳନାରେ ଏ ବର୍ଷ ଅଧିକ ଏକ ହଜାର କୁଇଣ୍ଟାଲ ବିହନ ଦିଆସରିଲାଣି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଭୋଳାଶଙ୍କର ବେହେରା ସୂଚନା ଦେଇଛନ୍ତି। ସେହିପରି ଚାଷୀଙ୍କ ଚାହିଦାକୁ ଦେଖି ବିରି, ହରଡ଼, ଚିନାବାଦାମ ବିହନ ଯୋଗାଇ ଦିଆଯିବ। ଏସବୁ ଏପର୍ଯ୍ୟନ୍ତ ବିଭାଗ ନିକଟକୁ ଆସିନି। ଫାର୍ମରେ ମୁଗ ବିହନ ରହିଛି। ପରୀକ୍ଷଣ ପରେ ତାହା ଯୋଗାଇ ଦିଆଯିବ। ସେହିପରି ସାର ନେଇ କୌଣସି ସମସ୍ୟା ନାହିଁ। ଚଳିତ ଖରିଫ ଚାଷ ପାଇଁ ୧୪ ହଜାର ୨୦୦ ମେଟ୍ରିକ୍ ଟନ୍ ସାର ଦରକାର ଥିବାବେଳେ ଜିଲାରେ ଡିଏପି ଓ ପଟାସ ଯଥେଷ୍ଟ ପରିମାଣର ମହଜୁଦ ଅଛି। ୫ ଶହ କୁଇଣ୍ଟାଲ ୟୁରିଆ ସାର ଗଚ୍ଛିତ ରହିଛି। ଚଳିତ ମାସରେ ଆଉ କିଛି ୟୁରିଆ ପହଞ୍ଚିବ। କରୋନା ଯୋଗୁ ପ୍ରବାସୀ ଶ୍ରମିକ ଘରମୁହାଁ ହେଉଛନ୍ତି। ସେମାନଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ଚାଷ କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରିବା ସହ ସମସ୍ତ କୃଷିଭିତ୍ତିକ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଉପରେ ବିଭାଗ ଗୁରୁତ୍ୱ ଦେଉଛି। ଜିଲା ମୁଖ୍ୟ କୃଷି ଅଧିକାରୀ ବେହେରା କହିଛନ୍ତି, ଏ ବର୍ଷ ଠିକ୍ ସମୟରେ ମୌସୁମୀ ଆସି ପହଞ୍ଚିଛି। ଜିଲାର ପ୍ରାୟ ୧୫ ପ୍ରତିଶତ ଜମିରେ ବୁଣାବୁଣି ସରିଲାଣି। ଏଥର ଭଲ ଚାଷ ହେବ ବୋଲି ଆଶା କରାଯାଉଛି।

## ୨ବସ୍ତା ଗୁଟ୍‌ଖା ଜବତ

ଟିକିରି,୧୫।୬: ରାୟଗଡ଼ା ଜିଲାରେ ଟିକିରିଠାରେ ଏକ ଦୋକାନରୁ ସୋମବାର ସନ୍ଧ୍ୟାରେ ପୋଲିସ ୨ ବସ୍ତା ଗୁଟ୍‌ଖା ଜବତ କରିଛି। ସ୍ଥାନୀୟ ଲକ୍ଷ୍ମୀ ଜେନେରାଲ ଷ୍ଟୋରରେ ଗୁଟ୍‌ଖା ଓ ଭାଙ୍ଗ କାରବାର ଚାଲିଥିବା ଟିକିରି ପୋଲିସ ସୂଚନା ପାଇ ଚଢ଼ାଉ କରିଥିଲା। ଏହି ସମୟରେ ପୋଲିସ ୫୦ କେଜି ଓଜନର ୨ ବସ୍ତା ଗୁଟ୍‌ଖା ଜବତ କରିଥିବା ସୂଚନା ମିଳିଛି। ଏ ନେଇ ଟିକିରି ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ରବିବାର ଜୟପୁର ବାଣିଜ୍ୟକର ବିଭାଗର ଅଧିକାରୀମାନେ ଚଢ଼ାଉ କରି ଟିକସ ଫାଙ୍କି ଅଭିଯୋଗରେ ଗୁଟ୍‌ଖା ଓ ଭାଙ୍ଗ ବିକ୍ରି କରୁଥିବା ଅନ୍ୟ ୨ ବ୍ୟବସାୟୀଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରିଥିଲେ।



**ସଂକ୍ଷେପରେ**

## ଗଜପତିରେ ୬୦ସୁସ୍ଥ, ୩୯ ଚିକିତ୍ସିତ

ପାରଳାଖେମୁଣ୍ଡି,୧୫।୬(ସ୍ୱ.ପ୍ର.)-ଗଜପତି ଜିଲାରେ ମୋଟ ୯୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହୋଇଥିବା ୯୯ ଜଣ ସଂକ୍ରମିତଙ୍କ ମଧ୍ୟରୁ ୫୬ ଜଣ ମହାରାଷ୍ଟ୍ର ଫେରନ୍ତା,୧୫ଜଣ ଆନ୍ଧ୍ର ,୪ ତେଲଙ୍ଗାନା,୨୦ ତାମିଲନାଡୁ,୨ ଗୁଜରାଟ,ଜଣେ କେରଳ ଫେରନ୍ତା ଏବଂ ଅନ୍ୟ ଜଣେ ସ୍ଥାନୀୟ ବାସିନ୍ଦା ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୬୦ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୩୯ ଜଣ ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ରାଜ ସୀତାପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବାର ଜଣାପଡିଛି।

## କାଳିମେଳା ଅଞ୍ଚଳରେ ଝିଣ୍ଟିକା ପ୍ରଜାତିର କୀଟ



କାଳିମେଳା,୧୫।୬(ଡି.ଏନ.ଏ.)- ମାଲକାନଗିରି ଜିଲା କାଳିମେଳା ବ୍ଲକ ସଦରରେ ପଙ୍ଗପାଳ ପରି ଦେଖାଯାଉଥିବା ଏକପ୍ରକାର ଝିଣ୍ଟିକା ଆସିଥିବା ଦେଖିବାକୁ ମିଳିଛି। ଫଳରେ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ସ୍ଥାନୀୟ ଅଗ୍ନିଶମ କାର୍ଯ୍ୟାଳୟ ନିକଟସ୍ଥ କାଳିମେଳା-ମାଲକାନଗିରି ୩୨୬ ଜାତୀୟ ରାଜପଥ ନିକଟରେ ଏକ ଅରଖ ଗଛରେ ଶତାଧିକ ସଂଖ୍ୟାରେ ପଙ୍ଗପାଳ ଭଳି ଦିଶୁଥିବା ଏହି କୀଟ ଆସି ରହିଛନ୍ତି। ଏ ବିଷୟରେ ଜିଲା କୃଷି ଅଧିକାରୀ ରାମଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହା ପଙ୍ଗପାଳ ଜାତିର ଏକ ଝିଣ୍ଟିକା। ପଙ୍ଗପାଳ ଗୋଟିଏ ସ୍ଥାନରେ ଅଧିକ ସମୟ ଧରି ରହିବେ ନାହିଁ। ସେମାନ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଉଡି ଚାଲିଯିବେ। ଅରଖ ଗଛରେ ଦେଖାଦେଉଥିବା ଏହି କୀଟ ଗୋଟିଏ ସ୍ଥାନରେ ଗଛରେ ଲାଗି ରହୁଛନ୍ତି। ତେଣୁ ଏହା ପଙ୍ଗପାଳ ନୁହନ୍ତି। କର୍ମଚାରୀଙ୍କୁ ପଠାଇ ଏ ଦିଗରେ ଅନୁଧ୍ୟାନ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି।

## ଜିଲା ବଧିର ସଂଘ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ସୁନାବେଡ଼ା,୧୫।୬(ସ୍ୱ.ପ୍ର.)-କୋରାପୁଟ ଜିଲା ବଧିର ସଂଘ ପକ୍ଷରୁ ସ୍ଥାନୀୟ ସୁବାସ ନଗରସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ କୋଭିଡ୍-୧୯ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶେଖ ଇବ୍ରାହିମ,ଉପଦେଷ୍ଟା ଭୁବନେଶ୍ୱର ପଟ୍ଟନାୟକ, ସମ୍ପାଦକ ଚିନ୍ତାମଣି ପୃଷ୍ଟି, ବ୍ରହ୍ମଚରଣ ଗୌଡ଼, ରଞ୍ଜନ ସାହୁ, ମୀନାକୁମାରୀ ପୃଷ୍ଟି ପ୍ରମୁଖ ଯୋଗଦେଇ ସଂଘର ଅନ୍ୟ ସଦସ୍ୟ ଏବଂ ଦିବ୍ୟାଙ୍ଗ ପରିବାର ସଦସଙ୍କୁ ଭେଟି କୋଭିଡ୍-୧୯ ଭୂତାଣୁ ସଂକ୍ରମଣର ମୁକାବିଲା ସମ୍ପର୍କରେ ବୁଝାଇଥିଲେ। ଅତି ଆବଶ୍ୟକ ନ ଥିଲେ ଘରୁ ନ ବାହାରିବା,ସାମାଜିକ ଦୂରତା ରକ୍ଷାକରିବା, ମାସ୍କ ବ୍ୟବହାର କରିବା, ସାବୁନରେ ହାତ ଧୋଇବା ପାଇଁ ପରାମର୍ଶ ଦେଇଥିଲେ।

## ରଥ ନିର୍ମାଣ ଶେଷ, ଯାତ୍ରା ନେଇ ଅନିଶ୍ଚିତତା

ମାଲକାନଗିରି,୧୫।୬(ଡି.ଏନ୍.ଏ.)-ଚଳିତ ବର୍ଷ କରୋନା ପାଇଁ ରଥଯାତ୍ରା ନେଇ ଅନିଶ୍ଚିତତା ଦେଖାଦେଇଛି। ମାଲକାନଗିରି ସଦର ମହକୁମାରେ ରଥଯାତ୍ରା ଲାଗି ଦୁର୍ଗାଗୁଡ଼ି ସାହିସ୍ଥିତ ଜଗନ୍ନାଥ ମନ୍ଦିର ସାମ୍ନାରେ ରଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଚିଦାନନ୍ଦ ସାହିରେ ବନ ବିଭାଗ ପକ୍ଷରୁ ହେଉଥିବା ରଥଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଚାଲିଛି। ଏପରି ସ୍ଥଳେ କୋଭିଡ୍-୧୯ ନିୟମ ଅନୁସାରେ ରଥଯାତ୍ରା ହେବ କି ନାହିଁ ସେନେଇ ଅନିଶ୍ଚିତତା ଦେଖାଦେଇଛି। ଏହା ହେଲେ ଜିଲା ସଦର ମହକୁମାଠାରୁ ଆରମ୍ଭକରି ବିଭିନ୍ନ ବ୍ଲକ ସଦର ମହକୁମା ଓ ଗ୍ରାମାଞ୍ଚଳର ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ରଥଯାତ୍ରା ହେଉଥିବା ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ନିୟନ୍ତ୍ରଣ କରିବା ପୋଲିସ ଓ ପ୍ରଶାସନ ପକ୍ଷରେ କଷ୍ଟକର ହେବ। ଅନ୍ୟପକ୍ଷରେ ଯାତ୍ରାକୁ ବିଧି ଅନୁସାରେ ଅଳ୍ପ ସଂଖ୍ୟକ ପୋଲିସ ଏବଂ ସେବାୟତଙ୍କ ଦ୍ୱାରା ପାଳନ କରିବା ପାଇଁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ପରିଚାଳକ ତଥା ତହସିଲଦାର ଡ.ଗୁଣନିଧି ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କୋଭିଡ୍-୧୯ ନିୟମ ଅନୁଯାୟୀ ରଥ ନିର୍ମାଣ ଏବଂ ମନ୍ଦିରରେ ରଙ୍ଗ କାର୍ଯ୍ୟ ଚାଲିଛି। ଦୁଇଦିନ ପରେ ଜିଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯିବ।

# ରୋଗୀ ମୃତ୍ୟୁକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା

**ରାୟଗଡ଼ା ଅଫିସ,୧୫।୬:**

ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ସୋମବାର ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶ ଯେ, ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ନାୟଡୁପେଟା ଅଞ୍ଚଳର ସୀମାଞ୍ଚଳ ସଗଡ଼ିଆ କୌଣସି କାରଣରୁ ଘରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଡାକ୍ତରଖାନା ନେବା ସମୟରେ ସଗଡିଆ ଜୀବିତ ଥିବାବେଳେ ଉପଯୁକ୍ତ ଚିକିତ୍ସା ନ କରିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ସେମାନେ ଡାକ୍ତରଖାନାରେ ଚେୟାର ଟେବୁଲ ଫୋପାଡ଼ିଥିଲେ। ମୃତଦେହ ବାହାରେ ରଖି ମେଡିକାଲ



ରୋଗୀଙ୍କ ମୃତ୍ୟୁକୁ ନେଇ ସମ୍ପର୍କୀୟମାନେ ଡାକ୍ତରଖାନା ପରିସରରେ ପାଟିତୁଣ୍ଡ କରୁଛନ୍ତି ।

**ଚିକିତ୍ସାରେ ଅବହେଳା ଅଭିଯୋଗ**

ପରିସରରେ ଦୀର୍ଘ ସମୟ ଧରି ପାଟିତୁଣ୍ଡ କରିଥିଲେ। ୨ଘଣ୍ଟା ପରେ ପୁଣି ମୃତଦେହ ମେଡିକାଲ ଭିତରକୁ ନେଇ ଚିକିତ୍ସା ପାଇଁ ଡାକ୍ତରଙ୍କୁ କହିଥିଲେ। ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିବାରୁ ଡାକ୍ତରଖାନା ପରିସରରେ ପୁଣି ପାଟିତୁଣ୍ଡ କରିଥିଲେ। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏ ନେଇ ଉପସ୍ଥିତ ଥିବା ଡାକ୍ତର ପି. କେ. ପାଢ଼ୀ କହିଛନ୍ତି, ଯୁବକଙ୍କୁ ଡାକ୍ତରଖାନା ଆଣିବା ପୂର୍ବରୁ ହିଁ ମୃତ୍ୟୁ ହୋଇଥିଲା। କିନ୍ତୁ ପରିବାର ଲୋକେ ଏହାକୁ ଗ୍ରହଣ ନ କରି ଉତ୍ତେଜନା ସୃଷ୍ଟି କରିଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବୃଦ୍ଧ ମୃତ

**ଚନ୍ଦାହାଣ୍ଡି,୧୫।୬(ଡି.ଏନ୍.ଏ.)**

- କ୍ଷତିପୂରଣ ଦାବିରେ ଉତ୍ତେଜନା
- ପ୍ରତିଶ୍ରୁତି ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡ଼ିଲେ ପରିବାରବର୍ଗ
- ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ

ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ କୋଇଲିମୁଣ୍ଡା ଗ୍ରାମର ଦିୟାଲୁ ଟାକ୍ରି (୬୫) ସୋମବାର ସକାଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଛି। ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେବ କୋଇଲିମୁଣ୍ଡା ଗ୍ରାମରୁ ଅଳ୍ପ ଦୂରରେ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ଜମି ଉପରେ ପଡି ରହିଥିଲା। ଗ୍ରାମବାସୀ ଏ ସମ୍ପର୍କରେ ବାରମ୍ବାର ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ୍ୟ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇ ନ ଥିଲା। ଦିୟାଲୁ ତାଙ୍କ ଜମିକୁ ଯିବା ସମୟରେ ଏହି ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଠିକ୍ ସମୟରେ ନ ପହଞ୍ଚିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡିବୁ ନାହିଁ ବୋଲି ପରିବାରବର୍ଗ ଜିଦ୍ ଧରିଥିଲେ । ଖବର ପାଇ ତହସିଲଦାର ହୃଦାନନ୍ଦସିଂ ମାଝି, ଆଇଆଇସି ଅଭୟ ବେହେରା, ଏମ୍‌ପି ପ୍ରତିନିଧି ପ୍ରମୋଦ ପାଢ଼ୀ ପ୍ରମୁଖ ପହଞ୍ଚିଥିଲେ । ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ତୁରନ୍ତ ୨୦ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ସହ ସରକାରୀ ସହାୟତା ଯୋଗାଇଦେବା ପାଇଁ ଉପଜିଲାପାଳଙ୍କ ସହ ଫୋନରେ ଆଲୋଚନା କରିଥିଲେ। ଏକ ସପ୍ତାହ ମଧ୍ୟରେ ଚନ୍ଦାହାଣ୍ଡି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ବଦଳି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ।

# ଛତିଶଗଡ଼ କନଷ୍ଟେବଲଙ୍କ ସମେତ ୩ ଗିରଫ

**ନବରଙ୍ଗପୁର/ଡାବୁଗାଁ, ୧୫।୬(ବି.ପ୍ର./ଡି.ଏନ୍.ଏ.)**



ଜବତ ହୋଇଥିବା ଗାଡି ଓ ଗିରଫ କନଷ୍ଟେବଲ ପ୍ରମୋଦ କୁମାର ସିଂ ।

- ଟଙ୍କା ଆଦାୟ ମହଙ୍ଗା ପଡିଲା
- ପୋଲିସ ହେପାଜତରୁ ଜଣେ ଅଭିଯୁକ୍ତ ଫେରାର

ରାସ୍ତାରେ ଗାଡ଼ି ମୋଟର ଅଟକାଇ ଲୋକଙ୍କଠାରୁ ଟଙ୍କା ଆଦାୟ କରିବା ଘଟଣାରେ ଛତିଶଗଡ଼ର ଜଣେ କନଷ୍ଟେବଲଙ୍କ ସମେତ ୩ ଜଣଙ୍କୁ ନବରଙ୍ଗପୁର ଜିଲା ଡାବୁଗାଁ ପୋଲିସ ରବିବାର ଗିରଫ କରିଛି। ସେମାନେ ହେଲେ ପ୍ରମୋଦ କୁମାର ସିଂ କନୋର, ଗଲତିଅ ଖ୍ରୀଷ୍ଟିୟାନ ଓ ହେମଧର ହରିଜନ। ପୋଲିସ ସେମାନଙ୍କ ନିକଟରୁ ୨ଟି ବାଇକ ଜବତ କରିଛି। ତେବେ ପୋଲିସ ହେପାଜତରୁ ରବିବାର ବିଳମ୍ବିତ ରାତିରେ ହେମଧର ଫେରାର ହୋଇଯାଇଥିଲେ। ସୋମବାର ପ୍ରମୋଦ ଓ ଗଲତିଅଙ୍କୁ ଉମରକୋଟ କୋର୍ଟକୁ ଚାଲାଣ କରାଯାଇଛି।

ଡାବୁଗାଁ ଥାନା ଅଧୀନ ବିଜାପୁର ନିକଟ ମାଝିଗୁଡ଼ା ରାସ୍ତାରେ ପ୍ରମୋଦ, ଗଲତିଅ ଓ ହେମଧର ଗାଡି ମୋଟର ଅଟକାଇ ଟଙ୍କା ମାଗୁଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକ ରଖି ପୋଲିସକୁ ଜଣାଇଥିଲେ। ଡାବୁଗାଁ ପୋଲିସ ପହଞ୍ଚି ସେମାନଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଏନେଇ ଥାନାରେ ନଂ. ୧୨୦/୨୦ରେ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ କରୁଥିଲା। ବିଳମ୍ବିତ ରାତିରେ ପୋଲିସ ହେପାଜତରୁ ହେମଧର ଫେରାର ହୋଇଯାଇଥିଲେ । ଉମରକୋଟ ଏସ୍‌ଡିପିଓ ହେମନ୍ତ କୁମାର ପାଢ଼ୀ ଏହି ଘଟଣାର ତଦନ୍ତ କରୁଛନ୍ତି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ପୋଲିସ ହେପାଜତରୁ ଜଣେ ଅଭିଯୁକ୍ତ ଫେରାର ହେବା ପରେ ଥାନାରେ ଆଉ ଏକ ମାମଲା ନଂ.୧୨୨/୨୦ ରୁଜୁ ହୋଇଛି। ହେମଧରଙ୍କ ଘର ନବରଙ୍ଗପୁର ଥାନା ଅଧୀନ ଡୁଡରିଗୁଡା ଗାଁ । ସେ ଜଗଦଲପୁର ସହରର କୁମାରପାରା ଠାରେ ରହୁଥିଲେ । ଗଲତିଅଙ୍କ ଘର କୋଷାଗୁମୁଡ଼ା ଥାନା ଅଧୀନ ଚିତାବେଡ଼ା ଗାଁରେ। ପ୍ରମୋଦ ସିଂଙ୍କ ଘର ଜଗଦଲପୁର ପୋଲିସ ଲାଇନରେ ବୋଲି ସୂଚନା ମିଳିଥିବା ବେଳେ ସେ କିଛିଦିନ ହେବ ଛୁଟିରେ ଆସିଥିଲେ ବୋଲି ଜଣାପଡ଼ିଛି ।

## ରାୟଗଡ଼ାରେ ୫ ନୂଆ ପଜିଟିଭ, ସୁସ୍ଥ ହେଲେ ଆଉ ୫

**ରାୟଗଡ଼ା ଅଫିସ,/ଟିକିରି୧୫।୬:**

ରାୟଗଡ଼ା ଜିଲାରେ ସୋମବାର ୫ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାର କାଶୀପୁର ବ୍ଲକ୍ ଅଧୀନ ସର୍ଗିଗୁଡ଼ା ଗ୍ରାମରୁ ୪ ଏବଂ ରେଙ୍ଗା ଗ୍ରାମରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିସହ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୧୨ରେ ପହଞ୍ଚିଛି। ନୂତନଭାବେ ଚିହ୍ନଟ ୫ ସଂକ୍ରମିତଙ୍କ ମଧ୍ୟରୁ ୪ଜଣ ଆନ୍ଧ୍ରପ୍ରଦେଶରୁ ଫେରି ଡଙ୍ଗାସିଲ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିଲେ। ଏହି ସମୟରେ ଜିଲାର ୪ର୍ଥ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିଲେ। ସେହିପରି ରେଙ୍ଗା ଗ୍ରାମରୁ ଚିହ୍ନଟ ବ୍ୟକ୍ତି ହାଇଦ୍ରାବାଦରୁ ଫେରି ସଙ୍ଗରୋଧରେ ଥିଲେ। ପରେ ସେ ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ଏମାନଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିବା ପରେ ଜୟପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ଯୁବକଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ କଣ୍ଟାକ୍ଟ ଟ୍ରେସିଂ ଚାଲିଥିବା ଜଣାପଡ଼ିଛି। ସମସ୍ତ ସଂକ୍ରମିତ ୧୮ରୁ ୨୩ ବର୍ଷ ବୟସର ଯୁବକ ବୋଲି ଜଣାପଡ଼ିଛି। ଏ ନେଇ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ପୂର୍ବରୁ ୨ ସଂକ୍ରମିତ ସୁସ୍ଥ ହୋଇ ଫେରିଥିବାବେଳେ ସୋମବାର ଆଉ ୫ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଏହାକୁ ମିଶାଇ ଜିଲାରେ ସୁସ୍ଥଙ୍କ ସଂଖ୍ୟା ୭ରେ ପହଞ୍ଚିଛି। ସେହିପରି ୫ ସକ୍ରିୟ ମାମଲା ରହିଥିବା ଜଣାପଡ଼ିଛି। ସଂକ୍ରମିତ ଚିହ୍ନଟ ହେବାପରେ ଉତ୍କଳ ଆଲୁମିନା ପକ୍ଷରୁ ଅଗ୍ନିଶମ ବିଭାଗ ସହାୟତାରେ ଟିକିରି ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି। ସେହିପରି ଟିକିରି ବଣିକ ସଂଘ ପକ୍ଷରୁ ୨ ଦିନ ପାଇଁ ଦୋକାନ, ବଜାର ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ପ୍ରଶାସନ ପକ୍ଷରୁ ବନ୍ଦ ନେଇ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବାବେଳ ବଣିକ ସଂଘ କୌଣସି ସୂଚନା ନ ଦେଇ ଦୋକାନ, ବଜାର ବନ୍ଦ ରଖିଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

# ଯାତ୍ରୀ ଅଭାବ: ୫ ରୁଟ୍‌ରେ ସରକାରୀ ବସ୍ ଚଳାଚଳ ବନ୍ଦ

**ଜୟପୁର,୧୫।୬(ଡି.ଏନ୍.ଏ.)**

ଲକ୍‌ଡାଉନ୍ ଘୋଷଣା ପରେ ଓଡ଼ିଶା ରାଜ୍ୟ ସଡ଼କପରିବହନନିଗମ(ଓଏସ୍‌ଆର୍‌ଟିସି)ର ବସ୍ ଚଳାଚଳ ବନ୍ଦ ରହିଥିଲା। ଚଳତ ମାସ ପ୍ରଥମ ସପ୍ତାହରେ ରାଜ୍ୟ ମଧ୍ୟରେ ସରକାରୀ ବସ୍ ଚଳାଚଳ ନେଇ ସରକାର ନିଷ୍ପତ୍ତି ନେବା ପରେ ୮ରୁ କୋରାପୁଟ ଜିଲା ଜୟପୁରସ୍ଥିତ ନିଗମର ଡିପୋରୁ ୭ ରୁଟ୍‌ରେ ବସ୍ ଚଳାଚଳ ଆରମ୍ଭ କରିଥିଲା। ଜୟପୁର-ଭବାନୀପାଟଣା, ଜୟପୁର-ଗୁଣପୁର, ଜୟପୁର-ପାରଳାଖେମୁଣ୍ଡି, ଜୟପୁର-କଟକ, ଜୟପୁର-ମୋଟୁ, ଜୟପୁର-ଫୁଲବାଣୀ ରୁଟ୍‌ରେ ଏହି ବସ୍ ଚଳାଚଳ କରିଥିଲା । ତେବେ ଆବଶ୍ୟକ ସଂଖ୍ୟକ ଯାତ୍ରୀ ଅଭାବରୁ ବସ୍ ଚଳାଚଳ କରିପାରି ନ ଥିଲା। ସୋମବାରଠାରୁ କେବଳ ଜୟପୁର-ଭବାନୀପାଟଣା ଏବଂ ଜୟପୁର-ଗୁଣପୁର ରୁଟ୍‌ରେ ୨ଟି ବସ୍ ଚଳାଚଳ କରୁଥିବାବେଳେ ଅନ୍ୟ ୫ରୁଟ୍‌ରେ ବନ୍ଦ ବନ୍ଦ ରହିଛି। ସେହିପରି ନିଗମର ବାହାର ଜିଲା ଡିପୋରୁ ୫ ବସ୍ ଜୟପୁରକୁ ଚଳାଚଳ କରୁଛି। ଏଥିମଧ୍ୟରେ ପଡ଼ିଆ-ଜୟପୁର, ରାଉରକେଲା-ଜୟପୁର, ଅନୁଗୋଳ-ଜୟପୁର, ସମ୍ବଲପୁର-ସୁନାବେଡ଼ା, ବଲାଙ୍ଗୀର-ଦାମନଯୋଡ଼ି ରହିଛି । ଏ ନେଇ ଜୟପୁର ଡିଟିଏମ୍ ଚିତ୍ତରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ନିଗମ ପକ୍ଷରୁ ଯାତ୍ରୀଙ୍କ ସୁବିଧା ପାଇଁ ବସ୍ ଚଳାଚଳ ହେଉଥିଲା। ମାତ୍ର ଆବଶ୍ୟକ ସଂଖ୍ୟକ ଯାତ୍ରୀ ହେଉ ନ ଥିବାରୁ ବସ୍ ଚଳାଚଳ ବନ୍ଦ କରାଯାଇଛି।

# କୃଷି ସଚେତନତା ରଥ ଉଦ୍‌ଘାଟିତ




ଅଧିକାରୀମାନେ କୃଷି ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି ।

**କାଳିମେଳା,୧୫।୬(ଡି.ଏନ.ଏ.)**

କରୋନା ମହାମାରୀ ସମୟରେ କୃଷିକାର୍ଯ୍ୟକୁ ଚାଷୀମାନେ ଯେପରି ଚାଲୁ ରଖିବେ ସେନେଇ ସେମାନଙ୍କୁ ସଚେତନ କରିବା ଲାଗି କାଳିମେଳାରେ କୃଷିରଥ ପରିକ୍ରମା କରିବ। ଏଥିପାଇଁ କାଳିମେଳା ବ୍ଲକ ସଦରସ୍ଥିତ କୃଷି ବିଭାଗ ପକ୍ଷରୁ ସୋମବାର କୃଷିରଥକୁ ବ୍ଲକ ଅଧ୍ୟକ୍ଷ ମାଲା ମାଡି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବିଡିଓ ଉମା ଶଙ୍କର ଦଳାଇ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ । ଏହି ରଥ ବ୍ଲକ ଅନ୍ତର୍ଗତ ୨୩ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ ସଚେତନ କରବ। ଚଳିତ ବର୍ଷ ୨୦୨୦-୨୧ରେ କାଳିମେଳା କୃଷି ବିଭାଗ ପକ୍ଷରୁ ସମସ୍ତ ପଞ୍ଚାୟତର ୬୦ ଆଦର୍ଶ ଗ୍ରାମରେ କୃଷକ ତାଲିମ ଶିବିର ଓ ପ୍ରଦର୍ଶନୀ କରାଯିବାକୁ ସ୍ଥିର କରାଯାଇଛି । ଏଥିସହ ପଙ୍ଗପାଳ ଏବଂ ଝିଣ୍ଟିକାଠାରୁ ଚାଷୀ କିପରି ଫସଲକୁ ରକ୍ଷା କରିବେ ସେନେଇ ଏହି ସଚେତନତା ରଥ ପରିକ୍ରମା ବେଳେ ଅବଗତ କରାଇବ। କାଳିମେଳା କୃଷି ଜିଲା ଅଧିକାରୀ, କାଳିମେଳା ଓ ପଡିଆ ବ୍ଲକର ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ ।

# ରଜକୁ ଫିକା କଲା କରୋନା

**ମାଲକାନଗିରି/ଜୟପୁର, ୧୫।୬(ଡି.ଏନ.ଏ.)**

ରଜ ପର୍ବ ଓଡ଼ିଶାର ଏକ ଗଣପର୍ବ। ପ୍ରତିବର୍ଷ ଆଷାଢ଼ ମାସରେ ତିନିଦିନ ଧରି ରଜ ଗ୍ରାମରୁ ସହର ଯାଏ ସବୁଠି ଆନନ୍ଦଉଲ୍ଲାସର ସହ ପାଳିତ ହୋଇଥାଏ। ଏଥିରେ ସବୁବର୍ଗର ଲୋକ ସାମିଲ ହୋଇ ହୋଇଥାନ୍ତି। ଦୋଳିଖେଳ ସହ ପିଠାପଣା ଓ ବିଭିନ୍ନ ପ୍ରତିଯୋଗିତା ବିଭିନ୍ନ ଅଞ୍ଚଳରେ ହୋଇଥାଏ। ଚଳିତ ବର୍ଷ କରୋନା ରଜପର୍ବକୁ ଫିକା କରିଦେଇଛି। କୌଣସିଠାରେ ମନୋରଞ୍ଜନ କାର୍ଯ୍ୟକ୍ରମ, ବନ୍ଧୁମିଳନ, ଦୋଳିଖେଳ ଦେଖିବାକୁ ମିଳୁନାହିଁ। କେବଳ ମାଲକାନଗିରି ଜିଲା ନୁହେଁ ଦକ୍ଷିଣ ଓଡ଼ିଶାର ଅନ୍ୟ ଜିଲାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି।

କୋରାପୁଟ ଜିଲାର ବିଭିନ୍ନ ସହରାଞ୍ଚଳରେ ପୂର୍ବଭଳି ଚଳିତ ବର୍ଷ ରଜ ଉତ୍ସବ ଆୟୋଜିତ ହୋଇନାହିଁ। କେତେକ ସଂସ୍ଥା ପକ୍ଷରୁ ପ୍ରତିବର୍ଷ ଆୟୋଜନ କରାଯାଉଥିବା ଏହି ଉତ୍ସବ କରୋନା ସଂକ୍ରମଣ ପାଇଁ ଏଥର ହୋଇପାରିନାହିଁ । ସହରାଞ୍ଚଳର ଝିଅମାନେ ମଧ୍ୟ ରଜରେ ଦୋଳି ଖେଳିନାହାନ୍ତି। କେବଳ ନିଜ ଘରେ ବିଧିକୁ ରଜ ପାଳିଛନ୍ତି। ତେବେ ଗ୍ରାମାଞ୍ଚଳରେ ଏହାର ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଜୟପୁର ନିକଟସ୍ଥ ଗ୍ରାମାଞ୍ଚଳରେ ଝିଅମାନେ ନୂଆ ପୋଷାକ ପିନ୍ଧି ହାତରେ ମେହେନ୍ଦି ଲଗାଇ ଦୋଳି ଖେଳି ରଜ ପାଳନ କରିଛନ୍ତି ।

# ୧୦ କରୋନା ଯୋଦ୍ଧାଙ୍କୁ ବସୁମତୀ ସମ୍ମାନ

**ଜୟପୁର,୧୫।୬(ନି.ପ୍ର./ଡି.ଏନ.ଏ.)**

ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ କରୋନା କଟକଣା ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା କରି ନିରାଡମ୍ବର ଭାବେ ସୋମବାର ରଜ ଉତ୍ସବ ପାଳିତ ହୋଇଛି। ସଂସଦର ସଭାପତି ବିଷ୍ଣୁପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବସୁମତୀ ପତ୍ରିକା-୨୦୨୦ ଲୋକାର୍ପିତ ହୋଇଥିଲା। ସେହିପରି ପୂର୍ବ ସ୍ଥିରୀକୃତ ପ୍ରସ୍ତାବ ଆଧାରରେ ୯ଟି ଅନୁଷ୍ଠାନର ମୁଖ୍ୟ ତଥା କର୍ମଚାରୀଙ୍କୁ କରୋନା ଯୋଦ୍ଧା ଭାବେ ବସୁମତୀ ସମ୍ମାନ-୨୦୨୦ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉପଜିଲାପାଳ, ପୌର ପ୍ରଶାସନିକ ଅଧିକାରୀ, ଏସ୍‌ଡିପିଓ, ଟାଉନ ଥାନା ଆଇଆଇସି, ସଦର ଥାନା ଆଇଆଇସି, ମହିଳା ଥାନା ଆଇଆଇସି, ଅଗ୍ନିଶମ ଅଧିକାରୀ, ଜିଲା ଚିକିତ୍ସାଳୟର ଅଧୀକ୍ଷକ, ପୂର୍ତ୍ତ ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀ ଏବଂ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ପାଠୀଙ୍କୁ ତାଙ୍କ କାର୍ଯ୍ୟାଳୟଠାରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମ୍ପାଦକ ଚନ୍ଦ୍ରମଣି ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକନାଥ ମହାନ୍ତି, ଯଜ୍ଞେଶ୍ୱର ପଣ୍ଡା, ଘାସିରାମ ମହାପାତ୍ର, ରାଜେନ୍ଦ୍ର କୁମାର ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଦେବଦତ୍ତା ପାତ୍ର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ।



ଉପଜିଲାପାଳ ଲୋକନାଥ ଦଳ ବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ କର୍ମକର୍ତ୍ତାମାନେ ସମ୍ମାନିତ କରୁଛନ୍ତି ।

# ପାଇପ ବିଛା ହେଉନି କି ସାହିରେ ପହଞ୍ଚୁନି ପାନୀୟଜଳ

**ଦଶମନ୍ତପୁର,୧୫।୬(ଡି.ଏନ୍.ଏ.)**

ବର୍ଷାଋତୁ ଆସିଲାଣି। ତଥାପି ପାନୀୟ ଜଳ ସମସ୍ୟା ସୁଧୁରିନି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତର କୁମ୍ଭାର ଲୁଲ୍ଲା ଗ୍ରାମର ହରିଜନ ସାହିରେ। ଜଳ ଯୋଗାଣ ଲାଗି ସାହିରେ ପାଇପ୍ ପଡ଼ି ନଷ୍ଟହେବାକୁ ବସିଲାଣି। ମାତ୍ର ଏ ଦିଗରେ ବିଭାଗ ପଦକ୍ଷେପ ନେଉନି ବୋଲି ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ଶତାଧିକ ପରିବାର ବସବାସ କରୁଥିବା ଏହି ସାହିରେ ଜଳ ଯୋଗାଣ ଲାଗି ପଞ୍ଚାୟତ ନିକଟସ୍ଥ ଭାଲିଆ ଡଙ୍ଗରରେ ୨୦ହଜାର ଲିଟର କ୍ଷମତାବିଶିଷ୍ଟ ଏକ ପାଣିଟାଙ୍କି ନିର୍ମାଣ ହୋଇଥିଲା। ତେବେ ଖୁବ୍ କମ୍ ଦିନ ଜଳ ଯୋଗାଣ ପରେ ଏହା ଅଚଳ ହୋଇପଡ଼ିଥିଲା। ପରେ ଏଠାରେ ୪୦ ହଜାର ଲିଟର ଜଳଧାରଣ କ୍ଷମତାବିଶିଷ୍ଟ ଟାଙ୍କି ନିର୍ମାଣ ହୋଇଥିଲା। ନିମ୍ନମାନର ଟାଙ୍କି ନିର୍ମାଣ କରି ଦାୟିତ୍ୱ ନେଇଥିବା ଠିକାଦାର କାମ ଛାଡ଼ିଦେବା ପରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ଆଉ ଜଣେ ଠିକାଦାରଙ୍କୁ ପାଇପ ବିଛାଇବା କାର୍ଯ୍ୟ ଦେଇଥିଲେ। ପାଇପ କାର୍ଯ୍ୟ ସରି କିଛି ମାସ ପରେ ହରିଜନ



ବିଛା ହେବାକୁ ଆସିଥିବା ପାଇପ୍ ଗ୍ରାମରେ ୨ ବର୍ଷ ହେଲା ପଡିରହିଛି ।

ସାହିକୁ ହେଉଥିବା ଜଳ ଯୋଗାଣ ବନ୍ଦ ହୋଇଯାଇଥିଲା। ଏନେଇ ଲୋକେ ଅନେକ ଥର ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିବା ପରେ ସାହିକୁ ଜଳ ଯୋଗାଣ ଲାଗି ବ୍ୟବସ୍ଥା କରିବାକୁ ୨୦ ଫୁଟର ୩ଟି ପାଇପ ନେଇ ସାହିରେ ରଖିଥିଲେ। ଏହି ପାଇପ ରଖାଯିବା ଇତିମଧ୍ୟରେ ୨ ବର୍ଷ ବିତିଗଲାଣି। ପାଇପ୍ ପକାଇ ସାହିବାସିନ୍ଦାକୁ ଜଳ ଯୋଗାଣ ନାଁ ଧରୁନି ବିଭାଗ। ଏହି ପାଇପ୍‌ଗୁଡ଼ିକ ନଷ୍ଟହେବାକୁ ବସିଲାଣି। ଠିକାଦାରମାନେ ନିମ୍ନମାନର କାର୍ଯ୍ୟକରି ବିଲ୍ କରାଇ ଅର୍ଥ ନେଇଯାଉଥିବା ବେଳେ ଆମେ ସୁଫଳ ପାଉନାହୁଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପାଇପ୍ ବିଛାଇ ସାହିକୁ ଜଳ ଯୋଗାଣ ଶୀଘ୍ର ନ କଲେ ଆଗାମୀ ଦିନରେ ସେମାନେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସାହିବାସିନ୍ଦା କହିଛନ୍ତି। ଏ ସମ୍ପର୍କରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ଏସ୍‌ଏ କୁରେଶିଙ୍କୁ ପଚାରିବାରୁ ସେ କହିଲେ ଯେ, ଭାଲିଆ ଡଙ୍ଗରରୁ କୁମ୍ଭାର ଲୁଲ୍ଲା ଗ୍ରାମ ନିକଟରେ ପ୍ରବାହିତ ନଦୀ କୂଳେ କୂଳେ ଆସିଥିବା ପାଇପ ନଷ୍ଟ ହୋଇଯିବାରୁ ହରିଜନ ବସ୍ତିକୁ ପାଣି ପହଞ୍ଚିପାରୁନି। ବର୍ଷାଋତୁ ପରେ ପାଇପ କାର୍ଯ୍ୟ ପାଇଁ ପୁଣି ଟେଣ୍ଡର କରାଯାଇ ହରିଜନସାହିରେ ପାଣି ପହଞ୍ଚିବା ବ୍ୟବସ୍ଥା କରାଯିବ ବୋଲି ଯନ୍ତ୍ରୀ କୁରେଶି କହିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ଜୁନ୍ ୧୬/୨୦୨୦ Tuesday, June 16/2020


# ମ୍ୟାଗ୍ନସ କାର୍ଲସେନ ଚାମ୍ପିୟନ



ମ୍ୟାଗ୍ନସ କାର୍ଲସେନ ଓ ଫାବିଆନୋ କାରୁଆନା।

**ଚେନ୍ନାଇ, ୧୫।୬**

ବିଶ୍ୱ ଚାମ୍ପିୟନ ମ୍ୟାଗ୍ନସ କାର୍ଲସେନ ଠିକ୍ ସମୟରେ ଉପଯୁକ୍ତ ଗୋଟି ଚାଳନା କରି ଅନ୍‌ଲାଇନ୍ କ୍ଲଚ ଅନ୍ତର୍ଜାତୀୟ ଚେସ୍ ଟାଇଟଲ ହାସଲ କରିଛନ୍ତି। ଏକଦା ଆଶଙ୍କା ମଧ୍ୟରେ ରହିଥିବା ଏହି ନରୱେ ଚେସ୍ ତାରକା ଫାଇନାଲରେ ଆମେରିକା ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ୯.୫-୮.୫ ପଏଣ୍ଟରେ ପରାସ୍ତ କରିଛନ୍ତି। ମୁକାବିଲା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୧୧ତମ ଗେମ୍‌ରେ କାର୍ଲସେନ ହାରି ଯାଇଥିଲେ। ତେବେ ୧୨ତମ ଗେମ୍ ବେଳକୁ ସ୍ଥିତି ପରିବର୍ତ୍ତନ ହୋଇ ଯାଇଥିଲା। ବିଶ୍ୱର ନମ୍ବରୱାନ ଖେଳାଳିଭାବେ ନିଜକୁ ପ୍ରମାଣିତ କରିଥିଲେ ଏହି ସୁପର ଗ୍ରାଣ୍ଡମାଷ୍ଟର। ସେ ଟାଇଟଲ ଜିତିବା ସହ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। "୧୧ତମ ଗେମ୍ ଯେପରି ଆଗକୁ ବଢ଼ିଥିଲା ମୁଁ ହାରିଯିବି ବୋଲି ଜାଣି ପାରିଥିଲି। ତେବେ ମ୍ୟାଚରେ କଡ଼ା ଟକ୍କର ହୋଇଥିଲା। ୧୨ତମ ଗେମ୍‌ରେ କାରୁଆନାଙ୍କୁ ଚାପରେ ରଖିଲେ ମୁଁ ଜିତିପାରିବି ବୋଲି ହୃଦ୍‌ବୋଧ ହୋଇଥିଲା। ଯୋଜନାବଦ୍ଧଭାବେ ଖେଳିଥିଲି। ତାହା କାମ ଦେଇଥିଲା ଏବଂ ମୁଁ ବିଜୟ ହାସଲ କରିଥିଲି" ବୋଲି କାର୍ଲସେନ ପ୍ରକାଶ କରିଛନ୍ତି।

ଜୁନ ୬ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୧୪ରେ ଶେଷ ହୋଇଥିଲା। ଏଥିରେ ବିଶ୍ୱର ଶ୍ରେଷ୍ଠ ୮ ଖେଳାଳି ଭାଗ ନେଇଥିଲେ। କାର୍ଲସେନ ଓ କାରୁଆନାଙ୍କ ବ୍ୟତୀତ ଆମେରିକାର ଜେଫ୍ରି ଜିଅଙ୍ଗ, ଫ୍ରାନ୍ସର ମାକ୍ସିମେ ଭାଚିଏର-ଲାଗ୍ରାଭେ, ଫିଲିପାଇନ୍ସର ୱେସଲି ସୋ, କ୍ୟୁବାର ଲେଇନେର ଡୋମିନଗୁଜ୍, ରୁଷିଆର ଆଲେକଜାଣ୍ଡର ଗ୍ରିଶୁକ୍ ଓ ଆମେରିକାର ଲେଭନ ଆରୋନିଆନ ଭାଗ ନେଇଥିଲେ। ପ୍ରତିଯୋଗିତାର ୫ ଓ ୬ ଗେମ୍‌ରେ ୨ ପଏଣ୍ଟ ଲେଖାଏ ଏବଂ ୧୧ ଓ ୧୨ତମ ଗେମ୍‌ରେ ବିଜେତାଙ୍କୁ ୩ ପଏଣ୍ଟ ଲେଖାଏ ଦିଆ ଯାଇଥିଲା। କାର୍ଲସେନ ପ୍ରଥମ ଦୁଇ ଗେମ୍ ଡ୍ର ରଖିଥିବାବେଳେ ତୃତୀୟରେ ବିଜୟୀ ହୋଇଥିଲେ ଏବଂ ୪ର୍ଥରେ ପରାଜିତ ହୋଇଥିଲେ। ୫ମ ଗେମ୍‌କୁ ଜିତି ସେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ୬ଷ୍ଠ ଗେମ୍‌ରେ ହାରିବାରୁ ମୁକାବିଲା ୪-୪ ସ୍ଥିତିରେ ରହିଥିଲା। ୭ମ ଗେମ୍‌ରେ ବିଜୟୀ ହୋଇଥିଲେ ଏବଂ ୮ମ ଗେମ୍‌କୁ ଡ୍ର ରଖିଥିଲେ। ୯ମ ଗେମ୍‌ରେ ହାରି ଯାଇଥିଲେ ହେଁ ୧୦ମ ଗେମ୍‌ରେ ବିଜୟୀ ହୋଇଥିଲେ। ତେବେ ୧୧ତମ ଗେମ୍‌ରେ ହାରିଯିବାରୁ ପ୍ରତିପକ୍ଷ କାରୁଆନାଙ୍କ ପାଇଁ ସୁଯୋଗ ସୃଷ୍ଟିହୋଇଥିଲା। ୧୨ତମ ଗେମ୍‌କୁ ଅତିକମ୍‌ରେ ଡ୍ର ରଖିପାରିଥିଲେ କାରୁଆନା ଚାମ୍ପିୟନ ହୋଇଥାନ୍ତେ। ମାତ୍ର ଶେଷ ଗେମ୍‌ରେ ବିଜୟୀ ହୋଇ ମୂଲ୍ୟବାନ ୩ ପଏଣ୍ଟ ହାସଲ କରି ମ୍ୟାଚ ଜିତିଥିଲେ କାର୍ଲସେନ।

## ଖେଳରତ୍ନ ପାଇଁ ହିମାଙ୍କ ନାମ ସୁପାରିସ

**ନୂଆଦିଲ୍ଲୀ, ୧୫।୬ (ପି.ଟି.):** ଆସାମ ରାଜ୍ୟ ସରକାର ଦେଶର ଟପ୍ ସ୍ପ୍ରିଣ୍ଟର ହିମା ଦାସଙ୍କ ନାମ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରିଛନ୍ତି। ଚଳିତ ବର୍ଷ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ ହୋଇଥିବା ଆଥଲେଟ୍‌ମାନଙ୍କ ମଧ୍ୟରେ ୨୦ ବର୍ଷୀୟା ହିମା ହେଉଛନ୍ତି ସର୍ବକନିଷ୍ଠ। ୨୦୧୮ରେ ଫିନ୍‌ଲାଣ୍ଡର ଟାମ୍ପେରେଠାରେ ଅନୁଷ୍ଠିତ ୨୦ବର୍ଷରୁ କମ୍ ବିଶ୍ୱଚାମ୍ପିୟନଶିପ୍‌ରେ ପ୍ରଥମ ଭାରତୀୟ



ଆଥଲେଟ୍ ଭାବେ ହିମା ଟାଇଟଲ ବିଜୟୀ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏବର୍ଷ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ପାଇଁ ତାଙ୍କୁ ଜଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା, ରେସ୍‌ଲର ଭିନେଶ ଫୋଗଟ୍, ଟେବୁଲ ଟେନିସ ଖେଳାଳି ମନିକା ବାତ୍ରା, ମହିଳା ହକି ଅଧିନାୟିକା ରାଣୀ ରାମପାଲ ଏବଂ କ୍ରିକେଟର ରୋହିତ ଶର୍ମାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। ୨୦୧୮ ହିମାଙ୍କ ପାଇଁ ସ୍ମରଣୀୟ ସିଜନ ରହିଥିଲା। ୨୦ ବର୍ଷରୁ କମ୍ ଟାଇଟଲ ବ୍ୟତୀତ ସେ ୪୦୦ ମିଟରରେ ରୌପ୍ୟ ଜିତିଥିଲେ। ସେ ଆହୁରି ମଧ୍ୟ ୪x୪୦୦ ମିକ୍ସଡ ରିଲେ ସ୍ୱର୍ଣ୍ଣ ଏବଂ ଜାକର୍ତ୍ତା ଏସିଆନ ଗେମ୍ସରେ ମହିଳା ୪x୪୦୦ ମିଟର ମହିଳା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# କ୍ରୀଡ଼ା ସଙ୍ଗଠକ ଦିବାକରଙ୍କ ପରଲୋକ

**କଟକ ଅଫିସ,୧୫।୬:** ରାଜ୍ୟର ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଦିବାକର ମହାନ୍ତିଙ୍କର ୮୩ବର୍ଷ ବୟସରେ ରବିବାର ପରଲୋକ ଘଟିଛି। ସେ ଅସୁସ୍ଥ ହୋଇ ରାଉରକେଲାର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଦିବାକର ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ(ଓଏଏ)ର ଜଣେ ସକ୍ରିୟ ସଦସ୍ୟ ଥିଲେ। ସୁନ୍ଦରଗଡ଼ ସମେତ ସମଗ୍ର ରାଜ୍ୟରେ ଜଣେ ଦକ୍ଷ କ୍ରୀଡ଼ା ସଙ୍ଗଠକ ଭାବେ ସେ ପରିଚିତ ଥିଲେ। ସେ ଓଏଏ ଟେକ୍ନିକାଲ କମିଟିର ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ମୃତ୍ୟୁ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲା ଆଥଲେଟିକ ଆସୋସିଏଶନର ଉପସଭାପତି ପଦବୀରେ ଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏଶନର କାଉନସିଲ ମେମ୍ବର ଭାବେ ମଧ୍ୟ ଦିବାକର ଦାୟିତ୍ୱ ସମ୍ଭାଳିଥିଲେ। ଦିବାକରଙ୍କ ମୃତ୍ୟୁ ରାଜ୍ୟ କ୍ରୀଡ଼ା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଓଏଏ ସମ୍ପାଦକ ଆଶୀର୍ବାଦ ବେହେରା କହିଛନ୍ତି। ଓଏ ସମ୍ପାଦକ(ଇନଚାର୍ଜ) ଅଭିଜିତ ପାଲ, କୋଷାଧ୍ୟକ୍ଷ ଅଧୀପ ଦାସଙ୍କ ସମେତ ଅନ୍ୟାନ୍ୟ କ୍ରୀଡ଼ା ସଙ୍ଗଠକ ଶୋକ ପ୍ରକାଶ କରିଛନ୍ତି।

# ଭାରତୀୟ କ୍ରିକେଟରଙ୍କ ନାମରେ ଅଷ୍ଟ୍ରେଲିଆ ଷ୍ଟ୍ରିଟ୍

**ମେଲବୋର୍ନ, ୧୫।୬ (ପି.ଟି.):** ଅଷ୍ଟ୍ରେଲିଆରେ କେତେକ ଷ୍ଟ୍ରିଟ୍ ବା ଗଳିର ନାମକରଣ ସଚିନ ତେନ୍ଦୁଲକର, କପିଳ ଦେବ ଓ ବିରାଟ କୋହଲିଙ୍କ ଭଳି ଭାରତୀୟ କ୍ରିକେଟରଙ୍କ ନାମାନୁସାରେ ହେବାକୁ ଯାଉଛି। ଆକୋଲେଟ୍ ଇଷ୍ଟେଟ୍ ନାମକ ଏକ ରିୟଲ ଇଷ୍ଟେଟ୍ ସଂସ୍ଥା ମେଲବୋର୍ନ ଉପକଣ୍ଠସ୍ଥିତ ରକ୍‌ବ୍ୟାଙ୍କ୍ ବାସଗୃହ ନିର୍ମାଣ କରୁଛି। କ୍ରେତାଙ୍କୁ ଆକର୍ଷିତ କରିବା ଲାଗି ଅଞ୍ଚଳର ଷ୍ଟ୍ରିଟ୍‌ଗୁଡ଼ିକର ନାମ ଯଥା 'ତେନ୍ଦୁଲକର ଡ୍ରାଇଭ୍', 'କୋହଲି କ୍ରିସେଣ୍ଟ' ଓ 'ଦେବ୍ ଟେରାସ୍' ରଖାଯାଇଛି। ସଂସ୍ଥା ତରଫରୁ ଅନ୍ୟ କେତେକ ଗଳିର ନାମ ଯଥା ' ୱ ଷ୍ଟ୍ରିଟ୍', 'ମିଆଁଦାଦ୍ ଷ୍ଟ୍ରିଟ୍', 'ଆମ୍ବ୍ରୋସ୍ ଷ୍ଟ୍ରିଟ୍', 'ସୋବର୍ସ ଡ୍ରାଇଭ୍', 'କାଲିସ୍ ୱେ', ହାଡ୍‌ଲି ଷ୍ଟ୍ରିଟ୍ ଏବଂ 'ଆକ୍ରାମ ୱେ' ରଖାଯାଇଛି। ରକ୍‌ବ୍ୟାଙ୍କ୍ ଅଞ୍ଚଳରେ ବାସଗୃହ କ୍ରୟ କରିବାଲାଗି ଭାରତୀୟ ସମ୍ପ୍ରଦାୟ ଲୋକମାନେ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି।








For Franchisee Enquiry:- Call +91 7077721612. * For Trade Enquiries, Call +91 7077721602 * For Clean Home Products Trade Enquiries, Call +91 8826102361

Prestige Xclusive

**BHUBANESWAR:** • **Rabi TakiesChhak**; opposite to KedarGouri Resort; Mob: 7750925223 • **Bapujinagar**; 105,Post office lane; Near Yes Bank, Landline: 0674 -2597141 Mob : 9937138998 • 237, Bapujinagar; PaniTankiLane, Ph: 0674 2597685/9777744071 • 10, Janpath, Satyangar, Ph: 0674 2573408, 8280056821 Shop No FG 3, I.D. Market, Near Reliance Fresh, IRC Village Mob: 9861404879 **RAGHUNATHPUR:** • Shop no - S5, Manson green, Raghunathpur, Nandankanan Road, Bhuvneswar - 754005, Ph-7205876694 **CUTTACK:** • **Dolmundai** Hotel Akbari complex, Dolomundai, Haripur Road, Ph: 0671 2411580; Mob: 9348222581 • **Baxi Bazar,** ManisahooChhak, Mob: 6371736954 • **CDA:** Plot No.CM/3 (In front of Police Station ), Markat Nagar, Sector - 7, Ph: 0671-2504833, Mob: 8917442506; **ROURKELA :** Near Haryana Bhawan, Daily Market, UditNagar,Mob:9777457774; **PURI** • Behind Gundicha Temple, Sarvodaya Nagar Road, Beside Suruchi Mandap, Ph-7978547991; **KENDRAPARA**: Kakat Chhak, Ph: 06727 221241; Mob: 8598080544; **JAGATSINGHAPUR:** C/o, Orchid Mart – Central Market, 06724221090/06724221080; **DHENKANAL:** I.G. Super Market, near SBI ATM; Mob: 9337477279/9348178750; **BOLANGIR** A.B.S.S. Road, Near Samaleswari Temple, Ph: 06652 232419; Mob : 9437331171, 9437241863; **SEMILIGUDA:** Infront of RAM Mandir Gate,Main Road, Mob: 8328800974; **BARGARH:** New Patra Needs – Infront of Gopal Goshala, NH-6, Main Road, PH-9937171761, 06646230124; **SAMBALPUR**: • Golbazaar: near Durga Temple Mob: 9338194750, **RAYAGADA:** Main road , Near Old Station, Ph-8249517365; **JEYPORE:** Beside Usha Stores, Main Road, Ph: 06854 231221, Mob: 7008402905; **SUNDERGARH** Shop No 8; Nehru Market Complex; Private Bus Stand, Sundergarh, Mob: 9438076828

**AUTHORISED DISTRIBUTORS:- BHUBANESWAR:** Manorama Trading Co.,Ph No.9437279239; **JATINI:** Kanha Agencies, Ph. No.9437090516, Saraswati Enterprises-8249250386; **CUTTACK:** Mahavir Enterprise,Chauliganga, Ph. No.9937092599; **TALCHER:** Sidharth Enterprises, Hatatota, Ph. No.9437003384; **ROURKELA:** Shah Distributor, Ph-0661-2506904, 9438712456; **SAMBALPUR:** Gayatri Traders-9437925273; **BALASORE & MAYURBHANJ:** Mahaveer Sales- 9437052545 BHADRAK- PP Traders -9937049149; **GANJAM &PHULBANI:** Sri Sitaram Enterprises, Ph. No.9437216521; **BALANGIR:** Ably Info Solutions Ph No. 9437025475. **KALAHANDI:** M/s Apna Kitchen- 9437146080, Jajpur-Excellent Engicon-9438866545, Jeypore-Likhit Enterprises-9348430456, **NAYAGARH**: Ganapati Traders-9583281930; ***AUTHORISED DEALERS :-*** **BHUBANESWAR:-** REETA-06742597111, Spectra Vision, Ph.-9937722277, PratapSweing Machine-9937138544,Bharath Electronics & Home Appliances-9437506163,Utkal Light house-9937019272, Utkal Sales-9853150619, TariniAluminium Stores,SB Enterprises, Ph 9861155551, Crockery Plaza-9938399889, Baba Enterprises-7978856098,Kitchen King-9938475819,Prasad Kitchen-9437041063,Sivam Enterprises-7008565807,Shree Traders-9937131901, **CUTTACK:** Union Sales Emporium-9338461472, JanataGeneral Store, Ph-2419948, Arbind Plastic, Ph 8763923528.Puspak Agency-7205016581; **KENDRAPARA:** Purnamasi Electrical ,Ph. 9937070448; **PARADEEP:** Krishna Enterprise, Ph.9937451474; **ROURKELA:** Prestige, Ph-2642265. City Super Bazar, Ph-9437047413. Khemka General Store, Ph-2502396. Garg Enterprises, Ph 9437046546.. Kitchen Accessories-9437837833, **RAJGANGPUR:** Pradeep Store, Ph-9437244015; **SUNDARGARH:** Laxmi Steel, Ph-9776164771. **BALASORE:** Soor Sangam-7854088561, Khandelwal Brothers-8984117316, Shop &Shop-8984000804; **RAHAMA:** Maa Padmabati Enterprise:-9861202577, **SAMBALPUR:** Bhatia Home Appliances-9556053558, Samuka Steel Center-9437331074, **BOLANGIR:** Bapi Steel-Akash Steel-9437331491,Suraj Steel-9437151437; ***AUTHORISED SERVICE CENTRE:-*** **CUTTACK:** TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House Ph 0671-2367499; **BHUBANESWAR:** Ph -9776322880. **ROURKELA**: Ph. 9853522686. **BERHAMPUR:** Ph. 0680-2228066. **SAMBALPUR:** Ph. 8895149244; **BOLANGIR:** Ph 06652-234443. **ANGUL:** Ph. 9437903195. **BALASORE:** Ph. 9937393936, **JEYPORE:** Ph. 9438445339, 06854-232339; **JAJPUR ROAD:** Ph 9658464643; **RAHAMA:** Ph -9437483032: **KEONJHAR:** 7008589306: **BARGARH:** 9438015648: **BHAWANIPATNA:** 8328805215





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ